# ଧରିତ୍ରୀ
DHARITRI

ସମ୍ବଲପୁର, ରବିବାର, ମାର୍ଚ୍ଚ ୧୩/୨୦୨୨ (୧୪ ପୃଷ୍ଠା+ଛୁଟିଦିନ) | Sambalpur, Sunday, March 13/2022 | Page 14 | ₹ 7.00 | ★★

୧୮ଶ ଭାଗ ୮୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




# ଭାଜପା ନଜରରେ ରାଷ୍ଟ୍ରପତି ନିର୍ବାଚନ

ନୂଆଦିଲ୍ଲୀ,୧୨।୩

ସଦ୍ୟ ପ୍ରକାଶିତ ୫ ରାଜ୍ୟର ବିଧାନସଭା ନିର୍ବାଚନ ଫଳ ଭାଜପା ଏବଂ ଆମ୍ ଆଦ୍‌ମୀ ପାର୍ଟି (ଏଏପି)କୁ ରାଜ୍ୟ ସଭାରେ ସ୍ଥିତି ମଜଭୂତ କରିବା ପାଇଁ ସହାୟକ ହୋଇଛି। ହେଲେ ଉତ୍ତରପ୍ରଦେଶ ସମେତ ୪ ରାଜ୍ୟରେ ମିଳିଥିବା ସଫଳତା ଯୋଗୁ ଭାଜପା ଆସନ୍ତା ଜୁଲାଇରେ ହେବାକୁ ଥିବା ରାଷ୍ଟ୍ରପତି ନିର୍ବାଚନର ଡ୍ରାଇଭର ସିଟ୍‌ରେ ବସିଯାଇଛି।

୭୭୬ ଏମ୍‌ପି ଏବଂ ୪,୧୨୦ ବିଧାୟକଙ୍କୁ ନେଇ ଗଠିତ ଇଲେକ୍ଟୋରାଲ କଲେଜ ଦ୍ୱାରା ଭାରତରେ ରାଷ୍ଟ୍ରପତି ନିର୍ବାଚିତ ହୋଇଥାନ୍ତି। ଇଲେକ୍ଟୋରାଲ କଲେଜର ମୋଟ ଭୋଟ ହେଉଛି ୧୦,୯୮,୯୦୩। ଏହାର ଅଧାରୁ ଅଧିକ ଭୋଟ ଭାଜପା ପାଖରେ ରହିଛି। ପ୍ରତ୍ୟେକ ଏମ୍‌ପିଙ୍କ ଭୋଟ ମୂଲ୍ୟ ହେଉଛି ୭୦୮। କିନ୍ତୁ ସବୁ ବିଧାୟକଙ୍କ ଭୋଟ ମୂଲ୍ୟ ସମାନ ନୁହେଁ ଏବଂ ତାହା ରାଜ୍ୟ, ରାଜ୍ୟ ମଧ୍ୟରେ ଭିନ୍ନ ଥାଏ। ଉତ୍ତରପ୍ରଦେଶର ଜଣେ ବିଧାୟକଙ୍କ ଭୋଟ ମୂଲ୍ୟ ସର୍ବାଧିକ ୨୦୮ ରହିଛି। ଭାଜପା ଏବଂ ଏହାର ସହଯୋଗୀ ଦଳ ୨୦୨୨ ବିଧାନସଭା ନିର୍ବାଚନରେ ୨୭୩ ସିଟ୍ ହାସଲ କରିଛନ୍ତି। ଫଳରେ ନୂଆ ରାଷ୍ଟ୍ରପତି ନିର୍ବାଚିତ କରିବାରେ ଗୈରିକ ଦଳ ପାଇଁ ଭଲି ସ୍ଥିତି ରହିଛି।

ଭାଜପାର ପ୍ରମୁଖ ନେତାଙ୍କ ମଧ୍ୟରୁ ଅନ୍ୟତମ ଏମ୍. ଭେଙ୍କାୟା ନାଇଡୁ ୨୦୧୭ ଅଗଷ୍ଟରେ ଉପରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଥିଲେ। ଏବେ ଭାଜପାର ରାଷ୍ଟ୍ରପତି ପ୍ରାର୍ଥୀ ଦୌଡ଼ରେ ତାଙ୍କ ନାମ ସବୁଠୁ ଅଧିକ ଚର୍ଚ୍ଚା ହେଉଛି। ସେହିପରି ବର୍ତ୍ତମାନର ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ପୁନର୍ବାର ଭାଜପା ପ୍ରାର୍ଥୀ କରିପାରେ ବୋଲି କୁହାଯାଉଛି। ସେହିପରି ଭାଜପାର ସମ୍ଭାବ୍ୟ ପ୍ରାର୍ଥୀ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, କର୍ଣ୍ଣାଟକ ରାଜ୍ୟପାଳ ଥୱର ଚନ୍ଦ ଗେହଲଟ ଏବଂ ମେଟ୍ରୋ ମ୍ୟାନ୍ ଇ.ଶ୍ରୀଧରନଙ୍କ ନାମ ମଧ୍ୟ ଚର୍ଚ୍ଚାକୁ ଆସୁଛି। ହେଲେ ଏନେଇ ଶାସକ ଦଳ ପକ୍ଷରୁ କୌଣସି ସ୍ପଷ୍ଟ କରାଯାଇନାହିଁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଷ୍ପତ୍ତି ନେଇପାରନ୍ତି ଯେ ରାଷ୍ଟ୍ରପତି ଭବନ ଅଧିକାର କରିବା ପାଇଁ କିଏ ଯୋଗ୍ୟ ପ୍ରାର୍ଥୀ। ହେଲେ ସେହି ଦିନ ଆଉ ବେଶି ଦୂର ନୁହେଁ। ମିଳିଥିବା ସୂଚନା ଅନୁଯାୟୀ ପରବର୍ତ୍ତୀ ରାଷ୍ଟ୍ରପତି ପ୍ରାର୍ଥୀ ପାଇଁ ଭାଜପା ତାହାର ସହଯୋଗୀ ଦଳ ଏବଂ ଅନେକ ପ୍ରସଙ୍ଗରେ ସମର୍ଥନ ଯୋଗାଇଥିବା ବିଜୁ ଜନତା ଦଳ(ବିଜେଡି), ୱାଇଏସ୍‌ଆର୍ କଂଗ୍ରେସ ଭଳି ଦଳର ସହମତି ଚାହୁଁଛି, ଯାହାର ଚିତ୍ର ଆଗାମୀ ଦିନରେ ସ୍ପଷ୍ଟ ହୋଇଯିବ।

ବିରୋଧ ଦଳ କଥା ଦେଖିଲେ ସମସ୍ତେ ମିଶି ରାଷ୍ଟ୍ରପତି ପ୍ରାର୍ଥୀ ଛିଡ଼ା କରିପାରନ୍ତି। କିନ୍ତୁ ଏହି ପ୍ରକ୍ରିୟାରେ କଂଗ୍ରେସ ପ୍ରମୁଖ ଭୂମିକା ନେବା ଆଶା କ୍ଷୀଣ ମନେ ହେଉଛି। ବିଶେଷକରି ଏବେ ୫ ରାଜ୍ୟର ବିଧାନସଭା ନିର୍ବାଚନ ଫଳ ପ୍ରକାଶ ପରେ କଂଗ୍ରେସ ଅଧିକ ଦୁର୍ବଳ ସ୍ଥିତିକୁ ଠେଲି ହୋଇଯାଇଛି। କିନ୍ତୁ ଆଞ୍ଚଳିକ ଦଳ ଯଥା ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ, ଏମ୍.କେ. ଷ୍ଟାଲିନଙ୍କ ଡିଏମ୍‌କେ, ଉଦ୍ଧବ ଠାକରେଙ୍କ ଶିବସେନା, କେ. ଚନ୍ଦ୍ରଶେଖର ରାଓଙ୍କ ତେଲଙ୍ଗାନା ରାଷ୍ଟ୍ର ସମିତି ବିରୋଧୀ ମେଣ୍ଟର ରାଷ୍ଟ୍ରପତି ପ୍ରାର୍ଥୀ ପାଇଁ ପ୍ରମୁଖ ଭୂମିକା ଗ୍ରହଣ କରିପାରନ୍ତି। ତେବେ ବିରୋଧୀ ମେଣ୍ଟର ସମ୍ଭାବ୍ୟ ପ୍ରାର୍ଥୀ ଯେଉଁସବୁ ନାମ ଚର୍ଚ୍ଚାକୁ ଆସିଛି ସେମଧ୍ୟରେ ଅଛନ୍ତି ଏନ୍‌ସିପି ମୁଖ୍ୟ ଶରଦ୍ ପାୱାର, ପୂର୍ବତନ ଉପରାଷ୍ଟ୍ରପତି ମହମ୍ମଦ ହମିଦ୍ ଅନସାରୀ, ବରିଷ୍ଠ କଂଗ୍ରେସ ନେତା କରଣ ସିଂ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ପି.ଚିଦାମ୍ବରମ୍ ଏବଂ ପୂର୍ବତନ ପଶ୍ଚିମବଙ୍ଗ ରାଜ୍ୟପାଳ ତଥା ମହାତ୍ମା ଗାନ୍ଧୀଙ୍କ ନାତି ଗୋପାଳକ୍ରିଷ୍ଣା ଗାନ୍ଧୀ।

| ଇଲେକ୍ଟୋରାଲ କଲେଜ | | | |
|---|---|---|---|
| ମେଣ୍ଟ | ଲୋକ ସଭା | ରାଜ୍ୟ ସଭା | ବିଧାନସଭା |
| ଏନ୍‌ଡିଏ | ୩୩୬/୫୪୨(୬୨%) | ୧୧୮/୨୪୧(୪୯%) | ୧୭୪୬/୩୯୯୨(୪୪%) |
| ୟୁପିଏ | ୧୦୯/୫୪୨(୨୦%) | ୫୧/୨୪୧(୨୧%) | ୧୨୦୨/୩୯୯୨(୩୦%) |
| ଅନ୍ୟାନ୍ୟ | ୯୭/୫୪୨(୧୮%) | ୭୨/୨୪୧(୩୦%) | ୧୦୪୪/୩୯୯୨(୨୬%) |

* ରାଷ୍ଟ୍ରପତି ନିର୍ବାଚନ ପୂର୍ବରୁ ୨୦୨୨ରେ ୮୦ ରାଜ୍ୟ ସଭା ଆସନ ପାଇଁ ନିର୍ବାଚନ ହେବ।

### ଇଲେକ୍ଟୋରାଲ କଲେଜର ମୋଟ ଭୋଟ ୧୦,୯୮,୯୦୩



## ପରବର୍ତ୍ତୀ ଗୋଆ ମୁଖ୍ୟମନ୍ତ୍ରୀଙ୍କୁ ନେଇ ସସ୍ପେନ୍ସ

### ପ୍ରମୋଦ ସାୱନ୍ତଙ୍କ ଇସ୍ତଫା



ପଣଜୀ,୧୨।୩

ଗୋଆ ବିଧାନସଭା ନିର୍ବାଚନରେ ଭାଜପା ସଂଖ୍ୟାଗରିଷ୍ଠତା ହାସଲ କରି କ୍ରମାଗତ ତୃତୀୟ ଥର ପାଇଁ ସରକାର ଗଢ଼ିବାକୁ ଯାଉଥିବାବେଳେ ଶନିବାର ପ୍ରମୋଦ ସାୱନ୍ତ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଛନ୍ତି। ଫଳରେ ସେଠାରେ କିଏ ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ହେବେ ତାକୁ ନେଇ ସସ୍ପେନ୍ସ ଲାଗି ରହିଛି। ୪୦ ଆସନ ବିଶିଷ୍ଟ ଗୋଆ ବିଧାନସଭା ନିର୍ବାଚନରେ ଭାଜପାକୁ ୨୦ ଆସନ ମିଳିଥିବାବେଳେ ମହାରାଷ୍ଟ୍ର ଗୋମନ୍ତକ ପାର୍ଟି (ଏମ୍‌ଜିପି) ଏବଂ ୩ ସ୍ୱାଧୀନ ବିଧାୟକ ଏହାକୁ ସମର୍ଥନ ଜଣାଇଛନ୍ତି। ତେବେ ମାତ୍ର ୬୬୬ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିବା ମୁଖ୍ୟମନ୍ତ୍ରୀ ସାୱନ୍ତଙ୍କୁ ବଦଳାଇବାକୁ ଦଳ ଚାହୁଁଥିବା ଏକ ରିପୋର୍ଟ ପ୍ରକାଶ ପାଇଛି। ଦଳ ସଂଖ୍ୟାଗରିଷ୍ଠତା ହାସଲ କରିବ ବଡ଼ କଥା। ସାରା ରାଜ୍ୟରେ ପ୍ରଚାର କରିବାକୁ ପଡୁଥିବାରୁ ନିଜ ନିର୍ବାଚନ ମଣ୍ଡଳୀ ପ୍ରତି ସେ ଯଥେଷ୍ଟ ଧ୍ୟାନ ଦେଇପାରି ନ ଥିଲେ ବୋଲି ସାୱନ୍ତ କହିଛନ୍ତି।

## ମଣିପୁର: ଭାଜପାକୁ ୬ ଜେଡିୟୁ ବିଧାୟକଙ୍କ ସମର୍ଥନ

ନୂଆଦିଲ୍ଲୀ,୧୨।୩(ପି.ଟି.)

ମଣିପୁର ବିଧାନସଭା ନିର୍ବାଚନରେ ଭାଜପା ସଂଖ୍ୟାଗରିଷ୍ଠତା ହାସଲ କରି ଦ୍ୱିତୀୟ ଥର ସରକାର ଗଢ଼ିବାକୁ ଯାଉଥିବାବେଳେ ଶନିବାର ସଂଯୁକ୍ତ ଜନତା ଦଳ (ଜେଡିୟୁ)ର ୬ ବିଧାୟକ ଏହାକୁ ସମର୍ଥନ ଜଣାଇଛନ୍ତି। ମଣିପୁର ଜନସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଭାଜପା ସରକାରକୁ ସମର୍ଥନ ଦେବାକୁ ଜେଡିୟୁ ନିଷ୍ପତ୍ତି ନେଇଥିବା କହିଛି। ୬ ନବନିର୍ବାଚିତ ଜେଡିୟୁ ବିଧାୟକ ଖୁମୁକ୍‌ଚାମ ଜୟକିଷାନ ସିଂଙ୍କୁ ସେମାନଙ୍କ ନେତା ନିର୍ବାଚିତ କରିଛନ୍ତି। ୬୦ ଆସନ ବିଶିଷ୍ଟ ମଣିପୁର ବିଧାନସଭା ନିର୍ବାଚନରେ ଭାଜପା ୩୨ ଆସନରେ ବିଜୟୀ ହୋଇଛି।

## ଇସ୍ତଫା ଖବରକୁ କଂଗ୍ରେସର ଖଣ୍ଡନ

### ଆଜି ସିଡବ୍ଲ୍ୟୁସି ବୈଠକ

ନୂଆଦିଲ୍ଲୀ,୧୨।୩



ପ୍ରିୟଙ୍କା ,ରାହୁଲ ଓ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ।

ପାଞ୍ଚ ରାଜ୍ୟ ନିର୍ବାଚନରେ କଂଗ୍ରେସର ନୈରାଶ୍ୟଜନକ ପ୍ରଦର୍ଶନ ପରେ ରବିବାର ଅପରାହ୍ଣରେ ଦଳର କାର୍ଯ୍ୟକାରୀ କମିଟି (ସିଡବ୍ଲ୍ୟୁସି) ବୈଠକ ଅନୁଷ୍ଠିତ ହେବାକୁ ଯାଉଛି। ଦଳର ପରାଜୟ ପାଇଁ ନୈତିକତା ଦୃଷ୍ଟିରୁ ନିଜକୁ ଦାୟୀ କରି କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ, ବରିଷ୍ଠ ନେତା ରାହୁଲ ଗାନ୍ଧୀ ଏବଂ ଉତ୍ତରପ୍ରଦେଶରେ ନିର୍ବାଚନ ପ୍ରଚାରର ମଙ୍ଗ ଧରିଥିବା ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଉକ୍ତ ବୈଠକରେ ଇସ୍ତଫା ପ୍ରସ୍ତାବ ଦେଇପାରନ୍ତି ବୋଲି ଏକ ସୂତ୍ରରୁ ଜଣାପଡ଼ିଛି। ତେବେ ଦଳ ପକ୍ଷରୁ ଏହାକୁ ଖଣ୍ଡନ କରାଯାଇଛି। ଗାନ୍ଧୀ ପରିବାର ଇସ୍ତଫା ଦେବା ଚର୍ଚ୍ଚା ସମ୍ପୂର୍ଣ୍ଣ ଭୁଲ୍ ଓ ଭିତ୍ତିହୀନ ବୋଲି କଂଗ୍ରେସ ମୁଖପାତ୍ର ରଣଦୀପ୍ ସୁର୍ଜେୱାଲା କହିଛନ୍ତି।

ସୋନିଆ ଓ ରାହୁଲ ଇସ୍ତଫା ପ୍ରସ୍ତାବ ଦେବା ନୂଆ ନୁହେଁ। ପୂର୍ବରୁ ସେମାନଙ୍କ ଇସ୍ତଫା ପ୍ରସ୍ତାବକୁ ସିଡବ୍ଲ୍ୟୁସି ଅଗ୍ରାହ୍ୟ କରିବା ସହ ଗାନ୍ଧୀ ପରିବାର ପ୍ରତି ପୁନଃ ସମର୍ଥନ ଜଣାଇଆସିଛି। ଏଥର ବୈଠକକୁ ୫୬ ଜଣ ସ୍ଥାୟୀ ଓ ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟଙ୍କୁ ଡକାଯାଇଛି। କେତେଜଣ ସିଡବ୍ଲ୍ୟୁସି ସଦସ୍ୟ ନେତୃତ୍ୱରେ ପରିବର୍ତ୍ତନ ପାଇଁ ଦାବି କରିପାରନ୍ତି ବୋଲି କୁହାଯାଉଛି। ଏଥର ସ୍ଥିତି ଭିନ୍ନ ବୋଲି ଗାନ୍ଧୀ ପରିବାର ଅନୁଭବ କରୁଛନ୍ତି। ସେମାନଙ୍କ ଇସ୍ତଫା ଦଳକୁ ବୋଝରୁ ମୁକ୍ତ କରିବାରେ ସହାୟକ ହେବ ବୋଲି ଜଣେ ଅସନ୍ତୁଷ୍ଟ ନେତା କହିଛନ୍ତି।

୨୦୧୯ ସାଧାରଣ ନିର୍ବାଚନରେ କଂଗ୍ରେସ ଶୋଚନୀୟ ପରାଜିତ ହେବା ପରେ ନୈତିକତା ଦୃଷ୍ଟିରୁ ନିଜକୁ ଦାୟୀ କରି ରାହୁଲ ଗାନ୍ଧୀ ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଇଥିଲେ। ତାଙ୍କ ସ୍ଥାନରେ ସ୍ଥାୟୀ ଅଧ୍ୟକ୍ଷ ଖୋଜି ପାଇବାରେ ଦଳ ସମର୍ଥ ହୋଇ ନ ଥିଲା। ସେବେଠାରୁ ସୋନିଆଙ୍କୁ ଦଳର ଅନ୍ତରୀଣ ଅଧ୍ୟକ୍ଷ ଭାବେ ଅବସ୍ଥାପିତ କରାଯାଇଛି।

ରବିବାର ସର୍ବପୁରାତନ ଦଳର ଶୀର୍ଷ ନୀତି ନିର୍ଦ୍ଧାରଣ କମିଟି ବୈଠକରେ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଅଧ୍ୟକ୍ଷତା କରିବେ। ଦଳ ପଞ୍ଜାବରେ କ୍ଷମତାରୁ ହଟିବା ସହ ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ, ଗୋଆ ଓ ମଣିପୁରରେ ଜିତିବାରେ ବିଫଳ ହୋଇଛି। ଫଳରେ କଂଗ୍ରେସ ନେତୃତ୍ୱକୁ ନେଇ ପ୍ରଶ୍ନ ଉଠିଥିବାରୁ ସାଂଗଠନିକ ନିର୍ବାଚନ ଆଗୁଆ ହୋଇପାରେ ବୋଲି ଆଲୋଚନା ହେଉଛି।

ନିର୍ବାଚନ ଫଳାଫଳ ପ୍ରକାଶ ପାଇବାର ଦିନକ ପରେ ବରିଷ୍ଠ କଂଗ୍ରେସ ନେତା ଗୁଲାମ ନବୀ ଆଜାଦଙ୍କ ବାସଭବନରେ ଶୁକ୍ରବାର ଅସନ୍ତୁଷ୍ଟ ନେତାମାନଙ୍କ ବୈଠକ ବସିଥିଲା। ପୁଡୁଚେରୀ ନିର୍ବାଚନରେ କଂଗ୍ରେସର ପରାଜୟ ପରେ ସାଂଗଠନିକ ସ୍ତରରେ ପରିବର୍ତ୍ତନ ଲାଗି ଜି୨୩ ନେତାମାନେ ପରାମର୍ଶ ଦେଇଥିଲେ। କେରଳ, ଆସାମ ଏବଂ ପଶ୍ଚିମବଙ୍ଗ ନିର୍ବାଚନ ବେଳେ ମଧ୍ୟ ଦଳ କୌଣସି ପଦକ୍ଷେପ ନେଇପାରିଲା ନାହିଁ। ତେଣୁ ତୁରନ୍ତ ନେତୃତ୍ୱରେ ପରିବର୍ତ୍ତନ ଉପରେ ଜି୨୩ ନେତାଙ୍କ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା।

ଉତ୍ତରପ୍ରଦେଶରେ ପ୍ରିୟଙ୍କାଙ୍କ ମାରାଥନ ପ୍ରଚାର ସତ୍ତ୍ୱେ ଦଳ ସେଠାରେ ୪୦୩ ଆସନରୁ ମାତ୍ର ୨ଟିରେ ଜିତିଥିବାବେଳେ ୨.୪ ପ୍ରତିଶତ ଭୋଟ ପାଇଛି। ୨୦୧୭ ନିର୍ବାଚନରେ କଂଗ୍ରେସକୁ ୭ ଆସନ ମିଳିଥିଲା। ପରାଜୟକୁ ନେଇ ଗାନ୍ଧୀ ପରିବାର ସମାଲୋଚନାର ଶରବ୍ୟ ହୋଇଛନ୍ତି। ସାଂଗଠନିକ ସ୍ତରରେ ସମ୍ପୂର୍ଣ୍ଣ ପରିବର୍ତ୍ତନ ଲାଗି ଦାବି ହେଉଛି।

## ବିଦ୍ରୋହୀ ହେବାରୁ ବିଜେଡିରୁ ନିଲମ୍ବିତ ହେଲେ ଅରବିନ୍ଦା

କୁଜଙ୍ଗ, ୧୨।୩ (ଡି.ଏନ.ଏ.)

ବିଜେଡିର ନିର୍ଦ୍ଦେଶକୁ ଅବଜ୍ଞା କରି ଜଗତସିଂହପୁର କୁଜଙ୍ଗ ବ୍ଲକ ଅନ୍ତର୍ଗତ ପାରାଦୀପଗଡ଼ ପଞ୍ଚାୟତ ସମିତିସଭ୍ୟା ଅରବିନ୍ଦା ତରାଇ ଶନିବାର ଅଧ୍ୟକ୍ଷା ନିର୍ବାଚନରେ ବିଦ୍ରୋହୀ ପ୍ରାର୍ଥିନୀ ରୂପେ ଅବତୀର୍ଣ୍ଣ ହୋଇ ପରାଜିତ ହୋଇଛନ୍ତି। ପରେ ଦଳ ବିରୋଧୀ କାର୍ଯ୍ୟ ଅଭିଯୋଗରେ କୁଜଙ୍ଗ ବ୍ଲକ ବିଜେଡି ସଭାପତି ନରେନ୍ଦ୍ର କୁମାର ପରିଡା ତାଙ୍କୁ ଦଳର ପ୍ରାଥମିକ ସଦସ୍ୟା ପଦରୁ ନିଲମ୍ବନ କରିଛନ୍ତି।

ଅରବିନ୍ଦା ପ୍ରଥମରୁ ଅଧ୍ୟକ୍ଷା ପଦ ପାଇଁ ଦାବିଦାର ଥିଲେ। ଶେଷ ମୁହୂର୍ତ୍ତରେ ବିଧାୟକ ସମ୍ବିତ୍ ରାଉତରାୟ ଅଗପାଳ ପଞ୍ଚାୟତର ସମିତିସଭ୍ୟା ନୀନାରାଣୀ ସାହୁଙ୍କୁ ଅଧ୍ୟକ୍ଷା ପ୍ରାର୍ଥୀ ରୂପେ ଘୋଷଣା କରିଥିଲେ। ଏହାକୁ ଅରବିନ୍ଦା ବିରୋଧ କରି ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। କୁଜଙ୍ଗ ଅଧ୍ୟକ୍ଷା ପଦ ଅନୁସୂଚିତ ଜାତି ମହିଳାଙ୍କ ପାଇଁ ସଂରକ୍ଷିତ ଥିଲା ।



ଏଏପି ନେତା ଭଗୱନ୍ତ ମାନ୍ ଶନିବାର ପଞ୍ଜାବ ରାଜ୍ୟପାଳ ବନୱାରିଲାଲ୍ ପୁରୋହିତଙ୍କୁ ଭେଟି ସରକାର ଗଠନ ଲାଗି ଦାବି ଜଣାଉଛନ୍ତି।

## ଭିକ୍ଷା ମାଗିଲେ ସ୍ୱାଧୀନ ପୌରାଧ୍ୟକ୍ଷା ପ୍ରାର୍ଥିନୀ



ସ୍ୱାଧୀନ ପ୍ରାର୍ଥିନୀ ନିନିମା ପଟେଲ ପ୍ରଚାର କରିବା ସହ ଭିକ୍ଷା ମାଗୁଛନ୍ତି।

ସୁନ୍ଦରଗଡ,୧୨।୩(ଡି.ଏନ୍.ଏ.)

ପୌର ନିର୍ବାଚନ ପାଇଁ ସୁନ୍ଦରଗଡ଼ରେ ଧିରେ ଧିରେ ପ୍ରାର୍ଥିନୀ ପ୍ରାର୍ଥୀମାନଙ୍କର ପ୍ରଚାର ଜମିବା ଆରମ୍ଭ କଲାଣି। ପୌରାଧ୍ୟକ୍ଷା ପଦବୀ ସମେତ ୧୯ଟି ୱାର୍ଡର ପ୍ରାର୍ଥୀମାନେ ଘରକୁ ଘର ବୁଲି ପ୍ରଚାର କାର୍ଯ୍ୟ କରୁଛନ୍ତି। ବିଜେଡି, ଭାଜପା ଓ ସ୍ୱାଧୀନ ପୌରାଧ୍ୟକ୍ଷା ପ୍ରାର୍ଥିନୀଙ୍କ ପ୍ରଚାର ମଧ୍ୟରେ ସ୍ୱାଧୀନ ପ୍ରାର୍ଥିନୀ ନିନିମା ପଟେଲଙ୍କ ନିଆରା ପ୍ରଚାର ଏବେ ସମସ୍ତଙ୍କ ଦୃଷ୍ଟି ଗୋଚର ହୋଇଛି। ଭାଜପାରୁ ଟିକେଟ ପାଇବାରୁ ବଞ୍ଚିତ ହୋଇ ସ୍ୱାଧୀନ ଭାବରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ନିନିମା ପଟେଲ ହେଉଛନ୍ତି ଭାଜପା ନେତା ତଥା ପୂର୍ବତନ କାଉନସିଲର ଡା. ହିମାଂଶୁ ଷଡ଼ଙ୍ଗୀଙ୍କ ସ୍ତ୍ରୀ। ଦୀର୍ଘଦିନ ଧରି ସୁନ୍ଦରଗଡ଼ ସହରବାସୀଙ୍କ ବିଭିନ୍ନ ମୌଳିକ ସମସ୍ୟା ସମାଧାନ ପାଇଁ ଆନ୍ଦୋଳନ କରି ସାଧାରଣ ଲୋକଙ୍କ ନିକଟତର ହୋଇଥିଲେ। ମାତ୍ର ଶେଷ ମୁହୂର୍ତ୍ତରେ ନିନିମାଙ୍କୁ ଟିକେଟ ଦିଆଯାଇନାହିଁ। ସେ ସ୍ୱାମୀ ଓ ନିଜ ସମର୍ଥକମାନଙ୍କ ସହ ସହରରେ ଶନିବାର ଦୋକାନକୁ ଦୋକାନ ବୁଲି ଅଣ୍ଟି ପତେଇ ଭିକ୍ଷା କରିବାର ଦେଖାଯାଇଥିଲା। ନିର୍ବାଚନରେ ଆବଶ୍ୟକ ଅର୍ଥ ତାଙ୍କ ପାଖରେ ନ ଥିବାରୁ ସେ ଜନସାଧାରଣଙ୍କ ସହଯୋଗ ଲୋଡିଥିବା କହିଛନ୍ତି। ସହର ରାସ୍ତାଘାଟ, ସ୍ଥାୟୀ ଜମିପଟ୍ଟା, ଦେବାଳିଆ ହୋଇପଡିଥିବା ଟ୍ରକ ମାଲିକ, ବେକାର ଯୁବତୀଯୁବକ, ମହିଳାମାନଙ୍କୁ କର୍ମନିଯୁକ୍ତି, ସହରବାସୀଙ୍କୁ ମୌଳିକ ସେବା ଯୋଗାଇବାକୁ ପ୍ରାଥମିକତା ଦେବାକୁ କହି ତାଙ୍କର ଏଭଳି ନିଆରା ପ୍ରଚାର ଦଳୀୟ ପ୍ରାର୍ଥିନୀଙ୍କ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି।

## ଅଧ୍ୟକ୍ଷ ନିର୍ବାଚନ ୧୫ ଦିନ ଘୁଞ୍ଚିଲା

### ଛତ୍ରପୁର ବ୍ଲକ

- ୬ ସମିତିସଭ୍ୟଙ୍କୁ କରୋନା କହି ନିର୍ବାଚନ ବାତିଲ
- ପ୍ରତିବାଦରେ ଜିଲାପାଳଙ୍କ ବଙ୍ଗଳା ଆଗରେ ଧାରଣା

ଛତ୍ରପୁର,୧୨।୩(ଡି.ଏନ.ଏ.)



ଜିଲାପାଳଙ୍କ ବଙ୍ଗଳା ଆଗରେ ଧାରଣା ଦିଆଯାଇଛି ।

ଗଞ୍ଜାମ ଜିଲା ଛତ୍ରପୁର ବ୍ଲକ ଅଧ୍ୟକ୍ଷ ନିର୍ବାଚନ ଶନିବାର ବାତିଲ ହୋଇଯାଇଛି। ୬ ସମିତିସଭ୍ୟଙ୍କୁ କରୋନା ହୋଇଥିବା ଦର୍ଶାଇ ୧୫ ଦିନ ପାଇଁ ନିର୍ବାଚନକୁ ଘୁଞ୍ଚାଇ ଦିଆଯାଇଛି । ଏହାର ପ୍ରତିବାଦ କରି ଛତ୍ରପୁର ବ୍ଲକର ୧୨ ସମିତିସଭ୍ୟ ଏବଂ ତାଙ୍କ ବିଜେଡି ଓ ସିପିଆଇ ସମର୍ଥକମାନେ ଜିଲାପାଳଙ୍କ ବଙ୍ଗଳା ଆଗରେ ଧାରଣା ଦେଇଥିଲେ। ଛତ୍ରପୁରରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିବାରୁ ଫୋର୍ସ ମୁତୟନ କରାଯାଇଥିଲା। ଛତ୍ରପୁର ବ୍ଲକ ଅଧ୍ୟକ୍ଷା ପଦବୀ ଏସ୍‌ସି ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି। ଶନିବାର ଅଧ୍ୟକ୍ଷା ନିର୍ବାଚନ ପାଇଁ ସ୍ଥାନୀୟ ବ୍ଲକରେ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଏଥିରେ ସମସ୍ତ ୧୮ ସମିତିସଭ୍ୟ ଉପସ୍ଥିତ ଥିଲେ। ପରେ ଏଥିରୁ ୬ ଜଣ ସମିତିସଭ୍ୟ ବୈଠକରୁ ବାହାରି ଅନ୍ୟ ଏକ କୋଠରିରେ ବସିଥିଲେ। ପରେ ଅଗସ୍ତିନୂଆଗାଁର ସମିତିସଭ୍ୟା କିରଣ କୁମାରୀ ଦାସ ଅଧ୍ୟକ୍ଷା ପଦବୀ ପାଇଁ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ପରେ ସୁନ୍ଦରପୁର ସମିତିସଭ୍ୟା ସୁଜ୍ଞାନୀ ସେଠୀ ମଧ୍ୟ ଅଧ୍ୟକ୍ଷା ପଦବୀ ପାଇଁ ପ୍ରାର୍ଥିପତ୍ର ଦାଖଲ କରିଥିବା ନିର୍ବାଚନ ଅଧିକାରୀ କହିଥିବା ଅନ୍ୟ ୧୨ ସମିତିସଭ୍ୟଙ୍କ ପକ୍ଷରୁ ଗଣମାଧ୍ୟମ ଆଗରେ ସୂଚନା ଦିଆଯାଇଛି। ପରେ ଅନ୍ୟ କୋଠରିରେ ବସିଥିବା ୬ ସମିତିସଭ୍ୟ କରୋନା ଟେଷ୍ଟ ପାଇଁ ନିର୍ବାଚନ ଅଧିକାରୀଙ୍କୁ କହିଥିଲେ। ଏହାପରେ ମେଡିକାଲ ଟିମ୍ ପହଞ୍ଚି ସେମାନଙ୍କୁ ପରୀକ୍ଷା କରିଥିଲେ। ଏମାନଙ୍କ ପଜିଟିଭ୍ ଥିବା ଦର୍ଶାଇ ନିର୍ବାଚନ ଅଧିକାରୀ ତଥା ଖଲ୍ଲିକୋଟ ବିଡିଓ ନିର୍ବାଚନକୁ ୧୫ ଦିନ ପର୍ଯ୍ୟନ୍ତ ଘୁଞ୍ଚାଇ ପଳାଇ ଯାଇଥିଲେ। ଉକ୍ତ ୬ ସମିତିସଭ୍ୟଙ୍କୁ ଆମ୍ବୁଲାନ୍ସରେ ଏମ୍‌କେସିଜିକୁ ନିଆଯାଇଥିଲା। ଉକ୍ତ ୬ ଜଣଙ୍କ ମଧ୍ୟରୁ କାହାକୁ କରୋନା ହୋଇଛି ସେ ସମ୍ପର୍କରେ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇନି। ନିର୍ବାଚନ ବାତିଲର ପ୍ରତିବାଦ କରି ୧୨ ଜଣ ସମିତିସଭ୍ୟଙ୍କ ପକ୍ଷରୁ ଛତ୍ରପୁର ବ୍ଲକ ଆଗରେ ଧାରଣା ଦିଆଯାଇଥିଲା। ଏମାନଙ୍କ ମଧ୍ୟରେ କେତେକ ସିପିଆଇ ସମର୍ଥିତ ସମିତିସଭ୍ୟ ମଧ୍ୟ ରହିଛନ୍ତି । ଦୀର୍ଘ ସମୟ ପରେ ୧୨ ସମିତି ସଭ୍ୟ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟକୁ ଆସି ଧାରଣାରେ ସାମିଲ ହୋଇଥିଲେ । ପରେ ସମସ୍ତେ ଜିଲାପାଳଙ୍କ ବଙ୍ଗଳା ସମ୍ମୁଖକୁ ଯାଇ ଧାରଣା ଦେଇଥିଲେ। ପରେ ପ୍ରଶାସନିକ ଅଧିକାରୀ ପହଞ୍ଚି ଧାରଣାରତ ସମିତିସଭ୍ୟ ଓ ଅନ୍ୟମାନଙ୍କ ସହ ଆଲୋଚନା କରିଥିଲେ । ସୋମବାର ନିର୍ବାଚନ ସମ୍ପର୍କରେ ସୂଚନା ଦିଆଯିବ ବୋଲି ଏଡିଏମ୍ ସୂଚନା ଦେଇଥିଲେ। ଏହାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଅପରପକ୍ଷରେ ଖଲ୍ଲିକୋଟ ବିଡିଓ ତଥା ନିର୍ବାଚନ ଅଧିକାରୀ ମିତାଲୀ ପାତ୍ରଙ୍କୁ ଯୋଗାଯୋଗ କରିବାରେ ଏହା ଉପରେ କୌଣସି ମତାମତ ଦେବାକୁ ମନା କରି ଜିଲାପାଳଙ୍କୁ ପଚାରିବାକୁ କହିଥିଲେ ।

## ୨୫ ୱାର୍ଡରେ ନାହାନ୍ତି କଂଗ୍ରେସ ପ୍ରାର୍ଥୀ

### ଭୁବନେଶ୍ୱର ମହାନଗର ନିର୍ବାଚନ

### ମେୟର ଆଶା କ୍ଷୀଣ, ସ୍ୱାଧୀନଙ୍କୁ ସମର୍ଥନ ଦେଇପାରେ କଂଗ୍ରେସ




ଭୁବନେଶ୍ୱର,୧୨।୩(ବ୍ୟୁରୋ)

ଆସନ୍ତା ୨୪ ତାରିଖରେ ପୌର ନିର୍ବାଚନ। ଚଳିତ ବର୍ଷ ପ୍ରଥମଥର ପାଇଁ ଭୋଟରମାନେ ମେୟରଙ୍କୁ ସିଧାସଳଖ ବାଛିବେ। ତେଣୁ ମେୟର ପଦ ଏବେ ସବୁଦଳ ପାଇଁ ବେଶ୍ ଗୁରୁତ୍ୱ ବହନ କରୁଥିବାବେଳେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଉପରେ ଏବେ ସମସ୍ତଙ୍କ ନଜର ରହିଛି। ମେୟର ପଦ ପାଇଁ ୧୨ ଦଳ ପ୍ରାର୍ଥୀ ଦେଇଥିବାବେଳେ କିଏ ଭୁବନେଶ୍ୱର ମେୟର ପଦ ହାତେଇବ ତାହାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ବିଶେଷକରି ମେୟର ଭୋଟ ଦଳୀୟ ପ୍ରସ୍ତୁତି ଓ କର୍ପୋରେଟରଙ୍କ ଉପରେ ଅଧିକ ନିର୍ଭରଶୀଳ। ଭାଜପା ଓ ବିଜେଡି ସମସ୍ତ ୬୭ ୱାର୍ଡରେ କର୍ପୋରେଟର ପ୍ରାର୍ଥୀ ଦେଇ ମେୟର ପଦବୀ ପାଇଁ ଆଶା ରଖିଥିବାବେଳେ କଂଗ୍ରେସ ମାତ୍ର ୪୨ ୱାର୍ଡରେ ପ୍ରାର୍ଥୀ ଦେବାରେ ସକ୍ଷମ ହୋଇଛି। ଆହୁରି ୨୫ ୱାର୍ଡରେ ପ୍ରାର୍ଥୀ ନ ଥିବାରୁ କଂଗ୍ରେସର ମେୟର ପଦ ଆଶା କ୍ଷୀଣ ବୋଲି ରାଜନୈତିକ ବିଶ୍ଳେଷକମାନେ କହୁଛନ୍ତି। ଗତ ୪ ତାରିଖରେ କଂଗ୍ରେସ ପ୍ରଥମ ଦଳ ଭାବେ ମେୟର ପ୍ରାର୍ଥୀଙ୍କ ନାମ ଘୋଷଣା କରିଥିଲା। ସେହିଦିନ ଅପରାହ୍ଣରେ ୩୦ ୱାର୍ଡ ପାଇଁ ପ୍ରଥମ ପର୍ଯ୍ୟାୟ ଚୂଡାନ୍ତ କର୍ପୋରେଟର ପ୍ରାର୍ଥୀ ତାଲିକା ପ୍ରକାଶ କରିଥିଲା। ୭ ତାରିଖ ସୋମବାର ନାମାଙ୍କନପତ୍ର ଦାଖଲର ଶେଷ ସୁଦ୍ଧା କଂଗ୍ରେସ ଆଉ ୧୩ ୱାର୍ଡ଼ ପାଇଁ ପ୍ରାର୍ଥୀ ଦେଇଥିଲା। ପୂର୍ବତନ କର୍ପୋରେଟର ଦମ୍ପତି ପ୍ରତାପ ରାଉତରାୟ ଓ ତାଙ୍କ ସ୍ତ୍ରୀ ଜ୍ୟୋତ୍ସ୍ନାମୟୀ ବିଜେଡି ଛାଡ଼ି କଂଗ୍ରେସରେ ଯୋଗଦେବା ସହ ଜ୍ୟୋତ୍ସ୍ନାମୟୀ ୧୯ନଂ. ୱାର୍ଡ ପାଇଁ ନାମାଙ୍କନ ଦାଖଲ କରିଥିଲେ। ହେଲେ ଶୁକ୍ରବାର ସେ ତାଙ୍କ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିଥିବାରୁ ବର୍ତ୍ତମାନ କଂଗ୍ରେସର କର୍ପୋରେଟର ପ୍ରାର୍ଥୀଙ୍କ ସଂଖ୍ୟା ୪୨କୁ ଖସି ଆସିଛି। ଅନ୍ୟପକ୍ଷରେ ପଞ୍ଚାୟତ ନିର୍ବାଚନରେ ସଂଖ୍ୟା ଗରିଷ୍ଠତା ହାସଲ କରିବା ସହ ୭୬୫ ଜିଲା ପରିଷଦ ଆସନ ହାତେଇ ଥିବା ଶାସକ ବିଜେଡି ମେୟର ପଦ ଅକ୍ତିଆର କରିବା ପାଇଁ ଦମ୍ଭ ଦେଖାଇଛି। ବିଜେଡିର ବହୁ ଅସନ୍ତୁଷ୍ଟ ନେତା ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ରଣାଙ୍ଗନକୁ ଓହ୍ଲାଇଥିବାରୁ ଫାଇଦା ନେବାକୁ ଚାହିଁ ବସିଛି ଭାଜପା। ସେହିପରି ଯେଉଁ ୱାର୍ଡରେ କଂଗ୍ରେସ ପ୍ରାର୍ଥୀ ଦେଇନାହିଁ, ସେଠାରୁ କଂଗ୍ରେସ ଭୋଟ ପାଇବାକୁ ସବୁ ପ୍ରାର୍ଥୀମାନେ ଉଦ୍ୟମ ଆରମ୍ଭ କରିଛନ୍ତି। କଂଗ୍ରେସର ମେୟର ପ୍ରାର୍ଥୀ ମଧୁସ୍ମିତା ଆଚାର୍ଯ୍ୟ କହିଛନ୍ତି, ମେୟର ପଦ ପାଇଁ ପ୍ରତ୍ୟକ୍ଷ ନିର୍ବାଚନ ହେବ ଓ ଭୋଟର ନିଜ ଇଚ୍ଛା ଅନୁସାରେ ଭୋଟ ଦେବେ। ଯେଉଁ ୱାର୍ଡରେ ଦଳ ପ୍ରାର୍ଥୀ ଦେଇ ନାହିଁ, ଆବଶ୍ୟକ ପଡିଲେ ସେଠାରେ ଲୋକଙ୍କ ପାଇଁ କାର୍ଯ୍ୟ କରିବାକୁ ଆଗେଇ ଆସିଥିବା ସ୍ୱାଧୀନ କର୍ପୋରେଟର ପ୍ରାର୍ଥୀଙ୍କୁ କଂଗ୍ରେସ ସମର୍ଥନ ଜଣାଇବ ବୋଲି ମଧୁସ୍ମିତା କହିଛନ୍ତି। ଏଥିରୁ ଦଳୀୟ ଭୋଟ ସହ ସ୍ୱାଧୀନ ପ୍ରାର୍ଥୀଙ୍କଠାରୁ ମେୟର ଭୋଟ ପାଇବାକୁ କଂଗ୍ରେସ ଆଶା ରଖିଥିବା ସ୍ପଷ୍ଟ ହେଉଛି।

ଧରିତ୍ରୀ
DHARITRI
ରବିବାର, ମାର୍ଚ୍ଚ ୧୩/୨୦୨୨ | Sunday, March 13/2022 | ପୃଷ୍ଠା-୧



**ମିଥାଲି ରାଜ୍‌ଙ୍କ ରେକର୍ଡ**

ଆଇସିସି ମହିଳା ବିଶ୍ୱକପ୍‌ରେ ସର୍ବାଧିକ ମ୍ୟାଚରେ ଅଧିନାୟକତ୍ୱ କରିବାରେ ଭାରତର ମିଥାଲି ରାଜ୍ ଏକ ରେକର୍ଡ ପ୍ରତିଷ୍ଠା କରିଛନ୍ତି।

**୧୨ ୦୯**

**ବାହାହେବା ପାଇଁ ୨୦ କୋଟି**

'ସୋନୁ କେ ଟିଟୁ କି ସ୍ୱିଟି'ର ଲିଡ୍ ଆକ୍ଟର କାର୍ତ୍ତିକ ଆର୍ଯ୍ୟନଙ୍କ ଜଣେ ଫିମେଲ୍ ଫ୍ୟାନ୍ ତାଙ୍କୁ ବାହା ହେବାଲାଗି ୨୦ କୋଟି ଟଙ୍କା ଯାଚିଛନ୍ତି।



# ଗାଡ଼ି ମଡ଼ାଇଲେ ବିଧାୟକ

- ଆଇଆଇସିଙ୍କ ସମେତ ୨୭ ଆହତ
- ତଳେ କଚାଡ଼ି ନିର୍ଘୁମ୍ ଛେଚିଲେ ଲୋକେ
- ରକ୍ତ ଜୁବୁବୁବୁ ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି
- ସୁସ୍ଥ ହେବା ପରେ ଗିରଫ ହେବେ ଜଗଦେବ: ଆଇଜି





ଆହତ ବିଧାୟକ ପ୍ରଶାନ୍ତ ଜଗଦେବଙ୍କୁ ପୋଲିସ ଉଦ୍ଧାର କରି ନେଉଛି (ବାମ)। ଉତ୍ତ୍ୟକ୍ତ ଲୋକେ ବିଧାୟକଙ୍କ ଗାଡ଼ିକୁ ଓଲଟାଇ ଦେଇଛନ୍ତି।

**ଖୋର୍ଦ୍ଧା ଅଫିସ/ ବାଣପୁର,୧୨।୩**

ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବ ପୁଣି ଚର୍ଚ୍ଚାରେ। ବାଣପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ଶନିବାର ପଞ୍ଚାୟତ ସମିତି ଅଧ୍ୟକ୍ଷ ପଦ ପାଇଁ ନିର୍ବାଚନ ଚାଲିଥିବାବେଳେ ବିଧାୟକ ଜଗଦେବ ଲୋକଙ୍କୁ ଗାଡ଼ି ମଡ଼ାଇଦେବା ଅଭିଯୋଗ ହୋଇଛି। ଏହି ଘଟଣାରେ ବାଣପୁର ଆଇଆଇସିଙ୍କ ସମେତ ୧୦ ପୋଲିସ, ୧୫ ଭାଜପା କର୍ମୀ, ୨ଜଣ ଖବରଦାତା ଆହତ ହୋଇଛନ୍ତି। ବିଧାୟକଙ୍କ ଏପରି କାଣ୍ଡପରେ ଉପସ୍ଥିତ ଲୋକମାନେ ଉତ୍‌କ୍ଷିପ୍ତ ହୋଇ ତାଙ୍କୁ ଗାଡ଼ି ଭିତରୁ ଟାଣି ଆଣି ତଳେ ପକାଇ ନିସ୍ତୁକ ମାଡ଼ ମାରିଥିଲେ। ଯାହାଫଳରେ ବିଧାୟକ ଲହୁଲୁହାଣ ହୋଇଯାଇଥିଲେ। ଲୋକଙ୍କ କବଳରୁ ତାଙ୍କୁ ପୋଲିସ ଉଦ୍ଧାର କରି ଭୁବନେଶ୍ୱର ସ୍ଥାନାନ୍ତର କରିଥିଲା। ସେହିପରି ଆଇଆଇସି ରଶ୍ମିରଞ୍ଜନ ସାହୁ ଏବଂ ଅନ୍ୟଆହତଙ୍କୁ ମଧ୍ୟ ବାଣପୁର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପରେ ୩ଜଣ ଗୁରୁତରଙ୍କୁ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଛି। ଉତ୍ତ୍ୟକ୍ତ ଲୋକମାନେ ବିଧାୟକଙ୍କ ଗାଡ଼ିକୁ ଭଙ୍ଗାରୁଜା କରିବା ସହ ଓଲଟାଇ ଦେଇଥିଲେ। ପରିସ୍ଥିତି ଅସମ୍ଭାଳ ହେବାରୁ ସେଠାରେ ୪ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଛି। ଖୋର୍ଦ୍ଧା ଏସ୍‌ପି ଅଲେଖ ଚନ୍ଦ୍ର ପହି ଓ ଖୋର୍ଦ୍ଧା,ଟାଙ୍ଗି, ବାଲୁଗାଁ, ସଦର ଥାନା ଅଧିକାରୀମାନେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରି ସ୍ଥିତିକୁ ନିୟନ୍ତ୍ରଣକୁ ଆଣିଥିଲେ। ପରେ ଉପଜିଲାପାଳ ଆଇ.ଗୌରବ ଶିବାଜୀ ସେଠାରେ କୌଣସି ଅପ୍ରୀତିକର ପରିସ୍ଥିତି ପୁଣି ଯେପରି ନ ଉପୁଜିବ ସେଥିଲାଗି ଉକ୍ତ ଅଞ୍ଚଳରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ୧୪୪ ଧାରା ଜାରି ଲାଗୁ କରିଛନ୍ତି। ଅପରାହ୍ନରେ କେନ୍ଦ୍ରାଞ୍ଚଳ ଆଇଜି ନରସିଂହ ଭୋଲ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ ସହ ବାଣପୁର ଥାନା ପରିସରରେ ଏସ୍‌ପି ଓ ଅନ୍ୟ ଅଧିକାରୀଙ୍କ ସହ ଆଲୋଚନା କରି ଆହତମାନଙ୍କ ସମ୍ପର୍କରେ ପଚାରି ବୁଝିଥିଲେ। ବିଧାୟକ ଗାଡ଼ି ମଡ଼ାଇଦେବା ଅଭିଯୋଗରେ ତାଙ୍କ ବିରୋଧରେ ଏକ ହତ୍ୟା ଉଦ୍ୟମ(୩୦୭) ମାମଲା ନଂ. ୧୩୧/୨୨ ରୁଜୁ କରାଯାଇଛି। ବିଧାୟକ ଏବେ ପୋଲିସ୍ କବ୍‌ଜାରେ ଚିକିତ୍ସାଧୀନ ରହିଛନ୍ତି। ସେ ସୁସ୍ଥ ହେବାମାତ୍ରେ ତାଙ୍କୁ ଗିରଫ କରାଯିବ ବୋଲି ଭୋଲ କହିଛନ୍ତି। ଏହି ଘଟଣାକୁ ବିଜେଡି ସମେତ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ନିନ୍ଦା କରାଯିବା ସହ ବିଧାୟକଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି। ପୂର୍ବରୁ ବାଲୁଗାଁ ଭାଜପା ମଣ୍ଡଳ ସଭାପତିଙ୍କୁ ଆକ୍ରମଣ ମାଡ଼ ମାରିବା ଘଟଣାରେ ବିଜେଡିରୁ ନିଲମ୍ବିତ ହୋଇଥିବା ଜଗଦେବ ଏବେ ପୁଣି ଆଉ ଏକ ଘଟଣାରେ ଫସିଥିବାରୁ ତାଙ୍କୁ ଦଳରୁ ବହିଷ୍କାର କରିବାକୁ ବିଭିନ୍ନ ଦଳ ପକ୍ଷରୁ କୁହାଯାଉଛି।

ଶନିବାର ବାଣପୁର ବ୍ଲକର ୧୭ ପଞ୍ଚାୟତରୁ ୧୨ଜଣ ଭାଜପା ସମର୍ଥିତ ଏବଂ ୫ ବିଜେଡି ସମର୍ଥିତ ପ୍ରାର୍ଥୀ ବ୍ଲକ କାର୍ଯ୍ୟାଳୟରେ ପୂର୍ବାହ୍ନ ୧୦ଟାରେ ପହଞ୍ଚିଥିଲେ। ବ୍ଲକ କାର୍ଯ୍ୟାଳୟ ଆଗରେ ☞ପୃଷ୍ଠା-୨

# ରବିବାର ଖୋଲିବ ଶ୍ରୀମନ୍ଦିର

- ବିଳମ୍ବିତ ରାତି ଯାଏ ଦର୍ଶନ କରିପାରିବେ ଭକ୍ତ



**ପୁରୀ ଅଫିସ,୧୨।୩**

ଏଣିକି ଅନ୍ୟଦିନ ଭଳି ରବିବାର ମଧ୍ୟ ଶ୍ରୀମନ୍ଦିର ସର୍ବସାଧାରଣଙ୍କ ଲାଗି ଖୋଲା ରହିବ। ଆସନ୍ତା ଦୋଳପୂର୍ଣ୍ଣିମା ପରଠାରୁ ରବିବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଭକ୍ତ ଦର୍ଶନ କରିପାରିବେ। ଏ ନେଇ ଶନିବାର ନୀଳାଦ୍ରି ଭକ୍ତ ନିବାସରେ ହୋଇଥିବା ଛତିଶା ନିଯୋଗ ବୈଠକରେ ଆଲୋଚନା ହେବା ପରେ ଏହି ନିଷ୍ପତ୍ତି ନିଆଯାଇଛି ବୋଲି କହିଛନ୍ତି ଜିଲାପାଳ ତଥା ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ସମର୍ଥ ବର୍ମା। କୋଭିଡ୍ କଟକଣା ଆଧାରରେ ଧାର୍ଯ୍ୟ ଏସ୍‌ଓପି ଅନୁଯାୟୀ ପ୍ରତି ରବିବାର ଶ୍ରୀମନ୍ଦିର ପରିସର ଓ ଚାରିପାଖ ସାନିଟାଇଜ୍ କରିବା ଉଦ୍ଦେଶ୍ୟରେ ଶ୍ରୀମନ୍ଦିରରେ ଶ୍ରଦ୍ଧାଳୁଙ୍କ ପ୍ରବେଶ ଉପରେ କଟକଣା ରହିଥିଲା। ହେଲେ ରାଜ୍ୟରେ ଏବେ ☞ପୃଷ୍ଠା-୨

# ବିଜେଡି ହାତରେ ୨୭୮, ଭାଜପା ୨୧, କଂଗ୍ରେସ ୧୨

**ଶେଷ ହେଲା ବ୍ଲକ ଅଧ୍ୟକ୍ଷ ନିର୍ବାଚନ**

**ଭୁବନେଶ୍ୱର,୧୨।୩(ବ୍ୟୁରୋ)**

ରାଜ୍ୟରେ ଶନିବାର ବ୍ଲକ ଅଧ୍ୟକ୍ଷ ନିର୍ବାଚନ ଶେଷ ହୋଇଛି। ତେବେ ମିଳିଥିବା ସୂଚନା ଅନୁଯାୟୀ ମୋଟ ୩୧୪ ବ୍ଲକରୁ ବିଜେଡି ୨୭୮ଟି କବ୍‌ଜା କରିଥିବା ବେଳେ ଭାଜପାକୁ ୨୧ ଓ କଂଗ୍ରେସକୁ ୧୨ଟି ଅଧ୍ୟକ୍ଷ ପଦବୀରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ସେହିପରି ସିପିଆଇ(ଏମ୍)୩ଟି ବ୍ଲକ ଅଧ୍ୟକ୍ଷ ପଦବୀ ହାସଲ କରିଛି। ଭାଜପା ବାଲେଶ୍ୱର ଜିଲାରେ ୨ଟି ବ୍ଲକ ଅଧ୍ୟକ୍ଷ ପଦବୀକୁ ହାତେଇଥିବା ବେଳେ ବଲାଙ୍ଗୀର ୧, ବୌଦ୍ଧ ୨, କଟକ ୧, ଦେବଗଡ଼ ୧, ଢେଙ୍କାନାଳ ୨, ଗଞ୍ଜାମ ୧, କଳାହାଣ୍ଡି ୨, ଖୋର୍ଦ୍ଧା ୨, ମୟୂରଭଞ୍ଜ ୧, ନୟାଗଡ଼ ୧, ସମ୍ବଲପୁର ୨ ଏବଂ ☞ପୃଷ୍ଠା-୨







# ଇପିଏଫ୍ ସୁଧ ୮.୧%କୁ ହ୍ରାସ

- ୪ ଦଶନ୍ଧିରେ ସର୍ବନିମ୍ନ

**ନୂଆଦିଲ୍ଲୀ,୧୨।୩(ପି.ଟି.)**

ଚଳିତ ୨୦୨୧-୨୨ ଆର୍ଥିକବର୍ଷ ଲାଗି କର୍ମଚାରୀ ଭବିଷ୍ୟନିଧି ପାଣ୍ଠି (ଇପିଏଫ୍) ଜମା ଉପରେ ସୁଧହାର ଶନିବାର ୮.୧ ପ୍ରତିଶତକୁ ହ୍ରାସ କରାଯାଇଛି। ଚାରି ଦଶନ୍ଧି ମଧ୍ୟରେ ଏହା ଇପିଏଫ୍‌ର ସର୍ବନିମ୍ନ ସୁଧହାର। ୧୯୭୭-୭୮ରେ କର୍ମଚାରୀଙ୍କ ଭବିଷ୍ୟନିଧି ଜମା ଉପରେ ସୁଧହାର ୮ ପ୍ରତିଶତ ଥିଲା। ଗତ ଆର୍ଥିକ ବର୍ଷରେ ସୁଧ ହାର ୮.୫% ଥିଲା। ଅନ୍ତର୍ଜାତୀୟ ସ୍ଥିତି ଓ ବଜାର ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ସୁଧ ହାର ହ୍ରାସ କରାଯାଇଥିବା ଶ୍ରମ ଶ୍ରମ ଓ ନିୟୋଜନ ମନ୍ତ୍ରୀ ଭୂପେନ୍ଦର ଯାଦବ କହିଛନ୍ତି। ଆସାମର ଗୁଆହାଟୀଠାରେ କର୍ମଚାରୀ ଭବିଷ୍ୟନିଧି ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ବିଭାଜନ ରାଜନୀତି**

# ଭାଇରାଲ ହେଲା 'ଘୋଷ୍ଟ ଅଫ୍ କ୍ୱିଭ୍'

- ୟୁକ୍ରେନ୍ ସୈନ୍ୟଙ୍କ ସାହସ ପାଲଟିଛନ୍ତି ପାଇଲଟ୍
- ୧୦ରୁ ଊର୍ଦ୍ଧ୍ୱ ରୁଷୀୟ ବିମାନ ନଷ୍ଟ କଲେଣି

**କ୍ୱିଭ୍, ୧୨।୩**

ୟୁକ୍ରେନ୍ ଉପରେ ରୁଷିଆ ଆକ୍ରମଣକୁ ଶନିବାର ୧୭ ଦିନ ପୂରିଥିବାବେଳେ ପ୍ରତିରୋଧ ପାଇଁ ଲଢ଼େଇ ଜାରି ରଖିଛନ୍ତି କ୍ୱିଭ୍ ସୈନ୍ୟ। ଏପରି ସମୟରେ ୟୁକ୍ରେନ୍ ଲଢୁଆଙ୍କ ସାହସ ବଢ଼ାଇଛନ୍ତି 'ଘୋଷ୍ଟ ଅଫ୍ କ୍ୱିଭ୍'। ୟୁକ୍ରେନ୍ ସେନାର ଭେରିଫାଏଡ୍ ଫେସ୍‌ବୁକ୍ ଆକାଉଣ୍ଟରୁ ଏହି ଭାଇରାଲ ଭୂତଙ୍କ ଏକ ଫଟୋ ଶେୟାର କରାଯାଇଛି, ଯାହାଙ୍କୁ ଏହି ପୂର୍ବ ୟୁରୋପୀୟ ଦେଶର ବାସିନ୍ଦା 'ଏୟାର ଆଭେଞ୍ଜର' ନାମ ମଧ୍ୟ ଦେଇଛନ୍ତି। ବାସ୍ତବରେ ଘୋଷ୍ଟ ଅଫ୍ କ୍ୱିଭ୍ ନାଁ ପାଇଥିବା ତଥାକଥିତ 'ଭୂତ' ଜଣକ ୟୁକ୍ରେନ୍‌ର ଜଣେ ଦକ୍ଷତାସମ୍ପନ୍ନ ପାଇଲଟ ବୋଲି କୁହାଯାଉଛି। ସେ ଏଯାବତ୍ ୧୦ରୁ ଊର୍ଦ୍ଧ୍ୱ ରୁଷୀୟ ବିମାନକୁ ନଷ୍ଟ କରିସାରିଥିବା ଜଣାପଡ଼ିଛି। ମିଗ୍-୨୯ ଫାଇଟର ଜେଟ୍‌ରେ ବ୍ଲାକ୍ ଭିଜର୍, ଅକ୍ସିଜେନ୍ ମାସ୍କ ପିନ୍ଧିଥିବା ଏହି ପାଇଲଟ ଏବେ ସମସ୍ତ ୟୁକ୍ରେନ୍ ସୈନ୍ୟଙ୍କ ସାହସ ପାଲଟିଛନ୍ତି।

ଜେନେରାଲ ଷ୍ଟାଫ୍ ଅଫ୍ ୟୁକ୍ରେନ୍ ଆର୍ମର୍ଡ ଫୋର୍ସ ପକ୍ଷରୁ କରାଯାଇଥିବା ଉକ୍ତ ପୋଷ୍ଟରେ ସମ୍ପୃକ୍ତ ପାଇଲଟଙ୍କ ☞ପୃଷ୍ଠା-୨



**ଆଜିର ମନ୍ତବ୍ୟ**

"ପୂର୍ବରୁ ରାଜନୀତି ଭଳି କ୍ରୀଡ଼ାରେ ମଧ୍ୟ ପ୍ରିୟାପ୍ରୀତି ତୋଷଣ ଦେଖିବାକୁ ମିଳୁଥିଲା। କିନ୍ତୁ ଆଜି ଭାରତର ଯୁବପିଢ଼ି ଖେଳରେ ପ୍ରୋତ୍ସାହନ ପାଇ ଆକାଶକୁ ଛୁଇଁବାରେ ଲାଗିଛନ୍ତି। **-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ**

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................


ଶ୍ରୀମାନ୍ ପରିବାରବର୍ଗ


ସଙ୍ଗୀତା ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

**ପ୍ରଥମ ପୃଷ୍ଠାରୁ...**

## ଇପିଏଫ୍ ସୁଧ ...

ପାଣ୍ଠି ସଂଗଠନ (ଇପିଏଫ୍ଓ)ର ସର୍ବୋଚ୍ଚ ନିଷ୍ପତ୍ତି ଗ୍ରହଣକାରୀ ସଂସ୍ଥା କେନ୍ଦ୍ରୀୟ ଟ୍ରଷ୍ଟି ବୋର୍ଡ ବୈଠକ ବସି ମାର୍ଚ୍ଚ ୩୧ରେ ଶେଷ ହେଉଥିବା ଚଳିତ ଆର୍ଥିକ ବର୍ଷ ଲାଗି ସୁଧହାର ଧାର୍ଯ୍ୟ କରାଯାଇଛି। ୨୦୧୯-୨୦ ଏବଂ ୨୦୨୦-୨୧ରେ ସୁଧହାର ୮.୫ ପ୍ରତିଶତ ଥିଲା। ୨୦୧୮-୧୯ରେ ସୁଧ ୮.୬୫% ଥିବାବେଳେ ୨୦୧୭-୧୮ରେ ୮.୫୫ ପ୍ରତିଶତ ରହିଥିଲା। କର୍ମଚାରୀ ଭବିଷ୍ୟ ନିଧି ଓ ବିବିଧ ବ୍ୟବସ୍ଥା ଆଇନ, ୧୯୫୨ ଅନୁଯାୟୀ ପିଏଫ୍ ସଞ୍ଚୟ ବାଧ୍ୟତାମୂଳକ। ଜଣେ କର୍ମଚାରୀଙ୍କ ମୂଳ ଦରମାର ଅନ୍ୟୂନ ୧୨ ପ୍ରତିଶତ କଟାଯାଇ ଏହା ପିଏଫ୍‌ରେ ଜମା କରାଯାଇଥାଏ ଏବଂ ନିଯୁକ୍ତିଦାତା ସମ ପରିମାଣର ଅର୍ଥ ପ୍ରଦାନ କରିଥାନ୍ତି। ଦେଶର ପ୍ରାୟ ୫ କୋଟି କର୍ମଚାରୀ ଇପିଏଫ୍ ସଦସ୍ୟ ଅଛନ୍ତି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆଠଖଣ୍ଡି କାଠିକି ଷୋଳଖଣ୍ଡି ଯନ୍ତ୍ରୀ,**
**ବୁଝାମଣା ରାଇଜରେ ପାଳବିଣ୍ଡା ମନ୍ତ୍ରୀ,**
**ପାଳବିଣ୍ଡା ମନ୍ତ୍ରୀଙ୍କର ଗୋଟିଏ ଆଖି କଣା,**
**ଛାଡ଼ି ପଳେଇବା ଏ ରାଇଜ, କୋଦିଣ୍ଡା ବୁଝାମଣା।**

ରାଜା ଯେପରି ବିଚାରଶୂନ୍ୟ, ନୀତିନିୟମ ଶୂନ୍ୟ, କିଛି ନ ବୁଝି ମନଇଚ୍ଛା ବିଚାର କରି ନିଷ୍ପତ୍ତି ନିଅନ୍ତି, ତାଙ୍କ ମନ୍ତ୍ରୀ ମଧ୍ୟ ତଦ୍ରୂପ। ସେ ରାଜାଙ୍କୁ ମଧ୍ୟ ଠିକ୍ ବାଟ ବତେଇବାକୁ ଅକ୍ଷମ। ପାଟିରୁ କାଳେ ଭୁଲ୍ କଥା ବାହାରିଯିବ, ରାଜା ଅସୁବିଧାରେ ପଡ଼ିଯିବେ, ସେଥିପାଇଁ ମନ୍ତ୍ରୀ ପାଟିରେ ଗୋଟିଏ ପାଳବିଣ୍ଡା ମାରିଥାନ୍ତି। ଯେଉଁ ଦେଶରେ ନୀତିନିୟମ ନ ଥାଏ ସେ ଦେଶରେ ସୁବିଚାର ମିଳିପାରି ନ ଥାଏ। ଏପରିସ୍ଥଳେ ସେହି ଦେଶ ଛାଡ଼ି ଚାଲିଯିବା ଶୁଭଙ୍କର ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଆଖିର କଜ୍ଜ୍ୱଳ ସହି ହୁଏ,**
**ଟିରିକି କଜ୍ଜ୍ୱଳ ସହି ହୁଏ ନାହିଁ।**

ଟିରିକି ଅର୍ଥ ଶତ୍ରୁ। ଶତ୍ରୁର ଉନ୍ନତିକୁ କେହି ସହଜରେ ଗ୍ରହଣ କରିପାରି ନ ଥାନ୍ତି। ପ୍ରତିବାଦୀ ଆଖିରେ ଶତ୍ରୁର ଆଡ଼ମ୍ବର ଅସହିଷ୍ଣୁତା ସୃଷ୍ଟି କରିଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ

# classifieds Everyday

0674-2580101, 2549302




**GROOM WANTED**

Age-34 widow Govt. Lecturer ଥିବା Marwadi ଜାତିର ଝିଅଙ୍କୁ ଯେ କୌଣସି ଜାତିର married/ unmarried ଘରଜ୍ୱାଇଁ ଆବଶ୍ୟକ। 9583000251. D- 23392




**SALE**

**Fully loaded 2015 Excellent running condition Swift Dzire Petrol, 5,20,000/-. Contact Owner- 9853926464 (BABU BHAI).** D-23307




**SALE**

**Gharabari boundary plots near Infocity-II & Cancer Hospital. SR PROPERTEEZ. 9438106666.** D-73211

**'Ready to move 2BHK flat near Mount Litera Zee Public School, Kateni, Bhubaneswar for sale. 9937847725'.** D-23384

**ସୁନ୍ଦରପଦା ଏବଂ ବାଲିଅନ୍ତାରେ developed, demarcated, gharabari, electricity plot କିଣନ୍ତୁ। 7008492511.** D-23375

**Puri NH ପାଖ 1BHK ready flat in a gated community for sale with all accessories booking @2.70L. 7008092158.** D-23379

**ଭୁବନେଶ୍ୱର ବାରଙ୍ଗ ଥାନାରୁ 1Km. ଦୂରରେ କୁଞ୍ଜବିହାରୀ କଲେଜ ପାଖରେ ୧୦୦ ଫୁଟ ପିଚୁରୋଡ୍‌କୁ ଲାଗି yellow zone plot sqft. 970/-. 6371801630, 9556907765.** D-73209

ଭୁବନେଶ୍ୱର ରବିଟକିଜ୍ ସାଇ ମନ୍ଦିର ପୂର୍ବରୁ ରାସ୍ତା ପାଚେରି ଥାଇ ପ୍ଲଟ୍ ବିକ୍ରିହେବ। 9827119799. D-71955

**Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact 9937059891.** D-23189

Gharabari land 1707sqft. near AIIMS Hospital, Police Academy back side Bhubaneswar @2500/- per sqft. for sale. Contact: 9438376959. D-71478

**Plot for sale gharabari 30ft. road 4km. from NH Retang road near Polytechnic College. 9777345831.** D-71020

Agriculture land for sale at near Bhanjanagar (Ganjam District) 124 acres (single patch) state highway touch, Single Owner. Contact: 8200382419, 7990065093. D-71958

**Gharabari Plot for Sale near Pahala, Bhingarpur, Kesura (Bankual, Contact: 8144128238, 6371268258.** D-71957

3BHK flat 1850sqft. near Bishnu Temple Sahid Nagar, Bhubaneswar for sale. Contact: 7205747191(M), 9938028272, buyers only. D-73302

**Ready to move 2BHK flat sale in Kalinga Vihar near DN Regallia, Price- 45lakhs, Owner- 7992736330, 9438331183.** D-73210

**Residential gharabari plot near English Medium School Brahmanjharilo with boundarywall, 7k.m. from Nakhara, Cuttack, 12k.m. to Bhubaneswar, no Bank Loan, registration at 50% cost, balance 5years installment, no interest. 7809525452.** D-71871

**Ready 4BHK Duplex Unit at Balianta. Land-1400 and Construction-2200 @ 8500000. 8984071303.** D-23380

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ପିପିଲି ମେଡିକାଲଠାରୁ ପୁରୀ ଯିବା ରାସ୍ତାରେ BSNL/ Fire Office ନିକଟବର୍ତ୍ତୀ ଘରବାରି boundary, road, electricpoll ସହିତ ପିଚୁ ରାସ୍ତାକୁ ଲାଗି ପ୍ଲଟ୍ ମିଳୁଛି। 9438122777, 9556622939.** D-71799

ଭୁବନେଶ୍ୱର ଜଟଣୀଗେଟ୍ ନିକଟରେ sqft.-300/- ଏବଂ ତ୍ରିନାଥବଜାର ନିକଟରେ sqft.-240/- (outright). 9776974912. D-23286

**1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact 9937059891.** D-23190

**5000sqft. (50ft. X100ft.) fully commercial developed 100% litigation free Gharabari, Yellowzone, Single Patta Owner plot for sale with 25ft. wide road at Dhauli Square just 3rd plot from Dhauli-Uttara NH. Price- Rs. 1,50,00,000/-. Contact: direct Owner- 9040026465 (BABU BABU).** D-23306




3BHK independent duplex (Ground) 2Toilet, Pujaghar, Samantarapur, Bhubaneswar for Family/ Executive/ Office. Mobile: 7682848145. D-23371

2BHK for rent Rs.- 7000 per month 118- Ratnakarbag-1. 9902406161. D-23374




Ashirvaad Saloon and SPA get good massage for your health tha best therapy. 7077181074. D-71874

**Relax, Refresh your body, Mind at Saikrupa Spa with best therapies. 8984068077.** D-23343

Newly opening SPA positively health benefits with expert therapist. 8917332216. D-71953

All types body massage with hiprofile smart lady room service available. 8917243035. D-71341

Refreshing your mind and body with the best therapy, 7873794731. D-23292

Newly open full body massage ladies and gents. 8327740003. D-71875

All types body massage with hiprofile smart lady room service available. 9142145769. D-71337




Channel Partner for FMCG Products, Monthly income upto 130000/-, +919938710216, info@highqmart.com. D-23397

ଅଗରବତି ମେସିନ୍ ବସାଇ ଆମ ମାଧ୍ୟମରେ ଦିନକୁ ୧୦୦୦-୧୫୦୦ ରୋଜଗାର କରନ୍ତୁ। 8114845472. D-71479

**AFFIDAVIT**

I, Madhusmita Minz, W/o Debanjan Thakur, resident of S-124, Maitri Vihar, Phase-1, Bhubaneswar-751023 have changed my name to "MADHUSMITA MINZ THAKUR" vide affidavit sworn on 07/03/2022. D-23395

I Pinki Jain, D/o- Late Ramakishan Jain and W/o- Ajay Kumar Goyal, currently residing at main road, PO.- Semiliguda, PS.- Semiliguda, Pin-764036, Dist.- Koraput (Odisha) do hereby declare that I have changed my name from Pinki Jain to Pinki Goyal, consequent to my marriage to Ajay Kumar Goyal. I have obtained my PAN & Aadhaar Card in the name of Pinki Goyal. I have taken an oath on above mentioned particulars before the Notary Public, Sunabeda in form of an affidavit dated 21.02.2022. D-23393

**ପ୍ରଥମ ପୃଷ୍ଠାରୁ...**

## ଗାଡ଼ି ମଡ଼ାଇଲେ ...

ଶତାଧିକ ଭାଜପା କର୍ମୀ ଉପସ୍ଥିତ ଥିଲେ। ଆଇନ ଶୃଙ୍ଖଳା ଦୃଷ୍ଟିରୁ ପୋଲିସ ମୁତୟନ ହୋଇଥିଲେ। ପୂର୍ବାହ୍ନ ସାଢେ ୧୦ଟାରେ ବିଧାୟକ ଜଗଦେବ ନିଜେ କାର ଚଳାଇ ବ୍ଲକ କାର୍ଯ୍ୟାଳୟକୁ ଯାଉଥିଲେ। ପ୍ରବଳ ଭିଡ ଥିବାରୁ ପୋଲିସ ତାଙ୍କୁ ପ୍ରଥମେ ଅଟକାଇଥିଲା। ହେଲେ ସେ ନ ମାନି ଗାଡ଼ିକୁ ଜବରଦସ୍ତ ଭିଡ଼ ଭିତରକୁ ନେଇଥିଲେ। ଭିଡ ଭିତରେ ବିଧାୟକଙ୍କ ଗାଡ଼ି ପଶିବାରୁ ସେଠାରେ ଲୋକମାନେ ବିରୋଧ କରିଥିଲେ। ଏଥିରେ ବିଧାୟକ ରାଗିଯାଇ କାର୍ ଆଗରେ ଠିଆ ହୋଇଥିବା ପୋଲିସ ଓ ଲୋକଙ୍କ ଉପରେ ଗାଡ଼ି ଚଢ଼ାଇ ଦେଇଥିଲେ ଏବଂ ଶେଷରେ ଏକ ଗଛରେ ଗାଡ଼ିକୁ ପିଟି ଦେଇଥିଲେ। ଏଥିରେ ଲୋକମାନେ ରାଗିଯାଇ ବିଧାୟକଙ୍କ ଗାଡ଼ିକୁ ଭଙ୍ଗାରୁଜା କରିବା ସହ ତାଙ୍କୁ ଭିତରୁ ଟାଣି ଆଣି ନିସ୍ତୁକ ମାଡ଼ ମାରିଥିଲେ। ଭାଜପା କର୍ମୀଙ୍କ ଅଭିଯୋଗ ଅନୁଯାୟୀ ବିଧାୟକ ମଦ ପିଇ ହୋସରେ ନ ଥିଲେ। ମାତାଲ ଅବସ୍ଥାରେ ଲୋକଙ୍କ ଉପରେ ଗାଡି ମଡ଼ାଇଦେଲେ। ଗାଡି ମଡାଇ ଦେବାରୁ ଲୋକେ ଉତକ୍ଷିପ୍ତ ହୋଇ ବିଧାୟକଙ୍କୁ ଆକ୍ରମଣ କରିଥିଲେ। ଅନ୍ୟଜଣେ କର୍ମୀ କୁହନ୍ତି ଜଗଦେବ ଗାଡି ଚଢାଇ ଦେବାରୁ, ଏକାଧିକ ପୋଲିସ କର୍ମୀ ଗୁରୁତର ଆହତ ହୋଇଛନ୍ତି। ତଥାପି ଜଗଦେବଙ୍କୁ ପୋଲିସ ସୁରକ୍ଷା ଦେଇ ଭୁବନେଶ୍ୱର ପଠାଇଦେଲା। ପୋଲିସ କାହିଁକି ଏତେ ଦରଦ ବିଧାୟକଙ୍କୁ ଦେଖାଉଛି ବୋଲି ପ୍ରତ୍ୟକ୍ଷଦର୍ଶୀ ପ୍ରଶ୍ନ କରିଛନ୍ତି। ଏସ୍‌ପି ଅଲେଖ ଚନ୍ଦ୍ର ପହି କୁହନ୍ତି, ଗଣ୍ଡଗୋଳ ନେଇ କୌଣସି ପୂର୍ବ ସୂଚନା ନ ଥିଲା। ତଥାପି ଅଘଟଣ ଆଶଙ୍କାରେ ପର୍ଯ୍ୟାପ୍ତ ମାତ୍ରାରେ ପୋଲିସ ମୁତୟନ କରାଯାଇଥିଲା। ଜଣେ ଅତିରିକ୍ତ ଏସପି, ଡିଏସ୍‌ପିଙ୍କ ତତ୍ତ୍ୱାବଧାନରେ ୨ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା। ଭିଡ ନିୟନ୍ତ୍ରଣ ଦୃଷ୍ଟିରୁ ବିଧାୟକଙ୍କୁ ଅଟକାଯାଇଥିଲା। ହେଲେ ସେ ଏହାକୁ ନ ମାନି ଲୋକଙ୍କ ଉପରେ ଗାଡ଼ି ମଡ଼ାଇଥିଲେ। ଆହତମାନଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଗୁରୁତରଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖାଯାଇଛି ବୋଲି ପହି କହିଛନ୍ତି।

## ରବିବାର ଖୋଲିବ...

କରୋନା ସ୍ଥିତି ପ୍ରାୟ ନିୟନ୍ତ୍ରଣ ହେବା ପରେ ଏଭଳି କଟକଣାକୁ ଉଠାଇ ଦିଆଯାଇଛି। ଅପରପକ୍ଷେ ଶ୍ରଦ୍ଧାଳୁମାନେ ସକାଳ ୬ରୁ ରାତ୍ର ୯ ମଧ୍ୟରେ ଶ୍ରୀମନ୍ଦିର ପ୍ରବେଶ କରି ମହାପ୍ରଭୁଙ୍କ ଦର୍ଶନ କରୁଥିଲେ। ମାତ୍ର ଆସନ୍ତା ୨୦ ତାରିଖଠାରୁ ନୀତି ଅନୁଯାୟୀ ଦର୍ଶନ ହେବ। ମହାପ୍ରଭୁଙ୍କ ନୀତି ଶେଷ ନ ହେବା ପର୍ଯ୍ୟନ୍ତ ବିଳମ୍ବିତ ରାତ୍ର ଯାଏ ମଧ୍ୟ ଦର୍ଶନ ହୋଇପାରିବ। ଦୁଆରଫିଟାଠାରୁ ରାତ୍ରପହୁଡ଼ ପର୍ଯ୍ୟନ୍ତ ଦର୍ଶନ ମିଳିବ। ସେହିଭଳି ଶ୍ରଦ୍ଧାଳୁମାନେ ଯେପରି କୌଣସି ସ୍ଥାନରେ ମାତ୍ରାଧିକ ଗହଳି ନ କରିବେ ସେନେଇ ପ୍ରଶାସନ ଧ୍ୟାନ ଦେବେ। ମାତ୍ରାଧିକ ଗହଳି ହେଲେ ପର୍ଯ୍ୟାୟକ୍ରମେ ଦର୍ଶନ ପାଇଁ ଛଡ଼ାଯିବ। ତେବେ ଶ୍ରୀମନ୍ଦିର ସାନିଟାଇଜେଶନ୍ ବନ୍ଦ ହେବ ନାହିଁ। ରାତି ସମୟରେ ସାନିଟାଇଜ କରାଯିବ। କୋଭିଡ୍ ସଂକ୍ରମଣର ଆଶଙ୍କା ସମ୍ପୂର୍ଣ୍ଣ ରୂପେ ହଟି ନ ଥିବା ହେତୁ ଶ୍ରଦ୍ଧାଳୁ, ସେବାୟତ ଓ କର୍ମଚାରୀମାନେ ମାସ୍କ ପରିଧାନ, ସାନିଟାଇଜ ବ୍ୟବହାର ଓ ସାମାଜିକ ଦୂରତା ରକ୍ଷା ଭଳି କଟକଣାକୁ ରକ୍ଷା କରିବେ। ଚାରିଦୁଆର ଦର୍ଶନ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଛି ମାତ୍ର ବର୍ତ୍ତମାନ ଏ ନେଇ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇପାରି ନାହିଁ। ପୂର୍ବ ଭଳି ଶ୍ରଦ୍ଧାଳୁମାନେ ସିଂହଦ୍ୱାର, ପୁରୀ ବାସିନ୍ଦା ପଶ୍ଚିମ ଦ୍ୱାର ଦେଇ ପ୍ରବେଶ କରିବେ ଓ ଉତ୍ତରଦ୍ୱାର ଦେଇ ପ୍ରସ୍ଥାନ କରିବେ। ଅନ୍ୟପକ୍ଷରେ ଖରାର ପ୍ରଭାବ କ୍ରମାଗତ ଭାବେ ବଢୁଥିବା ହେତୁ ଶ୍ରୀମନ୍ଦିର ପ୍ରଶାସନ ଜଳଛତ୍ର ଓ ଛାଇର ବ୍ୟବସ୍ଥା ସହ ଜଳସିଞ୍ଚନର ବ୍ୟବସ୍ଥା କରାଯିବ। ତେବେ ଶ୍ରଦ୍ଧାଳୁମାନେ ଘଣ୍ଟା ଘଣ୍ଟା ଧରି ଲାଇନରେ ଠିଆ ହୋଇ ରହୁଛନ୍ତି। ରବିବାର ଶ୍ରୀମନ୍ଦିର ଖୋଲିବା ଫଳରେ ଏହି ଗହଳି ଅନେକମାତ୍ରାରେ କମିଯିବ ବୋଲି ଜିଲାପାଳ ସମର୍ଥ ବର୍ମା କହିଛନ୍ତି। ସେହିଭଳି ନୀତି ସବ୍‌କମିଟି ବୈଠକ ମଧ୍ୟ ଅନୁଷ୍ଠିତ ହୋଇଥିଲା। ବୈଠକରେ ସର୍ବସମ୍ମତି କ୍ରମେ ଦୋଳପୂର୍ଣ୍ଣିମା ପାଇଁ ଶ୍ରୀମନ୍ଦିରର ନୀତି ନିର୍ଘଣ୍ଟ ନିର୍ଦ୍ଧାରଣ ହୋଇଛି। ଅନ୍ୟପଟେ ଚାରିଦୁଆର ଦର୍ଶନ ଅନୁମତିକୁ ପ୍ରଶାସନ ଏପର୍ଯ୍ୟନ୍ତ ଅଣଦେଖା କରିଆସୁଛି। ଲମ୍ବା ଲାଇନ୍‌ରେ ଦର୍ଶନ ପାଇଁ ଯିବାରେ ଶ୍ରଦ୍ଧାଳୁମାନେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସବୁଠାରୁ ବଡ଼ କଥା ଧାର୍ମିକ ଦୃଷ୍ଟିକୋଣରୁ ଚାରି ଦ୍ୱାର ସ୍ୱତନ୍ତ୍ର ମହତ୍ତ୍ୱ ରହିଛି। ଧର୍ମ, ମୋକ୍ଷ, କାମ ଓ ଧନ ମଧ୍ୟରୁ ଶ୍ରଦ୍ଧାଳୁମାନେ ନିଜ ମନମୁତାବକ ଦ୍ୱାର ଦେଇ ପ୍ରବେଶ କରିବାକୁ ଚାହୁଁଥିଲେ ମଧ୍ୟ ପ୍ରଶାସନ ସେହି ସୁଯୋଗ ଦେଉନାହିଁ ବୋଲି କହିଛନ୍ତି ଶ୍ରୀଜଗନ୍ନାଥ ଭକ୍ତ ପରିଷଦର ଆବାହକ ସୂର୍ଯ୍ୟନାରାୟଣ ରଥ। ଏହି ବୈଠକରେ ଏସ୍‌ପି କେ. ବିଶାଲ ସିଂ, ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା, ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ, ଛତିଶା ନିଯୋଗର ସଦସ୍ୟ ଓ ପରିଚାଳନା କମିଟିର ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

## ଭାଇରାଲ ହେଲା ...

ଫଟୋ ଅପ୍‌ଲୋଡ୍ କରାଯାଇଛି। ଏଥିରେ ସେ ଏକ ଅକ୍ସିଜେନ୍ ମାସ୍କ ସହ ମୁଖା ପିନ୍ଧିଛନ୍ତି। 'ଘୋଷ୍ଟ ଅଫ୍ କିଭ୍ ରୁଷୀୟ ଖଳନାୟକଙ୍କ ଆତ୍ମାକୁ ନେବାକୁ ଆସିଛି' ବୋଲି ଉକ୍ତ ପୋଷ୍ଟରେ ଲେଖାଯାଇଛି। ତେବେ ସେହି ପାଇଲଟ୍‌ଙ୍କ ବାବଦରେ ବିସ୍ତୃତ ତଥ୍ୟ ଦିଆଯାଇନାହିଁ। ଗତ ଫେବୃୟାରୀ ୨୪ରେ ରୁଷିଆ ଆକ୍ରମଣ କରିବାର ୩୦ ଘଣ୍ଟା ମଧ୍ୟରେ ପାଇଲଟ ଜଣକ ୨ଟି ସୁଖୋଇ ଏସ୍‌ୟୁ-୩୫, ୨ଟି ଏସ୍‌ୟୁ-୨୫, ଗୋଟିଏ ଏସ୍‌ୟୁ-୨୭ ଏବଂ ଏକ ମିଗ୍-୨୯କୁ ଟାର୍ଗେଟ କରି ଖସାଇଦେଇଥିବା ୟୁକ୍ରେନ୍ ପକ୍ଷରୁ ଦାବି ହୋଇଥିଲା। ରୁଷିଆ ସହ ଲଢ଼ିବା ପାଇଁ ବହୁ ସଂଖ୍ୟାରେ ତାଲିମ୍‌ପ୍ରାପ୍ତ ପାଇଲଟ୍ ଯୁଦ୍ଧରେ ସାମିଲ ହୋଇଥିବା ୟୁକ୍ରେନ୍ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ତେବେ ୟୁକ୍ରେନ୍ ସରକାରୀ ଭାବେ 'ଘୋଷ୍ଟ ଅଫ୍ କିଭ୍' ବାବଦରେ ତଥ୍ୟ ପ୍ରଦାନ କରିନାହିଁ। ଆକ୍ରମଣର ପ୍ରଥମ ଦିନରୁ ଘୋଷ୍ଟ ଅଫ୍ କିଭ୍ ଚର୍ଚ୍ଚାକୁ ଆସିଥିଲେ ହେଁ ଏବେ ସେନାର ପୋଷ୍ଟ ଏହାକୁ ଅଧିକ ଭାଇରାଲ କରିଛି। ପୂର୍ବରୁ ଏହି ଏୟାର ଆଭେଞ୍ଜରଙ୍କ ଏକ ଭିଡିଓ ଟୁଇଟରରେ ଦେଖିବାକୁ ମିଳିଥିଲା। ଏଥିରେ ଏକ ଯୁଦ୍ଧବିମାନ ଅନ୍ୟ ଏକ ବିମାନ ସହ ଲଢ଼େଇ କରି ନଷ୍ଟ କରିଦେଉଥିବା ଦେଖାଯାଇଥିଲା। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରଠାରୁ କୌଣସି ଜଣେ ପାଇଲଟ୍‌ଙ୍କୁ ଏପରି ଆଖ୍ୟା ଦିଆଯିବା ପ୍ରଥମ ବୋଲି କୁହାଯାଉଛି। ଫେବୃୟାରୀ ୨୬ରେ ଜଣେ ୟୁକ୍ରେନ୍ ସୈନ୍ୟ ସମାନ ଢଙ୍ଗରେ ୨୦ରୁ ଊର୍ଦ୍ଧ୍ୱ ରୁଷୀୟ ସୈନ୍ୟଙ୍କୁ ହତ୍ୟା କରି ଚର୍ଚ୍ଚାକୁ ଆସିଥିଲେ।

## ବିଜେଡି ହାତରେ ୨୭୮, ...

ସୁନ୍ଦରଗଡ଼ରେ ୩ଟି ବ୍ଲକ ଅଧ୍ୟକ୍ଷ ପଦବୀ ହାସଲ କରିଛି। ସେହିପରି କଂଗ୍ରେସ ବାଲେଶ୍ୱର ଜିଲାରେ ଗୋଟିଏ ବ୍ଲକ ଅଧ୍ୟକ୍ଷ ପଦବୀ ହାସଲ କରିଥିବା ବେଳେ ବଲାଙ୍ଗୀର ୩, ଖୋର୍ଦ୍ଧା ୧, କୋରାପୁଟ ୨, ନୂଆପଡ଼ା ୩ ଏବଂ ପୁରୀ ଜିଲାର ୨ଟି ବ୍ଲକ ଅଧ୍ୟକ୍ଷ ପଦବୀ ହାସଲ କରିଛି। ତେବେ ଭାଜପା ୧୭ଟି ଜିଲାରେ ଖାତା ଖୋଲିପାରି ନ ଥିବା ବେଳେ କଂଗ୍ରେସର ୨୨ଟି ଜିଲାରେ ମଧ୍ୟ ସମାନ ଅବସ୍ଥା ହୋଇଛି। ତେବେ ଏ ନେଇ ରାଜ୍ୟ ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟ ପକ୍ଷରୁ କୌଣସି ସୂଚନା ଦିଆଯାଇ ନାହିଁ।

ବ୍ଲକ ଅଧ୍ୟକ୍ଷ ନିର୍ବାଚନକୁ କଡ଼ା ସୁରକ୍ଷା ମଧ୍ୟରେ କରିବାକୁ ରାଜ୍ୟ ମୁଖ୍ୟ ନିର୍ବାଚନ କମିଶନର ପୋଲିସ ମହାନିର୍ଦ୍ଦେଶକ ଏବଂ ଏସ୍‌ପିଙ୍କ ସହ ବୈଠକ କରିଥିଲେ। ଏହାସତ୍ତ୍ୱେ ପୋଲିସ ଉପସ୍ଥିତିରେ ବାଣପୁର ସମେତ କେତେକ ସ୍ଥାନରେ ଗଣ୍ଡଗୋଳ ହୋଇଥିବା ଜଣାପଡ଼ିଛି। ଏପରିକି ପଞ୍ଚାୟତ ସମିତି ସଦସ୍ୟଙ୍କୁ କେତେକ ସ୍ଥାନରେ ଗାଏବ କରାଯାଇଥିବା ଅଭିଯୋଗ ମଧ୍ୟ ହୋଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**



ଆଜି କର୍ମକ୍ଷେତ୍ରରେ ଅପ୍ରୀତିକର ପରିସ୍ଥିତିର ସାମ୍ନା କରିବାକୁ ପଡ଼ିପାରେ। ସମ୍ପର୍କୀୟମାନେ ପଛରେ ବିଭିନ୍ନ କଥା କହୁଥିବାର ଶୁଣିବାକୁ ପାଇବେ। ପାରିବାରିକ କ୍ଷେତ୍ରରେ ଅବସ୍ଥା ଦେଖି ବ୍ୟବସ୍ଥା ନ କଲେ ଅନୁତାପ କରିବାକୁ ପଡ଼ିବ। କର୍ମକ୍ଷେତ୍ରରୁ ଫେରିବା ରାସ୍ତାରେ ମିତ୍ରତା ସ୍ଥାପନ କରିବାର ସୁଯୋଗ ପାଇବେ।

**ବୃଷ**



ପ୍ରତ୍ୟେକ କାର୍ଯ୍ୟକୁ ସୁବିଧାରେ ସମ୍ପନ୍ନ କ୍ଷେତ୍ରରେ ପ୍ରତିକୂଳ ବାତାବରଣକୁ ସାମ୍ନା କରିବାକୁ ପଡ଼ିବ। କାର୍ଯ୍ୟବ୍ୟସ୍ତତା ଯୋଗୁ କେତେକ କାମ ଠିକ୍ ସମୟରେ କରିପାରିବେ ନାହିଁ। ଆନୁଷ୍ଠାନିକ କାମରେ ଯାଇ ଜଣେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିପାରନ୍ତି। ଘରୋଇ କ୍ଷେତ୍ରରେ ଅଭାବ ନ ଥାଇ ମଧ୍ୟ ମନଟା ଭଲ ଲାଗିବ ନାହିଁ।

**ମିଥୁନ**



କୌଣସି ବ୍ୟକ୍ତିଙ୍କୁ ଅପ୍ରିୟ ସତ୍ୟ କହିବାରୁ ତିକ୍ତତା ସୃଷ୍ଟି ହୋଇପାରେ। ନୂତନ କର୍ମାରମ୍ଭ ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇ କାମ ହାସଲ କରିବେ। ରାଜନୀତି, ସଙ୍ଗଠନ, ସଭାସମିତି ଓ ଆନୁଷ୍ଠାନିକ କ୍ଷେତ୍ରରେ ନୂତନ କାମ ଆରମ୍ଭ କରି ପ୍ରଶଂସିତ ହେବେ। ସ୍ତ୍ରୀଙ୍କ ସୌହାର୍ଦ୍ଦ୍ୟରୁ ପାରିବାରିକ ଜୀବନ ସୁଖ ସନ୍ତୋଷରେ କଟିବ।

**କର୍କଟ**



ଆକସ୍ମିକ ଜଣେ ପ୍ରତିଷ୍ଠାବାନ୍ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରି ଆତ୍ମବିଭୋର ହୋଇପାରନ୍ତି। ମାଲିମକଦ୍ଦମାରେ ଜୟଲାଭ କରିବାର ଆଶା କ୍ରମଶଃ ବୃଦ୍ଧି ପାଇପାରେ। ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ବିଦ୍ରୋହ ଓ ଅଶାନ୍ତି ବଢ଼ିବ। କ୍ରୀଡ଼ା, ସଙ୍ଗୀତ ଓ ଚଳଚ୍ଚିତ୍ର ତଥା ପ୍ରତିଯୋଗିତାରେ ସଫଳତା ଅର୍ଜନ କରିବେ।

**ସିଂହ**



ପାରିବାରିକ ଋଣ ଭାରରେ ଅତିଷ୍ଠ ହେବେ, କିନ୍ତୁ ପରିଶୋଧ କରିବାର ରାସ୍ତା ଖୋଜି ପାଇ ପାରିବେ ନାହିଁ। କ୍ରୀଡ଼ା, କଳା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ସୁନାମ ଅର୍ଜନ କରିବେ। କର୍ମକ୍ଷେତ୍ରରେ ପରିବାରବର୍ଗଙ୍କ ସହାୟତା ପାଇବେ ଓ ଆନନ୍ଦ ମନରେ କାମ କରିବେ। ଶତ୍ରୁତା କରୁଥିବା ବ୍ୟକ୍ତିମାନଙ୍କ ପ୍ରତି ଦୂରତ୍ୱ ବଜାୟ ରଖି ଚଳିବା ଭଲ ହେବ।

**କନ୍ୟା**



ଦୀର୍ଘ ଦିନରୁ ଶତ୍ରୁତା କରୁଥିବା ଲୋକଟି ମନକୁ ବାଧିଲା ଭଳି କଥା କହିପାରେ। ବ୍ୟବସାୟ କ୍ଷେତ୍ରରେ ଅଧିକ କିଛି ଆଶା ମନରେ ଦୁଃଖ ଦେଇପାରେ। ଆଳସ୍ୟ ଯୋଗୁ ବନ୍ଧୁମହଲରେ ଅପମାନିତ ହୋଇପାରନ୍ତି। କୌଣସି ବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି।

**ତୁଳା**



ଗତ କେତେ ଦିନ ହେଲା ପ୍ରତିଶ୍ରୁତି ଦେଇଥିବା କୌଣସି ବନ୍ଧୁଙ୍କୁ ହଁ କରିପାରିବେନି କିମ୍ବା ନାହିଁ ମଧ୍ୟ କରିପାରିବେନି। ଶତ୍ରୁଠାରୁ ଦୂରତା ରଖି କାମ କରିବା ଭଲ। ନିଜର କାମଗୁଡ଼ିକୁ ସମ୍ପନ୍ନ କରିବାରେ ବ୍ୟସ୍ତତା ବଢ଼ିଯାଇପାରେ। ସହକର୍ମୀଙ୍କ ସହ ବିବାଦ ବୃଦ୍ଧି ହେବ, ମାତ୍ର ଆପଣଙ୍କୁ ଅନ୍ୟମାନେ ସାହାଯ୍ୟ କରିବେ।

**ବିଛା**



ଯେଉଁ କାମଟି ଦୀର୍ଘଦିନ ହେଲା ହୋଇ ପାରିନଥିଲା ଆଜି ତାହା ହୋଇଯିବ। ଯେତେ ଅର୍ଥ ପାଇଲେ ମଧ୍ୟ ଆହୁରି ଅଧିକ ଆଶା କରିବେ। ବ୍ୟବସାୟ, ବାଣିଜ୍ୟରେ ପ୍ରତିବନ୍ଧକ ଦୂରେଇବା ପାଇଁ ପ୍ରୟତ୍ନ କରିବେ ଓ ସଫଳ ମଧ୍ୟ ହେବେ। ନିଜ ପରିବାରର ସଦସ୍ୟମାନଙ୍କ ତରଫରୁ ସମସ୍ୟା ଆସିପାରେ।

**ଧନୁ**



କୌଣସି ପରିଚିତ ବ୍ୟକ୍ତିଙ୍କ କାର୍ଯ୍ୟକଳାପ ଆପଣଙ୍କ କର୍ମକ୍ଷେତ୍ରକୁ ବିଶୃଙ୍ଖଳିତ କରିପାରେ। ପରୀକ୍ଷାରେ ପିଲାଙ୍କ ସଫଳତାରେ ଆନନ୍ଦ ଅନୁଭବ କରିବେ। ବାଟରେ ଯିବା ସମୟରେ ଯାନ୍ତ୍ରିକ ତ୍ରୁଟି ଅସୁବିଧାରେ ପକାଇପାରେ। କୌଣସି ଅସୁବିଧା ନ ହେଲେ ମଧ୍ୟ ଏଣୁତେଣୁ ଗୁଡ଼ାଏ କଥା ଆଶଙ୍କା କରି ମନ ଅସ୍ଥିର ରହିବ।

**ମକର**



ଶାରୀରିକ ଅସୁସ୍ଥତା ଦୂରେଇବା ହେତୁ ମାନସିକ ଆଶ୍ୱସ୍ତି ଲାଭ କରିବେ। ହଠାତ୍ କୌଣସି ବିସ୍ମୟ ସୃଷ୍ଟିକାରୀ ଖବର ପାଇ ବିଚଳିତ ବୋଧ କରିବେ। ଉପରିସ୍ଥ ଅଧିକାରୀମାନେ କାମ ହାସଲ ସକାଶେ ଆପଣଙ୍କ ସହଯୋଗ ଲୋଡ଼ିପାରନ୍ତି। ଶତ୍ରୁମାନେ ଈର୍ଷା ପରାୟଣତାର ବଶବର୍ତ୍ତି ହୋଇ ବିଭିନ୍ନ ପ୍ରକାରର ଝାମେଲା ସୃଷ୍ଟି କରିପାରନ୍ତି।

**କୁମ୍ଭ**



ଆଜି ବନ୍ଧୁ ସହ ବିତର୍କ ଓ ସାଧାରଣ କଥାକୁ କେନ୍ଦ୍ରକରି ପାଟିତୁଣ୍ଡ ଲାଗି ରହିବ। ପାରିବାରିକ ସମସ୍ୟା ସମାଧାନ ସକାଶେ ବନ୍ଧୁଙ୍କ ସାହାଯ୍ୟ ଭିକ୍ଷା କରିପାରନ୍ତି। କଳା, କ୍ରୀଡ଼ା, ସଙ୍ଗୀତ ଓ ଚଳଚ୍ଚିତ୍ର ତଥା ରାଜନୀତି ଏବଂ ସାହିତ୍ୟ କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ। ଦେହ ଭଲ ରହିଲେ ମଧ୍ୟ କ୍ରନିକ୍ ରୋଗରେ କଷ୍ଟ ପାଇପାରନ୍ତି।

**ମୀନ**



ଅନ୍ୟ ଦ୍ୱାରା ପ୍ରଭାବିତ ଉଚ୍ଚ ଅଫିସରଙ୍କ ସହ ସମ୍ପର୍କ ହାନି ଦୁଶ୍ଚିନ୍ତାର କାରଣ ହେବ। ପିଲାଙ୍କ ସ୍ୱାସ୍ଥ୍ୟହାନି ସକାଶେ ମନ ଅସ୍ଥିର ରହିବ ଓ ମାନସିକ ବ୍ୟଥା ଅନୁଭବ କରିବେ। ପରିବାର ଭିତରେ ଅଯଥା ବ୍ୟସ୍ତତା ପ୍ରକାଶ କରି ସମାଲୋଚିତ ହେବେ। ପରିସ୍ଥିତିବଶତଃ ଧାର, କରଜ କରି ଆବଶ୍ୟକତାକୁ ଚଳାଇ ନେବାକୁ ବାଧ୍ୟ ହେବେ ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୪୫,୬୦,୨୫,୦୭୩ | ୬୦,୬୦,୧୨୬ | ୩୮,୯୭,୬୯,୬୩୦ |
| ଭାରତ | ୪,୨୯,୮୭,୮୭୫ | ୫,୧୫,୮୩୩ | ୪,୨୪,୩୧,୫୧୩ |
| ଓଡ଼ିଶା | ୧୨,୮୬,୫୪୦ | ୯୧୦୮(+୫୩) | ୧୨,୭୬,୫୬୫ |

ଶନିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ଆବଶ୍ୟକତାକୁ ଦେଖି ବ୍ୟବସ୍ଥା

**ଓଡ଼ିଶାର କଳା, ସଂସ୍କୃତି ଓ ହସ୍ତତନ୍ତର ପ୍ରଚାର ପ୍ରସାର ପାଇଁ ସ୍ୱତନ୍ତ୍ର ଉଦ୍ୟମରେ ସହରବାସୀଙ୍କ ଆବଶ୍ୟକତାକୁ ଅନୁଭବ କରି ପ୍ରିୟଦର୍ଶିନୀର ପରିକଳ୍ପନା କରାଯାଇଥିଲା। ୧୯୮୯ରେ ଆରମ୍ଭ ହୋଇଥିବା ଏହି ସଂସ୍ଥା ସ୍ୱଦେଶୀ ଗାର୍ମେଣ୍ଟ ବ୍ୟବସାୟକୁ ଏକ ନୂଆ ଦିଶା ଦେଖାଇଥିବା ଧରିତ୍ରୀକୁ ସାକ୍ଷାତ୍କାର ବେଳେ କହିଛନ୍ତି ପ୍ରିୟଦର୍ଶିନୀ ମ୍ୟାନେଜିଂ ପାର୍ଟନର ଲଲାଟେନ୍ଦୁ ମହାନ୍ତି।**



**ଲଲାଟେନ୍ଦୁ ମହାନ୍ତି**
**ମ୍ୟାନେଜିଂ ପାର୍ଟନର, ପ୍ରିୟଦର୍ଶିନୀ**

**❖ ପ୍ରିୟଦର୍ଶିନୀର ପରିକଳ୍ପନା ଓ ଯାତ୍ରା କିପରି ରହିଛି?**
ପ୍ରିୟଦର୍ଶିନୀର ପରିକଳ୍ପନା ଅନେକ କାରଣରୁ ହୋଇଥିଲା। ହସ୍ତକଳା ପୋଷାକର ପ୍ରଚାର ପ୍ରସାର ସାଙ୍ଗକୁ ବୁଣାକାର ଓ ବିଦେଶୀଗ୍ରାହକଙ୍କଆବଶ୍ୟକତାପୂରଣସହସ୍ଥାନୀୟଲୋକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ଏହାର ଆରମ୍ଭ କରାଯାଇଥିଲା। ଗ୍ରାହକଙ୍କ ଆବଶ୍ୟକତା ଓ ବୁଣାକାରମାନଙ୍କ ସହଯୋଗ ମିଳୁଥିବାରୁ ବ୍ୟବସାୟ ଆଶା ଅନୁରୂପ ରହିଛି। ଆଗକୁ ମଧ୍ୟ ଏହି ଧାରା ଜାରି ରହିବ ବୋଲି ଆମେ ଆଶାବାଦୀ।

**❖ ପ୍ରିୟଦର୍ଶିନୀର ସ୍ୱତନ୍ତ୍ରତା କ'ଣ ରହିଛି, ଗ୍ରାହକ ଏହାର ଉତ୍ପାଦକୁ କାହିଁକି ପସନ୍ଦ କରିଥାନ୍ତି?**
ପ୍ରିୟଦର୍ଶିନୀ ହସ୍ତକଳା ପୋଷାକର ଏକ ବ୍ରାଣ୍ଡ ହୋଇଯାଇଛି। କାରଣ ଏହାର ଉତ୍ପାଦ ଓ ରଙ୍ଗବେରଙ୍ଗର ପୋଷାକ ସବୁ ବର୍ଗର ଗ୍ରାହକଙ୍କ ପ୍ରଥମ ପସନ୍ଦ ପାଲଟିଛି। ଏଠାରେ ସମ୍ବଲପୁର, ବରଗଡ଼, ସୁବର୍ଣ୍ଣପୁର, ନୟାଗଡ଼, କଟକ ଓ କଳାହାଣ୍ଡି ଭଳି ଜିଲାର ସ୍ଥାନୀୟ ଲୋକକଳା ତଥା ସଂସ୍କୃତି ଅନୁଯାୟୀ ହସ୍ତତନ୍ତ ସାମଗ୍ରୀ ଉପଲବ୍ଧ। ଗ୍ରାହକଙ୍କ ଚାହିଦା ପୂରଣ ପାଇଁ ପ୍ରୟାସ ଜାରି ରହିଛି। ଏଭଳି ଅନେକ ବ୍ୟବସ୍ଥା ଓ ଗ୍ରାହକକୈନ୍ଦ୍ରିକ ପରିଚାଳନା ଯୋଗୁ ସଂସ୍ଥା ଉପଭୋକ୍ତାଙ୍କ ପ୍ରିୟ ପୋଷାକର ପ୍ରତିଷ୍ଠାନ ହୋଇପାରିଛି।

**❖ ଆପଣଙ୍କ ଟାର୍ଗେଟ କଷ୍ଟମର କେଉଁମାନେ?**
ପ୍ରିୟଦର୍ଶିନୀ ପ୍ରଥମରୁ ହିଁ ଗ୍ରାହକଙ୍କ ପସନ୍ଦ। କାରଣ ସହରରେ ଯେଉଁ ବ୍ୟବସାୟର ଆବଶ୍ୟକତା ରହିଥିଲା, ପ୍ରିୟଦର୍ଶିନୀରୁ ଗ୍ରାହକମାନେ ତାହା ପାଇଛନ୍ତି। ବିଶେଷକରି ମଧ୍ୟମ ବୟସର ଝିଅ ଓ ବିବାହିତା ମହିଳାମାନେ ଏହାର ପ୍ରମୁଖ ଗ୍ରାହକ। ସେମାନଙ୍କ ଡିମାଣ୍ଡ ଅଧିକ ରହୁଥିଲେ ମଧ୍ୟ ସବୁ ବୟସ ଓ ବର୍ଗଙ୍କର ପସନ୍ଦ ସମ ପରିମାଣରେ ରହିଛି। ଆମେ ଲୋକ ସମ୍ପର୍କ ଓ ଗ୍ରାହକଙ୍କ ଆବଶ୍ୟକତାକୁ ଦେଖି ବ୍ୟବସ୍ଥା କରୁ। ଏଥିଯୋଗୁ ସବୁବର୍ଗର ଉପଭୋକ୍ତା ପ୍ରିୟଦର୍ଶିନୀ ପ୍ରତି ଅଧିକ ଆକର୍ଷିତ ହୋଇଥାଆନ୍ତି। ଗୁଣାତ୍ମକ ସାମଗ୍ରୀ ପ୍ରଦାନ ଓ ବ୍ୟବସାୟ ପ୍ରତି ସାଧୁତା ଅବଲମ୍ବନ ଉପରେ ଆମେ ଗୁରୁତ୍ୱ ଦେଉ।

**❖ ବ୍ୟବସାୟ ସମ୍ପ୍ରସାରଣ ଦିଗରେ କ'ଣ ସବୁ ଯୋଜନା ରହିଛି?**
ଓଡ଼ିଶାର ଦୁଇ ବଡ଼ ପର୍ଯ୍ୟଟନ ସହର ଭୁବନେଶ୍ୱର ଓ ପୁରୀରେ ଏହାର ବ୍ୟବସାୟିକ ପ୍ରତିଷ୍ଠାନ ରହିଛି। କୋଭିଡ୍ ଯୋଗୁ ଅନେକ ସମସ୍ୟା ସୃଷ୍ଟି ହୋଇଥିଲେ ବି ସମାଧାନ ପାଇଁ ପ୍ରୟାସ କରୁଛୁ। ଉତ୍ପାଦନ କ୍ଷମତା ହ୍ରାସ ଯୋଗୁଁ




ବ୍ୟବସାୟ କିଛି ମାତ୍ରାରେ ପ୍ରଭାବିତ ହୋଇଛି। କୋଭିଡ୍ ସ୍ଥିତିକୁ ଧ୍ୟାନଦେଇ ଆଗାମୀ ଯୋଜନା କରାଯାଇଛି। ସବୁ ଠିକ୍ ରହିଲେ ବ୍ୟବସାୟ ସମ୍ପ୍ରସାରଣ କରାଯିବ। ବିଦେଶୀ ପର୍ଯ୍ୟଟକ ଓ ଗ୍ରାହକଙ୍କୁ ରାଜ୍ୟ ତଥା ଦେଶର କିଛି ପ୍ରମୁଖ ସ୍ଥାନ ଓ କାର୍ଯ୍ୟକ୍ରମରେ ସାମିଲ କରିବାକୁ ଯୋଜନା ରହିଛି।

**❖ ବ୍ୟବସାୟ ଉପରେ କୋଭିଡ୍‌ର ପ୍ରଭାବ କିଭଳି ରହିଛି?**
ହସ୍ତତନ୍ତ ପୋଷାକର ଡିମାଣ୍ଡ ରହିଛି। ହେଲେ ଆଗରୁ ଏହାର ବ୍ୟବସାୟ ଯେଭଳି ରହିଥିଲା, କୋଭିଡ ମଧ୍ୟରେ ଏହି ବ୍ୟବସାୟ ପ୍ରାୟ ୧୫% ହ୍ରାସ ପାଇଛି। ବିଶେଷକରି ୨ ବର୍ଷ ହେଲା କୋଭିଡ୍ କଟକଣା ଯୋଗୁ ବିଦେଶୀ ପର୍ଯ୍ୟଟକ ଆସିଲେ ନାହିଁ। ଏହାର ପ୍ରଭାବ ବଜାର ଓ ବ୍ୟବସାୟ ଉପରେ ପଡ଼ିଛି। ହସ୍ତତନ୍ତ ପୋଷାକ ପ୍ରସ୍ତୁତ କରୁଥିବା ବୁଣାକାର ବିଭିନ୍ନ ସମସ୍ୟା ଦେଇ ଗତି କରୁଥିବାରୁ ଉତ୍ପାଦନ କ୍ଷମତା ମଧ୍ୟ ହ୍ରାସ ପାଇଥିଲା।

**❖ ଅବସର ସମୟରେ କ'ଣ କରିବାକୁ ଭଲ ପାଆନ୍ତି?**
ଭୁବନେଶ୍ୱର ପିଲା ହୋଇଥିବାରୁ ସ୍ଥାନୀୟ ଲୋକଙ୍କ ସହ ସୁସମ୍ପର୍କ ରହିଛି। ବ୍ୟବସାୟ କ୍ଷେତ୍ରରେ ମଧ୍ୟ ଅନେକ ବନ୍ଧୁ ଓ ସହଯୋଗୀ ଅଛନ୍ତି। ବ୍ୟବସାୟରେ ବ୍ୟସ୍ତଥିବାରୁ କମ୍ ଅବସର ସମୟ ମିଳିଥାଏ। ତେବେ ସାମାଜିକ ସଂଗଠନ, ପରିବାର ଓ ବନ୍ଧୁଙ୍କ ସହ ସମୟ ବିତାଇବାକୁ ଭଲ ଲାଗେ। ପରିବାର ଲୋକଙ୍କ ସହ ଅଧିକ ସମୟ ଦେବା ପାଇଁ ଚେଷ୍ଟା କରିଥାଏ। ମଝିରେ ମଝିରେ ବାହାରକୁ ଯିବାକୁ ପଡ଼ିଥାଏ।

**❖ ହସ୍ତତନ୍ତ ବସ୍ତ୍ରର ବିକାଶ ପାଇଁ ସରକାର କି ପଦକ୍ଷେପ ନେବା ଉଚିତ ?**
ଓଡ଼ିଶାର ବିଭିନ୍ନ ଜିଲାରେ ଭିନ୍ନ ଭିନ୍ନ ପ୍ରକାର ହସ୍ତତନ୍ତ ପୋଷାକର ଉତ୍ପାଦନ ହେଉଛି। ସରକାର ସେସବୁର ପ୍ରଚାର ପ୍ରସାର ପାଇଁ ଆବଶ୍ୟକ ପଦକ୍ଷେପ ନେବା ଉଚିତ। କିଛି ନୂତନ ଭିତ୍ତିଭୂମିର ବିକାଶ ସହ ସ୍ଥାନୀୟ ପ୍ରଶାସନ ଓ ବୁଣାକାରଙ୍କ ମଧ୍ୟରେ ସମନ୍ୱୟ ରହିବା ଦରକାର। ଅତ୍ୟାଧୁନିକ ଯନ୍ତ୍ରପାତି ଏବଂ ସୁବିଧା ଆଦି ବୁଣାକାରଙ୍କୁ ଯୋଗାଇ ଦିଆଯିବା ଆବଶ୍ୟକ। ସରକାରଙ୍କୁ ଏ ଦିଗରେ ଦୃଷ୍ଟି ଦେବାକୁ ହେବ। ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ପ୍ରଦର୍ଶନୀରେ ସାମଗ୍ରୀ ପ୍ରଦର୍ଶନ ଲାଗି ପ୍ରୋତ୍ସାହନ ଲୋଡ଼ା।

## ଫେରାର ଅଭିଯୁକ୍ତ ଗିରଫ

**ପଦ୍ମପୁର,୧୨।୩(ଡି.ଏନ.ଏ):** ଗତ ୨୦୧୫ ମସିହାରୁ ଫେରାର ଥିବା ଜଣେ ଅଭିଯୁକ୍ତଙ୍କୁ ଶନିବାର ପଦ୍ମପୁର ଥାନା ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ବିଶିପାଲିର ସଦାନନ୍ଦ ବରିହା। ତାଙ୍କ ବିରୋଧରେ ଜାମିନ ବିହୀନ ଗିରଫ ପରୱାନା ଜାରି ହୋଇଥିଲା। ଶନିବାର ଗିରଫ ହେବା ପରେ ତାଙ୍କୁ ପଦ୍ମପୁର କୋର୍ଟକୁ ଚାଲାଣ କରାଯାଇଛି ।







## ହୋଟେଲ ଉପରକୁ ବୋମାମାଡ଼

**ଭଦ୍ରକ ଅଫିସ,୧୨।୩:** ଭଦ୍ରକ ଜିଲା ତିହିଡ଼ି ବ୍ଲକର ନିର୍ବାଚିତ ଅଧ୍ୟକ୍ଷ ଘୋଷଣା ପରେ ଶନିବାର ଅପରାହ୍ନରେ ବିଜେଡି ପକ୍ଷରୁ ବିଜୟ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ସମୟରେ ତିହିଡ଼ି ଗାଁ ଛକରେ ଥିବା ଦ୍ୱାରିକା ହୋଟେଲ ଉପରକୁ ବୋମାମାଡ଼ କରାଯାଇଛି। ଏନେଇ ହୋଟେଲ ମାଲିକ ସୀତାକାନ୍ତ ନାୟକ ୩ଜଣଙ୍କ ନାଁରେ ତିହିଡ଼ି ଥାନାରେ ଅଭିଯୋଗ କରିଛନ୍ତି। ବୋମାମାଡ଼ରେ କାହାର କିଛି କ୍ଷତି ହୋଇ ନ ଥିଲେ ହେଁ ହୋଟେଲ କାଚ ଭାଙ୍ଗି ଯାଇଥିବା ସେ ଏତଲାରେ ଉଲ୍ଲେଖ କରିଛନ୍ତି। ତିହିଡ଼ି ପୋଲିସ ଘଟଣାର ତଦନ୍ତ କରୁଛି। ତେବେ ବୋମାମାଡ଼ର କାରଣ ସ୍ପଷ୍ଟ ହୋଇ ନ ଥିବାବେଳେ ରିପୋର୍ଟ ଲେଖା ହେବା ସୁଦ୍ଧା ଏନେଇ ଥାନାରେ ମାମଲା ରୁଜୁ ହୋଇନାହିଁ। ସେହିଭଳି ତିହିଡ଼ି ବଜାରରେ ଥିବା ତିହିଡ଼ି ହୋଟେଲ ମାଲିକ ପରେଶ କୁମାର ପାତ୍ରଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଛି। ସେ ଗୁରୁତର ଅବସ୍ଥାରେ ତିହିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ଅଛନ୍ତି। ହୋଟେଲ ପରିସରରେ ମଦ୍ୟପାନ କରିବାକୁ ମନା କରିବାରୁ ତାଙ୍କୁ ଆକ୍ରମଣ କରାଯାଇଥିବା ନେଇ ସେ ଥାନାରେ ଏତଲା ଦେଇଛନ୍ତି। ଏହି ଦୁଇଟି ଘଟଣା ପରେ ତିହିଡ଼ି ପୋଲିସ ବଜାରରେ ପଇଁତରା ମାରୁଛି।






ଭାରତ ହେଉଛି ବିଶ୍ୱର ବିଭିନ୍ନ ରାଷ୍ଟ୍ର-ଜାତିର ଗୁରୁ। ଭାରତ ମଧ୍ୟ ସେମାନଙ୍କର ଆତ୍ମାର ଚିକିତ୍ସକ- ଏବଂ ସେମାନଙ୍କର ଗଭୀର ନୈତିକ ବ୍ୟାଧିଗୁଡିକର ଆରୋଗ୍ୟ କର୍ତ୍ତା। ଏହି ବିଶ୍ୱକୁ ଏକ ନୂତନ ଜୀବନ ପଥରେ ଚାଳିତ କରିବା ପାଇଁ ସେ ବିଧାତାଙ୍କ ଦ୍ୱାରା ଆଦିଷ୍ଟ ହୋଇଛି। ଏଇ ଭାରତ ହିଁ ପୃଥିବୀରେ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା କରିବ। -ଶ୍ରୀଅରବିନ୍ଦ

# ବିଭାଜନ ରାଜନୀତି



ଆକାର ପଟେଲ

ନିର୍ବାଚନ ବିଜୟ ଏକ ରାଜନୈତିକ ଦଳର କାର୍ଯ୍ୟକଳାପକୁ ସିଦ୍ଧ କରେ। ଏହାକୁ ସାମାଜିକ ଓ ସରକାରୀ ଭାବେ ସ୍ୱୀକାର କରାଯାଉଥିଲେ ବି ଦଳ ସେଗୁଡ଼ିକୁ ସତ୍ୟସିଦ୍ଧ ବୋଲି ସ୍ୱୀକାର କରେ ନାହିଁ। କିନ୍ତୁ ତାହାକୁ କେବଳ ତଥ୍ୟ ଆଧାରରେ ହିଁ ସତ୍ୟସିଦ୍ଧ କରାଯାଇପାରେ। ଅସଲ କଥାକୁ ସ୍ୱୀକାର ନ କରି ଜଣେ ଦାବି କରିପାରିବେ ଯେ, ଗୋଟିଏ ଦଳର ଜନକଲ୍ୟାଣକାରୀ କାର୍ଯ୍ୟ, ଶାସକୀୟ କିମ୍ବା ସେବା ଯୋଗାଇଦେବାର ଦକ୍ଷତା ଯୋଗୁ ଭୋଟରମାନେ ତା'ପ୍ରତି ଆକର୍ଷିତ ହେଲେ। ଉତ୍ତରପ୍ରଦେଶ(ୟୁପି) ଓ ଅନ୍ୟ ରାଜ୍ୟ ନିର୍ବାଚନରେ ଭାଜପାର ସଫଳତା ପରିପ୍ରେକ୍ଷୀରେ ଏଭଳି କୁହାଯାଉଛି। ସେଠାରେ ସାମ୍ପ୍ରଦାୟିକତାକୁ ପଛକୁ ରଖି ଭାଜପା ବିକାଶର କଥା କହୁଛି। ଭାଜପା ଜିତିଲେ ସବୁବେଳେ ଏଭଳି କହିଥାଏ ଓ ଆଗକୁ ବି କହିବ। ପ୍ରତ୍ୟକ୍ଷ ଭାବେ ସାମ୍ପ୍ରଦାୟିକତାକୁ ସହ୍ୟ କରୁ ନ ଥିବା ଏକ ବିଶ୍ୱ ଓ ସମ୍ବିଧାନ ମଧ୍ୟରେ କାର୍ଯ୍ୟ କରୁଥିବାରୁ ଭାଜପା ଧର୍ମନିରପେକ୍ଷ ମାନ୍ୟତା ଆବଶ୍ୟକ କରି ଏଭଳି କହିଚାଲିବ। ଏହି କାରଣରୁ ଭାଜପାର ସମର୍ଥକମାନେ ଏହାର ସଫଳତାକୁ ସିଦ୍ଧ କରିବା ଲାଗି ଅଣ ସାମ୍ପ୍ରଦାୟିକ ପ୍ରସଙ୍ଗଗୁଡ଼ିକୁ ଦୋହରାଇବାର ଆବଶ୍ୟକତା ରହିଛି ବୋଲି ଅନୁଭବ କରୁଛନ୍ତି। ପଶ୍ଚିମବଙ୍ଗରେ ଯେଉଁମାନେ ତୃଣମୂଳ କଂଗ୍ରେସ (ଟିଏମ୍ସି) ବିଜୟୀ ହେଉ ବୋଲି ଚାହୁଁଥିଲେ ସେମାନେ ବାସ୍ତବରେ ଭାଗ୍ୟବାନ୍। ସେମାନେ ଭାଜପା ଉପରେ ଟିଏମ୍ସିର ବିଜୟ ଦେଖିଲେ। ଏହା ଜନକଲ୍ୟାଣବାଦ କିମ୍ବା ଦକ୍ଷ ଶାସନ କିମ୍ବା ପ୍ରବର୍ତ୍ତକ ନେତୃତ୍ୱର ସଫଳତା ହେଲା ବୋଲି ସେମାନେ ବାହାନା କରି ନ ଥିଲେ। ସେମାନେ କେବଳ ଚିନ୍ତାମୁକ୍ତ ହେଲେ ଯେ, ଦେଶକୁ ଖଣ୍ଡବିଖଣ୍ଡିତ କରୁଥିବା ଏକ ବିଭାଜନକାରୀ ବିଚାରଧାରାକୁ ଗୋଟିଏ ରାଜ୍ୟ ବା କ୍ଷେତ୍ରରେ ରୋକି ଦିଆଗଲା। ବଡ଼ ସଫଳତା ହାସଲ କରିବାକୁ ଚାହୁଁଥିବା ଭାଜପା ଏବଂ ତା' ସମର୍ଥକ ଦଳଗୁଡ଼ିକ ଏହାର କାରଣ ଭଲ ଭାବେ ଜାଣିପାରିଥିବେ। ତେବେ କେଉଁ କାରଣରୁ ମାର୍ଚ୍ଚ ୧୦ରେ ଭାଜପାର ବିଜୟ ହେଲା ତାହା ଆମ ସାମ୍ନାରେ ରହିଛି। ଭାଜପା ନିର୍ବାଚନରେ କ'ଣ କଲା ଓ ଭୋଟରମାନଙ୍କୁ କ'ଣ କହିଲା ; ତା'ର ନେତାମାନେ କିପରି ବ୍ୟବହାର କଲେ ଏବଂ କ'ଣ ସବୁ କହିଲେ ତାହା ହିଁ ଗୁରୁତ୍ୱପୂର୍ଣ୍ଣ। ସେମାନେ କାହା ପାଇଁ କେଉଁ ନାମରେ ଭୋଟ ମାଗିଲେ ତାହା ବି ଗୁରୁତ୍ୱପୂର୍ଣ୍ଣ। ୟୁପି ମୁଖ୍ୟମନ୍ତ୍ରୀ କହନ୍ତି, ୮୦ ବନାମ ୨୦ ହିଁ ଏକ ବାସ୍ତବତା। ଏହା ନିଶ୍ଚିତ ଭାବେ ୮୦ ବନାମ ୨୦ର ଏକ ନିର୍ବାଚନ। ଭାଜପା ବାସ୍ତବରେ ଭୋଟ ପାଇଁ ଭାରତୀୟମାନଙ୍କୁ ଧର୍ମ ନାମରେ ବିଭାଜନ କରୁଛି ଓ ଏହା ଜାରି ରଖିଛି। ସେବା ଯୋଗାଇଦେବା ଏବଂ ପ୍ରଦର୍ଶନ ଆଧାରରେ ଯଦି ଭୋଟ ମିଳିବ ବୋଲି ବିଶ୍ୱାସ କରାଯାଏ ତେବେ କାହିଁକି ଏହା ଏଭଳି କାର୍ଯ୍ୟରେ ଲିପ୍ତ ରହୁଛି? ଏହାର ଉତ୍ତର ଜଣେ ନ ଜାଣିବା ମଧ୍ୟ ଏକ ବିଚିତ୍ର କଥା।

ଚଳିତ ମାସରେ ହରିୟାଣା ଲଭ୍ ଜିହାଦ ବିରୋଧରେ ଆଇନ ଆଣିଛି। ୨୦୧୮ ପରଠାରୁ ସପ୍ତମ ଭାଜପା ଶାସିତ ରାଜ୍ୟ ଭାବେ ଏହା କରିଛି। ଫେବୃୟାରୀ ୨୦୨୦ରେ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଲୋକ ସଭାରେ କହିଥିଲେ, ଭାରତରେ କୌଣସି ଲଭ୍ ଜିହାଦ କେସ୍ ନାହିଁ ଏବଂ ଏହି ଘଟଣା ମଧ୍ୟ ଘଟୁନାହିଁ। ତେବେ ୟୁପି (୨୦୨୦ରେ ଲଭ୍ ଜିହାଦ ଆଇନ୍ ପାସ୍ କରିଛି) ସମେତ ଭାଜପା ଶାସିତ ରାଜ୍ୟଗୁଡ଼ିକ କାହିଁକି ଲଭ୍ ଜିହାଦକୁ ବିରୋଧ କରୁଛନ୍ତି। ସଂଖ୍ୟାଲଘୁ ମୁଖ୍ୟତଃ ମୁସଲମାନମାନଙ୍କୁ ଲଗାତର ନିର୍ଯାତନା ଦେଉଥିବା ଭାଜପା କ'ଣ ଚାହୁଁଛି ଓ କରୁଛି ସେ ସମ୍ପର୍କରେ ଧାରଣା ନ ଥିବା ଲୋକମାନଙ୍କୁ ଏଭଳି ପ୍ରଶ୍ନ ପଚାରିବା ଦରକାର। ଏହା ହାସ୍ୟାସ୍ପଦ ଯେ, ଭାଜପା ତା'ଭୋଟରମାନଙ୍କୁ କ'ଣ କହୁଛି ତାହା ପ୍ରତି ନଜର ନ ଦେଇ ବିଶ୍ଳେଷକ ଏବଂ ସମର୍ଥକମାନେ ଭୋଟରମାନଙ୍କ ପାଇଁ କ'ଣ ପ୍ରସଙ୍ଗ ରହିଥିଲା ତା' ଉପରେ ଜୋର ଦେଉଛନ୍ତି। ଭାଜପା ୟୁପିରେ ଲଗାତର ୪ଟି (୨୦୧୪, ୨୦୧୭, ୨୦୧୯, ୨୦୨୨) ନିର୍ବାଚନରେ ୪୦%ରୁ ଅଧିକ ଭୋଟ ପାଉଛି। ୟୁପି ସରକାରଙ୍କ ପ୍ରଦର୍ଶନ ଆଧାରରେ ଏହି ଭୋଟ ମିଳୁଛି ବୋଲି ବିଶ୍ୱାସ କରିବା ଭଳି କଥା ଆମକୁ କୁହାଯାଉଛି। ହେଲେ ମନ୍ଦିର, ଗୋମାଂସ, ଲଭ୍ ଜିହାଦ ଉପରେ ଲଗାତର ଗୁରୁତ୍ୱ ଦିଆଯିବା ଏବଂ ସେମାନେ ସୃଷ୍ଟି କରୁଥିବା ହିଂସା ସମ୍ପର୍କରେ କିଛି କୁହାଯାଉ ନାହିଁ। ଏହାକୁ ବିଚାର କଲେ ଜଣାଯାଏ ଯେ, ସାମ୍ପ୍ରଦାୟିକ କ୍ଷେତ୍ରରେ ଘଟୁଥିବା କ୍ଷତି ଯଦି ଗୁରୁତ୍ୱପୂର୍ଣ୍ଣ ନୁହେଁ କିମ୍ବା ଏହା ଭାଜପାର ନିର୍ବାଚନୀ ସଫଳତା ପାଇଁ କେବଳ ଗୌଣ, ତେବେ କାହିଁକି ସେମାନଙ୍କ ନେତାମାନେ ଏହା ଉପରେ ଏତେ ଜୋର୍ ଦେଉଛନ୍ତି। ଯଦି ଭାଜପା ସଙ୍ଗୀତର ମୁଖ୍ୟ ବିଷୟ ବିକାଶ ଓ ସେବା ଯୋଗାଣ ବ୍ୟବସ୍ଥାଭିତ୍ତିକ ତେବେ ତାହା କାହିଁକି ସଂଖ୍ୟାଲଘୁମାନଙ୍କୁ ଏହା ନିରୁତ୍ସାହିତ ବା ଅସନ୍ତୁଷ୍ଟ କରୁଛି। ଏହାର କାରଣ ହେଉଛି,ଏହି ସଙ୍ଗୀତ ବିକାଶ କିମ୍ବା ସେବା ଯୋଗାଣ ସମ୍ପର୍କିତ ନୁହେଁ। ଏହି ସଙ୍ଗୀତ ବାସ୍ତବରେ ସମ୍ପ୍ରଦାୟବାଦ ଓ ବିଭାଜନଭିତ୍ତିକ। କେବଳ ଏତିକି ନୁହେଁ,ଏହା ଘୃଣା ଓ ହିଂସାଭାବରେ ପରିପୂର୍ଣ୍ଣ।

ଭାଜପା ସବୁବେଳେ ଏଭଳି କରିଆସୁଛି। ଭାଜପା(ଜନସଂଘ ଭାବେ) ଗଠନ ହେବା ପରଠାରୁ ୧୯୯୦ ଯାଏ ଭାରତରେ କୌଣସି ରାଜ୍ୟରେ ବହୁମତ ପାଇ ନ ଥିଲା। ୧୯୯୦ରେ ରାଜସ୍ଥାନ, ମଧ୍ୟପ୍ରଦେଶ, ହିମାଚଳପ୍ରଦେଶ ଏବଂ ପରେ ଉତ୍ତରପ୍ରଦେଶରେ ଭାଜପା ସରକାର ଆସିଥିଲା। ଚାରି ଦଶନ୍ଧି ଧରି ଏହାର ଜାତୀୟ ଭୋଟ ହାର ଏକ ଅଙ୍କରେ ସୀମିତ ରହିଥିଲା। ଏହା ହଠାତ୍ ୧୮%କୁ ବୃଦ୍ଧିପାଇଲା ଓ ପରେ ଦୁଇଗୁଣ ହୋଇଗଲା। କମ୍ ସମୟରେ ଦେଶରେ ଭାଜପା ଏତେ ଲୋକପ୍ରିୟତା ହାସଲ କରିବାର କାରଣ ରହିଛି। ଅବଶ୍ୟ ଅଯୋଧ୍ୟାର ବାବ୍ରି ମସ୍‌ଜିଦ ବିରୋଧରେ ହିନ୍ଦୁମାନଙ୍କୁ ଏକାଠି କରିବା ଅଭିଯାନ ଯୋଗୁ ଏହା ହୋଇଥିଲା। ସେତେବେଳେ କୌଣସି ସରକାର ତରଫରୁ ସେବା ଯୋଗାଇ ଦିଆଯିବା ଏବଂ ଭୋଟରଙ୍କୁ କିଛି ଦେଖାଇବା ଭଳି ବିଷୟ ଉପରେ ପ୍ରତିଦ୍ୱନ୍ଦ୍ୱିତା ହୋଇ ନ ଥିଲା। ଏବେ ମଧ୍ୟ ତାହା ହୋଇନାହିଁ। ଭବିଷ୍ୟତରେ ଭୋଟରମାନଙ୍କୁ ଆକର୍ଷିତ କରିବା ଲାଗି ଏହି ଧାରା ଜାରି ରହିବ କି ନାହିଁ ତାହା ସମୟ କହିବ। ତେବେ ଭାଜପା ସାମ୍ପ୍ରଦାୟିକ ବିଭାଜନକୁ ଆଧାର କରି ଭୋଟ ନେଇ ପରିଣାମ ଆସିବା ପରେ ଏବେ ବିକାଶର କଥା ଜୋର୍‌ରେ କହୁଛି।

Email:aakar.patel@gmail.com

## su|do|ku Puzzles by Srikant Ghosh — ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | | | | | 8 | 6 | |
| | 2 | 7 | 8 | 5 | | | | |
| | 9 | | | | | | | |
| 9 | | | 7 | | | | | |
| | | | | 1 | | | 9 | 2 |
| | 8 | | 4 | | | | | 5 |
| | | | | | 6 | | 3 | |
| | | 6 | | | | 9 | 5 | |
| 1 | 5 | | | 2 | | | 7 | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 4 | 1 | 8 | 7 | 9 | 6 | 2 | 3 |
| 8 | 7 | 2 | 1 | 3 | 6 | 4 | 5 | 9 |
| 9 | 3 | 6 | 2 | 4 | 5 | 7 | 1 | 8 |
| 6 | 9 | 8 | 4 | 1 | 3 | 2 | 7 | 5 |
| 4 | 1 | 5 | 7 | 9 | 2 | 8 | 3 | 6 |
| 3 | 2 | 7 | 6 | 5 | 8 | 9 | 4 | 1 |
| 1 | 6 | 9 | 3 | 2 | 4 | 5 | 8 | 7 |
| 2 | 5 | 3 | 9 | 8 | 7 | 1 | 6 | 4 |
| 7 | 8 | 4 | 5 | 6 | 1 | 3 | 9 | 2 |

ଗତ କାଲିର ଉତ୍ତର

# ପିଲାଙ୍କ ଉପରେ ପରୀକ୍ଷା ଚାପ



ଡା. ଜ୍ୟୋତିରଞ୍ଜନ ଚମ୍ପତିରାୟ

ଦୀର୍ଘ ଦୁଇବର୍ଷ କରୋନା ମହାମାରୀ ଭିତରେ ପିଲାମାନେ ଘରେ ରହି ଅନ୍‌ଲାଇନ ପାଠପଢ଼ାରେ ବ୍ୟସ୍ତ ରହିଲେ। ଦୁଇବର୍ଷ ପରେ ବିଦ୍ୟାଳୟକୁ ଯାଇ ସାଙ୍ଗସାଥୀମାନଙ୍କ ସହ ମିଶି ପରୀକ୍ଷା ଦେବାର ଏକ ନୂଆ ସୁଯୋଗ ପାଇଛନ୍ତି କହିଲେ ଚଳେ। ତେବେ ସର୍ବପ୍ରଥମେ ମା'ବାପାମାନେ ଥରେ ଧ୍ୟାନ ଦିଅନ୍ତୁ। ଆପଣଙ୍କ ପିଲା ଯଦି କହୁଛି, ମୋତେ ଭାରି ନର୍ଭସ୍ ଲାଗିଲାଣି ବା ଏଥର ପରୀକ୍ଷାରେ କଷ୍ଟ ପ୍ରଶ୍ନ ଆସିଲା ଭଳି ଲାଗୁଛି କିମ୍ବା ଆଉ ମାସ ଏତିକି ବେଳକୁ ମୁଁ ପରୀକ୍ଷା ହଲ୍‌ରେ ବସିଥିବି ବା ଏମିତି କିଛି, ତେବେ ଆପଣମାନେ ପିଲାର ପରିସ୍ଥିତିକୁ ଟିକିଏ ଗମ୍ଭୀରତାର ସହ ବିଚାର କରନ୍ତୁ। ପିଲାଟି ଉପରେ ପରୀକ୍ଷାର ଚାପ ମାଡ଼ି ବସିବା ଆରମ୍ଭ କଲାଣି ବୋଲି ଜାଣନ୍ତୁ। ପିଲା ଉପରେ ଯଦି ପରୀକ୍ଷାର ଚାପ ମାଡ଼ି ବସେ, ତେବେ ତା'ର ପରୀକ୍ଷା ଖରାପ ହେବାର ଆଶା ଅଧିକ। ଯଦିଓ ଏମିତି ବି ପିଲା ଅଛନ୍ତି, ଯେଉଁମାନେ କି ଚାପରେ ରହିଲେ ମଧ୍ୟ ପରୀକ୍ଷାରେ ଭଲ କରନ୍ତି।

ମନୋବୈଜ୍ଞାନିକମାନଙ୍କ ମତରେ ପରୀକ୍ଷାର ଚାପ ସାଧାରଣତଃ ଦୁଇ ପ୍ରକାର ହୋଇଥାଏ। ଗୋଟିଏ ହେଲା ଦୀର୍ଘକାଳୀନ ଚାପ। ପରୀକ୍ଷା ପାଇଁ ପ୍ରସ୍ତୁତ ହେଲା ବେଳକୁ ପିଲାଟି ଏହି ଚାପ ଭୋଗେ। ଆଉ ଏକ ଚାପ ପରୀକ୍ଷା ଦିନରୁ ହିଁ ଆରମ୍ଭ ହୁଏ। ଅନେକ ଡାକ୍ତରୀ ପରୀକ୍ଷା ଏହା ପ୍ରମାଣ କରିସାରିଲାଣି ଯେ, ପରୀକ୍ଷାଜନିତ ଚାପ ଯୋଗୁ ପିଲାଟିର ଶରୀରରେ ସାଲିଭାରି ଏସ୍ ଇମ୍ୟୁନୋଗ୍ଲୋବିନ୍‌ଏ ବା ଏସ୍‌ଏଲ୍‌ଜିଏ ନାମକ ଏକ 'ଆଣ୍ଟିବଡି' କମିଯାଏ। ଏହି ଆଣ୍ଟିବଡି ଶରୀରକୁ ବିଭିନ୍ନ ରୋଗ ସଂକ୍ରମଣରୁ ସୁରକ୍ଷା ପ୍ରଦାନ କରେ। ସେଥିପାଇଁ ଅନେକ ସ୍ଥଳରେ ଦେଖାଯାଏ ଯେ, ପରୀକ୍ଷା ସମୟରେ ହିଁ ପିଲାମାନେ ରୋଗ ସଂକ୍ରମଣର ଅଧିକ ଶିକାର ହୋଇଥା'ନ୍ତି। ମନୋବିଜ୍ଞାନୀମାନେ କୁହନ୍ତି, ଛାତ୍ରୀ ବା ଛାତ୍ରମାନଙ୍କୁ ଶୃଙ୍ଖଳିତ କରିବା ପାଇଁ ମଧ୍ୟମ ଧରଣର ଚାପ ନିତାନ୍ତ ଆବଶ୍ୟକ। କିନ୍ତୁ ପିଲାମାନଙ୍କ ଉପରେ ମାତ୍ରାଧିକ ଚାପ ଦିଆଯିବା ଉଚିତ ନୁହେଁ। ଅନେକ ମା'ବାପା ଯେଉଁ ଲକ୍ଷ୍ୟ ନିଜେ ସାଧନ କରିବାରେ ବିଫଳ ହୋଇଥା'ନ୍ତି, ସେମାନେ ନିଜ ପିଲାମାନଙ୍କ ଦ୍ୱାରା ତାହା ହାସଲ କରିବାକୁ ଚେଷ୍ଟା କରନ୍ତି। ଏଭଳି ମା'ବାପା ପିଲାମାନଙ୍କ ଉପରେ ଅଧିକ ଚାପ ପ୍ରୟୋଗ କରନ୍ତି। ପିଲାଟି କେଉଁ କ୍ଷେତ୍ରରେ ପାରଦର୍ଶିତା ଦେଖାଇବାର ସମ୍ଭାବନା ରଖିଛି, ସେ ଦିଗରେ ଧ୍ୟାନ ନ ଦେଇ ସେମାନେ ନିଜ ଦ୍ୱାରା ନିର୍ବାଚିତ କ୍ଷେତ୍ରରେ ପିଲାଟି ଭଲ କରୁ ବୋଲି ଚାହାନ୍ତି। ତାହା ହିଁ ପିଲାଟି ପାଇଁ କାଳ ହୋଇପଡ଼େ।

ପିଲା ଦିନରୁ ଜାଣିହେବ ପିଲାଟି କେଉଁ ବିଷୟରେ ଭଲ କରିବ। ତୃତୀୟ ଶ୍ରେଣୀରେ ପଢ଼ିଲା ବେଳକୁ ସେମାନେ ବିଭିନ୍ନ ବିଷୟ ପ୍ରତି ଆଗ୍ରହ ବା ଅନାଗ୍ରହ ଦେଖାଇଥା'ନ୍ତି। ଜଣେ ସମ୍ବେଦନଶୀଳ ମା'ବାପା ଏ ସମ୍ପର୍କରେ ଧାରଣା କରିପାରେ। ପିଲାଟି ପଞ୍ଚମ ଶ୍ରେଣୀ ପଢ଼ିଲା ବେଳକୁ ମା'ବାପାମାନେ ପିଲାଟି କେଉଁ ବିଷୟରେ ଭଲ କରିବ ବା କେଉଁ କ୍ଷେତ୍ରରେ ପିଲାଟିର ପ୍ରତିଭା ରହିଛି, ତାହା ଜାଣିପାରିବେ।

ପିଲା ପରୀକ୍ଷା ଚାପରେ ନ ଆସିବା ପାଇଁ ମା'ବାପାମାନଙ୍କର ଦାୟିତ୍ୱ ଅନେକ। ଅନେକ ମା'ବାପା ପିଲାଟି ଦିନରୁ ଏ ଦାୟିତ୍ୱକୁ ଠିକ୍ ଭାବେ ତୁଲାଇ ଥାଆନ୍ତି। ସେମାନଙ୍କ ପିଲାମାନେ ପରୀକ୍ଷା ବେଳେ ହଇରାଣରେ ପଡ଼ନ୍ତି ନାହିଁ। ସାନବେଳୁ ପିଲାମାନେ ଯେମିତି ସେମାନଙ୍କ ଭିତରେ ଏକ ଭଲ ସଉକ ବା 'ହବି' ବିକାଶ କରନ୍ତି ତାହା ଦେଖିବା କଥା। ଗପ ବହି ପଢ଼ିବାକୁ ଉତ୍ସାହିତ କରିବା, ଖବରକାଗଜ ପଢ଼ିବାର ଅଭ୍ୟାସ କରାଇବା, କୌଣସି ଏକ ଭଲ ବାଦ୍ୟଯନ୍ତ୍ର ବଜାଇବାର ତାଲିମ ଦେବା ଏଭଳି ସଉକର ଅନ୍ତର୍ଭୁକ୍ତ। ଯେତେବେଳେ ପାଠରୁ ଫୁରୁସତ ମିଳିବ, ସେତିକିବେଳେ ପିଲାଟିଏ ଯଦି ସେ ଭଲ ପାଉଥିବା ଏଭଳି କୌଣସି ଏକ କାମରେ ଲାଗିବ, ତେବେ ତା'ର ମନକୁ ହାଲୁକା ହେବ ଏବଂ ପରବର୍ତ୍ତୀ ସମୟରେ ଆଉ ଥରେ ପଢ଼ାପଢ଼ି ଆରମ୍ଭ କଲାବେଳକୁ ସେ ସତେଜ ହୋଇପାରିଥିବ। ପିଲାଟି ଦିନରୁ ପ୍ରତିଦିନ ତିନିରୁ ଚାରି ଘଣ୍ଟା ପଢ଼ାର ଅଭ୍ୟାସ କରାଇବା ଭଲ। ଜଣେ ଯଦି ବର୍ଷ ଆରମ୍ଭରୁ ତିନିରୁ ଚାରି ଘଣ୍ଟା ପଢ଼େ, ତେବେ ତାକୁ ପରୀକ୍ଷା ବେଳକୁ ଅତ୍ୟଧିକ ପରିଶ୍ରମ କରିବାକୁ ପଡ଼ିବ ନାହିଁ। କ୍ଲାନ୍ତି ମେଣ୍ଟାଇବା ପାଇଁ ପିଲା ଭଲ ଭାବେ ଶୋଇବା ଉଚିତ। ପିଲାଟି ଭଲ ଗୀତ ଶୁଣି ବି ମନକୁ ପ୍ରଫୁଲ୍ଲ କରିପାରେ। କିନ୍ତୁ ଟିଭି ଦେଖି ମନକୁ ଖୁସି କରିବାର ଅଭ୍ୟାସ ଯେମିତି ପିଲାର ନ ହୁଏ, ସେ ଦିଗରେ ମା'ବାପାମାନେ ଧ୍ୟାନ ଦେବା ଉଚିତ।

ପିଲାକୁ ମାନସିକ ସାହସ ବା ପ୍ରତ୍ୟୟ ଦେବା ପ୍ରତି ମା'ବାପାଙ୍କ ଦାୟିତ୍ୱ। ଏଇ ପରୀକ୍ଷାଟି ଗୁରୁତ୍ୱପୂର୍ଣ୍ଣ, ମାତ୍ର ଖରାପ ହୋଇଗଲେ ସବୁ ବାଟ ବନ୍ଦ ହୋଇଯିବ ନାହିଁ ବୋଲି ପିଲାକୁ ମା'ବାପାମାନେ ବୁଝାଇବା ଦରକାର। ଏହା ମଧ୍ୟ ସତ ଯେ, କୌଣସି ପରୀକ୍ଷା ଯେତେ ଗୁରୁତ୍ୱପୂର୍ଣ୍ଣ ହେଲେ ବି ଏହା ଏକମାତ୍ର କଥା ନୁହେଁ। ସବୁ ପରିସ୍ଥିତିର କିଛି ନା କିଛି ବିକଳ୍ପ ଅଛି।

ଚାପଗ୍ରସ୍ତ ପିଲାମାନଙ୍କ ଉପରେ ଏହାର ପ୍ରଭାବ ନକାରାତ୍ମକ ହୋଇଥାଏ। ଏହା ସେମାନଙ୍କ ଆତ୍ମପ୍ରତ୍ୟୟକୁ ଆକ୍ରାନ୍ତ କରେ। ବଡ଼ ହେଲା ପରେ ବି ଏହା ସେମାନଙ୍କ ବ୍ୟକ୍ତିତ୍ୱକୁ ପ୍ରଭାବିତ କରିଥାଏ। ଜଣାପଡ଼ିଛି ଯେ, ଅତ୍ୟଧିକ ଚାପଗ୍ରସ୍ତ ପିଲାମାନଙ୍କ ଭିତରୁ ପଚାଶ ପ୍ରତିଶତ କୌଣସି ନା କୌଣସି ସମୟରେ ଆତ୍ମହତ୍ୟା କରିବା ସମ୍ପର୍କରେ ଗମ୍ଭୀରତାର ସହ ବିଚାର କରନ୍ତି। ସାଧାରଣତଃ ଏଭଳି ଆତ୍ମହତ୍ୟା କରୁଥିବା ପିଲାମାନଙ୍କ ଭିତରେ ପୁଅମାନଙ୍କ ସଂଖ୍ୟା ଝିଅମାନଙ୍କଠାରୁ ଅଧିକ। ଏହା ପଛରେ ଥିବା କାରଣଟି ହେଉଛି ପୁଅମାନଙ୍କ ଉପରେ କିଛି କରି ଦେଖାଇବାର ଚାପ ଅଧିକ ଥାଏ।

ଆଜିକାଲି ସହରୀ ମା'ବାପାମାନଙ୍କ ଭିତରୁ ଅଧିକାଂଶ ଉଚ୍ଚଶିକ୍ଷିତ। ମାତ୍ର, ସେମାନଙ୍କ ଭିତରୁ ବେଶି ଭାଗ ପିଲାର ସାମଗ୍ରିକ ବିକାଶକୁ ନେଇ ଚିନ୍ତିତ ନୁହନ୍ତି ବା ସଚେତନ ନୁହନ୍ତି। ଅଧିକାଂଶ ମନୋବୈଜ୍ଞାନିକଙ୍କ ମତାନୁସାରେ ଏହା ହିଁ ହେଉଛି ପିଲାମାନଙ୍କ ଉପରେ ଚାପର ପ୍ରଧାନ କାରଣ। ସେମାନେ କୁହନ୍ତି, ପିଲାର ପ୍ରତିଭାକୁ ଏବେ ଗ୍ରେଡ୍ ଅନୁସାରେ ମପାଯାଉଛି। ପିଲାର ଜୀବନ ଏବେ ହୋଇପଡୁଛି ଗ୍ରେଡ୍‌ସର୍ବସ୍ୱ। କିନ୍ତୁ, କୌଣସି ବିଦ୍ୟାଳୟର ଶିକ୍ଷକ ବା ପିଲାମାନଙ୍କ ମା'ବାପାମାନେ ପିଲାର ସୃଜନଶୀଳ ପ୍ରତିଭାର ବିକାଶ ଦିଗରେ ନଜର ଦିଅନ୍ତି ନାହିଁ। ଏହା ହିଁ ହେଉଛି ପିଲା ଉପରେ ବଢୁଥିବା ଚାପର ପ୍ରଥମ କାରଣ। ପୂର୍ବେ ପିଲାଟି କେବଳ ପରୀକ୍ଷାରେ ଭଲକରୁ ବୋଲି ମା'ବାପା ଏବଂ ଗୁରୁଜନମାନେ ଆଶା କରୁଥିଲେ, ମାତ୍ର ଏବେ ଯେଉଁ ପିଲାଟି ଭଲ ଖେଳୁଛି, ତା' ଉପରେ ବି ଏତେ ଚାପ ପଡୁଛି, ସେ ତା'ର ମୁକାବିଲା କରିବାକୁ ଅସମର୍ଥ ହେଉଛି।

ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିବା ପିଲାମାନଙ୍କ ଖାଦ୍ୟ ତାଲିକା ଚିକିତ୍ସା ବିଜ୍ଞାନରେ ସେପରି କିଛି ସ୍ୱତନ୍ତ୍ର ତାଲିକାରେ ନାହିଁ। କିନ୍ତୁ ଏହି ସମୟରେ ଫାଷ୍ଟଫୁଡ୍, ଅତ୍ୟଧିକ ଗରିଷ୍ଠ ଖାଦ୍ୟ ଦିଅନ୍ତୁ ନାହିଁ। ଅଳ୍ପ ଅଳ୍ପ ଭାବରେ ବରଂ ଦିନକୁ ଚାରି ପାଞ୍ଚଥର ଖାଦ୍ୟ ଦେଲେ ଭଲ। ରାତିରେ ବିଶ୍ରାମ ବେଳେ ପିଲାକୁ କ୍ଷୀର ପିଇବା ପାଇଁ ଦିଅନ୍ତୁ। ବର୍ତ୍ତମାନ ସହଜେ ଗ୍ରୀଷ୍ମର ଉତ୍ତାପ ବଢୁଥିବାରୁ ପିଲାମାନଙ୍କୁ ଫଳଜୁସ୍, ପଇଡ଼ପାଣି ଦେବା ଭଲ। ଥଣ୍ଡାପାନୀୟ ବା ଥଣ୍ଡାଖାଦ୍ୟ ଦିଅନ୍ତୁ ନାହିଁ। ମିଠା, ଆଇସ୍‌କ୍ରିମ ନଦେଲେ ଭଲ। ସୁଷମ ଖାଦ୍ୟ ଦିଅନ୍ତୁ, ତଟକା ପନିପରିବାରେ ଖାଦ୍ୟ ତିଆରି କରନ୍ତୁ। ପିଲାଟିର ଯେପରି ଖାଦ୍ୟଜନିତ କୋଷ୍ଠକାଠିନ୍ୟ ନ ହୁଏ ସେ ଦିଗକୁ ଭୁଲନ୍ତୁ ନାହିଁ। ପିଲାକୁ କୌଣସି ଖାଦ୍ୟ ପାଇଁ ଜବରଦସ୍ତ କରନ୍ତୁ ନାହିଁ ବା ବାଧ୍ୟ କରନ୍ତୁନାହିଁ। ବାସିଖାଦ୍ୟ, ତେଲଭାଜି ନଦେଲେ ଭଲ। ଆମିଷ ଦିଅନ୍ତୁ, କିନ୍ତୁ ପରିମାଣ କମ୍ ରଖନ୍ତୁ। ଆମିଷରେ ଛୋଟମାଛ ବା ଦେଶୀ ଅଣ୍ଡା ଭଲ। ପିଲାଟିର କୌଣସି ଦୀର୍ଘକାଳୀନ ଅସୁସ୍ଥତା ଥିଲେ ତୁରନ୍ତ ଶିଶୁ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ। ଏହି ସମୟରେ ପିଲାର ମନସ୍ତାତ୍ତ୍ୱିକ ଦିଗକୁ ଆପଣ ଜଣେ ଅଭିଭାବକ ନୁହେଁ ବରଂ ଜଣେ ବନ୍ଧୁ ଭାବରେ ତା' ସହିତ ସମୟ ଦେଲେ, ଭାବର ଆଦାନପ୍ରଦାନ କଲେ, ଏହା ପିଲା ଉପରେ ଭଲ ପ୍ରଭାବ ପକାଇବ। ଉପରୋକ୍ତ କଥାଗୁଡ଼ିକ ମାନି ଚଳନ୍ତୁ, ଦେଖିବେ ଆପଣଙ୍କ ପିଲା ପରୀକ୍ଷାରେ ନିଶ୍ଚିତ ଭାବରେ ଭଲ ଫଳ ପାଇବ।

ସହଯୋଗୀ ପ୍ରଫେସର
ଶିଶୁ ରୋଗ ବିଭାଗ, ଶିଶୁଭବନ, କଟକ
ମୋ: ୯୪୩୭୧୨୪୦୭୪

# ପଞ୍ଜାବର ନୂଆ ମୁହଁ

ବ୍ୟକ୍ତିତ୍ୱ



ଭଗଓ୍ୱନ୍ତ ମାନ୍

ନିକଟରେ ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ, ମଣିପୁର, ଗୋଆ ଓ ପଞ୍ଜାବରେ ବିଧାନସଭା ନିର୍ବାଚନ ଫଳ ପ୍ରକାଶ ପାଇଛି। ଅନ୍ୟ ଚାରିଟି ରାଜ୍ୟରେ ଭାରତୀୟ ଜନତା ପାର୍ଟି (ଭାଜପା) ବିଜୟଲାଭ କରିଥିବା ବେଳେ ପଞ୍ଜାବରେ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ବିପୁଳ ସମର୍ଥନ ପାଇବା ଏବେ ଭାରତୀୟ ରାଜନୀତିରେ ନୂଆ ସମୀକରଣ ସୃଷ୍ଟି କରିଛି। ରାଜନୀତିରେ ଦୀର୍ଘବର୍ଷର ଅଭିଜ୍ଞତା ନ ଥିବା ଭଗଓ୍ୱନ୍ତ ମାନ୍‌ଙ୍କ ଉପରେ ସେଠାକାର ରାଜ୍ୟବାସୀ ବିଶ୍ୱାସ ଅଜାଡ଼ି ଦେଇଛନ୍ତି ବୋଲି ଆଲୋଚନା ହେଉଛି। କିନ୍ତୁ ବିଧାନସଭା ନିର୍ବାଚନ ପୂର୍ବରୁ ଏଏପି ପକ୍ଷରୁ କରାଯାଇଥିବା ଏକ ସର୍ଭେରେ ୯୩.୩ ପ୍ରତିଶତ ଲୋକ ତାଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ଦେଖିବାକୁ ଚାହାନ୍ତି ବୋଲି ଦଳୀୟ ସ୍ତରରେ କୁହାଯାଇଥିଲା। ସେହି ଆଧାରରେ ତାଙ୍କୁ ପଞ୍ଜାବରେ ଏଏପିର ନୂଆ ମୁହଁ ଭାବେ ଦଳ ପ୍ରଦର୍ଶନ କରିଥିଲା। ବହୁ ହିସାବ କରି ଏଏପିର ଜାତୀୟ ଆବାହକ ଅରବିନ୍ଦ କେଜ୍‌ରିଓ୍ୱାଲ ଓ ତାଙ୍କ ଦଳର ବରିଷ୍ଠ ସଦସ୍ୟମାନେ ଭଗଓ୍ୱନ୍ତଙ୍କ ଉପରେ ଯେଉଁ ଆଶା ରଖିଥିଲେ ନିର୍ବାଚନ ଫଳାଫଳ ପରେ ସେ ଜଣେ ଭରସାଯୋଗ୍ୟ ନେତା ହେବାକୁ ସବୁମନ୍ତେ ପ୍ରୟାସ କରିବେ ବୋଲି କହିଛନ୍ତି। ୧୬ ମାର୍ଚ୍ଚରେ ସେ କିମ୍ବଦନ୍ତୀ ସ୍ୱାଧୀନତା ସଂଗ୍ରାମୀ ଭଗତ ସିଂଙ୍କ ପୈତୃକ ଗ୍ରାମ ନଓ୍ୱାନସହର ଜିଲାର ଖଟ୍‌କର କଲାନ୍‌ରେ ତାଙ୍କ ମନ୍ତ୍ରିମଣ୍ଡଳ ସହ ଶପଥ ନେବେ ବୋଲି କହିଛନ୍ତି। ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ନେବା ପୂର୍ବରୁ ସେ କହିଛନ୍ତି ଯେ କୌଣସି ସରକାରୀ କାର୍ଯ୍ୟାଳୟ କାନ୍ଥରେ ତାଙ୍କ ଫଟୋ ରହିବ ନାହିଁ । ସେହି ସ୍ଥାନରେ ସଂଗ୍ରାମୀ ଭଗତ ସିଂ ଓ ସମ୍ବିଧାନର ଅନ୍ୟତମ ପ୍ରଣେତା ବି.ଆର୍. ଆମ୍ବେଦ୍‌କରଙ୍କ ଫଟୋଚିତ୍ର ଶୋଭା ପାଇବ ବୋଲି ଭଗଓ୍ୱନ୍ତ କହି ଏବେ ଚର୍ଚ୍ଚାକୁ ଆସିଛନ୍ତି। ରାଜଭବନରେ ଶପଥଗ୍ରହଣ ଉତ୍ସବ ନ ପାଳିବା ଓ ଫଟୋ ମାଧ୍ୟମରେ ନିଜର ପ୍ରଚାର କରିବାକୁ ଚାହିଁ ନ ଥିବା ଏଭଳି ବ୍ୟକ୍ତି ପଞ୍ଜାବର ମୁଖ୍ୟମନ୍ତ୍ରୀ ହେବାକୁ ଯାଉଥିବାରୁ ତାଙ୍କ ବିଷୟରେ ଅଧିକ କିଛି ଜାଣିବା ଲାଗି ସମସ୍ତଙ୍କ ଆଗ୍ରହ ରହିବା ସ୍ୱାଭାବିକ।

ଭଗଓ୍ୱନ୍ତ ୧୭ ଅକ୍ଟୋବର ୧୯୭୩ରେ ପଞ୍ଜାବର ସାଙ୍ଗରୁର୍ ଜିଲା ସାତୋଜ ଗ୍ରାମରେ ଏକ ଶିଖ୍ ପରିବାରରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତା ହେଉଛନ୍ତି ମୋହିନ୍ଦର ସିଂ ଓ ମାତା ହର୍‌ପାଲ କୌର। ସେ ଶହୀଦ ଉଦ୍ଧାମ ସିଂ ସରକାରୀ କଲେଜରୁ ସ୍ନାତକ ଡିଗ୍ରୀ ଅର୍ଜନ କରିଥିଲେ। କଲେଜ ସମୟରେ ସେ ଅଭିନୟ ପ୍ରତି ଆକର୍ଷିତ ହୋଇଥିଲେ। ୟୁଥ୍ କମେଡି ଫେଷ୍ଟିଭାଲ ଓ ଆନ୍ତଃମହାବିଦ୍ୟାଳୟ ପ୍ରତିଯୋଗିତାରେ ଭାଗ ନେଇ ଦୁଇ ଥର ସ୍ୱର୍ଣ୍ଣପଦକ ପାଇଥିଲେ। ଏହା ପରେ ସେ କମେଡିକୁ କ୍ୟାରିୟର ଭାବେ ଗ୍ରହଣ କରି ରାଜନୀତି, ବ୍ୟବସାୟ ଓ କ୍ରୀଡ଼ା ସଂକ୍ରାନ୍ତ ବିଷୟବସ୍ତୁକୁ ପ୍ରସଙ୍ଗ ଭାବେ ନେଇ ନିଜ କଳା ପ୍ରଦର୍ଶନ କରିଥିଲେ। ପ୍ରଥମ କମେଡି ଆଲ୍‌ବମ୍ ସେ ଜଗ୍‌ତର୍ ଜାଗିଙ୍କ ସହ ମିଶି କରିଥିଲେ। ଆଲ୍‌ଫା ଇଟିସି ପଞ୍ଜାବୀରେ ଉଭୟେ 'ଜୁଗ୍‌ନୁ କେହନ୍ଦା ହୈ' ମାଧ୍ୟମରେ ଦର୍ଶକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କିନ୍ତୁ ୧୦ ବର୍ଷ ପରେ ଉଭୟ ଅଲଗା ହୋଇଯାଇଥିଲେ। ତା' ପରେ ଭଗଓ୍ୱନ୍ତ ଅନ୍ୟତମ ଅଭିନେତା ରାଣା ରନ୍‌ବୀରଙ୍କ ସହିତ ମିଶି 'ଜୁଗ୍‌ନୁ ମସ୍ତ ମସ୍ତ' ଟେଲିଭିଜନ୍ କାର୍ଯ୍ୟକ୍ରମ କରିଥିଲେ। ତେବେ ୨୦୦୬ରେ ଭଗଓ୍ୱନ୍ତ ଓ ଜାଗି ପୁଣି ମିଶି କନାଡା ଓ ଇଂଲଣ୍ଡରେ 'ନୋ ଲାଇଫ୍ ଓ୍ୱିଥ୍ ଓ୍ୱାଇଫ୍' ଶୋ କରି ପ୍ରସିଦ୍ଧି ଅର୍ଜନ କରିଥିଲେ। ୨୦୦୮ରେ ସେ ଷ୍ଟାର୍ ପ୍ଲସ୍‌ର 'ଗ୍ରେଟ୍ ଇଣ୍ଡିଆନ୍ ଲାଫ୍ଟର ଚ୍ୟାଲେଞ୍ଜ'ରେ ଭାଗ ନେଇ ନିଜ ଦର୍ଶକଙ୍କ ସଂଖ୍ୟା ବଢ଼ାଇଥିଲେ। ସେ ମଧ୍ୟ ବଲ୍‌ଓ୍ୱନ୍ତ ଦୁଲାଟ୍‌ଙ୍କ ନିର୍ଦ୍ଦେଶିତ ଜାତୀୟ ପୁରସ୍କାରପ୍ରାପ୍ତ ଫିଲ୍ମ 'ମୈଁ ମା ପଞ୍ଜାବ ଦି'ରେ ଅଭିନୟ କରିଥିଲେ।

ଅଭିନେତା ଜୀବନରୁ ନେତା ଆଡ଼କୁ ମୁହାଁଇବାର ସୁଯୋଗ ତାଙ୍କୁ ୨୦୧୧ ପ୍ରାରମ୍ଭରେ ଜୁଟିଥିଲା। ସେ ପିପୁଲ୍ସ ପାର୍ଟି ଅଫ୍ ପଞ୍ଜାବରେ ଯୋଗ ଦେଇ ୨୦୧୨ରେ ଲେହରା ବିଧାନସଭା ନିର୍ବାଚନମଣ୍ଡଳୀରୁ ନିଜ ରାଜନୈତିକ ଭାଗ୍ୟ ପରୀକ୍ଷା କରିଥିଲେ। କିନ୍ତୁ ଅସଫଳ ହୋଇଥିଲେ। ୨୦୧୪ରେ ଭଗଓ୍ୱନ୍ତ ଏଏପିରେ ଯୋଗଦେଇ ସଙ୍ଗରୁର୍ ଲୋକ ସଭା ନିର୍ବାଚନମଣ୍ଡଳୀରୁ ପ୍ରାର୍ଥୀ ହୋଇଥିଲେ। ସେଥିରେ ସେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ସୁଖଦେବ ସିଂ ଧିଣ୍ଡସାଙ୍କୁ ହରାଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ହେଲେ ୨୦୧୭ ବିଧାନସଭା ନିର୍ବାଚନରେ ଜଲାଲବାଦରୁ ସେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ ମଧ୍ୟ ହାରିଯାଇଥିଲେ। ସେ ପ୍ରଚୁର ମଦ୍ୟପାନ କରୁଥିବା ନେଇ ଚାରିଆଡ଼େ ଆଲୋଚନା ହେବାରୁ ତାଙ୍କ ଭାବମୂର୍ତ୍ତିରେ ଆଞ୍ଚ୍ ଆସିଥିଲା। ତେଣୁ ସେ ୨୦୧୯ର ଏକ ଦଳୀୟ ଶୋଭାଯାତ୍ରାରେ ଘୋଷଣା କରିଥିଲେ ଯେ, ସେ ଆଲ୍‌କହଲ ପରିତ୍ୟାଗ କଲେ ଓ କେବେ ତାହା ଛୁଇଁବେ ନାହିଁ। ନିଜକୁ ସୁଧାରି ନେବା ପରେ ସେ ୨୦୧୯ ସାଧାରଣ ନିର୍ବାଚନରେ ସାଙ୍ଗରୁର୍‌ରୁ ପୁଣି ୧୭ତମ ଲୋକ ସଭାକୁ ନିର୍ବାଚିତ ହୋଇଥିଲେ। ତାଙ୍କ ରାଜନୈତିକ କ୍ୟାରିୟରରେ ୧୮ ଜାନୁୟାରୀ ୨୦୨୨ ଥିଲା ଆଉ ଏକ ସଫଳ ଦିବସ। ସେହିଦିନ ଏଏପି ତାଙ୍କୁ ପଞ୍ଜାବର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଭାବେ ଘୋଷଣା କରିଥିଲା।

କମେଡି ଜଗତରେ ପାଦ ଦେଇ ରାଜନୈତିକ ବିଦ୍ରୂପଧର୍ମୀ ଲେଖା ଓ କବିତା ଆବୃତ୍ତି ସହ ଅଭିନୟ କରୁଥିବା ବ୍ୟକ୍ତି ଆଜି ଅନ୍ୟ କେଉଁ କମେଡିଆନ୍‌ଙ୍କ ପାଇଁ ଚରିତ୍ର ପାଲଟିଯିବା ହୁଏତ କ୍ୱଚିତ ଲୋକଙ୍କ ଭାଗ୍ୟରେ ଜୁଟିଥାଏ। ଭଗଓ୍ୱନ୍ତଙ୍କ ଆଉ ଏକ ଦିଗ ପାଠକ ଜାଣିବା ପାଇଁ ଲେଖା ଗଲେ ସେ ଜଣେ ଭଲିବଲ ଖେଳାଳି ଭାବେ ପରିଚୟ ମଧ୍ୟ ସାଇତି ରଖିଛନ୍ତି।

– ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ଦାରିଦ୍ର୍ୟ ଜୀବନ ବିତାଉଥିବା ଝାଡ଼ଖଣ୍ଡର ଶବର ଆଦିବାସୀ ସମ୍ପ୍ରଦାୟଙ୍କ ପାଇଁ ଦେବଦୂତ ସାଜିଛନ୍ତି ପୂର୍ବତନ ଆଇଏଏସ୍ ଅଧିକାରୀ ସୁଚିତ୍ରା ସିହ୍ନା। ସେ ୩୦୦ ଶବର ପରିବାରକୁ ରୋଜଗାରକ୍ଷମ କରିପାରିଛନ୍ତି। ବାଉଁଶ ଓ କଞ୍ଚି ଘାସରେ ଟୋକେଇ , ପାଛିଆ, ପେନ୍ ଷ୍ଟାଣ୍ଡ ଓ ବହୁ ଘରକରଣା ସାମଗ୍ରୀ ଆଦି ତିଆରି କରିବାରେ ସେ ୨୫ଟି ଗାଁର ପରିବାରଗୁଡ଼ିକୁ ନିୟୋଜିତ କରିଛନ୍ତି। ଝାଡ଼ଖଣ୍ଡ ରାଜଧାନୀଠାରୁ ୬୦ କି.ମି. ଦୂରରେ ରହିଛି ଏହି ସବୁ ଗାଁ। ୨୦୧୯ରେ ସୁଚିତ୍ରା ଅବସର ନେବା ପରେ 'ଅମ୍ବିକା' ଏନ୍‌ଜିଓ ଗଠନ କରି ତା'ମାଧ୍ୟମରେ ଏହି କାର୍ଯ୍ୟ କରୁଛନ୍ତି। ବୁଣାଯାଉଥିବା ସାମଗ୍ରୀଗୁଡ଼ିକୁ ଆକର୍ଷଣୀୟ କରିବା ଲାଗି କିଛି ହସ୍ତକଳାକାରମାନଙ୍କୁ ନିୟୋଜିତ କରାଯାଇଛି। ଏ ସମ୍ପର୍କରେ ବି ଆଦିବାସୀମାନଙ୍କୁ ପ୍ରଶିକ୍ଷଣ ଦିଆଯାଉଛି। ଆଦିବାସୀଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀର ସର୍ବନିମ୍ନ ମୂଲ୍ୟ ୩୦୦ ଟଙ୍କା ରହିଥିବାବେଳେ ସବୁଠୁ ବେଶି ମୂଲ୍ୟ ରହିଛି ୩,୦୦୦ ଟଙ୍କା। ପ୍ରତ୍ୟେକ ପରିବାର ମାସକୁ ୭ରୁ ୮ ହଜାର ରୋଜଗାର କରୁଛନ୍ତି । ପ୍ରଶିକ୍ଷଣ ନେବା ପରେ ଏବେ ସେମାନେ ୧୦୪ ପ୍ରକାର ଜିନିଷ ତିଆରି କରିବାକୁ ସକ୍ଷମ ହୋଇପାରିଛନ୍ତି। ଏହିସବୁ ସାମଗ୍ରୀ ଅନ୍‌ଲାଇନ ପ୍ଲାଟଫର୍ମରେ ପାଇବାର ବ୍ୟବସ୍ଥା କରିଛନ୍ତି ସୁଚିତ୍ରା।

## ୨୫ ବର୍ଷ ତଳର ଧରିତ୍ରୀ

୧୩ ମାର୍ଚ୍ଚ ୧୯୯୭

- ଆଲବାନିଆରେ ମୁଣ୍ଡ ଟେକିଥିବା ସଶସ୍ତ୍ର ବିଦ୍ରୋହର ଦମନ ପାଇଁ ରାଷ୍ଟ୍ରପତି ସାଲି ବେରିସା ଏକ ବଳିଷ୍ଠ ପଦକ୍ଷେପ ସ୍ୱରୂପ ମୁଖ୍ୟ ବିରୋଧୀ ଦଳର ଟାଣୁଆ ନେତା ବାସକିମ ଫିନୋଙ୍କୁ ପ୍ରଧାନମନ୍ତ୍ରୀ ଭାବେ ନିଯୁକ୍ତି ଦେଇଛନ୍ତି।
- ଉତ୍ତର ପୂର୍ବାଞ୍ଚଳ ଜାଇରେ ସହର ନିକଟରେ ସରକାରୀ ସୈନ୍ୟଙ୍କ ସହ ସଂଘର୍ଷରେ ୩୫ ଜଣ ବିଦ୍ରୋହୀ ନିହତ।
- ଜେଲରେ ଥିବା ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ବେନଜୀର ଭୁଟ୍ଟୋଙ୍କ ସ୍ୱାମୀ ଅସିଫ ଅଲ୍ଲୀ ଜର୍ଦ୍ଦାରୀ ସିନେଟକୁ ନିର୍ବାଚିତ।

## ପାଠକ ଶ୍ରେଷ୍ଠ ବିଚାରକ

### କୋଟିଆ ନିର୍ବାଚନ ଫଳ ବ୍ୟତିକ୍ରମ ନୁହେଁ କି

ମହାଶୟ,

ଇତିମଧ୍ୟରେ ରାଜ୍ୟରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଶେଷ ହୋଇ ଫଳାଫଳ ପ୍ରକାଶ ପାଇବା ସହ ନିର୍ବାଚିତ ପ୍ରତିନିଧିମାନେ ଦାୟିତ୍ୱ ନେଇସାରିଲେଣି। ଏ ନିର୍ବାଚନରେ ଅନେକ ଘଟଣ ଅଘଟଣ ଘଟି ଯାଇଛି। ନିର୍ବାଚନର ଫଳ ଏକ ବ୍ୟତିକ୍ରମ। ରାଜ୍ୟର ୩୦ ଜିଲା ପରିଷଦରେ ଶାସକ ବିଜେଡି ଏକତରଫା ଭାବେ ଜୟ ଲାଭ କରି ଏକ ସର୍ବକାଳୀନ ରେକର୍ଡ ସୃଷ୍ଟି କଲା। ଶାସକ ଦଳ ସହିତ ଦୁଇ ବିରୋଧୀ ଦଳ ଏ ରହସ୍ୟ ଭେଦ କରି ପାରୁନାହାନ୍ତି। କୋଟିଆ ପଟାଙ୍ଗୀ ଏକ ନମ୍ବର ଜୋନ୍ ଅନ୍ତର୍ଭୁକ୍ତ କୋଟିଆ ଅଞ୍ଚଳକୁ ନେଇ ଓଡ଼ିଶା ଏବଂ ପଡ଼ୋଶୀ ଆନ୍ଧ୍ରପ୍ରଦେଶ ମଧ୍ୟରେ ବାଦ ବିବାଦ ରହିଛି। କୋଟିଆରେ ଆନ୍ଧ୍ର ସରକାର ପଞ୍ଚାୟତ ନିର୍ବାଚନ ଶେଷ କରିଥିଲେ। ଏବେ ଓଡ଼ିଶା ସରକାର ନିର୍ବାଚନ କଲେ। ପଟାଙ୍ଗୀରେ ସର୍ବଦଳୀୟ ପ୍ରାର୍ଥୀ ଘୋଷଣା କଲେ, କିନ୍ତୁ କଂଗ୍ରେସ ଦଳର ପ୍ରାର୍ଥୀ ହୋଇଥିବା ମମତା ଜାନି ନିଜକୁ ସ୍ୱାଧୀନ ଭାବେ ଘୋଷଣା କରି ଟିକାଇ ଗେମେଲ ନିର୍ବାଚନରେ ୩୭୦୦ ଅଧିକ ଭୋଟରେ ଜୟଲାଭ କରିବାର ପ୍ରମାଣିତ ହେଲା ଯେ ସେ ଅଞ୍ଚଳର ଜନତା ରାଜ୍ୟର ସମସ୍ତ ରାଜନୈତିକ ଦଳ ଏବଂ ନେତାଙ୍କୁ ବିଶ୍ୱାସକୁ ନେଲେ ନାହିଁ। ଏ ପ୍ରକାର ବ୍ୟତିକ୍ରମ ପାଇଁ ସମୀକ୍ଷକ- ନେତା ଏବଂ ସରକାରୀ ଦଳ ସମୀକ୍ଷା କରନ୍ତୁ। କୋଟିଆ ସମସ୍ୟା ସମାଧାନର ସୂତ୍ର ମିଳିବ।

– ରାମଚନ୍ଦ୍ର ପାଲଟାସିଂହ, କୁମାରବସ୍ତ, ଖୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ନିକଟେ ନିକଟେ ଆଉ
ଧୀରେ ସେ କୋମଳ ବାହୁ
ଜଡ଼ାଅ ତପତ ଅଙ୍ଗେ ମୋର,
ନିବିଡ଼ ଅତି ନିବିଡ଼
କରି ମୋର ବକ୍ଷ ଭିଡ଼
ଦିଅ ଆଲିଙ୍ଗନ ଦୃଢ଼ତର।
(ଆଶ୍ଳେଷ ସ୍ୱର୍ଗ)
-କାଳିନ୍ଦୀଚରଣ ପାଣିଗ୍ରାହୀ

ଧରିତ୍ରୀ
DHARITRI
ସମ୍ବଲପୁର, ରବିବାର, ୧୩ ମାର୍ଚ୍ଚ, ୨୦୨୨

## ବିଷ ପିଇ ମହିଳାଙ୍କ ଆତ୍ମହତ୍ୟା

ବ୍ରଜରାଜନଗର, (ଡି.ଏନ.ଏ.): ଓରିଏଣ୍ଟ ଥାନା ଅନ୍ତର୍ଗତ ଗୁରୁବାର ବଜାରର ମହିଳା ମାଧୁରୀ ଦେବୀ (୨୬) ମୂଷା ମରା ଔଷଧ ଖାଇ ଆତ୍ମହତ୍ୟା କରିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଆରମ୍ଭ କରିଥିବା ଥାନା ଅଧିକାରିଣୀ କଲ୍ୟାଣୀ ବେହେରା ପ୍ରକାଶ କହିଛନ୍ତି।



## ଆଜି କ'ଣ କେଉଁଠି

ସମ୍ବଲପୁର

- ୧୦ତମ ଦୀନବନ୍ଧୁ ଗୋସ୍ୱାମୀ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ, ହାୱା ମଇଦାନ, ସକାଳ ୮ଟା।
- କୁଞ୍ଜଲ ସିଂ ସ୍ମାରକୀ କବାଡି ପ୍ରତିଯୋଗିତା, ବାଲିବନ୍ଧା ବ୍ରଜମୋହନ ପାର୍କ, ସକାଳ ସାଢ଼େ ୮ଟା।

## ସଂକ୍ଷେପରେ

### ଭାଜପା ଜିଲା ସଭାପତିଙ୍କୁ ମାରପିଟ

**ସମ୍ବଲପୁର,୧୨।୩(ବ୍ୟୁରୋ):** ସମ୍ବଲପୁର ଜିଲା ଭାଜପା ସଭାପତି ଗିରିଶ ପଟେଲଙ୍କ ଘରକୁ ପଶି ଜଣେ ଯୁବକ ଗାଳିଗୁଲଜ ସହ ମାରପିଟ କରିଛନ୍ତି। ଶନିବାର ରାତି ପ୍ରାୟ ୮ଟା ସମୟରେ ଏହି ଘଟଣା ଘଟିଛି। ଜମି କିଣାବିକାରେ କମିସନ ଟଙ୍କା ନ ମିଳିବା ଓ ଏକ ଠିକା କାମର ଟଙ୍କାକୁ ନେଇ ବିବାଦ ଯୋଗୁ ଏଭଳି ଘଟଣା ଘଟିଥିବା ସନ୍ଦେହ କରାଯାଉଛି। ଖବର ଲେଖାହେବା ପର୍ଯ୍ୟନ୍ତ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଟାଉନ ଥାନା ଅଧିକାରୀ ପ୍ରକାଶ କର୍ଣ୍ଣ କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ଜମି, ଟଙ୍କା କିମ୍ବା ଅନ୍ୟ କୌଣସି କାରଣରୁ ଘଟଣା ହୋଇଥାଇପାରେ। ତଦନ୍ତ କଲେ ଜଣାପଡିବ।

### ହରିହର ନୋଡାଲ ହାଇସ୍କୁଲକୁ ପୌଷ୍ୟ ସ୍କୁଲ ଗ୍ରହଣ କଲେ ସଚିବ

**ଲୋଇସିଂହା,୧୨।୩ (ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ହରିହର ନୋଡାଲ ହାଇସ୍କୁଲକୁ ପୌଷ୍ୟ ସ୍କୁଲଭାବେ ରାଜ୍ୟ ସରକାରଙ୍କ ଲୋକ ଓ ସୂଚନା ବିଭାଗ ସଚିବ ଇନ୍ଦ୍ରମଣୀ ତ୍ରିପାଠୀ ଗ୍ରହଣ କରିଛନ୍ତି। ରାଜ୍ୟ ସରକାରଙ୍କ ମୋ ସ୍କୁଲ ଅଭିଯାନରେ ଉକ୍ତ ସ୍କୁଲକୁ ପୌଷ୍ୟ ସ୍କୁଲ ଭାବେ ଗ୍ରହଣ କରିବା ପାଇଁ ମୋ ସ୍କୁଲ ନିର୍ଦ୍ଦେଶକ ଅନୁପମା ଶାହାଙ୍କୁ ଚିଠି କରି ସେ ଜଣାଇଛନ୍ତି। ଶିକ୍ଷାର ବିକାଶ ଓ ବିଦ୍ୟାଳୟର ସମସ୍ତ ଉନ୍ନତିମୂଳକ କାର୍ଯ୍ୟ ପାଇଁ ସହାୟତା ପ୍ରଦାନ କରିବାକୁ ସଚିବ ତ୍ରିପାଠୀ ଇଚ୍ଛାପ୍ରକାଶ କରିଥିବା ପ୍ରଧାନଶିକ୍ଷକ ଅଶୋକ କୁମାର ତ୍ରିପାଠୀ କହିଛନ୍ତି।

### ଓଏସ୍‌ଓୟୁରେ ଆଲୋଚନାଚକ୍ର

**ସମ୍ବଲପୁର,୧୨।୩(ବ୍ୟୁରୋ):** ସମ୍ବଲପୁର ଓଡ଼ିଶା ମୁକ୍ତ ବିଶ୍ୱବିଦ୍ୟାଳୟ (ଓଏସ୍‌ଓୟୁ) ପକ୍ଷରୁ ନାରୀମାନଙ୍କ ପ୍ରତି ବଢୁଥିବା ହିଂସା ଓ ନାରୀ ସଶକ୍ତୀକରଣ ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଅକ୍ର କୁମାର ଦାସ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ନାରୀଶିକ୍ଷା ମାଧମରେ ଲିଙ୍ଗଗତ ସମାନତାକୁ କିପରି ଅଧିକରୁ ଅଧିକ ପ୍ରୋତ୍ସାହିତ କରାଯାଇପାରିବ ସେ ଦିଗରେ ଗୁରୁତ୍ୱାରୋପ କରିଥିଲେ। ଭର୍ଚୁଆଲ ଜରିଆରେ ସମ୍ମାନିତ ଅତିଥି ଭାବେ ମହିଳା ଓ ଶିଶୁ କଲ୍ୟାଣ ସମିତି ସାଧାରଣ ସମ୍ପାଦକ ମୀନତି ବିନ୍ଧାଣୀ, ମୁଖ୍ୟ ବକ୍ତା ତନୁଶ୍ରୀ ପୁରୋହିତ ଉପସ୍ଥିତ ରହି ମହିଳାମାନେ ଉପଯୁକ୍ତ ପ୍ରୋତ୍ସାହନ ପାଇବାରେ ଅବହେଳିତ ବୋଲି କହିଥିଲେ। ରୀତା ସିଂ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ସଗୁପ୍ତା ସହିନ ଧନ୍ୟବାଦ ଦେଇଥିଲେ।

# ଚୋରକୁ ଧରି ପୋଲିସ ଜିମା ଦେଲେ ଲୋକେ

**କୁତ୍ରା, ୧୨।୩ (ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା କୁତ୍ରା ୧୦ ନଂ. ରାଜ୍ୟ ରାଜପଥରୁ ମାତ୍ର ୨୦୦ ମିଟର ଦୂରରେ ଥିବା ମୁକେଶ ଅଗ୍ରୱାଲଙ୍କ ସିମେଣ୍ଟ ଦୋକାନରୁ ଚୋରି କରି ପଳାଉଥିବାବେଳେ ଚୋର ଧରାପଡିଲା। ଶନିବାର ସନ୍ଧ୍ୟାରେ ମୁକେଶ ତାଙ୍କ ଦୋକାନ ବାରଣ୍ଡାରେ ଟଙ୍କା ବ୍ୟାଗ ରଖି ପୂଜା କରୁଥିବା ସମୟରେ ଯୁବକ ଆସି ଟଙ୍କା ବ୍ୟାଗ ଧରି ଦୌଡ଼ି ପଳାଉଥିବା ସମୟରେ ଦୋକାନ ବାହାରେ ଥିବା ଲୋକେ ଦେଖି ତାକୁ ଗୋଡେଇବାରୁ ଟଙ୍କା ବ୍ୟାଗ ଫୋପାଡି ପଳେଇବା ପାଇଁ ଚେଷ୍ଟା କରୁଥିଲେ। ଲୋକେ ଗୋଡେଇ କାବୁ କରିଥିଲେ ଏବଂ କୁତ୍ରା ଥାନାରେ ଜିମା ଦେଇଛନ୍ତି। ବ୍ୟାଗରେ ୩୦ ହଜାର ଟଙ୍କା ଥିବା ଜଣାପଡିଛି।

## ଦେବଗଡ଼ ଜିଲା: ନବନିର୍ବାଚିତ ପଞ୍ଚାୟତ ସମିତି ଅଧ୍ୟକ୍ଷ


ପୁଷ୍ପାଞ୍ଜଳି ପାତ୍ର
ବାରକୋଟ


ମଧୁସୂଦନ ପ୍ରଧାନ
ରିଆମାଳ


ବୃନ୍ଦାବତୀ ଭୋଇ
ତିଳେଇବଣି

# ମଦବେପାରୀ-ଅବକାରୀ ଅଧିକାରୀ ସଲାସୁତରା

### ଦେବଗଡ଼ ଜିଲାରେ ଅବକାରୀ ବିଭାଗର ହାଲ୍

**ଦେବଗଡ଼, ୧୨।୩ (ଡି.ଏନ୍.ଏ.)**

ଦେବଗଡ଼ ଜିଲାରେ ବଢ଼ିଚାଲିଛି ଚୋରା ମଦ କାରବାର। ମଦ ବେପାରୀ-ଅବକାରୀ ଅଧିକାରୀ ଓ କର୍ମଚାରୀ ସଲାସୁତରାରେ ଚାଲିଛି ସବୁକିଛି। ଫଳରେ ଅବକାରୀ ବିଭାଗ କର୍ମଚାରୀ ନୀରବ ଦ୍ରଷ୍ଟା ସାଜିଛନ୍ତି। କେତେଜଣ ଅବକାରୀ କର୍ମଚାରୀ, ଅଧିକାରୀ ଚୋରା ମଦ ବ୍ୟବସାୟୀଙ୍କଠାରୁ ମାସିକିଆ ଅର୍ଥ ନେଉଥିବାରୁ ସେମାନେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି। ମଝିରେ ମଝିରେ ଲୋକ ଦେଖାଣିଆ ଚଢ଼ାଉ କରାଯାଉଛି। ଯେଉଁ ଅଞ୍ଚଳରେ ମଦ ବ୍ୟବସାୟୀ ଅବକାରୀ କର୍ମଚାରୀଙ୍କୁ ମାସିକିଆ ଦେଉନାହାନ୍ତି ସେହି ଅଞ୍ଚଳରେ ଚଢାଉ କରି ଅବକାରୀ ବିଭାଗ କର୍ମଚାରୀ ବାହାବା ନେବାକୁ ଚେଷ୍ଟା କରୁଛନ୍ତି। ଜିଲାରେ ଅବକାରୀ ବିଭାଗରେ ତଳୁ ଉପର ପର୍ଯ୍ୟନ୍ତ କର୍ମଚାରୀ ମଦବେପାରୀମାନଙ୍କଠାରୁ ମାସିକିଆ ନେଉଥିବା ଅଭିଯୋଗ ହୋଇଛି। ସେହିପରି ଜିଲାରେ କେତେକ ଲାଇସେନ୍ସପ୍ରାପ୍ତ ମଦ ଦୋକାନ ନିର୍ଦ୍ଧାରିତ ମୂଲ୍ୟଠାରୁ ଅଧିକ ଦାମରେ ମଦ ବିକ୍ରି କରୁଛନ୍ତି। ଏନେଇ ଗ୍ରାହକମାନେ ଅଭିଯୋଗ କଲେ କିଛି ଲାଭ ମିଳୁନାହିଁ। ଅବକାରୀ କର୍ମଚାରୀ ସେହି ମଦ ଦୋକାନ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି। ଫଳରେ ମଦ ଦୋକାନୀମାନେ ମାଲେମାଲ ହେଉଛନ୍ତି। ସେହିପରି ଲାଇସେନ୍ସପ୍ରାପ୍ତ ହେଲେ ମଧ୍ୟ ଠିପି ଖୋଲା ଦୋକାନ ହୋଇ ନ ଥିଲେ ମଦ ଦୋକାନ ଆଗରେ ବସି ମଦ ପିଇବାର ନିୟମ ନାହିଁ। ମାତ୍ର ଏହିସବୁ ଦୋକାନ ଆଗରେ ଲୋକେ ବସି ମଦ ପିଉଛନ୍ତି। କେତେକ ମଦ ଦୋକାନ ଶିକ୍ଷାନୁଷ୍ଠାନ, ମନ୍ଦିର ପାଖାପାଖି ଅଞ୍ଚଳରେ ରହିଛି। ଫଳରେ ସମ୍ପୃକ୍ତ ଅଞ୍ଚଳରେ ପରିବେଶ ଉପରେ ଏହାର ପ୍ରଭାବ ପଡୁଛି। ଅବକାରୀ ବିଭାଗ ଏହା ଜାଣି ମଧ୍ୟ କୌଣସି ପଦକ୍ଷେପ ନେଉନାହାନ୍ତି। ଦେବଗଡ଼ ସହର ସମେତ ଜିଲାରେ ଅନ୍ୟ କେତେକ ଅଞ୍ଚଳରେ ଏଭଳି ମଦ ଦୋକାନ ଥିବା ଦେଖିବାକୁ ମିଳିଛି। ଗତ ୨ମାସ ପୂର୍ବେ ଦେବଗଡ଼ ଜିଲାର ଅବକାରୀ ଅଧୀକ୍ଷକ ମଦଭାଟି ମାଲିକଙ୍କଠାରୁ ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ଅବକାରୀ ଅଧୀକ୍ଷକଙ୍କ ସହ ଜଣେ ଅବକାରୀ ନିରୀକ୍ଷକ ମଧ ମଦଭାଟି ମାଲିକଙ୍କଠାରୁ ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଲେ। ଏହି ଘଟଣାରୁ ଜଣାପଡ଼ିଥିଲା ଯେ ଦେବଗଡ଼ ଜିଲାରେ ଅବକାରୀ ବିଭାଗ କିପରି ଚାଲିଛି। ଅବକାରୀ ଅଧୀକ୍ଷକ, ନିରୀକ୍ଷକ ଲାଞ୍ଚ ନେଇ ଧରାପଡ଼ିବା ଘଟଣାରୁ ପ୍ରମାଣିତ ହୋଇଥିଲା ଯେ, ଜିଲାରେ ଅବକାରୀ ବିଭାଗର ତଳୁ ଉପର ପର୍ଯ୍ୟନ୍ତ କର୍ମଚାରୀ ମାସିକିଆ ଅର୍ଥ ନେବାରେ ବ୍ୟସ୍ତ। ଦେବାଗଡ଼ ଜିଲାରେ ଅବକାରୀ ବିଭାଗ ନାମକୁ ମାତ୍ର ଥିବା ପରି ମନେ ହେଉଛି। ଭିଜିଲାନ୍ସ ବିଭାଗ ତଦନ୍ତ କଲେ ଅବକାରୀ ବିଭାଗର ଆହୁରୀ ଅନେକ ଅଧିକାରୀ, କର୍ମଚାରୀ ଧରାପଡ଼ିବେ ବୋଲି କୁହାଯାଉଛି। ଅବକାରୀ ଅଧୀକ୍ଷକ ଚାକିରୀରୁ ଯିବା ପରେ ଏବେ ଅଧୀକ୍ଷକ ଦାୟିତ୍ୱରେ ବନମାଳୀ ସେଠୀ ରହିଛନ୍ତି। ସେ କହିଛନ୍ତି, ଜିଲାରେ ବେଆଇନ, ଚୋରା ମଦକାରବାର ବନ୍ଦ ପାଇଁ ପଦକ୍ଷେପ ନିଆଯାଉଛି। ନିର୍ଦ୍ଦିଷ୍ଟ କେତେକ ଲାଇସେନ୍ସପ୍ରାପ୍ତ ଦୋକାନୀ ଅଧିକ ଦାମରେ ମଦ ବିକ୍ରି କରୁଥିବା ନେଇ ଅଭିଯୋଗ ଆସିଛି। ତା'ଉପରେ ତଦନ୍ତ କରାଯାଇ ସମ୍ପୃକ୍ତ ମଦ ଦୋକାନ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ଅଧ୍ୟକ୍ଷା ପଦବୀ ଅକ୍ତିଆର କଲେ ସ୍ୱାଧୀନ ପ୍ରାର୍ଥୀ

### ଶାନ୍ତିଲତା ଲାକ୍ରା ବିଜୟୀ

**କୁତ୍ରା,୧୨।୩ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ କାର୍ଯ୍ୟାଳୟ ପରିସରରେ ଶନିବାର ପଞ୍ଚାୟତ ସମିତି ଅଧ୍ୟକ୍ଷା ପଦବୀ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ସରିବା ପରେ ସମସ୍ତ ରାଜନୈତିକ ଦଳ ପକ୍ଷରୁ ଅଧ୍ୟକ୍ଷା ପଦ ପାଇଁ ଅଙ୍କକଷା ଚାଲିଥିଲା। ଶେଷରେ ଶାନ୍ତିଶୃଙ୍ଖଳାର ସହିତ ଶୁକ୍ରବାର ତାର ଅନ୍ତ ଘଟିଛି। ବ୍ଲକରେ ୧୬ଟି ପଞ୍ଚାୟତ ରହିଛି। ଏଥିରେ ୧୬ଟି ପଞ୍ଚାୟତର ସମିତି ସଭ୍ୟ/ସଭ୍ୟା ଯୋଗ ଦେଇଥିଲେ। ଅଧ୍ୟକ୍ଷା ପଦବୀ ପାଇଁ ଦୁଇଜଣ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ସ୍ୱାଧୀନ ଭାବରେ ପ୍ରାର୍ଥିପତ୍ର ଦାଖଲ କରିଥିବା ପୁର୍କାପାଲି ପଞ୍ଚାୟତର ସମିତି ସଭ୍ୟା ଶାନ୍ତିଲତା ଲାକ୍ରା ଏବଂ ବିଜେଡି ସମର୍ଥିତ ଆମ୍ବଗୋଭା ପଞ୍ଚାୟତର ସମିତି ସଭ୍ୟା ମାଗ୍ରିତା କେର୍କେଟା। ଏଥିରେ ଶାନ୍ତିଲତା ଲାକ୍ରା ୧୧/୫ ଭୋଟରେ ବିଜୟୀ ହୋଇଛନ୍ତି। କୁତ୍ରା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟରେ ସମସ୍ତ ସମିତି ସଭ୍ୟ/ସଭ୍ୟା ନିଜ ମତବ୍ୟକ୍ତ କରିବା ସହିତ ନବ ନିର୍ବାଚିତ ଅଧ୍ୟକ୍ଷାଙ୍କୁ ସ୍ୱାଗତ କରିଥିଲେ। ଏକ୍‌ଜୁଟ ହୋଇ କାମ କରିବା ପାଇଁ ଅନୁରୋଧ କରିଥିଲେ ନବ ନିର୍ବାଚିତ ଅଧ୍ୟକ୍ଷାଙ୍କୁ। ଏଥିରେ କୁତ୍ରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ରବୀନ୍ଦ୍ର କୁମାର ସେଠୀ, କୁତ୍ରା ଥାନା ଅଧିକାରୀ ସୁଶାନ୍ତ କୁମାର ପରିଡା ଉପସ୍ଥିତ ଥିଲେ। ସମସ୍ତେ ଏକ୍‌ଜୁଟ ହୋଇ କାର୍ଯ୍ୟ କରିବା ସହିତ କୁତ୍ରା ବ୍ଲକକୁ ଉନ୍ନତି ଦିଗରେ ଆଗେଇ ନେବା ପାଇଁ ବିଡିଓ ଏବଂ ଥାନା ଅଧିକାରୀ ପରାମର୍ଶ ଦେଇଥିଲେ।

# ନରେଶ ପ୍ରତାପ ତୃତୀୟ ଥର ପାଇଁ ବ୍ଲକ ଅଧ୍ୟକ୍ଷ

**ଲେଫ୍ରିପଡା,୧୨।୩ (ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ଲେଫ୍ରିପଡା ପଞ୍ଚାୟତ ସମିତି ଅଧ୍ୟକ୍ଷ ପଦ ପାଇଁ ଶନିବାର ଶାନ୍ତି ଶୃଙ୍ଖଳାର ସହ ଭୋଟ ଗ୍ରହଣ ହୋଇଛି। ଏଥିରେ ପୂର୍ବତନ ବିଧାୟକ ତଥା ବିଜେଡି ନେତା ଯୋଗେଶ କୁମାର ସିଂହଙ୍କ ବଡ଼ଭାଇ ନରେଶ ପ୍ରତାପ ସିଂହ ନିର୍ଦ୍ୱନ୍ଦ୍ୱରେ ଲେଫ୍ରିପଡା ବ୍ଲକର ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ୧୭ଜଣ ସମିତି ସଭ୍ୟଙ୍କ ମଧ୍ୟରୁ ନରେଶ ଏକ ମାତ୍ର ଅଧ୍ୟକ୍ଷ ପ୍ରାର୍ଥୀ ଭାବେ ନାମାଙ୍କନପତ୍ର ଦାଖଲ କରିଥିଲେ। ୨୦୦୨ରୁ୨୦୦୭ ପର୍ଯ୍ୟନ୍ତ ନରେଶ ସର୍ଗିପାଲି ଗ୍ରାମପଞ୍ଚାୟତର ସରପଞ୍ଚ ଭାବେ ନିଜର ରାଜନୈତିକ କ୍ୟାରିଅର ଆରମ୍ଭ କରିଥିଲେ। ୨୦୦୭ରୁ ୨୦୧୨ ଏବଂ ୨୦୧୨ ରୁ ୨୦୧୭ ପର୍ଯ୍ୟନ୍ତ ଲଗାତାର ଭାବେ ଦୁଇଥର ଲେଫ୍ରିପଡା ବ୍ଲକର ଅଧ୍ୟକ୍ଷ ରହିବା ସହ ୨୦୧୭ ରୁ ୨୦୨୨ ପର୍ଯ୍ୟନ୍ତ ଲେଫ୍ରିପଡା ବ୍ଲକ 'ଖ' ଜୋନ୍‌ର ଜିଲା ପରିଷଦ ସଭ୍ୟ ଭାବେ ନିର୍ବାଚିତ ହୋଇଥିଲେ। ଜଣେ ଅପ୍ରତିଦ୍ୱନ୍ଦ୍ୱୀ ନେତା ଭାବେ ନିଜକୁ ପ୍ରମାଣ କରିବା ପରେ ପୁଣି ଚଳିତ ନିର୍ବାଚନରେ ତୃତୀୟଥର ପାଇଁ ଲେଫ୍ରିପଡା ବ୍ଲକ ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ହେଲେ ପୂର୍ବରୁ ସେ କଂଗ୍ରେସରେ ଥିଲେ। ଏଥର ସେ କଂଗ୍ରେସ ଛାଡି ବିଜେଡିରେ ଯୋଗଦାନ କରିଛନ୍ତି।

# ଝାରସୁଗୁଡ଼ା ଜିଲାରେ ରାଷ୍ଟ୍ରୀୟ ଲୋକ ଅଦାଲତ

**ଝାରସୁଗୁଡ଼ା ଅଫିସ,୧୨।୩**

ଝାରସୁଗୁଡା ଜିଲାରେ ଶନିବାର ଚଳିତବର୍ଷର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଝାରସୁଗୁଡ଼ା ଓ ଲଖନପୁର ସିଭିଲ୍ କୋର୍ଟ ପରିସରରେ ଜିଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ନିଶୀଥ୍ ନିଶାଙ୍କ ଅଧ୍ୟକ୍ଷତାରେ ଏହା ହୋଇଥିଲା। ଏହାକୁ ଜିଲା ଆଇନ୍‌ସେବା ପ୍ରାଧିକରଣ ସଚିବ ନେହା ଦାସ ପରିଚାଳନା କରିଥିଲେ। ୯ଗୋଟି ମୋଟର ଦୁର୍ଘଟଣା ଜନିତ ମାମଲାରେ ୧,୦୯,୯୦,୦୦୦ଟଙ୍କା, ୩୦ଗୋଟି ଫୌଜଦାରୀ ମାମଲା, ୬ଗୋଟି ଚେକ୍‌ବାଉନ୍ସ ମାମଲାରେ ୧,୫୦,୦୦୦ଟଙ୍କା, ୭ଗୋଟି ଟଙ୍କା ପୁନରୁଦ୍ଧାର ମାମଲାରେ ୧୫,୯୫,୬୨୩ଟଙ୍କା, ୫ଗୋଟି ବିବାହ ସମ୍ବନ୍ଧୀୟ, ଗୋଟିଏ ଜମି ଅଧିଗ୍ରହଣ, ୬ଗୋଟି ଦେୱାନୀ ମାମଲା, ୨୩୯ଗୋଟି ଅନ୍ୟାନ ଫୌଜଦାରୀ ମାମଲା, ବିଭିନ୍ନ ବ୍ୟାଙ୍କର ୨୩ଗୋଟି ମାମଲାରେ ୪,୪୮,୭୦୦ଟଙ୍କା, ଭାରତ ସଞ୍ଚାର ନିଗମ ଲିଃର ୧୦ଗୋଟି ଟେଲିଫୋନ୍ ବିଲ୍ ମାମଲାରେ ୧୦,୧୬୨ଟଙ୍କା ଅସୁଲ କରାଯାଇ ଆପୋସ ବୁଝାମଣା ମଧ୍ୟରେ ସମାଧାନ କରାଯାଇଛି। ଏହା ସହିତ ବୀମା କମ୍ପାନୀକୁ କ୍ଷତିପୂରଣ ରାଶି ପ୍ରଦାନ ପାଇଁ ଆଦେଶ ଦିଆଯାଇଛି । ଏଥିରେ ବିଚାରପତି ଭାବେ ଜିଲାଜଜ୍ ନିଶାଙ୍କ, ଅତିରିକ୍ତ ଜିଲା ଦୌରାଜଜ୍ ସତ୍ୟବ୍ରତ ମିଶ୍ର, ପରିବାର ଅଦାଲତ ବିଚାରପତି ହରପ୍ରସାଦ ପଟ୍ଟନାୟକ, ଦେୱାନି ଜଜ୍ ସ୍ୱପ୍ନାଶ୍ରୀ ନାୟକ, ସୁନନ୍ଦା ସାହୁ, ରୋଷନୀବାଳା ସେନାପତି, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ପ୍ରଦୀପ କୁମାର ସାମଲ, ଏସ୍‌ଡିଜେମ୍ ଦିବ୍ୟସଚୀ ବେହେରା, ଲଖନପୁର ଗ୍ରାମନ୍ୟାୟାଳୟ ନ୍ୟାୟଧିଶ ମୋନାଲିସା ପଣ୍ଡା, ମାଜିଷ୍ଟ୍ରେଟ୍ ତନ୍ମୟ ରଞ୍ଜନ ଦାସ, ସିଭିଲ୍ କୋର୍ଟ ରେଜିଷ୍ଟ୍ରାର୍ ମଳୟ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।

# ବିଜେଡିର ନିର୍ବାଚନୀ ସଭା

**ବ୍ରଜରାଜନଗର,୧୨।୩(ଡି.ଏନ.ଏ.)**

ବ୍ରଜରାଜନଗର ପୌର ନିର୍ବାଚନ ପାଖେଇ ଆସୁଥିବାବେଳେ ବିଜେଡି ନିର୍ବାଚନ ପ୍ରଚାରକୁ ଜୋରଦାର କରିବାରେ ଲାଗିଛି। ଏହାର ମଙ୍ଗ ଧରିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ। ସେ ପ୍ରତ୍ୟେକ ୱାର୍ଡ ବୁଲି ଭୋଟ ଭିକ୍ଷା କରୁଛନ୍ତି। ଚଳିତ ନିର୍ବାଚନରେ ଝାରସୁଗୁଡ଼ା ଜିଲାର ୯ ଗୋଟି ଜିଲା ପରିଷଦ ଆସନ ବିଜେଡି ହାତେଇଛି। ୫ ବ୍ଲକର ଅଧ୍ୟକ୍ଷ ପଦ ମଧ ବିଜେଡି ସମର୍ଥିତ ପ୍ରାର୍ଥୀଙ୍କ ହାତକୁ ଯାଇଛି। ତେଲେନପାଲୀ ପଡ଼ିଆ, ମଧୁବନ ନଗର, ଲମଟିବହାଲ ଓ ଭୂତବଙ୍ଗଳଠାରେ ପୃଥକ ଭାବେ ନିର୍ବାଚନୀ ସଭା ହୋଇଥିଲା। ନଗର ସଭାପତି ରାଧାକାନ୍ତ ପ୍ରଧାନ ସଭା ପରିଚାଳନା କରିଥିଲେ। ଜିଲା ପର୍ଯ୍ୟବେକ୍ଷକ ବିଷ୍ଣୁ ପ୍ରସାଦ କେଡିଆ, ଜିଲା ସମ୍ପାଦକ ବିଶ୍ୱନାଥ ନାୟକ, ଜୟନ୍ତ ଦୀକ୍ଷିତ, ନନ୍ଦକିଶୋର ଅଗ୍ରୱାଲ ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦକ ସଙ୍ଗୀତା ସୁନା ପ୍ରମୁଖ ମଞ୍ଚାସୀନ ଥିଲେ।

# ଅଘରିଆ ସମାଜର ଆଞ୍ଚଳିକ ବୈଠକ

**କୁଚିଣ୍ଡା,୧୨।୩ (ଡି.ଏନ.ଏ.)**

ବାମରା ବ୍ଲକ ଅନ୍ତର୍ଗତ ଡୁରେଇ ଗ୍ରାମରେ ଶନିବାର ଅଖିଳ ଭାରତୀୟ ଅଘରିଆ ସମାଜର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ସଭାପତି ବନମାଳୀ ନାୟକଙ୍କ ସଭାପତିତ୍ୱ ଓ ସମ୍ପାଦକ ସୁବୋଧ ପଟେଲଙ୍କ ପରିଚାଳନାରେ ଅନୁଷ୍ଠିତ ବୈଠକରେ ରାଜ୍ୟ କମିଟି ଉପଦେଷ୍ଟା ଗଙ୍ଗାଧର ନାୟକ, ସଭାପତି ନରେଶ ନାୟକ, ସାଙ୍ଗଠନିକ ସମ୍ପାଦକ ସୁବାସ ଚନ୍ଦ୍ର ନାୟକ ଓ ସାଧାରଣ ସମ୍ପାଦକ ଦିଲୀପ ପଟେଲ ପ୍ରମୁଖ ଅତିଥି ଭାବେ ଯୋଗଦେଇ ସଙ୍ଗଠନ ସମ୍ପର୍କରେ ଆଲୋଚନା କରିଥିଲେ। ଆଞ୍ଚଳିକ ସମ୍ପାଦକ ସୁଦୀପ୍ତ ପଟେଲ ବାର୍ଷିକ ବିବରଣୀ ପାଠ କରିଥିଲେ । ଆଗାମୀ ଦିନରେ ହେବାକୁ ଥିବା ଗାଙ୍ଗପୁରର ଆଞ୍ଚଳିକ ବାର୍ଷିକ ସମ୍ମିଳନୀ, ଲଇଡ଼ାଠାରେ ସଙ୍ଗଠନର ଶତବାର୍ଷିକ ଉତ୍ସବର ଉଦ୍‌ଯାପନ ଏବଂ କୁନ୍ତରାଠାରେ ମହିଳା ସମ୍ମିଳନୀକୁ ସଫଳ କରିବାକୁ ବୈଠକରେ ଆଲୋଚନା ହୋଇଥିଲା। ଲଇଡ଼ା ସଭାପତି ପ୍ରଜଲ ପଟେଲ, କୁଚିଣ୍ଡା ସଭାପତି ମନୋରଞ୍ଜନ ପଟେଲ, କେଶାଇବାହାଲ ସଭାପତି ମିତ୍ରଭାନୁ ପଟେଲ, କୁସୁମୀ ସଭାପତି ପୂର୍ଣ୍ଣ ଚନ୍ଦ୍ର ପଟେଲ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲାସ୍ତରୀୟ ପଡ଼ୋଶୀ ଯୁବସଂସଦ କାର୍ଯ୍ୟକ୍ରମ


ଯୁବସଂସଦ କାର୍ଯ୍ୟକ୍ରମକୁ ଅତିଥିମାନେ ଶୁଭାରମ୍ଭ କରୁଛନ୍ତି ।

**ସମ୍ବଲପୁର,୧୨।୩ (ବ୍ୟୁରୋ)**

ସମ୍ବଲପୁର ନେହେରୁ ଯୁବକେନ୍ଦ୍ର ଆୟୋଜିତ ଜିଲା ସ୍ତରୀୟ ପଡୋଶୀ ଯୁବସଂସଦ କାର୍ଯ୍ୟକ୍ରମ ଶନିବାର ତପସ୍ୱିନୀ ପ୍ରେକ୍ଷାଳୟଠାରେ ଅନୁଷ୍ଠିତ ହୋଇଯାଇଛି। କର୍ଣ୍ଣେଲ ପ୍ରଭାତ କୁମାର ପଣ୍ଡା ମୁଖ୍ୟଅତିଥି, ଡ. ସୁଜିତ କୁମାର ପୃଷେଠ ମୁଖ୍ୟବକ୍ତା, ଅଶୋକ ଜଲାନ ଫାଉଣ୍ଡେସନ ଅଧ୍ୟକ୍ଷ ଇଂ ଅଶୋକ ଜଲାନ ଓ ଶିକ୍ଷାବିତ୍ ରାଜେନ୍ଦ୍ର ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ଆତ୍ମନିର୍ଭର ଭାରତ, ଉଦ୍ୟୋଗୀ, ସ୍ୱାସ୍ଥ୍ୟ ଯୋଜନା, ଯୁବ ନେତୃତ୍ୱ, ଗ୍ରାମୀଣ ଓ ସହରାଞ୍ଚଳ ବିକାଶ ଉପରେ ଆଲୋଚନା କରିଥିଲେ। ଯୁବମାନଙ୍କ ମଧ୍ୟରୁ ସୌରଭ ଷଡଙ୍ଗୀ, ଡା. ପ୍ରଭାସ ଦେବତା, ଶମ୍ଭୁନାଥ ସାହୁ, ସୁପ୍ରିୟା ପଣ୍ଡା, ଶ୍ରୀକାନ୍ତ ପାଣିଗ୍ରାହୀ ଓ ମୁକେଶ ଜରିୱାଲ ଆଲୋଚନାରେ ଭାଗ ନେଇଥିଲେ। କାର୍ଯ୍ୟକ୍ରମକୁ ଜିଲା ଯୁବ ସଂଯୋଜକ ମାରିୟାନୁସ ବିଲୁଙ୍ଗ ପରିଚାଳନା କରିଥିଲେ। ମାଇକେଲ କୁଲୁ ଓ ମୋନିକା ବେଗ ମଞ୍ଚ ପରିଚାଳନା କରିଥିଲେ। ଜାଗୃତି ଯୁବ ଆସୋସିଏଶନ ସଭାନେତ୍ରୀ ରେଶମା କେରକେଟା ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ବଲପୁର ଜିଲାର ୯ ବ୍ଲକରୁ ୩୫୦ଜଣ ଯୁବତୀଯୁବକ ଭାଗ ନେଇଥିଲେ ।

## ସମ୍ବଲପୁର ଜିଲା: ନବନିର୍ବାଚିତ ପଞ୍ଚାୟତ ସମିତି ଅଧ୍ୟକ୍ଷ


ସ୍ୱରୂପାରାଣୀ ସାହୁ
ନାକଟିଦେଉଳ


ପ୍ରଦୀପ ପ୍ରଧାନ
ରେଢ଼ାଖୋଲ


ସତ୍ୟନାରାୟଣ ଅଗ୍ରୱାଲ
ରେଙ୍ଗାଲି


ପୁଷ୍ପାଞ୍ଜଳି ବେହେରା
ଧନକଉଡ଼ା


ଭୁବନେଶ୍ୱର କିସାନ
କୁଚିଣ୍ଡା


ଅଶ୍ରିତା ଭୋଇ
ଜମନକିରା


ରକ୍ମିଣୀ ମହାନନ୍ଦ
ମାନେଶ୍ୱର


ମମତା ନାଏକ
ଯୁଯୁମୁରା


ପିଙ୍କି ଧରୁଆ
ବାମରା

## ସୁନ୍ଦରଗଡ଼ ଜିଲା


ତପସ୍ୱିନୀ ମାଝି
ଟାଙ୍ଗରପାଲି


କୁଞ୍ଜଲତା ଭିତିରିଆ
ବାଲିଶଙ୍କରା


ଦୁଲାରି ସୋରେନ
ବଡ଼ଗାଁ


ସୁରେଶ ନାଏକ
କୋଇଡ଼ା


ଜ୍ୟୋତି କେର୍କେଟା
କୁଆଁରମୁଣ୍ଡା


ଶାନ୍ତିଲତା ଲାକ୍ରା
କୁତ୍ରା


ଶୁକମତୀ ମୁଣ୍ଡା
ଲହୁଣୀପଡ଼ା


ନରେଶ ପ୍ରତାପ ସିଂ
ଲେଫ୍ରିପଡ଼ା


ବିଶ୍ୱାଶୀ ଟପୋ
ନୂଆଗାଁ


ସୁବ୍ରତ ମାଝି
ସୁନ୍ଦରଗଡ଼ ସଦର


ଜରଜିନୀ ବୁଡ଼
ଗୁରୁଣ୍ଡିଆ


ମଞ୍ଜୁଲତା କିଷାନ
ବଣାଇ


ସାବିନା ମିଞ୍ଜ
ରାଜଗାଙ୍ଗପୁର


ଦିଲୀପ କୁମାର ଖେସ୍
ଲାଠିକଟା


କୁନ୍ତୀ ପ୍ରଧାନ
ସବ୍‌ଡେଗା


ପ୍ରେମାନନ୍ଦ ସା
ହେମଗିର


ଫୁଲମାନି କେରକେଟା
ବିଶ୍ରା

## ଝାରସୁଗୁଡ଼ା ଜିଲା


ଚିତ୍ରାଣୀ ପଟେଲ
ଝାରସୁଗୁଡ଼ା


ହୁତେଶ୍ୱରୀ ତିହିରିଆ
ଲଖନପୁର


କୃଷ୍ଣପ୍ରିୟା ସାହୁ
କିର୍ମିରା


ସଞ୍ଜିତ ନାଏକ
ଲଇକେରା


ଭୋଜରାଜ ପଟେଲ
କୋଲାବିରା

# ଏବେଠୁ ସଜାଗ

ଦିନକୁ ଦିନ ପୃଥିବୀର ତାପମାତ୍ରା ବଢ଼ିବାରେ ଲାଗୁଛି। ଗରମ ପ୍ରଭାବରୁ ଅନେକଙ୍କଠାରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଉଛି। ଏମିତିରେ ସଭିଏଁ ବିଶେଷ କରି ପାଠପଢ଼ା, ଜବ୍ ଅବା ଅନ୍ୟ କାରଣ ଲାଗି ବାହାରକୁ ଯାଉଥିବାରୁ ସେମାନଙ୍କୁ କେଉଁସବୁ ଦିଗପ୍ରତି ବିଶେଷ ସଜାଗ ରହିବା ଦରକାର ଜାଣିରଖନ୍ତୁ ସେ ସମ୍ପର୍କରେ...

**ଦିଅନ୍ତୁ ଖାଦ୍ୟପେୟକୁ ଗୁରୁତ୍ୱ:** ଏଦିନେ ଝାଳ ଅଧିକ ହେଉଥିବାରୁ ସ୍ନେହସାର, ଖଣିଜ ଲବଣ ଓ ଜଳୀୟ ଅଂଶ ନଷ୍ଟ ହୋଇ ଶରୀରରେ ଜଳଶୁଷ୍କତା ଦେଖାଦିଏ। ତେଣୁ ପ୍ରଚୁର ପରିମାଣରେ ପାଣି ପିଅନ୍ତୁ। ମନେରଖନ୍ତୁ, ସାଧାରଣତଃ ଅଧିକାଂଶ ଯୁବତୀଯୁବକ ଆଇସ୍‌କ୍ରିମ୍, କୋଲ୍ଡ ଡ୍ରିଙ୍କ୍ସ ଭଳି ଥଣ୍ଡା ପାନୀୟ ଏବଂ ଖାଦ୍ୟ ଅଧିକ ପରିମାଣରେ ଖାଉଥିବା ଦେଖିବାକୁ ମିଳେ, ଯାହାକି ଶରୀର ପାଇଁ







ଆଦୌ ହିତକର ନୁହେଁ। କାରଣ ଏଦିନେ ବାୟୁମଣ୍ଡଳର ତାପମାତ୍ରା ଅନୁଯାୟୀ ଶରୀରର ତାପମାତ୍ରା ଅଧିକ ଥିବାରୁ ହଠାତ୍ ଏଭଳି ଥଣ୍ଡା ଖାଦ୍ୟ ଖାଇବା ଦ୍ୱାରା ଶରୀରର ତାପମାତ୍ରା ଅସନ୍ତୁଳିତ ହୋଇ ଥଣ୍ଡା, କାଶ, ଥ୍ରୋଟ୍ ବା ଗଳା ଇନ୍‌ଫେକ୍ସନ୍ ଭଳି ସମସ୍ୟା ଦେଖାଦେଇଥାଏ। ତେଣୁ ଏହା ବଦଳରେ ଲସି, ସର୍ବତ, ପଇଡ଼ପାଣି, ସୁରେଇ, ମାଠିଆ ପାଣି, ଲେମ୍ବୁ ସରବତ, ଘୋଳଦହି, ଲୁଣମିଶା ତୋରାଣି, ବେଲପଣା, ଜୁସ୍, ଆଖୁରସ ଆଦି ପିଅନ୍ତୁ। ଏଦିନେ ଅଧିକ ତାପମାତ୍ରା ହଜମ କ୍ରିୟାକୁ ମଧ୍ୟ ପ୍ରଭାବିତ କରିଥାଏ। ଫଳରେ ଖାଦ୍ୟ ସହଜରେ ହଜମ ହୋଇ ନ ଥାଏ ଏବଂ ଅମ୍ଳ କରାଏ। ତେଣୁ ଏଦିନେ ଫାଷ୍ଟଫୁଡ୍, ତେଲମସଲାଯୁକ୍ତ ଗରିଷ୍ଠ ଖାଦ୍ୟ ଖାଇବା ଅନୁଚିତ। ଏହା ଖାଇବା ଦ୍ୱାରା ଅନେକଙ୍କଠାରେ ଝାଡ଼ା, ବାନ୍ତିର ଆଶଙ୍କା ବଢ଼ିଯାଏ। ତେଣୁ ଏଦିନେ ଏସବୁ ଖାଦ୍ୟ ପରିବର୍ତ୍ତେ ସୁଷମ ଖାଦ୍ୟ ଗ୍ରହଣ କରନ୍ତୁ। ଏଦିନେ ପଖାଳ ଖାଇବା ସ୍ୱାସ୍ଥ୍ୟ ପ୍ରତି ହିତକର। ତରଭୁଜ, କାକୁଡ଼ି ଏବଂ ସିଜ୍‌ନାଲ୍ ଫଳକୁ ଖାଦ୍ୟ ତାଲିକାରେ ସାମିଲ କରିବାକୁ ଭୁଲନ୍ତୁ ନାହିଁ।

**ତ୍ୱଚାର ନିଅନ୍ତୁ ଯତ୍ନ:** ଏଦିନେ ସୂର୍ଯ୍ୟକିରଣ ପ୍ରଖର ଥିବାରୁ ଅନେକଙ୍କଠାରେ ସନ୍‌ଟ୍ୟାନ୍ ଏବଂ ସ୍କିନ୍ ଆଲର୍ଜି ଦେଖାଦିଏ। ତେଣୁ ବାହାରକୁ ଯିବା ପୂର୍ବରୁ ଭଲ ଭାବେ ସନ୍‌ସ୍କ୍ରିନ୍ ଲୋଶନ ଲଗାନ୍ତୁ। ଯଥାସମ୍ଭବ ଘୋଡ଼ାଇ ହୋଇ ବାହାରକୁ ବାହାରନ୍ତୁ। ସିନ୍ଥେଟିକ୍ ପରିବର୍ତ୍ତେ ସୂତାଲୁଗା ବ୍ୟବହାର କରନ୍ତୁ।

**ଚକ୍ଷୁର ସୁରକ୍ଷା ଗୁରୁତ୍ୱପୂର୍ଣ୍ଣ:** ଖରାର ଅଧିକ ନକାରାତ୍ମକ ପ୍ରଭାବ ଆଖି ଉପରେ ମଧ୍ୟ ପଡ଼ିଥାଏ। ତେଣୁ ଏହାର ସୁରକ୍ଷା ଲାଗି ସନ୍‌ଗ୍ଲାସ୍ ବ୍ୟବହାର କରନ୍ତୁ।

**ସ୍ୱାସ୍ଥ୍ୟକୁ ଅଣଦେଖା କରନ୍ତୁନି:** ମୁଣ୍ଡ ଅଧିକ ସମୟ ଖରା ସଂସ୍ପର୍ଶରେ ଆସିବା ଦ୍ୱାରା ମୁଣ୍ଡ ବୁଲାଇବା ସହ ମାନସିକ ଅସନ୍ତୁଳନ ଦେଖାଦେଇଥାଏ। କାହା କାହାଠାରେ ଅଂଶୁଘାତ ଭଳି ସମସ୍ୟା ବି ଦେଖାଦିଏ। ତେଣୁ ଏଦିନେ ବାହାରକୁ ବାହାରିବା ବେଳେ ମୁଣ୍ଡକୁ ଭଲ ଭାବେ ଘୋଡ଼ାଇ ରଖନ୍ତୁ। ଏଥିପାଇଁ ଓଦା କପଡ଼ା ବ୍ୟବହାର କରିବା ମଧ୍ୟ ଅଧିକ ଉପକାରୀ। ବାହାରେ ବୁଲିବା ବେଳେ ଛତା ବ୍ୟବହାର କରନ୍ତୁ। ଦେହରୁ ଅଧିକ ଝାଳ ବୋହିଲେ, ପାଟି ଅଠା ଅଠା ଲାଗିଲେ ପ୍ରଚୁର ପାଣି କିମ୍ବା ଓଆର୍‌ଏସ୍ ପାଣି ପିଅନ୍ତୁ। ଏହି ସମୟରେ ଅନେକଙ୍କଠାରେ ପରିସ୍ରାପୋଡ଼ା ସହ ପରିସ୍ରା ସଂକ୍ରମଣ ମଧ୍ୟ ଦେଖାଦେଇଥାଏ। ତେଣୁ ପ୍ରଚୁର ପରିମାଣରେ ପାଣି ପିଇବାକୁ ଏବଂ ବାହାରକୁ ଯିବା ବେଳେ ପାଖରେ ପାଣି ବୋତଲ ରଖିବାକୁ ଆଦୌ ଭୁଲନ୍ତୁ ନାହିଁ।



ଗ୍ରୀଷ୍ମ ଏଯାଏ ଆସିନି। ହେଲେ ଧୀରେ ଧୀରେ ବଢ଼ୁଛି ଖରାର ପ୍ରକୋପ। ଆଗକୁ ତାପମାତ୍ରା ଆହୁରି ବଢ଼ିବ। ଏମିତିରେ ଅନେକଙ୍କଠାରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଉପୁଜିବାର ଆଶଙ୍କା ରହିଥାଏ। ତେଣୁ ଏବେଠୁ କେତେକ ଦିଗ ପ୍ରତି ସଜାଗ ରହିଲେ ନିଜକୁ ରୋଗମୁକ୍ତ ରଖି ଏହି ଋତୁର ମଜା ବି ନେଇପାରିବେ...

### କ'ଣ କୁହନ୍ତି ଏମାନେ...



**ଅଙ୍କିତା ପ୍ରଧାନ** (କଟକ): ଖରାଦିନେ ନିଜକୁ କିଭଳି ସୁରକ୍ଷିତ ରଖିବି, ସେଥିପାଇଁ ପ୍ରସ୍ତୁତି ଆରମ୍ଭ କରିସାରିଲିଣି। ମୁଖ୍ୟତଃ ଖାଇବା ଓ ପିଇବା ଉପରେ ବେଶି ଗୁରୁତ୍ୱ ଦେବି। ଦିନକୁ ୪-୫ ଲିଟର ପାଣି ପିଇବା ସହ ମର୍ଣ୍ଣିଂ ବ୍ରେକ୍‌ଫାଷ୍ଟ ଠିକ୍ ଭାବେ କରିବି। ତା' ସହ ଏବେଠୁ ପ୍ରତିଦିନ ଫଳ ଖାଇବା ମଧ୍ୟ ଆରମ୍ଭ କଲିଣି। ଫିଟ୍ ରହିବା ପାଇଁ ଯୋଗ ଓ ପ୍ରାଣାୟାମ ମଧ୍ୟ କରୁଛି। ଏଦିନେ ବାହାରକୁ ଖୁବ୍ କମ୍ ବୁଲିବାକୁ ଯାଏ ଓ ଘରେ ରହିବାକୁ ପସନ୍ଦ କରେ। ଆଉ ଯେବେବି ବାହାରକୁ ଯାଏ ସାଙ୍ଗରେ ପାଣି ବଟଲ୍, ଷ୍ଟୋଲ୍, ଛତା ଓ ସନ୍ ଗ୍ଲାସ୍ ନେବାକୁ ଭୁଲି ନ ଥାଏ।



**ନିବେଦିତା ସାହୁ** (ଛାତ୍ରୀ, ଶାନ୍ତିନିକେତନ, ବିଶ୍ୱ ଭାରତୀ, କୋଲକାତା): ଏଦିନେ ମୁଁ ସ୍ୱାସ୍ଥ୍ୟ ପ୍ରତି ବେଶି ସଜାଗ ହୋଇଯାଏ। ବାହାରେ ତେଲ, ମସଲାଯୁକ୍ତ ଖାଦ୍ୟଠାରୁ ନିଜକୁ ଯଥାସମ୍ଭବ ଦୂରେଇ ରଖେ। ପେଟ ଥଣ୍ଡା ରଖିବା ପାଇଁ ପ୍ରାୟତଃ ପଇଡ଼ ପାଣି, ଘୋଳଦହି ପିଇବା ସହ ତରଭୁଜ ବି ଖାଇଥାଏ। ଘରେ ଥିବା ବେଳେ ହେଉ କିମ୍ବା ବାହାରକୁ ଗଲାବେଳେ ସବୁବେଳେ କଟନ୍ ଡ୍ରେସ୍ ହିଁ ପିନ୍ଧିଥାଏ। ଏହି ଦିନେ ସ୍କିନ୍ କଳା ପଡ଼ି ଯାଉଥିବାରୁ ଡାକ୍ତରଙ୍କ ପରାମର୍ଶକ୍ରମେ ସନ୍‌ସ୍କ୍ରିନ୍ ଲଗାଇଥାଏ। ସବୁଠୁ ଖାସ୍ କଥା ହେଲା, ଖରାଦିନେ ସକାଳୁ ଜଲ୍‌ଦି ଉଠି ପଡୁଥିବାରୁ ମର୍ଣ୍ଣିଂୱାକ୍ କରିବାକୁ ଯାଏ।

## ଏ ସପ୍ତାହର ପ୍ରଶ୍ନ

୧- ନ୍ୟାଶନାଲ୍ କମିଶନ୍ ଫର୍ ପ୍ରୋଟେକ୍ସନ ଅଫ୍ ଚାଇଲ୍ଡ ରାଇଟ୍ସର ମୋଟୋ......... ?
୨- ମିଲେନିୟମ୍ ଚ୍ୟାଲେଞ୍ଜ କର୍ପୋରେଶନ୍ ................... ଦେଶ ପକ୍ଷରୁ ଆରମ୍ଭ କରାଯାଇଛି ?
୩- ୱାର୍ଲ୍ଡ ଏନ୍‌ଜିଓ ଡେ'..........ତାରିଖରେ ପାଳନ କରାଯାଏ ?
୪- ............... ଦେଶର ନାଭାଲ୍ ଫୋର୍ସରେ 'ସି-୧୭ ଗ୍ଲୋବ୍‌ମାଷ୍ଟର' ଏୟାରକ୍ରାଫ୍ଟ ବ୍ୟବହାର ହୋଇଥାଏ ?
୫- କନ୍ୟାକୁମାରୀ ୱାଇଲ୍ଡ ଲାଇଫ୍ ସାଞ୍ଚୁରୀ............ ରାଜ୍ୟରେ ଆରମ୍ଭ କରାଯାଇଛି ?

## ଗତ ଥରର ଉତ୍ତର

୧ ଭିନା
୨ ଗୋଲିଆଥ୍ ଫ୍ରଗ୍
୩ ୩,୩୦,୦୦୦
୪ ନୀଳ
୫ ଉତ୍ତର ପ୍ରଦେଶ

## ଉତ୍ତରଦାତା



ପ୍ରଶାନ୍ତ କର, ପୁରୀ



ଶଶୀ ମାଧୁରୀ ଧଳ, ବାଲେଶ୍ୱର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ-ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### କ୍ଷୁଦ୍ରତମ କାର୍



(୧)........................ ଦି ଏଲ୍‌ବିଲ୍ ନର୍ଜ ବଡି କ୍ୟାବ୍
(୨)........................ ଦି ଲ୍ୟୁମେନିଓ ସ୍ମେରା
(୩)........................ ଦି ଟ୍ୟାଙ୍ଗୋ ବାଲ କମ୍ୟୁଟର୍ସ କାର୍
(୪)........................ ଦି ରିଭା ଜି-ୱିଜ୍
(୫)........................ ଦି ସ୍ମାର୍ଟ ଫର୍‌ଟୁ
(୬)........................ ଦି କାଣ୍ଡି କୋକୋ
(୭)........................ ଦି ଡାଇହାସୁ କୋପେନ୍
(୮)........................ ଦି ଥିଙ୍କ୍ ସିଟି
(୯)........................ ଦି ବୋଲୋର୍ ବ୍ଲୁ କାର୍
(୧୦)........................ ଦି ଫୋର୍ଡ କା

### ଯୁବ ପ୍ରତିଭା

## ଦୃଢ଼ ମନୋବଳ ହିଁ ସଫଳତାର ଚାବିକାଠି

ଆଗ୍ରହ ଓ ଦୃଢ଼ ଇଚ୍ଛାଶକ୍ତି ହିଁ ସଫଳତାର ଚାବିକାଠି। ଏ କଥାକୁ ପ୍ରମାଣ କରି ଦେଖାଇଛନ୍ତି ନୟାଗଡ଼ ଜିଲା ଭାପୁର ବ୍ଲକ ମାଧପୁର ଗାଁର ମାଆ ଲକ୍ଷ୍ମୀ ଏବଂ ବାପା ସନାତନ ରଣାଙ୍କ ପୁଅ ପ୍ରଶାନ୍ତ କୁମାର(୨୫)। ନିଜ ଉଦ୍ୟମ ବଳରେ ସେ ଆଜି ଦିନ ମଜୁରିଆରୁ ଓଡ଼ିଶା ରଣଜୀ ଦଳରେ ସାମିଲ ହେବାର ସୌଭାଗ୍ୟ ଅର୍ଜନ କରିପାରିଛନ୍ତି।

ଦିନେ ସେ ପରିବାର ପ୍ରତିପୋଷଣ କରିବା ଲାଗି ପରଦୁଆରେ ମୂଲ ଲାଗୁଥିଲେ। କାରଣ ବାପା ଗ୍ରାମ ମନ୍ଦିରର ପୂଜକ ହୋଇଥିବା ବେଳେ ବଡ଼ଭାଇ ପରିବା ଫାର୍ମରେ କାର୍ଯ୍ୟ କରନ୍ତି। ପରିବାରର ଆର୍ଥିକ ପରିସ୍ଥିତି ସ୍ୱଚ୍ଛଳ ନ ଥିବାରୁ ସେ ୧୦ମ ଶ୍ରେଣୀ ଉତ୍ତୀର୍ଣ୍ଣ ପରେ ଉଚ୍ଚଶିକ୍ଷା କରିବାରୁ ବଞ୍ଚିତ ହୋଇଥିଲେ। କ୍ରିକେଟ୍ ଖେଳ ପ୍ରତି ପିଲାବେଳୁ ଆଗ୍ରହ ଥିବାରୁ ଘରେ କାହାକୁ ନ ଜଣାଇ କାମ ଖୋଜିବା ବାହାନାରେ କଟକ ଚାଲିଆସିଥିଲେ। ସେଠାରେ ରହୁଥିବା ଜଣେ ସମ୍ପର୍କୀୟଙ୍କ ପାଖକୁ ଯାଇ ୟୁନିୟନ ସ୍ପୋର୍ଟିଂ କ୍ଲବରେ ଆଡ୍‌ମିଶନ କଲେ। ୩-୪ ବର୍ଷ କାଳ ସେଠାରେ ରହି କ୍ରିକେଟ୍ ଖେଳ ଅଭ୍ୟାସ ଜାରି ରଖିଲେ। ଏହା ସହ ଆର୍ଥିକ ପରିସ୍ଥିତି ସୁଧାରିବା ଲାଗି ଜଣେ ବନ୍ଧୁଙ୍କ ସହଯୋଗରେ ପାଣି ପାଇପ୍ ମିସ୍ତ୍ରୀଙ୍କ ସହଯୋଗୀ ଭାବେ ମୂଲିଆ କାମ କରିବା ଆରମ୍ଭ କଲେ। ସମୟ ମଧ୍ୟ ଦେଲେ। ପରିବାର ଲୋକେ ଏ ସମ୍ପର୍କରେ ଜାଣିଲେ ତାଙ୍କୁ ଘରକୁ ଫେରାଇ ନେବା ଭୟରେ ସେ ଏନେଇ ନିଜର କାର୍ଯ୍ୟ କିମ୍ବା ଖେଳ ବିଷୟରେ ପରିବାର ଲୋକଙ୍କୁ କିଛି ବି ଜଣାଇ ନ ଥିଲେ।

ବୟସ ଅଧିକ ହେବା କାରଣରୁ ସେ ଜୁନିଅର୍ ଓଡ଼ିଶା ଦଳରେ ସ୍ଥାନ ପାଇ ପାରି ନ ଥିଲେ। ହେଲେ, ଚଳିତବର୍ଷ ୨୫ ବର୍ଷରୁ କମ୍ ଟିମରେ ଖେଳିବା ଲାଗି ତାଙ୍କୁ ସୁଯୋଗ ମିଳିଛି। ଝାଡ଼ଖଣ୍ଡ ବିପକ୍ଷରେ ଅଭ୍ୟାସ ମ୍ୟାଚରେ ତାଙ୍କ ଖେଳ ଓଡ଼ିଶା ଦଳର ଚୟନକର୍ତ୍ତାଙ୍କୁ ପ୍ରଭାବିତ କରିଥିଲା। ଯେଉଁଥିପାଇଁ ତାଙ୍କୁ ରଣଜୀ ଦଳରେ ସୁଯୋଗ ମିଳିପାରିଲା। ଚଳିତବର୍ଷ ଓଡ଼ିଶା ରଣଜୀ ଦଳରେ ସ୍ଥାନ ପାଇଥିବା ୫ ନୂଆ ମୁହଁଙ୍କ ଭିତରେ ପ୍ରଶାନ୍ତ ହେଉଛନ୍ତି ଅନ୍ୟତମ। ଓଡ଼ିଶାର ଜଣେ ଆଗଧାଡ଼ିର ପେସ୍ ବୋଲର ଭାବେ ଏବେ ସେ ପରିଚିତ। ତେବେ ସେ ହେଉଛନ୍ତି ଏମିତି ଜଣେ କ୍ରିକେଟର, ଯିଏ ଓଡ଼ିଶା ପାଇଁ କୌଣସି ଜୁନିୟର କ୍ରିକେଟ ମ୍ୟାଚ୍ ଖେଳିନାହାନ୍ତି। ଏବେ ରଣଜୀ ଦଳରେ ସୁଯୋଗ ପାଇଥିବାରୁ ବେଶ୍ ଖୁସି ଥିବା ପ୍ରଶାନ୍ତ ଆଗକୁ ଆଇପିଏଲ୍ ଏବଂ ଭାରତୀୟ କ୍ରିକେଟ୍ ଦଳରେ ସ୍ଥାନ ପାଇବା ପାଇଁ ଚେଷ୍ଟା ଜାରି ରଖିଥିବା କୁହନ୍ତି। ତେବେ ନିଜ ସଫଳତା ପଛରେ ସାଙ୍ଗମାନଙ୍କ ସହଯୋଗ ଅବର୍ଣ୍ଣନୀୟ ବୋଲି ପ୍ରକାଶ କରୁଥିବା ପ୍ରଶାନ୍ତ ଦୃଢ଼ ମନୋବଳ ହିଁ ସଫଳତାର ଚାବିକାଠି ବୋଲି ବିଶ୍ୱାସ ରଖନ୍ତି।



ପ୍ରଶାନ୍ତ ହେଉଛନ୍ତି ଏମିତି ଜଣେ ରଣ୍‌ଜୀ କ୍ରିକେଟର, ଯିଏ ଓଡ଼ିଶା ପାଇଁ କୌଣସି ଜୁନିୟର କ୍ରିକେଟ ମ୍ୟାଚ୍ ଖେଳିନାହାନ୍ତି।

– ଅଜୟ କୁମାର ମହାରଣା

### ୟୁଥ୍ ଫ୍ୟାଶନ

## ସମର ଅମ୍ବ୍ରେଲା ଫ୍ୟାଶନ

ଖରାରୁ ସୁରକ୍ଷା ପାଇଁ ଏବେ ବଢୁଛି ଛତାର ଡିମାଣ୍ଡ। ଯାହାକୁ ଆଖିଆଗରେ ରଖି ମାର୍କେଟ୍‌କୁ ବି ଆସିଯାଇଛି ବିଭିନ୍ନ ଡିଜାଇନ୍‌ର କଲରଫୁଲ୍ ଛତା କଲେକ୍ସନ। ଯେଉଁଥିରୁ କିଛି ନିଆରା ଡିଜାଇନ୍‌ର ଛତା ଏବେ ପାଲଟିଛି ଯୁବପିଢ଼ିଙ୍କ ସମର ଫ୍ୟାଶନ୍...

**କାର୍ଟୁନ୍ ଅମ୍ବ୍ରେଲା:** ଏହି ଅମ୍ବ୍ରେଲାକୁ କିଡ୍ସ ଅମ୍ବ୍ରେଲା ବୋଲି ମଧ୍ୟ କୁହାଯାଏ। ତେବେ ଛୋଟ ପିଲାଙ୍କ ପାଇଁ ପ୍ରସ୍ତୁତ ହେଉଥିବା ଏହି କାର୍ଟୁନ ଡିଜାଇନ୍‌ର ଛତାକୁ ଏବେ ଯୁବତୀମାନେ ବେଶୀ ପସନ୍ଦ କରୁଥିବା ଦେଖିବାକୁ ମିଳୁଛି। ଏଥିରେ ବିଭିନ୍ନ ଡିଜାଇନ୍‌ରେ ପାଣ୍ଡା, ବଟରଫ୍ଲାଏ, କ୍ୟାଟ୍ କିମ୍ବା ଅନ୍ୟାନ୍ୟ କାର୍ଟୁନ ଚରିତ୍ରକୁ ରଖି କରାଯାଉଥିବାରୁ ବେଶ୍ ଆଇକ୍ୟାଚି ଲାଗୁଛି।

**ଫ୍ଲାୱାର ଅମ୍ବ୍ରେଲା:** ଏହି ଅମ୍ବ୍ରେଲା ମଧ୍ୟ ଯୁବକଙ୍କ ଅପେକ୍ଷା ଯୁବତୀମାନଙ୍କର ଅଧିକ ପସନ୍ଦ। କେବଳ ଖରାରେ ବାହାରକୁଯିବା ବେଳେ ନୁହେଁ ଏମିତିକି ପାର୍ଟି ଫଙ୍କସନ୍ ହେଉ କି ନିଜ ମ୍ୟାରେଜ୍‌ରେ ଏହି ଅମ୍ବ୍ରେଲାକୁ ଧରି ଫଟୋଶୁଟ୍ କରାଉଥିବା ଦେଖିବାକୁ ମିଳୁଛି। ବଜାରରେ ଏହି ଅମ୍ବ୍ରେଲାର ଡିମାଣ୍ଡକୁ ଦେଖି ଏହାକୁ ବିଭିନ୍ନ ଢଙ୍ଗରେ ଡିଜାଇନ୍ କରାଯାଉଛି। ପୂର୍ବରୁ କେବଳ ଫ୍ଲାୱାର ପ୍ରିଣ୍ଟ ଅମ୍ବ୍ରେଲା ଆସୁଥିବା ବେଳେ ଏବେ ଆର୍ଟିଫିସିଆଲ୍ ଫୁଲରେ ସଜା ଯାଉଥିବା ଆଟ୍ରାକ୍ଟିଭ୍ ଡିଜାଇନ୍‌ର ଅମ୍ବ୍ରେଲା ମିଳୁଛି। ଏହାକୁ ସମ୍ପୂର୍ଣ୍ଣ ଭାବରେ ଫ୍ଲାୱାର ଶେପ୍‌ରେ ପ୍ରସ୍ତୁତ କରାଯାଉଛି। ଯୁବକ ହୁଅନ୍ତୁ କି ଯୁବତୀ, ସେମାନଙ୍କର ୱେଡିଂ କିମ୍ବା ପ୍ରି ୱେଡିଂ ଫଟୋସୁଟ୍‌ରେ ଫ୍ଲାୱାର ଅମ୍ବ୍ରେଲା ଅଧିକ ବ୍ୟବହାର କରୁଛନ୍ତି।



**ବ୍ଲକିଂ ଅମ୍ବ୍ରେଲା:-** ଖରାଦିନେ ପ୍ରଖର ସୂର୍ଯ୍ୟକିରଣ ଶରୀର ପାଇଁ କ୍ଷତିକାରକ। ସୂର୍ଯ୍ୟର ଅତିବାଇଗଣୀ ରଶ୍ମି ଦ୍ୱାରା ଶରୀରରେ ନାନା ପ୍ରକାର ଚର୍ମରୋଗ ଦେଖାଯାଏ। ତେବେ ଏଥିପାଇଁ ବ୍ଲକିଂ ଅମ୍ବ୍ରେଲା ପରଫେକ୍ଟ। ଏହା ସୂର୍ଯ୍ୟର କ୍ଷତିକାରକ ରଶ୍ମିକୁ ଶରୀରରେ ପଡ଼ିବାକୁ ଦେବ ନାହିଁ। ଏହି ଛତା ଡବଲକୋଟେଡ୍ ହୋଇଥାଏ। ଏହା ଉପର ଗୋଟିଏ ରଙ୍ଗ ଏବଂ ଭିତର ଆଉ ଏକ ରଙ୍ଗର ଲେୟାର ଥାଏ। ଏହି ଅମ୍ବ୍ରେଲା ସୋଲାର୍‌ଟେକ୍ ଫାବ୍ରିକ୍‌ରେ ତିଆରି ହୋଇଛି, ଯାହା ସୂର୍ଯ୍ୟଙ୍କ ରଶ୍ମିକୁ ଆମ ଶରୀର ପର୍ଯ୍ୟନ୍ତ ଆସିବାକୁ ଦେଇ ନ ଥାଏ। ଏହି ଛତା ଖରାଦିନ ପାଇଁ ବହୁତ ଭଲ।





**ଗଗଲ୍ସ ଅମ୍ବ୍ରେଲା:-** ଏହି ଛତାରେ ଗଗଲ୍ସ ବା ଚଷମା ଡିଜାଇନ୍ କରାଯାଇଛି। ଏହି ଚଷମାକୁ ସମ୍ପୂର୍ଣ୍ଣ ଭାବରେ ଟ୍ରାନ୍ସପରେଣ୍ଟ ଭାବରେ ତିଆରି କରାଯାଇଛି। ଖରାଦିନେ ବାହାରକୁ ବାହାରିବା ସମୟରେ ଛତାରେ ଥିବା ଗଗଲ୍ସ ଡିଜାଇନ ଦ୍ୱାରା ଆପଣ ବାହାର ଜିନିଷକୁ ପରିଷ୍କାର ଦେଖିପାରିବେ। ଫଳରେ ସାମ୍ନା ଜିନିଷକୁ ଦେଖିବାକୁ ହେଲେ ଛତାକୁ ମୁଣ୍ଡ ଉପରୁ କାଢ଼ିବାକୁ ପଡ଼ିବନି।

## ସଂକ୍ଷେପରେ

### ଏମ୍‌କେସିଜିରେ ବିଚାରାଧୀନ ବନ୍ଦୀଙ୍କ ମୃତ୍ୟୁ

**ବ୍ରହ୍ମପୁର ଅଫିସ,୧୨।୩:** ଏମ୍‌କେସିଜି ମେଡିକାଲରେ ଚିକିତ୍ସାଧୀନ ଥିବା ଜଣେ ବିଚାରାଧୀନ ବନ୍ଦୀ (ୟୁଟିପି)ଙ୍କ ମୃତ୍ୟୁ ଘଟିଛି। ମୃତକ ଜଣଙ୍କ ମାର୍କାମି ଗଙ୍ଗା (୬୫) ଓ ତାଙ୍କ ଘର ମାଲକାନଗିରି ଜିଲା ମୋଟୁ ଥାନା ଅନ୍ତର୍ଗତ ମକନପଲି ଗ୍ରାମରେ ବୋଲି ପୋଲିସ କହିଛି। ମେଡିକାଲ ଫାଣ୍ଡି ପୋଲିସ ମୃତଦେହ ଜବତ କରି ନଂ.୧୧୮/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ପରିବାର, ମାଜିଷ୍ଟ୍ରେଟ ଓ ପୋଲିସ ଉପସ୍ଥିତିରେ ମୃତକଙ୍କ ପଞ୍ଚନାମା କରାଯାଇଛି। ପ୍ରକାଶ ଯେ, ମାର୍କାମି ଗଙ୍ଗା ଏକ ହତ୍ୟା ମାମଲାରେ ଗିରଫ ହୋଇ ୨୦୨୦ରୁ ମାଲକାନଗିରି ଉପ କାରାଗାରରେ ୟୁଟିପି ଭାବେ ଥିଲେ। ସେ ଯକ୍ଷ୍ମା ରୋଗରେ ପୀଡିତ ଥିଲେ। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ପ୍ରଥମେ ମାଲକାନଗିରିସ୍ଥିତ ସରକାରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ବିଗିଡି ଯିବାରୁ ତାଙ୍କୁ ଏମ୍‌କେସିଜି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଯକ୍ଷ୍ମା ରୋଗ ବିଭାଗରେ ତାଙ୍କୁ ଫେବୃୟାରୀ ୨୫ ତାରିଖରେ ଭର୍ତ୍ତି କରାଯାଇଥିଲା।

### ବିଦ୍ୟାଳୟ ଯିବାକୁ କହିବାରୁ ପୁଅର ଆତ୍ମହତ୍ୟା

**ପଡ଼ିଆ,୧୨।୩(ଡି.ଏନ୍.ଏ.):** ବିଦ୍ୟାଳୟ କାହିଁକି ଯାଉନାହୁଁ ବୋଲି ପରିବାର ଲୋକେ କହିବାରୁ ଜଣେ ୧୩ ବର୍ଷର ସପ୍ତମ ଶ୍ରେଣୀ ଛାତ୍ର ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଏପରି ଦୁଃଖଦ ଘଟଣା ମାଲକାନଗିରି ଜିଲା ପଡ଼ିଆ ବ୍ଲକ ବାପନପାଲି ପଞ୍ଚାୟତ ବୁରୁକାଗୁଡ଼ା ଗ୍ରାମରେ ଘଟିଛି। ମୃତକ ବାପନପାଲି କେଜିଭିପି ବିଦ୍ୟାଳୟରେ ସପ୍ତମ ଶ୍ରେଣୀରେ ପଢୁଥିଲେ। କରୋନା ଯୋଗୁ ୨ବର୍ଷ ପରେ ବିଦ୍ୟାଳୟ ଖୋଲିଥିଲା। ସେ କିନ୍ତୁ ବିଦ୍ୟାଳୟକୁ ପଢ଼ିବାକୁ ଯାଉ ନ ଥିଲେ। ଏନେଇ ବାପା ତାଙ୍କୁ କାହିଁକି ପାଠ ପଢ଼ିବାକୁ ବିଦ୍ୟାଳୟକୁ ଯାଉନାହୁଁ ବୋଲି ପଚାରି ସ୍କୁଲ ଯିବାକୁ ତାଗିଦ କରିଥିଲେ। ରାତିରେ ସମସ୍ତେ ଖାଇ ଶୋଇ ପଡ଼ିବା ପରେ ଛାତ୍ର ଜଣଙ୍କ ନିଜ ଘରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ପରିବାର ଲୋକେ ଶନିବାର ସକାଳୁ ପୁଅକୁ ମୃତ ଅବସ୍ଥାରେ ଦେଖି ପଡ଼ିଆ ଥାନାକୁ ଜଣାଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ ଲାଗି କାଲିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ଘଟଣାର ଅଧିକ ତଦନ୍ତ ଜାରି ରହିଛି।

### ଜାଲ୍ ସାର୍ଟିଫିକେଟ ଦେଇ ଶିକ୍ଷକ ଚାକିରି

ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୩ ଫେରାର

**ନବରଙ୍ଗପୁର,୧୨।୩(ବି.ପ୍ର.):** ୪ଜଣ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ନକଲି ମାଟ୍ରିକ ସାର୍ଟିଫିକେଟ ଦେଇ ଚାକିରି କରିଥିବା ନେଇ ଅଭିଯୋଗ ହୋଇଛି। ସେମାନେ ହେଲେ ପାପଡ଼ାହାଣ୍ଡି ବ୍ଲକର ବୈଦ୍ୟନାଥ ସାହୁ, ଉମରକୋଟର ମୁର୍ତ୍ତୁମା ପ୍ରାଥମିକ ବିଦ୍ୟାଳୟର ଧନିରାମ ନାୟକ, ନନ୍ଦାହାଣ୍ଡି ବ୍ଲକ ବାଣିଆ ପିୟୁପିଏସ୍‌ର ଗୀତାଞ୍ଜଳି ନାୟକ ଓ ସୁକାନ୍ତ କୁମାର ପ୍ରଧାନ। ସେମାନଙ୍କ ମଧ୍ୟରୁ ସୁକାନ୍ତଙ୍କ ମୃତ୍ୟୁ ହୋଇ ସାରିଥିବା ବେଳେ ଗୀତାଞ୍ଜଳିଙ୍କ ନାମରେ ନବରଙ୍ଗପୁର ଥାନାରେ କେସ୍ ନମ୍ବର ୧୧୯/୨୨ ଏକ ମାମଲା ରୁଜୁ ହୋଇଛି। ଧନିରାମଙ୍କ ଘର ବାଙ୍କୀ ଅଞ୍ଚଳରେ ହୋଇଥିବାବେଳେ ସେ ତାଙ୍କ ମାଟ୍ରିକ ସାର୍ଟିଫିକେଟ ଅସଲି ବୋଲି ପ୍ରମାଣ କରିବା ପାଇଁ ଜିଲା ଶିକ୍ଷାଧିକାରୀଙ୍କୁ ସମୟ ମାଗିଛନ୍ତି। ଗୀତାଞ୍ଜଳି ୨୦୧୪, ବୈଦ୍ୟନାଥ ସାହୁ ଓ ଧନିରାମ ନାୟକ ୨୦୧୧ରେ ଚାକିରି ପାଇଥିଲେ। ସେହିଭଳି ମୃତ ସୁକାନ୍ତ ୨୦୧୮ରେ ଚାକିରି ପାଇଥିଲେ। ସମସ୍ତ ଶିକ୍ଷକଙ୍କ ସାର୍ଟିଫିକେଟ ଉପରେ ସନ୍ଦେହ ହେବାରୁ ଜିଲା ଶିକ୍ଷା ବିଭାଗ ବୋର୍ଡକୁ ଏହାର ଯାଞ୍ଚ ପାଇଁ ପଠାଇଥିଲେ। ଫେବୃୟାରୀ ୭ ତାରିଖରେ ବୈଦ୍ୟନାଥ, ଧନିରାମ, ଗୀତାଞ୍ଜଳି ଓ ସ୍ୱର୍ଗତ ସୁକାନ୍ତଙ୍କ ମାଟ୍ରିକ ସାର୍ଟିଫିକେଟ ନକଲି ବୋଲି ଜିଲା ଶିକ୍ଷାଧିକାରୀଙ୍କୁ ବୋର୍ଡ ପକ୍ଷରୁ ଚିଠି କରାଯାଇଥିଲା। ଏହା ପରେ ଡିଇଓ ଉକ୍ତ ଶିକ୍ଷକମାନଙ୍କୁ ଚାକିରିରୁ ବହିଷ୍କୃତ କରାଯିବା ସହ ଏତଲା ଦେବାକୁ ସମ୍ପୃକ୍ତ ବ୍ଲକର ଶିକ୍ଷା ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ନନ୍ଦାହାଣ୍ଡି ଏବିଇଓ ଶୁକ୍ରବାର ନବରଙ୍ଗପୁର ଥାନାରେ ଏତଲା ଦେଇଥିଲେ। ଏନେଇ ପୋଲିସ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଛନ୍ତି। ଫେବୃୟାରୀରୁ ଶିକ୍ଷା ବିଭାଗ ନିର୍ଦ୍ଦେଶକଙ୍କ ଚିଠି ପରେ ଏକ ମାସ ବିଳମ୍ବ କରି ଏତଲା ଦିଆଯିବା ଘଟଣାକୁ ପୋଲିସ ସନ୍ଦେହ କରୁଛି। ଏବେ ଶିକ୍ଷୟିତ୍ରୀଶିକ୍ଷକମାନେ ଫେରାର ଥିବା ଜଣାପଡ଼ିଛି।

# ଶେୟାର ମାର୍କେଟ ନିବେଶ ନାଁରେ ୧୦ କୋଟି ଠକେଇ

■ ମୁମ୍ବାଇରୁ ୨ଜଣଙ୍କୁ ଗିରଫ କଲା ଇଓଡବ୍ଲ୍ୟୁ
■ ଓଡ଼ିଶାର ୪୦୦ ନିବେଶକଙ୍କଠାରୁ ୫ କୋଟି ଠକିଛନ୍ତି

**ଭୁବନେଶ୍ୱର, ୧୨।୩(ବ୍ୟୁରୋ)**

ଶେୟାର ମାର୍କେଟ୍‌ରେ ନିବେଶ ନାଁରେ ପ୍ରାୟ ୧୦ କୋଟି ଟଙ୍କା ଠକେଇ ର୍‍ୟାକେଟର ରହସ୍ୟ ଉନ୍ମୋଚନ କରିଛି କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ)। ଏଥିରେ ସମ୍ପୃକ୍ତ ଆଇଏଏଭିଆଇସି ପ୍ରାଇଭେଟ୍ ଲିମିଟେଡ୍‌ର ୨ ନିର୍ଦ୍ଦେଶକଙ୍କୁ ମୁମ୍ବାଇର ବାନ୍ଦ୍ରା ଅଞ୍ଚଳରୁ ଗିରଫ କରାଯାଇଛି। ଅଭିଯୁକ୍ତମାନେ ହେଲେ ଅର୍ପନ ପଟେଲ ଓ ଆଦ୍ୟଜ୍ୟୋତି ନାୟକ। ସେମାନଙ୍କଠାରୁ ୯୦ ହଜାର ଟଙ୍କା ସହ ଲାପ୍‌ଟପ,ମୋବାଇଲ ଫୋନ ଓ ହାର୍ଡ ଡିସ୍କ ଜବତ କରାଯାଇଛି। ତେବେ ଗିରଫ ପରେ ସେମାନଙ୍କୁ ବାନ୍ଦ୍ରାସ୍ଥିତ ଅତିରିକ୍ତ ମୁଖ୍ୟ ମେଟ୍ରୋପଲିଟାନ ମାଜିଷ୍ଟ୍ରେଟ୍‌ଙ୍କ କୋର୍ଟରେ ହାଜର କରାଯାଇଥିଲା। ସେଠାରୁ ଟ୍ରାଞ୍ଜିଟ ରିମାଣ୍ଡରେ ଅଣାଯାଇ କଟକସ୍ଥିତ ଓପିଆଇଡି କୋର୍ଟରେ ହାଜର କରିବ ଇଓଡବ୍ଲ୍ୟୁ। ପଚରାଉଚରା ଓ ପ୍ରାଥମିକ ତଦନ୍ତରୁ ଇଓଡବ୍ଲ୍ୟୁ ତାଙ୍କଠାରୁ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରିଛି। ସେମାନେ ମୁମ୍ବାଇର ଖାର ଅଞ୍ଚଳରେ ଘର ଭଡ଼ା ନେଇ ଏହି ଠକେଇ ର୍‍ୟାକେଟ ଚଳାଇଥିଲେ। ଓଡ଼ିଶା ସମେତ ଝାଡ଼ଖଣ୍ଡ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ରାଜସ୍ଥାନ, ଗୁଜରାଟ, ଆନ୍ଧ୍ରପ୍ରଦେଶ, ପଶ୍ଚିମବଙ୍ଗ ଆଦି ରାଜ୍ୟକୁ ତାଙ୍କ ଠକେଇ ସାମ୍ରାଜ୍ୟ ଲମ୍ବିଛି। ଓଡ଼ିଶାରୁ ପ୍ରାୟ ୪ଶହ ନିବେଶକଙ୍କଠାରୁ ୫କୋଟି ଟଙ୍କା ଠକି ନେଇଥିବା ଜଣାପଡିଛି।

ସୂଚନାନୁଯାୟୀ, ଦୁଇ ଅଭିଯୁକ୍ତ ୨୦୨୦-୨୧ ରେ www.iaavic.com ୱେବ୍ ସାଇଟ ଖୋଲିଥିଲେ। ଏହାପରେ ଆଇଏଏଭିଆଇସି ପ୍ରାଇଭେଟ ଲିମିଟେଡ୍ କମ୍ପାନୀ ମାଧ୍ୟମରେ ଶେୟାର ମାର୍କେଟରେ ଟଙ୍କା ବିନିଯୋଗ କଲେ ଅଧିକ ସୁଧ ମିଳିବ ବୋଲି ଲୋକଙ୍କ ବିଶ୍ୱାସ ଜମାଇବା ଲାଗି ଆକର୍ଷଣୀୟ ଅଫର ସହ ଭିଡିଓ ୟୁଟ୍ୟୁବ୍‌ରେ ଛାଡିଥିଲେ। ପ୍ରଥମେ ୨ ହଜାରରୁ ୧ ଲକ୍ଷ ଭିତରେ ନିବେଶ କରିବାକୁ ପଡିବ। ତାଙ୍କ ରେଫରେନ୍ସରେ ଅନ୍ୟକେହି ନିବେଶ କଲେ ୧୫ ପ୍ରତିଶତ ଲାଭ ଦିଆଯିବ। ଏହି ଟଙ୍କା ଷ୍ଟକ୍ ମାର୍କେଟରେ ବିନିଯୋଗ ହେବ ଓ ପ୍ରତିଦିନ ଲାଭର ୧ ପ୍ରତିଶତ ଜମାକାରୀଙ୍କ ଆକାଉଣ୍ଟକୁ ପଠାଇ ଦିଆଯିବ। ୧୦ ମାସରୁ ବର୍ଷେ ଭିତରେ ମୂଳଜମାର ଦୁଇ ଗୁଣା ପାଇବାର ଲୋଭ ଦେଖାଇ କୋଟି କୋଟି ଟଙ୍କା ଆଦାୟ କରିଥିଲେ। ଏପରିକି ନିବେଶକଙ୍କ ବିଶ୍ୱାସ ଜନ୍ମାଇବା ପାଇଁ ଅଭିଯୁକ୍ତମାନେ କମ୍ପାନୀର ଲଗ୍‌ଇନ୍ ଆଇଡି, ପାସ୍‌ୱାର୍ଡ, ଟୋଲ ଫ୍ରି ନମ୍ବର ବି ଜାରି କରିଥିଲେ। ୨୦୨୧ ଜୁଲାଇରେ ଯାଜପୁର ଜିଲା ବିଞ୍ଝାରପୁର ଅଞ୍ଚଳର ସ୍ୱାଧୀନ କୁମାର ସ୍ୱାଇଁ ଏଥିରେ ୧୫ ଲକ୍ଷ ଟଙ୍କା ନିବେଶ କରିଥିଲେ। ପରବର୍ତ୍ତୀ ସମୟରେ ସେ ଠକେଇର ଶିକାର ହୋଇଥିବା ଜାଣିବା ପରେ କ୍ରାଇମବ୍ରାଞ୍ଚ ଇଓଡବ୍ଲ୍ୟୁରେ ଅଭିଯୋଗ କରିଥିଲେ।

## ବିରଳ ପ୍ରଜାତିର ପେଚା ଉଦ୍ଧାର



**ଗୁଣପୁର, ୧୨।୩(ଡି.ଏନ୍.ଏ.)**

ରାୟଗଡ଼ା ଜିଲା ଗୁଣପୁର ସହର ଜେଲ୍‌ପେଟା ଅଞ୍ଚଳରେ ଥିବା ଏକ ଗଛ କୋରଡ଼ରୁ ବିରଳ ପ୍ରଜାତିର ୩ ପେଚାଙ୍କୁ ଉଦ୍ଧାର କରାଯାଇଛି। ଗଛ କାଟୁଥିବା ସମୟରେ ପେଚାମାନଙ୍କୁ ଦେଖିବାକୁ ମିଳିଥିଲା। ଅଞ୍ଚଳବାସୀ ଏମାନଙ୍କୁ ଗରୁଡ଼ ପକ୍ଷୀ କହୁଥିବାବେଳେ ଗୁଣପୁର ରେଞ୍ଜର ଏମାନଙ୍କୁ ପେଚା ବୋଲି କହିଛନ୍ତି। ରାମମନ୍ଦିର ପାର୍ଶ୍ୱରେ ରହୁଥିବା ଜଣେ ବ୍ୟକ୍ତିଙ୍କ ଘରେ ପଞ୍ଜୁରି ଭିତରେ ୩ ପକ୍ଷୀଙ୍କୁ ସୁରକ୍ଷିତ ଭାବେ ରଖାଯାଇଛି। ରବିବାର ବନ ବିଭାଗ କର୍ମଚାରୀ ପହଞ୍ଚିବା ପରେ ୩ ପକ୍ଷୀଙ୍କୁ ହସ୍ତାନ୍ତର କରାଯିବ। ପକ୍ଷୀ ଉଦ୍ଧାର ହେବା ପରେ ସେମାନଙ୍କୁ ଦେଖିବା ପାଇଁ ଅଞ୍ଚଳବାସୀଙ୍କ ଭିଡ଼ ଲାଗିଥିଲା।

# ପୁରୁଣା ସ୍ମୃତି ମନେପକାଇଲେ ପ୍ରମୋଦ ମିଶ୍ର

## ଅତ୍ୟାଧୁନିକ ହେବା ପରେ ସ୍କୁଲ କୋଠା ଉଦ୍‌ଘାଟନ



ସ୍କୁଲ ନବନିର୍ମିତ କୋଠା ଉଦ୍‌ଘାଟନ କରୁଛନ୍ତି ପ୍ରମୋଦ ମିଶ୍ର।

**ସମ୍ବଲପୁର,୧୨।୩(ବ୍ୟୁରୋ)**

ପୂର୍ବରୁ ଶିକ୍ଷାଦାନ ପ୍ରଣାଳୀ ବହୁତ ସୁନ୍ଦର ଥିଲା। ଶିକ୍ଷାଦାନ ସମୟରେ ଶିକ୍ଷୟିତ୍ରୀଶିକ୍ଷକ ସ୍ନେହ, ଶ୍ରଦ୍ଧା କରୁଥିଲେ। ଆବଶ୍ୟକ ପଡିଲେ ଦଣ୍ଡ ମଧ୍ୟ ଦେଉଥିଲେ। ପୁସ୍ତକ, ପାଠ୍ୟକ୍ରମ ସୁବିଧା ନ ଥିଲା। ହେଲେ ମଧ୍ୟ ଭଲ ପାଠପଢା ହେଉଥିଲା। ସେ ସମୟର କଥା ଆଜି ମନେପଡୁଛି ବୋଲି ଶନିବାର ସମ୍ବଲପୁର ପଟ୍ଟନାୟକପଡ଼ା ପ୍ରାଥମିକ ସ୍କୁଲ ନବୀକରଣ କୋଠା ଉଦ୍‌ଘାଟନ କରିବା ଅବସରରେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡ. ପ୍ରମୋଦ ମିଶ୍ର ଭାବବିହ୍ୱଳ ହୋଇ କହିଥିଲେ। ସେ ଆହୁରି କହିଥିଲେ, ଏବେ ଶିକ୍ଷା କ୍ଷେତ୍ରରେ ବହୁତ ଉନ୍ନତି ଆସିଛି। ଅତ୍ୟାଧୁନିକ ସ୍କୁଲ, ସମ୍ମିଳନୀ କକ୍ଷ, ସ୍ମାର୍ଟ କ୍ଲାସ୍‌ରୁମ୍, କମ୍ପ୍ୟୁଟର ବ୍ୟବସ୍ଥା ଭଳି ସବୁ ସୁବିଧା ରହିଛି। ଶିକ୍ଷକମାନେ ମଧ୍ୟ ଭଲଭାବେ ଶିକ୍ଷାଦାନ କରୁଛନ୍ତି। କ୍ଲାସ ରୁମ୍ ପରିଦର୍ଶନ କରି ସେ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହ କଥା ହୋଇଥିଲେ। ଶିକ୍ଷା ବ୍ୟବସ୍ଥା ଉପରେ ସନ୍ତୋଷ ବ୍ୟକ୍ତ କରି ଆଗକୁ ଆହୁରି ସୁବିଧା କରାଯିବ ବୋଲି କହିଥିଲେ। ସୂଚନାଯୋଗ୍ୟ ୧୯୧୦ ମସିହାରେ ପଟ୍ଟନାୟକପଡ଼ାରେ ସ୍କୁଲ ଆରମ୍ଭ ହୋଇଥିଲା। ପ୍ରମୋଦ ମିଶ୍ର ୧୯୫୫ରୁ ୧୯୫୭ ମସିହା ପର୍ଯ୍ୟନ୍ତ ଏଠାରେ ପାଠ ପଢିଥିଲେ। ତାଙ୍କ ବାପା ମଧ୍ୟ ସ୍କୁଲ ପରିଚାଳନା କମିଟି ସଦସ୍ୟ ରହିଥିଲେ। ଏବେ ସ୍କୁଲରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୨୪୨ ଛାତ୍ରୀଛାତ୍ର ରହିଛନ୍ତି। ୨୦୧୮ରେ ସମ୍ବଲପୁର ଗସ୍ତରେ ଆସିଥିବା ବେଳେ ସଚିବ ମିଶ୍ର ସ୍କୁଲ ପରିଦର୍ଶନ କରି ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ପରେ ସେ ଏନ୍‌ଟିପିସିକୁ ସ୍କୁଲ ନିର୍ମାଣ ଦାୟିତ୍ୱ ଦେଇଥିଲେ। ୪ବର୍ଷ ଭିତରେ ନିର୍ମାଣ କାମ ଶେଷ ହୋଇଛି। ଦୁଇ ମହଲା କୋଠା ନିର୍ମାଣ କରାଯାଇଛି। ୬ ସ୍ମାର୍ଟ ଇନ୍‌ଡୋର ହଲ୍, ୩ ସ୍ମାର୍ଟ କ୍ଲାସ ରୁମ୍, କମ୍ପ୍ୟୁଟର, ଲାଇବ୍ରେରି ସୁବିଧା ରହିଛି। ଅନ୍ୟମାନଙ୍କ ମଧ୍ୟରେ ଜିଲାପାଳ ଦିବ୍ୟଜ୍ୟୋତି ପରିଡା, ଏନ୍‌ଟିପିସି ସିଏମ୍‌ଡି ଗୁରୁଦୀପ ସିଂ, ସିଜିଏମ୍ ଅଭୟ କୁମାର ସକିୟାର, ସିଓଓ ପାୱାର ସେକ୍ଟର ବେଦାନ୍ତ ସୁନୀଳ କୁମାର ସତ୍ୟା, ସ୍କୁଲ ପ୍ରଧାନ ଶିକ୍ଷକ ପବିତ୍ର ସ୍ୱାଇଁ, ଅସୀମ ପ୍ରଧାନ, ପୁଷ୍ପାଞ୍ଜଳି ମହାପାତ୍ରଙ୍କ ସମେତ ସ୍କୁଲ ଶିକ୍ଷୟିତ୍ରୀଶିକ୍ଷକ, ପରିଚାଳନା କମିଟି ସଦସ୍ୟ ଉପସ୍ଥିତ ଥିଲେ।

# ୧୫ରୁ ଆନ୍ତଃବିଶ୍ୱବିଦ୍ୟାଳୟ ଅତିରିକ୍ତ ପ୍ରତିଭା ପ୍ରତିଯୋଗିତା

## ଭାଗନେବେ ୧୫ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର

**ଭୁବନେଶ୍ୱର, ୧୨।୩(ବ୍ୟୁରୋ)**



ଶିକ୍ଷା ଗ୍ରହଣ ସହିତ ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ପ୍ରତିଭା ଓ ଦକ୍ଷତାର ବିକାଶ ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରାଯାଇଛି। ଏହି ପରିପ୍ରେକ୍ଷୀରେ ଉତ୍କଳ ବିଶ୍ୱବିଦ୍ୟାଳୟରେ ଆସନ୍ତା ୧୫ରୁ ୧୭ ତାରିଖ ପର୍ଯ୍ୟନ୍ତ ଆନ୍ତଃବିଶ୍ୱବିଦ୍ୟାଳୟ ଅତିରିକ୍ତ ପ୍ରତିଭା ପ୍ରତିଯୋଗିତା ତଥା ସାହିତ୍ୟ ଓ ସାଂସ୍କୃତିକ ଉତ୍ସବ ଅନୁଷ୍ଠିତ ହେବ। ଏଥିରେ ରାଜ୍ୟ ସରକାରଙ୍କ ଅଧୀନ ୧୫ ସରକାରୀ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରିବେ। ଓଡ଼ିଆ, ଇଂଲିଶ ଓ ହିନ୍ଦୀରେ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତା, କୁଇଜ୍, ଚିତ୍ରାଙ୍କନ/ପେଣ୍ଟିଂ, ଏକକ ଅଭିନୟ, ଶାସ୍ତ୍ରୀୟ କଣ୍ଠସଙ୍ଗୀତ, ଲଘୁକଣ୍ଠ ସଙ୍ଗୀତ ଆଦି ୧୫ ବିଭାଗରେ ପ୍ରତିଯୋଗିତା ହେବ। ଏଥିରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ଯଥାକ୍ରମେ ୩୦ହଜାର, ୨୫ହଜାର ଓ ୨୦ହଜାର ଟଙ୍କା ପ୍ରଦାନ କରାଯିବ। ୧୭ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଉଦ୍‌ଯାପନୀ ଉତ୍ସବ ଓ ପୁରସ୍କାର ବିତରଣ ସମାରୋହରେ ରାଜ୍ୟପାଳ ତଥା କୁଳାଧିପତି ପ୍ରଫେସର ଗଣେଶୀ ଲାଲ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ହେବାକୁ ଥିବା ଏହି ପ୍ରତିଯୋଗିତା ଓ ଉତ୍ସବ ପାଇଁ ଶନିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। କୁଳସଚିବ ଅଭୟ କୁମାର ନାୟକ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ କହିଲେ, ଏହାର ପରିଚାଳନା ପାଇଁ ୭ଟି କମିଟି ଗଠନ କରାଯାଇଛି। କାର୍ଯ୍ୟକ୍ରମ ସଂଯୋଜିକା ମିତାଲି ଚିନାରା କହିଲେ, ଏହି ଉତ୍ସବରେ ଉତ୍କଳ, ରେଭେନ୍ସା, ବ୍ରହ୍ମପୁର, ଫକୀର ମୋହନ, ଗଙ୍ଗାଧର ମେହେର, କଳାହାଣ୍ଡି, ସମ୍ବଲପୁର, ଖଲ୍ଲିକୋଟ, ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ଓ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ସମେତ ଓଏସ୍‌ଓୟୁ, ଓୟୁଟିଆର, ନାଇଜର ଓ ଆଇଜରର ପ୍ରାୟ ୩୦୦ରୁ ଅଧିକ ଛାତ୍ରୀଛାତ୍ର ଏବଂ ଶିକ୍ଷକ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହାପୂର୍ବରୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଖେଳକୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେହିପରି ବାରିପଦା ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ଖେଳ ଓ କ୍ରୀଡ଼ା ପ୍ରତିଯୋଗିତା ଗତ ୧୧ରୁ ଆରମ୍ଭ ହୋଇଛି ଓ ଏହା ୧୪ ତାରିଖ ପର୍ଯ୍ୟନ୍ତ ଚାଲିବ।

# କୋସଲି ଭାଷାକୁ ସାମ୍ବିଧାନିକ ମାନ୍ୟତା ମିଳୁ

## ୪ ଦାବି ଉପସ୍ଥାପନ କଲା କୋସଲ ସାହିତ୍ୟ ସଂସ୍କୃତି ଏକାଡେମୀ

■ ପଶ୍ଚିମ ଓଡ଼ିଶାର ପ୍ରାଥମିକ ସ୍କୁଲ୍‌ରେ କୋସଲି ଭାଷାରେ ଶିକ୍ଷା ଦିଆଯାଉ
■ କୋସଲି ସମେତ ୩ ଭାଷାରେ ୩ ପୁସ୍ତକ ଲୋକାର୍ପିତ

**ଭୁବନେଶ୍ୱର,୧୨।୩(ବ୍ୟୁରୋ)**

ଗୋଟିଏ ଅଞ୍ଚଳର ମାତୃଭାଷା ସେହି ଅଞ୍ଚଳର ମାତୃ ସଂସ୍କୃତିକୁ ଜନ୍ମ ଦିଏ। ଯେପରି ପଶ୍ଚିମ ଓଡ଼ିଶାର କୋସଲି ମାତୃଭାଷା କୋସଲି ମାତୃ ସଂସ୍କୃତିକୁ ଜନ୍ମ ଦେଇଛି। କୋସଲି ସଂସ୍କୃତି ହେଉଛି ମୂଳତଃ ଯୋଗ ସଂସ୍କୃତି। ପଶ୍ଚିମ ଓଡ଼ିଶାବାସୀଙ୍କ ସବୁଠାରୁ ବଡ଼ ସମ୍ବଳ ହେଉଛି ସେମାନଙ୍କ ଭାଷା ସଂସ୍କୃତି। ପ୍ରାଥମିକ ସ୍ତରରେ ଶିଶୁମାନଙ୍କୁ ସେମାନଙ୍କ ମାତୃଭାଷାରେ ଶିକ୍ଷା ଦିଆଯାଉ ନ ଥିବାରୁ ସେମାନଙ୍କ ବୌଦ୍ଧିକ ବିକାଶ ହେଉନାହିଁ। ଶିଶୁମାନେ ଅଧାରୁ ପାଠପଢା ଛାଡିଦେଉଛନ୍ତି କିମ୍ବା ନିରକ୍ଷର ରହିବାକୁ ପସନ୍ଦ କରୁଛନ୍ତି। ତେଣୁ କୋସଲି ଭାଷାକୁ ଗୁରୁତ୍ୱ ଦେବାକୁ କୋସଲ ସାହିତ୍ୟ ସଂସ୍କୃତି ଏକାଡେମୀ ତରଫରୁ ରାଜ୍ୟ ସରକାରଙ୍କଠାରେ ୩ ଦାବି ଉପସ୍ଥାପନ କରାଯାଇଛି। ଏନେଇ ଶନିବାର ଉତ୍କଳ ସାମ୍ବାଦିକ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏକାଡେମୀ ଦାବି କରିଛି ଯେ, କୋସଲି ଭାଷାକୁ ସାମ୍ବିଧାନିକ ମାନ୍ୟତା ମିଳୁ। ଏହାକୁ ଓଡ଼ିଶାର ଅନ୍ୟତମ ସରକାରୀ ଭାଷାଭାବେ ଗ୍ରହଣ କରାଯିବା ସହ ପ୍ରାଥମିକ ସ୍ତରରେ ପଶ୍ଚିମ ଓଡ଼ିଶାର ଶିଶୁମାନଙ୍କୁ କୋସଲି ଭାଷାରେ ଶିକ୍ଷା ଦିଆଯାଉ। ଓଡ଼ିଶା ତଥା ଭାରତର ସାଂସ୍କୃତିକ ନାଭିକେନ୍ଦ୍ର ସୁବର୍ଣ୍ଣପୁରରେ କୋସଲ ବିଶ୍ୱବିଦ୍ୟାଳୟ ସ୍ଥାପନ କରାଯାଉ।

ଏହି ଅବସରରେ ଏକାଡେମୀ ଓ କୋସଲ ହେରିଟେଜ ଟ୍ରଷ୍ଟ ପକ୍ଷରୁ ଏକ ପୁସ୍ତକ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ହିନ୍ଦୀ, ଓଡ଼ିଆ ଓ କୋସଲି ଭାଷାରେ ତିନୋଟି ପୁସ୍ତକ 'ଅଦ୍ୱୟ ସିଦ୍ଧି', 'ମନଗହନ' ଓ 'ପ୍ରଜ୍ଞାଲୋକ' ଲୋକାର୍ପିତ ହୋଇଥିଲା। ଏକାଡେମୀର କାର୍ଯ୍ୟକାରୀ ସଭାପତି ଅବସରପ୍ରାପ୍ତ ଆଇଏଏସ୍ ଅଫିସର ନରେନ୍ଦ୍ର କୁମାର ମିଶ୍ର ଅଧ୍ୟକ୍ଷତା କରି କହିଲେ, ଓଡ଼ିଶାର ପ୍ରାୟ ଦୁଇକୋଟିରୁ ଅଧିକ ଲୋକ ଏହି ଭାଷା ବ୍ୟବହାର କରୁଥିବାରୁ ଏହାକୁ ଓଡ଼ିଶାର ଅନ୍ୟତମ ସରକାରୀ ଭାଷା ଭାବେ ସରକାର ଗ୍ରହଣ କରିବା ଉଚିତ। ସାରସ୍ୱତ ସାଧକ ପଣ୍ଡିତ ଡ. ପ୍ରବୋଧ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କୋସଲି ଭାଷା ଅତ୍ୟନ୍ତ ପ୍ରାଚୀନ ଓ ସମୃଦ୍ଧ ବୋଲି ମତବ୍ୟକ୍ତ କରିବା ସହିତ ତା'ର ମହନୀୟତା ଉପରେ ଆଲୋକପାତ କରିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟ ସଂସ୍କୃତ ଓ ଯୋଗ ବିଭାଗ ମୁଖ୍ୟ ପ୍ରଫେସର ଡ. ସୁବାସ ଚନ୍ଦ୍ର ଦାଶ ମୁଖ୍ୟବକ୍ତା ଭାବେ ଯୋଗଦେଇ ଅଧିକ ଭାଷା ମାଧ୍ୟମରେ କିଭଳି ଅଧିକ ଜ୍ଞାନ ଲାଭ କରାଯାଇପାରିବ ତାହାର ଅନେକ ଉଦାହରଣ ଦେଇଥିଲେ। ସମ୍ମାନିତ ଅତିଥି ଉତ୍କଳ ସାମ୍ବାଦିକ ସଂଘ ସଭାପତି ବିଭୂତି ଭୂଷଣ କର ଏବଂ ସମ୍ମାନିତ ବକ୍ତା ଶିଳ୍ପୀ ସଞ୍ଜୟ ଭଞ୍ଜ ଭାଷା ଓ ପୁସ୍ତକ ସମ୍ପର୍କରେ କହିଥିଲେ। ପ୍ରଶାସକ ଆଜାଦହିନ୍ଦ୍ ପାଣିଗ୍ରାହୀ ପୁସ୍ତକଗୁଡ଼ିକର ସମୀକ୍ଷା କରିଥିବାବେଳେ ଖବରଦାତା ଗୋରେଖନାଥ ସାହୁ ସଂଯୋଜନା କରିଥିଲେ।

## ଗଞ୍ଜେଇ ଚାଲାଣବେଳେ ଏଏସ୍‌ଆଇ ଗିରଫ

**ମାଲକାନଗିରି,୧୨।୩ (ଡି.ଏନ୍.ଏ.)**



ଜୟଦାସ ଖୋରା

ଚୋରା ଗଞ୍ଜେଇ ଚାଲାଣରେ ସମ୍ପୃକ୍ତ ନେଇ ମାଲକାନଗିରି ପୋଲିସ ଜଣେ ଏଏସ୍‌ଆଇଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ତାଙ୍କ ନାମ ଜୟଦାସ ଖୋରା। ସେ କର୍ତ୍ତନପାଲି ଫାଣ୍ଡିରେ କାର୍ଯ୍ୟରତ ଥିଲେ। ଖବରରୁ ଜଣାପଡିଛି କର୍ତ୍ତନପାଲି ଫାଣ୍ଡିରେ କାର୍ଯ୍ୟରତ ଏଏସ୍‌ଆଇ ଜୟଦାସ ଦୀର୍ଘଦିନ ହେଲା ଗଞ୍ଜେଇ ଚୋରା ଚାଲାଣରେ ସମ୍ପୃକ୍ତ ଥିଲେ। ବାହାର ରାଜ୍ୟର ଗଞ୍ଜେଇ ମାଫିଆଙ୍କଠାରୁ ମୋଟା ଅଙ୍କର ଅର୍ଥ ନେଇ ସେମାନଙ୍କୁ ଗଞ୍ଜେଇ ଚାଲାଣରେ ସହଯୋଗ କରି ଆସୁଥିଲେ। ଏନେଇ ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ଚିତ୍ରକୋଣ୍ଡା ଏସ୍‌ଡିପିଓ ଅଂଶୁମାନ ଦ୍ୱିବେଦୀ ଓ ମାଲକାନଗିରି ଏସ୍‌ଡିପିଓଙ୍କ ନେତୃତ୍ୱରେ ତାଙ୍କୁ ଧରିବା ପାଇଁ ଜାଲ ବିଛାଯାଇଥିଲା। ଜୟଦାସ ଗଞ୍ଜେଇ ମାଫିଆଙ୍କ ସହ ଏକ ଗାଡିରେ ସୀମାନ୍ତ ଛତିଶଗଡ଼କୁ ଗଞ୍ଜେଇ ଚାଲାଣ କରୁଥିବାବେଳେ ତାଙ୍କୁ ଧରାଯାଇଥିଲା। ତେବେ ଜୟଦାସ ପୂର୍ବରୁ ଏଭଳି ଗଞ୍ଜେଇ କାରବାରରେ ଲିପ୍ତଥିବା ଅଭିଯୋଗ ହୋଇଥିଲେ ମଧ୍ୟ ପ୍ରମାଣ ଅଭାବରୁ ଖସିଯାଉଥିଲେ।

## ୨୮, ୨୯ରେ ସର୍ବଭାରତୀୟ ଶ୍ରମିକ ଧର୍ମଘଟ

### ସଫଳ କରିବା ପାଇଁ ୧୦ କେନ୍ଦ୍ରୀୟ ଶ୍ରମିକ ସଂଗଠନର ଆହ୍ୱାନ

**ଭୁବନେଶ୍ୱର,୧୨।୩(ବ୍ୟୁରୋ)**

ଆସନ୍ତା ୨୮ ଓ ୨୯ ତାରିଖରେ ସର୍ବଭାରତୀୟ ଶ୍ରମିକ ଧର୍ମଘଟ। ୪ ଶ୍ରମ କୋଡ୍ ବାତିଲ, ବ୍ୟାପକ ଶ୍ରମିକ ଛଟେଇ ଓ ରାଷ୍ଟ୍ରାୟତ୍ତ ଉଦ୍ୟୋଗର ବ୍ୟାପକ ଘରୋଇକରଣକୁ ବନ୍ଦ କରିବା ଦାବିରେ ଏହି ଆନ୍ଦୋଳନ ଡାକରା ଦିଆଯାଇଛି। ଏହାକୁ ସଫଳ କରିବା ପାଇଁ ଶନିବାର ରାଜ୍ୟ କେନ୍ଦ୍ରୀୟ ଶ୍ରମିକ ସଂଗଠନ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ୧୦ କେନ୍ଦ୍ରୀୟ ଶ୍ରମିକ ସଂଗଠନର ନେତାମାନେ ଆହ୍ୱାନ ଦେଇଛନ୍ତି। ସେମାନେ କହିଛନ୍ତି, ଏ ସଂକ୍ରାନ୍ତରେ ପ୍ରଧାନମନ୍ତ୍ରୀ, ଅର୍ଥମନ୍ତ୍ରୀ ଓ ଶ୍ରମମନ୍ତ୍ରୀଙ୍କୁ ଦୁଇବର୍ଷ ହେବ ଦାବିପତ୍ର ଦିଆଯାଇଛି। ଓଡ଼ିଶାରେ ଧର୍ମଘଟକୁ ସଫଳ କରିବା ପାଇଁ ପ୍ରତି ଜିଲାରେ ଆସନ୍ତା ୨୦ ତାରିଖ ମଧ୍ୟରେ ଜିଲା ସମ୍ମିଳନୀ କରିବା ଲାଗି ପ୍ରସ୍ତାବ ଦିଆଯାଇଛି। ଏହି ଖବରଦାତା ସମ୍ମିଳନୀରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଓଡ଼ିଶା ଶାଖାର ସାଧାରଣ ସମ୍ପାଦକ କିଶୋର ଜେନା, ଉପସଭାପତି ମଦନ ମୋହନ ଧଳ, ଏଆଇଟିୟୁସି ନେତା ନାରାୟଣ ରେଡ୍ଡୀ ଓ ରାମକୃଷ୍ଣ ପଣ୍ଡା, ଏଚ୍‌ଏମ୍‌ଏସ୍‌ର ନେତା କୃଷ୍ଣଚନ୍ଦ୍ର ପାତ୍ର, ଯୁଗଳ ନାଏକ, ସିଆଇଟିୟୁର ଦୁଷ୍ମନ୍ତ ଦାସ, ଜନାର୍ଦ୍ଦନ ପତି ପ୍ରମୁଖ ଉପସ୍ଥିତ ଥିଲେ।

# ଟ୍ରକ୍ ଚାପାରେ ଆଇନଜୀବୀ ମୃତ

**ସମ୍ବଲପୁର,୧୨।୩(ବ୍ୟୁରୋ)**

୫୩ନଂ. ଜାତୀୟ ରାଜପଥର ସମ୍ବଲପୁର ଜିଲା ଧନୁପାଲି ଥାନା ସର୍ଲକାନୀ ଛକରେ ଶନିବାର ଭୋର ସମୟରେ ଏକ ଅଘଟଣ ଘଟିଛି। ଏକ ଅଙ୍ଗୁର ବୋଝେଇ ଟ୍ରକ୍ ଚାପାରେ ପ୍ରାତଃ ଭ୍ରମଣରେ ଆସିଥିବା ସାକ୍ଷିପଦା ନିବାସୀ ଆଇନଜୀବୀ ଉମେଶ ଚନ୍ଦ୍ର ପ୍ରଧାନ (୭୦)ଙ୍କ ମୃତ୍ୟୁ ଘଟିଛି। ଏଥିପାଇଁ ଅଞ୍ଚଳବାସୀ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଓ ଜିଲା ପ୍ରଶାସନକୁ ଦାୟୀ କରି ହୋହଲ୍ଲା କରିଥିଲେ। ଏହାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଲୋକେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଏପରି କି ଦୁର୍ଘଟଣା ଘଟାଇଥିବା ଟ୍ରକରେ ନିଆଁ ଲଗାଇ ପୋଡ଼ି ଦେଇଥିଲେ। ଅଗ୍ନିଶମ ବାହିନୀ ପହଞ୍ଚି ୨ ଘଣ୍ଟା ପରିଶ୍ରମ କରିବା ପରେ ନିଆଁ ଆୟତ୍ତ ହୋଇଥିଲା। ପ୍ରାୟ ୪ଘଣ୍ଟା ଧରି ରାସ୍ତା ଅବରୋଧ ଯୋଗୁ ଉଭୟ ପାର୍ଶ୍ୱରେ ହଜାର ହଜାର ଯାନବାହନ ଅଟକି ରହିଥିଲା। ପ୍ରଶାସନିକ ଅଧିକାରୀ ଓ ପୋଲିସ ପହଞ୍ଚି ବୁଝାଇବା ପରେ ମଧ୍ୟ ପରିସ୍ଥିତି ଶାନ୍ତ ପଡି ନ ଥିଲା।



ଉତ୍ତ୍ୟକ୍ତ ଲୋକେ ଦୁର୍ଘଟଣା ଘଟାଇଥିବା ଟ୍ରକ୍‌ରେ ନିଆଁ ଲଗାଇ ଦେଇଛନ୍ତି।

■ ରାସ୍ତାରୋକୋ, ପୋଡ଼ିଦେଲେ ଟ୍ରକ୍
■ ଏନ୍‌ଏଚ୍‌ଏଆଇ, ପ୍ରଶାସନକୁ ଦାୟୀ କଲେ ଲୋକେ

ଆନ୍ଦୋଳନକାରୀ ଅଭିଯୋଗ କରିଥିଲେ, ଜାତୀୟ ରାଜପଥ ନିର୍ମାଣ ସମୟରେ ସୁରକ୍ଷା ଦୃଷ୍ଟିରୁ କୌଣସି ବ୍ୟବସ୍ଥା କରାଯାଇ ନାହିଁ। ପ୍ରତିଦିନ ହଜାର ହଜାର ଗାଡି ଚଳାଚଳ କରୁଛି। ନିକଟରେ ଦୁଇଗୋଟି ଘରୋଇ ସ୍କୁଲ ରହିଛି। ଏହା ସହ ସହର ଭିତରକୁ ଯିବାଆସିବା ପାଇଁ ସର୍ଲକାନୀ ଏକ ମୁଖ୍ୟ ଛକ। ଏଠାରେ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସ୍ପିଡ୍ ବ୍ରେକର, ହମ୍ପସ ନିର୍ମାଣ କରି ଗାଡ଼ିଗୁଡ଼ିକର ଗତି କମାଇବାକୁ କୌଣସି ସୁବିଧା କରାଯାଇ ନାହିଁ। ଫଳରେ ଗାଡିଗୁଡ଼ିକ ଦ୍ରୁତ ଗତିରେ ଯିବାଆସିବା କରୁଥିବାରୁ ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଛି। ଶନିବାର ମହାରାଷ୍ଟ୍ରରୁ କୋଲକାତା ଯାଉଥିବା ଟ୍ରକ୍ (ଡବ୍ଲ୍ୟୁବି ୩୩ଇ-୮୬୭୨) ଚାପାରେ ଆଇନଜୀବୀ ପ୍ରଧାନଙ୍କ ମୃତ୍ୟୁ ଘଟିଛି। ଏ ନେଇ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ସେମାନେ ଦାବି କରିଥିଲେ। ଶେଷରେ ସ୍ପିଡ୍ ବ୍ରେକର ଲଗାଯିବା ସହ ଟ୍ରାଫିକ ସମସ୍ୟା ରୋକିବା ନେଇ ପୋଲିସ ମୁତୟନ କରିବାକୁ ପ୍ରତିଶ୍ରୁତି ଦିଆଯିବା ପରେ ମାମଲା ଶାନ୍ତ ପଡିଥିଲା। ଧନୁପାଲି ପୋଲିସ ଏକ ମାମଲା ରୁଜୁ କରି ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଜବତ କରିଛି। ଜିଲା ଓକିଲ ସଂଘ ପକ୍ଷରୁ ମଧ୍ୟ ଘଟଣାକୁ ନିନ୍ଦା କରାଯାଇଛି। ଅବହେଳା ଯୋଗୁ ନିରୀହ ଜୀବନ ଚାଲିଗଲା ବୋଲି ସଂଘ କର୍ମକର୍ତ୍ତା ଅଭିଯୋଗ କରିଛନ୍ତି। ପଦକ୍ଷେପ ନିଆ ନ ଗଲେ ଆନ୍ଦୋଳନ କରିବାକୁ ଚେତାବନୀ ଦିଆଯାଇଛି। ଧନୁପାଲି ଥାନା ଅଧିକାରିଣୀ ଅନିତା ପ୍ରଧାନ କହିଛନ୍ତି, ଟ୍ରକ୍ ଜବତ କରାଯାଇଛି। ହେଲେ ଡ୍ରାଇଭର ଫେରାର ହୋଇଯାଇଛନ୍ତି।

**ପାଶ୍ଚାତ୍ୟର ଅସ୍ତ୍ର ଯୋଗାଣକୁ ଟାର୍ଗେଟ କରିବ ରୁଷିଆ**

ୟୁକ୍ରେନ୍‌କୁ ପାଶ୍ଚାତ୍ୟର ଅସ୍ତ୍ରଯୋଗାଣକୁ ମସ୍କୋ ଟାର୍ଗେଟ କରିପାରିବ ବୋଲି ରୁଷିଆ ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ସେରେଗି ର୍‌ୟାବ୍‌କୋଭ୍ କହିଛନ୍ତି। ୟୁକ୍ରେନ୍‌କୁ ଅସ୍ତ୍ର ଯୋଗାଇ ଆମେରିକା ଓ ଏହାର ସହଯୋଗୀ ରାଷ୍ଟ୍ର ବିପଜ୍ଜନକ ରାସ୍ତା ଆପଣାଇଛନ୍ତି। ମ୍ୟାନ୍‌-ପୋର୍ଟେବେଲ୍ ଏୟାର ଡିଫେନ୍ସ ସିଷ୍ଟମ, ଆଣ୍ଟାଇ-ଟ୍ୟାଙ୍କ୍ ମିଶାଇଲ ସିଷ୍ଟମ ଭଳି ବ୍ୟାପକ ଅସ୍ତ୍ରଶସ୍ତ୍ର ୟୁକ୍ରେନ୍‌ରେ ପହଞ୍ଚୁଛି। ଆମେରିକା ସମେତ ଅନ୍ୟ ଦେଶଗୁଡ଼ିକୁ ଏହାର ପରିଣତି ଭୋଗିବାକୁ ପଡ଼ିବ ବୋଲି ସେ ଚେତାବନୀ ଦେଇଛନ୍ତି।



## ସଂକ୍ଷେପରେ

### ଅବତରଣ ବେଳେ ରନ୍‌ୱେ ବାହାରକୁ ଚାଲିଗଲା ଆଲିଆନ୍ସ ଏୟାର ବିମାନ



**ମୁମ୍ବାଇ,୧୨।୩:** ଆଲିଆନ୍ସ ଏୟାରର ଏଟିଆର୍-୭୨ ବିମାନ ଶନିବାର ଅପରାହ୍ନରେ ଜବଲପୁରରେ ଅବତରଣ କଲାବେଳେ ରନ୍‌ୱେ ବାହାରକୁ ୧୦ ମିଟର ଚାଲିଯାଇଛି। ବିମାନରେ ୫୫ ଯାତ୍ରୀ ଥିଲେ। ସମସ୍ତେ ସୁରକ୍ଷିତ ଥିବା ଜଣାପଡ଼ିଛି। ସକାଳ ୧୧ଟା ୩୨ରେ ବିମାନଟି ଦିଲ୍ଲୀରୁ ଉଡ଼ାଣ ଆରମ୍ଭ କରିଥିଲା। ଘଟଣାର ତଦନ୍ତ ଲାଗି ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟର ଅଧିକାରୀମାନେ ଜବଲପୁର ବିମାନବନ୍ଦରକୁ ଯାଇଛନ୍ତି। ଏହି ଦୁର୍ଭାଗ୍ୟଜନକ ଘଟଣା ପାଇଁ ଏୟାରଲାଇନ୍ସ ଦୁଃଖ ପ୍ରକାଶ କରିଛି।

### ଏନ୍‌ଇଇଟି-ପିଜି କଟ୍-ଅଫ୍ ୧୫ ଶତାଂଶ କମାଇବାକୁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ନିର୍ଦ୍ଦେଶ

**ନୂଆଦିଲ୍ଲୀ,୧୨।୩(ପି.ଟି.):** ଖାଲିପଡ଼ିଥିବା ପୋଷ୍ଟଗ୍ରାଜୁଏଟ୍ ମେଡିକାଲ ସିଟ୍ ପୂରଣ ଲାଗି ଏନ୍‌ଇଇଟି-ପିଜି ୨୦୨୧ରେ ସବୁ ବର୍ଗର ପ୍ରାର୍ଥୀଙ୍କ ପାଇଁ କଟ୍‌ଅଫ୍ ୧୫ ଶତାଂଶ (ପର୍ସେଣ୍ଟାଇଲ୍) ହ୍ରାସ କରିବାକୁ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଜାତୀୟ ପରୀକ୍ଷା ବୋର୍ଡ (ଏନ୍‌ବିଇ)କୁ ନିର୍ଦ୍ଦେଶ ଦେଇଛି। ମେଡିକାଲ କାଉନସେଲିଂ କମିଟି (ଏମ୍‌ସିସି)ର ସଦସ୍ୟ ସଚିବ ବି. ଶ୍ରୀନିବାସ ଏନ୍‌ବିଇ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ମିନୁ ବାଜପାୟୀଙ୍କୁ ପତ୍ର ଲେଖି ଏହା ଜଣାଇଛନ୍ତି। ଏନ୍‌ଏମ୍‌ସି ସହ ଆଲୋଚନା ଓ ବିଚାର ବିମର୍ଶ ପରେ କଟ୍-ଅଫ୍ ୧୫ ଶତାଂଶ କମାଇବାକୁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ନିଷ୍ପତ୍ତି ନେଇଛି। ଅର୍ଥାତ୍ ସାଧାରଣ ବର୍ଗ ପ୍ରାର୍ଥୀଙ୍କ ଲାଗି କଟ୍-ଅଫ୍ ୩୫ ଶତାଂଶକୁ ଏବଂ ସାଧାରଣ ବର୍ଗର ଭିନ୍ନକ୍ଷମଙ୍କ ପାଇଁ ୩୦ ଶତାଂଶକୁ ତଥା ଏସ୍‌ସି, ଏସ୍‌ଟି ଏବଂ ଓବିସିଙ୍କ ଲାଗି ୨୫ ଶତାଂଶକୁ ହ୍ରାସ କରାଯିବ। ସେହି ଅନୁଯାୟୀ ସଂଶୋଧିତ ଫଳାଫଳ ଘୋଷଣା କରିବା ସହ ନୂତନ ଯୋଗ୍ୟ ପ୍ରାର୍ଥୀଙ୍କ ସଂଶୋଧିତ ଫଳାଫଳ ତଥ୍ୟ ଏମ୍‌ସିସିକୁ ପଠାଇବା ଲାଗି ଶ୍ରୀନିବାସ ଏନ୍‌ବିଇକୁ ଅନୁରୋଧ କରିଛନ୍ତି। ସର୍ବଭାରତୀୟ ସ୍ତରରେ ଦୁଇ ପର୍ଯ୍ୟାୟ କାଉନସେଲିଂ ଏବଂ ଦୁଇ ପର୍ଯ୍ୟାୟ ରାଜ୍ୟ କୋଟା କାଉନସେଲିଂ ପରେ ମଧ ପ୍ରାୟ ୮,୦୦୦ ସିଟ୍ ଖାଲି ପଡ଼ିଥିବାରୁ ନ୍ୟାଶନାଲ ମେଡିକାଲ କମିଶନଙ୍କ ସହ ଆଲୋଚନା ପରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଉପରୋକ୍ତ ନିଷ୍ପତ୍ତି ନେଇଛି।

### ପୂର୍ବତନ ଏମ୍‌ପି, ବିଧାୟକଙ୍କ ସୁରକ୍ଷା ହଟାଇବାକୁ ମାନ୍‌ଙ୍କ ନିର୍ଦ୍ଦେଶ

**ଚଣ୍ଡିଗଡ଼,୧୨।୩:** ପଞ୍ଜାବ ମୁଖ୍ୟମନ୍ତ୍ରୀ ଭାବେ ୧୬ ତାରିଖରେ ଶପଥ ନେବାକୁ ଯାଉଥିବା ଏଏପି ନେତା ଭଗୱନ୍ତ ମାନ୍ ରାଜ୍ୟର ପୂର୍ବତନ ଏମ୍‌ପି ଏବଂ ବିଧାୟକମାନଙ୍କ ସୁରକ୍ଷା ହଟାଇନେବାକୁ ଶନିବାର ନିର୍ଦ୍ଦେଶନାମା ଜାରି କରିଛନ୍ତି। ବାଦଲ ପରିବାର, ପୂର୍ବତନ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ, ଚରଣଜିତ ସିଂ ଚନ୍ନିଙ୍କ ବ୍ୟତୀତ ଅନ୍ୟ ସମସ୍ତ କଂଗ୍ରେସ ଓ ଅକାଳୀ ଦଳ ନେତାଙ୍କ ସୁରକ୍ଷା କାଢ଼ି ନିଆଯିବ। ଶନିବାର ମାନ୍ ରାଜ୍ୟପାଳ ବନୱାରିଲାଲ ପୁରୋହିତଙ୍କୁ ଭେଟି ସରକାର ଗଠନ ଲାଗି ଦାବି ଜଣାଇଛନ୍ତି। ସେ ରାଜ୍ୟପାଳଙ୍କୁ ବିଧାୟକମାନଙ୍କ ସମର୍ଥନ ପତ୍ର ପ୍ରଦାନ କରିଥିଲେ। ୧୬ ତାରିଖ ମଧ୍ୟାହ୍ନ ୧୨ଟା ୩୦ରେ ଭଗତ ସିଂଙ୍କ ଗାଁ ଖଟକରକଲଣରେ ଶପଥଗ୍ରହଣ ଅନୁଷ୍ଠିତ ହେବ ବୋଲି ଏଏପି ନେତା ରାଜ୍ୟପାଳଙ୍କୁ ଜଣାଇଥିଲେ।

### ଛୁଟିରେ ଥିବା ଯବାନଙ୍କୁ ହତ୍ୟାକଲେ ଆତଙ୍କବାଦୀ

**ଶ୍ରୀନଗର,୧୨।୩:** ଜମ୍ମୁ-କଶ୍ମୀରର ଶୋପିଆନ୍ ଜିଲାରେ ଛୁଟିରେ ଘରେ ଥିବା ଜଣେ ସିଆରପିଏଫ୍ ଯବାନଙ୍କୁ ଶନିବାର ସନ୍ଧ୍ୟାରେ ଆତଙ୍କବାଦୀମାନେ ଗୁଳିକରି ହତ୍ୟା କରିଛନ୍ତି। ଗୁଳିମାଡ଼ରେ ଗୁରୁତର ଆହତ ଯବାନ ମୁକ୍ତାର ଅହମଦ ଡୋହିଙ୍କୁ ଶୋପିଆନ ଜିଲା ହସ୍ପିଟାଲ ନେଲାବେଳେ ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା। ୩ ଦିନ ମଧରେ ଏହା ଆତଙ୍କବାଦୀଙ୍କ ଚତୁର୍ଥ ଆକ୍ରମଣ। ।ସରପଞ୍ଚ ଶବିର ଅହମଦ ମୀରଙ୍କୁ ଶୁକ୍ରବାର କୁଲଗାମ୍‌ଠାରେ ହତ୍ୟା କରାଯାଇଥିଲା। ଏହାର ଦୁଇଦିନ ପୂର୍ବରୁ ଖାନ୍‌ମୋହ ସରପଞ୍ଚ ବସିର ଅହମଦ ଭଟ୍ଟ ଆତଙ୍କବାଦୀଙ୍କ ଗୁଳିରେ ପ୍ରାଣ ହରାଇଥିଲେ।

# ବଢୁଛି ରାସାୟନିକ ବିପଦ

**କ୍ୱିଭ୍/ମସ୍କୋ, ୧୨।୩**

ଟ୍ୟାଙ୍କ, ମିଶାଇଲ, ବୋମା, ଏୟାରକ୍ରାଫ୍ଟରେ ଲଢ଼େଇ ପରେ ଏବେ ଯୁଦ୍ଧ ପ୍ରଭାବିତ ୟୁକ୍ରେନ୍ ଉପରେ ରାସାୟନିକ ଏବଂ ଜୈବିକ ଅସ୍ତ୍ରର ବିପଦ ଘନେଇଛି। ୟୁକ୍ରେନ୍‌ରେ ଆମେରିକା ବାୟୋଲୋଜିକାଲ ଓ କେମିକାଲ ଅସ୍ତ୍ର ପ୍ରସ୍ତୁତ କରୁଥିବା ରୁଷିଆ ଅଭିଯୋଗ ଆଣିଛି। ସେପଟେ ୟୁକ୍ରେନ୍‌ରେ ରୁଷିଆ ଏହି ଘାତକ ୱିପନ୍ ପ୍ରୟୋଗ କରିବାକୁ ଯାଉଛି ବୋଲି ଆମେରିକା କହିଛି। ଯଦି ରୁଷିଆ ଏପରି କରେ ତେବେ ଏହାର ଭୟଙ୍କର ପରିଣତି ଭୋଗିବ ବୋଲି ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଚେତାବନୀ ଦେଇଛନ୍ତି। ରୁଷିଆ ଜାତିସଂଘକୁ ଭୁଲ ତଥ୍ୟ ଦେଉଥିବା ୱାଶିଂଟନ୍ ଅଭିଯୋଗ କରିଛି। ଅପରପକ୍ଷେ ୟୁକ୍ରେନ୍‌ରେ ପଶିଥିବା ରୁଷୀୟ ସୈନ୍ୟଙ୍କ ପାଇଁ ମସ୍କୋ ପକ୍ଷରୁ ଗ୍ୟାସ୍ ମାସ୍କ ଯୋଗାଯାଇଥିବା ଜଣାପଡ଼ିଛି। କେତେଜଣ ସୈନ୍ୟଙ୍କ ନିକଟରୁ ୟୁକ୍ରେନ୍ ସେନା ଏଭଳି ମାସ୍କ ଜବତ କରିବା ପରେ ସେଠାରେ ସାଧାରଣ ନାଗରିକଙ୍କ ସୁରକ୍ଷାକୁ ନେଇ ଚିନ୍ତା ବଢ଼ିଛି।

ୟୁକ୍ରେନ୍‌ରେ ଆମେରିକା ଜୈବିକ ଅସ୍ତ୍ର ବିକଶିତ କରୁଥିବା ନେଇ ରୁଷିଆ ଜାତିସଂଘ ନିକଟରେ ଅଭିଯୋଗ କରିଥିଲା। ଏହି ପ୍ରସଙ୍ଗରେ ଶୁକ୍ରବାର ଜାତିସଂଘ ସୁରକ୍ଷା ପରିଷଦ(ୟୁଏନ୍‌ଏସ୍‌ସି)ର ଜରୁରୀ ବୈଠକ ବସିଥିଲା। କିନ୍ତୁ ଜାତିସଂଘରେ ମସ୍କୋର ଅଭିଯୋଗ ଖାରଜ ହୋଇଛି। ୟୁକ୍ରେନ୍‌ରେ ରୁଷିଆ ସାଧାରଣ ନାଗରିକଙ୍କୁ ହତ୍ୟା କରୁଥିବାବେଳେ ୟୁଏନ୍‌ଏସ୍‌ସିକୁ ବ୍ୟବହାର କରି ଏହି ଅପରାଧକୁ ଯଥାର୍ଥ ବୋଲି ପ୍ରମାଣିତ କରିବାକୁ ଚାହୁଁଥିବା ଜାତିସଂଘ କହିଛି। ସେହିପରି ୟୁକ୍ରେନ୍ ପ୍ରସଙ୍ଗରେ ଆମେରିକା ମସ୍କୋ ସହ ଲଢ଼ିବ ନାହିଁ ବୋଲି ବାଇଡେନ୍ ଦୋହରାଇଛନ୍ତି। ରୁଷିଆ ସହ ପ୍ରତ୍ୟକ୍ଷ ଲଢ଼େଇ ତୃତୀୟ ବିଶ୍ୱଯୁଦ୍ଧକୁ ଡାକି ଆଣିବ ବୋଲି ସେ କହିଛନ୍ତି। ଅପରପକ୍ଷେ ରୁଷିଆ ୟୁକ୍ରେନ୍‌ରେ ଏଭଳି ପ୍ରାଣଘାତୀ ଅସ୍ତ୍ର ପ୍ରୟୋଗ କରିପାରେ ବୋଲି ଜାତିସଂଘରେ ଆମେରିକାର ରାଷ୍ଟ୍ରଦୂତ ଲିଣ୍ଡା ଥୋମାସ୍ ଗ୍ରୀନ୍‌ଫିଲ୍ଡ ଚେତାଇଛନ୍ତି। ନିଜେ ବାୟୋଲୋଜିକାଲ ୱିପନ୍ ବ୍ୟବହାର କରି 'ଫଲ୍‌ସ ଫ୍ଲାଗ୍' ରଣନୀତିରେ ଅନ୍ୟ ଦେଶ ଉପରେ ରୁଷିଆ ଦୋଷ ଲଦିପାରେ। ଏଥିସହ ୟୁକ୍ରେନ୍ ଆକ୍ରମଣକୁ ମସ୍କୋ ଯଥାର୍ଥ ଦର୍ଶାଇପାରେ ବୋଲି ଥୋମାନ୍ ଗ୍ରୀନ୍‌ଫିଲ୍ଡ କହିଛନ୍ତି।



ରୁଷିଆର ମୋର୍ଟାର ମାଡ଼ରେ ୟୁକେନ୍‌ରେ ବ୍ରୋଭାରୀ ଜିଲାରେ ଥିବା ଏକ ଖାଦ୍ୟ ଗୋଦାମ ଜଳୁଛି।

- **ସୈନ୍ୟଙ୍କୁ ଗ୍ୟାସ୍ ମାସ୍କ ଯୋଗାଇଛି ମସ୍କୋ**
- **ଭୟଙ୍କର ପରିଣତି ଭୋଗିବ ରୁଷିଆ: ବାଇଡେନ୍**




## ନିହତ ହେଲେଣି ୧୩ ଶହ ୟୁକ୍ରେନ୍ ସୈନ୍ୟ

➦ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣକୁ ଶନିବାର ୧୭ ଦିନ ପୂରିଥିବାବେଳେ କ୍ୱିଭ୍‌ର ଉତ୍ତର-ପଶ୍ଚିମରେ ଉଭୟ ପକ୍ଷ ମଧ୍ୟରେ ଲଢ଼େଇ ତୀବ୍ର ହୋଇଛି। କ୍ୱିଭ୍‌ର କେନ୍ଦ୍ରଠାରୁ ପ୍ରାୟ ୨୫ କିଲୋମିଟର ପର୍ଯ୍ୟନ୍ତ ବହୁସଂଖ୍ୟାରେ ରୁଷୀୟ ସୈନ୍ୟଙ୍କ ଉପସ୍ଥିତି ରହିଛି।

➦ରୁଷିଆ ସୈନ୍ୟଙ୍କ ଆକ୍ରମଣରେ ୟୁକ୍ରେନ୍‌ର ପ୍ରାୟ ୧୩ଶହ ସୈନ୍ୟ ନିହତ ହୋଇଥିବା ଏହି ପୂର୍ବ ୟୁରୋପୀୟ ଦେଶର ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି କହିଛନ୍ତି। ଏଥିସହ ଯୁଦ୍ଧବିରତି ନ ହେଲେ ଶାନ୍ତି ଆଲୋଚନା ଫଳପ୍ରଦ ହେବ ନାହିଁ ବୋଲି ସେ ପ୍ରକାଶ କରିଛନ୍ତି।

➦ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ସହ ଜେରୁଜେଲମରେ ୟୁକ୍ରେନ୍ ପ୍ରତିପକ୍ଷ ଭୋଲୋଡିମିର ଜେଲେନ୍‌ସ୍କି ବୈଠକ କରିବା ନିମନ୍ତେ ପ୍ରସ୍ତାବ ଦେଇଥିବା କ୍ୱିଭ୍ ଇଣ୍ଡିପେଣ୍ଡେଣ୍ଟ ରିପୋର୍ଟ ପ୍ରକାଶ କରିଛି।

➦ୟୁକ୍ରେନ୍‌ର ପୂର୍ବ ଭାଗରେ ଥିବା ଭୋଲନୋବାଖା ସହର ରୁଷିଆ ଆକ୍ରମଣରେ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି। ଏହା ସତ୍ତ୍ୱେ ୟୁକ୍ରେନ୍ ସୈନ୍ୟ ରୁଷିଆକୁ ଅଟକାଇବା ନିମନ୍ତେ ଲଢ଼େଇ ଜାରି ରଖିଛନ୍ତି ବୋଲି ଡୋନେସ୍କ ଗଭର୍ନର ପାଭ୍‌ଲୋ କିରିଲେଙ୍କୋ କହିଛନ୍ତି।

➦ ମାରିଉପୋଲର ଏକ ମସ୍‌ଜିଦ୍‌ରେ ସାଧାରଣ ନାଗରିକ ଆଶ୍ରୟ ନେଇଥିବାବେଳେ ଏହା ଉପରେ ରୁଷିଆ ବୋମାମାଡ଼ କରିଥିବା ଜଣାଯାଇଛି। ସେହିପରି ବ୍ରୋଭେରି ଜିଲାରେ ଥିବା ଏକ ଖାଦ୍ୟ ଗୋଦାମ ମଧ ରୁଷିଆ ଆକ୍ରମଣରେ ଜଳିଯାଇଛି।

➦ରୁଷୀୟ ସୈନ୍ୟ ମେଲିଟୋପୋଲ ମେୟର ଇଭାନ୍ ଫେଡୋରୋଭ୍‌ଙ୍କୁ ଅପହରଣ କରି ନେଇଥିବା ଜେଲେନ୍‌ସ୍କି ଅଭିଯୋଗ କରିଛନ୍ତି। ଜେଲେନ୍‌ସ୍କି ଏହାର ଏକ ସର୍ଭିଲାନ୍ସ ଭିଡିଓ ଫୁଟେଜ୍ ଜାରି କରିଛନ୍ତି।

➦ୟୁକ୍ରେନ୍‌ର ଦକ୍ଷିଣ ବନ୍ଦର ସହର ଖେରସୋନ୍‌କୁ 'ସ୍ୱାଧୀନ' କରିବା ପାଇଁ ରୁଷିଆ ଏକ ଛଦ୍ମ ଜନମତ ସଂଗ୍ରହ ଆୟୋଜନ କରିବାକୁ ଯାଉଥିବା ସ୍ଥାନୀୟ କାଉନ୍‌ସିଲ ଅଫିସ୍ ପକ୍ଷରୁ ଅଭିଯୋଗ ଆସିଛି।

➦ଜର୍ମାନ ଚାନ୍‌ସେଲର ଓଲାଫ୍ ସ୍କୋଲ୍‌ଜ ଏବଂ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରଁ ଶନିବାର ୭୫ ମିନିଟ୍ ଧରି ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ସହ କଥା ହୋଇଛନ୍ତି। ୟୁକ୍ରେନ୍‌ରେ ତୁରନ୍ତ ଯୁଦ୍ଧବିରତି ନିମନ୍ତେ ସେମାନେ ପୁଟିନ୍‌ଙ୍କ ସହ ଆଲୋଚନା କରିଛନ୍ତି।

➦ ରୁଷୀୟ ଅରବପତି ଆଣ୍ଡ୍ରେ ମେଲ୍‌ନିଚେଙ୍କୋଙ୍କ ୫୮୦ ମିଲିୟନ ଡଲାର ମୂଲ୍ୟର ଜାହାଜକୁ ଇଟାଲୀ ଜବତ କରିଛି।

# ସ୍ପେସ୍ ଷ୍ଟେଶନକୁ ଖସାଇଦେବ କଟକଣା



**ମସ୍କୋ, ୧୨।୩**

ୟୁକ୍ରେନ୍ ଆକ୍ରମଣକୁ ବିରୋଧ କରି ଆମେରିକା ସମେତ ପାଶ୍ଚାତ୍ୟ ଦେଶ ରୁଷିଆ ଉପରେ କଠୋର କଟକଣା ଲଗାଇଛନ୍ତି। ପାଶ୍ଚାତ୍ୟର ଏହି କଟକଣାର ପ୍ରଭାବ ମହାକାଶ ସମ୍ବନ୍ଧୀୟ କାର୍ଯ୍ୟକଳାପ ଉପରେ ମଧ ପଡ଼ିବ ଏବଂ ଏଥିଯୋଗୁ ଅନ୍ତର୍ଜାତୀୟ ସ୍ପେସ୍ ଷ୍ଟେଶନ (ଆଇଏସ୍‌ଏସ୍) ଦୁର୍ଘଟଣାଗ୍ରସ୍ତ ହୋଇ ନଷ୍ଟ ହୋଇଯିବ ବୋଲି ରୁଷୀୟ ସ୍ପେସ୍ ଏଜେନ୍ସି ରୋସ୍‌କୋମୋସ୍ ପକ୍ଷରୁ ଚେତାବନୀ ଦିଆଯାଇଛି। ତେଣୁ ଏହି କଟକଣା ଉଠାଯାଉ ବୋଲି ମସ୍କୋର ମହାକାଶ ସଂସ୍ଥା ଦାବି କରିଛି।

ରୋସ୍‌କୋମୋସ୍‌ର ମହାନିର୍ଦ୍ଦେଶକ ଡିମିଟ୍ରି ରୋଗୋଜିନ୍ କହିଛନ୍ତି, ୟୁକ୍ରେନ୍ ସଙ୍କଟ ଆରମ୍ଭ ପରେ ଏବଂ ପୂର୍ବରୁ ଲାଗିଥିବା କେତେକ କଟକଣା ଆଇଏସ୍‌ଏସ୍‌ରେ ରୁଷୀୟ ମହାକାଶଯାନର କାର୍ଯ୍ୟକୁ ପ୍ରଭାବିତ କରିପାରେ। ସ୍ପେସ୍ ଷ୍ଟେଶନକୁ କକ୍ଷପଥରେ ଠିକ୍ ଭାବେ ରଖିବା କାମ ରୁଷିଆ କରିଥାଏ। ଯଦି ରୋସ୍‌କୋମୋସ୍ ଉପରେ ଲାଗିଥିବା କଟକଣା ହଟା ନ ଯାଏ ତେବେ ଆଇଏସ୍‌ଏସ୍ କକ୍ଷଚ୍ୟୁତ ହେବାର ଯଥେଷ୍ଟ ଆଶଙ୍କା ରହିଛି। ଫଳରେ ପ୍ରାୟ ୫୦୦ ଟନ୍ ବିଶିଷ୍ଟ ସ୍ପେସ୍ ଷ୍ଟେଶନ ପୃଥିବୀର ଜଳ କିମ୍ବା ସ୍ଥଳ ଯେ କୌଣସି ଭାଗରେ ଖସିଯାଇପାରେ ବୋଲି ସେ ଟେଲିଗ୍ରାମ୍‌ରେ ଲେଖିଛନ୍ତି। ଏଥିସହ ଆଇଏସ୍‌ଏସ୍‌ର ଖସିବା ସ୍ଥାନକୁ ନେଇ ରୋଗୋଜିନ୍ ଏକ ମ୍ୟାପ୍ ମଧ ପ୍ରସ୍ତୁତ କରିଛନ୍ତି। ସ୍ପେସ୍ ଷ୍ଟେଶନ ରୁଷିଆର କୌଣସି ସ୍ଥାନରେ ଖସିବା ସମ୍ଭାବନା କମ୍ ଥିବା ରୋଗୋଜିନ୍ ପ୍ରକାଶ କରିଛନ୍ତି। ଯେଉଁ ଦେଶମାନେ ରୋସ୍‌କୋମୋସ୍ ଉପରେ କଟକଣା ଲଗାଇଛନ୍ତି ସେମାନେ ଏହାର ଭୟାବହ ପରିଣାମ ବାବଦରେ ଚିନ୍ତା କରିବା ଜରୁରୀ ବୋଲି ସେ କହିଛନ୍ତି। ରୁଷିଆର ବିନା ସହାୟତାରେ ଆମେରିକୀୟ ମହାକାଶ ସଂସ୍ଥା ନାସା ଆଇଏସ୍‌ଏସ୍‌କୁ ଅର୍‌ବିଟ୍‌ରେ ରଖିବା ସକାଶେ ଉପାୟ ଖୋଜୁଥିବା ନେଇ ଗତ ୧ ତାରିଖରେ କହିଥିଲା। ଏଥିନିମନ୍ତେ ଆବଶ୍ୟକ କ୍ର୍ୟୁ ସଦସ୍ୟ ଏବଂ ସାମଗ୍ରୀ ସୋୟୁଜ୍ ସ୍ପେସ୍‌କ୍ରାଫ୍ଟ ଜରିଆରେ ସ୍ପେସ୍ ଷ୍ଟେଶନକୁ ପଠାଯାଇଛି।

**ରୁଷିଆ ମହାକାଶ ସଂସ୍ଥାର ଚେତାବନୀ**

# ମା' ମୃତଦେହ ପାଖେ ୪ ଦିନ

**ହାଇଦ୍ରାବାଦ, ୧୨।୩**

ଆନ୍ଧ୍ରପ୍ରଦେଶର ତିରୁପତି ନିକଟରେ ଥିବା ବିଦ୍ୟାନଗର ଅଞ୍ଚଳରେ ଏକ ହୃଦୟ ବିଦାରକ ଘଟଣା ସାମ୍ନାକୁ ଆସିଛି। ମା' ଅସୁସ୍ଥ ଥିବାରୁ ସେ ଶୋଇଛନ୍ତି ଭାବି ଜଣେ ୧୦ ବର୍ଷର ବାଳକ ତାଙ୍କ ମୃତଦେହ ନିକଟରେ ୪ ଦିନ ବିତାଇଛନ୍ତି। ଘରୁ ପଚାଗନ୍ଧ ବାହାରିବା ପରେ ଘଟଣା ବାବଦରେ ଜଣାପଡ଼ିଛି। ଗତ ୮ ତାରିଖରୁ ମହିଳା ଜଣଙ୍କର ମୃତ୍ୟୁ ଘଟିଥିବା ପୋଲିସ କହିଛି।

ରାଜ୍ୟଲକ୍ଷ୍ମୀ ନାମ୍ନୀ ମହିଳା ତାଙ୍କ ପୁଅ ଶ୍ୟାମ କିଶୋରଙ୍କ ସହ ରହୁଥିଲେ। କୌଣସି ବିବାଦ କାରଣରୁ ତାଙ୍କ ସ୍ୱାମୀ ପାଖରେ ନ ଥିଲେ। ରାଜ୍ୟଲକ୍ଷ୍ମୀଙ୍କ ଦେହ ଅସୁସ୍ଥ ଥିବାରୁ ସେ ଘରେ ଥିଲେ। ଗତ ୮ ତାରିଖରେ ସେ ବାନ୍ତି କରିବା ସହ ହଠାତ୍ ଅଚେତ ହୋଇପଡ଼ିଥିଲେ। ହେଲେ ଶ୍ୟାମ କିଶୋର ଏ ବାବଦରେ କିଛି ବୁଝିପାରି ନ ଥିଲେ। ଏଥିସହ ମା'ଙ୍କ ଦେହ ଭଲ ନ ଥିବାରୁ ସେ ବିଶ୍ରାମ ନେଉଛନ୍ତି ମନେକରି ତାଙ୍କୁ ଉଠାଇ ନ ଥିଲେ। ରାଜ୍ୟଲକ୍ଷ୍ମୀଙ୍କ ମରଶରୀର ସେବେଠାରୁ ଘରେ ଥିଲା ଏବଂ ଶ୍ୟାମ କିଶୋର ମା'ଙ୍କ ସହ ସେଠାରେ ୪ ଦିନ ରହିଥିଲେ। ଘରୁ ଗନ୍ଧ ବାହାରିବାରୁ ସେ ଜଣେ ସମ୍ପର୍କୀୟଙ୍କୁ ଏ ନେଇ ଜଣାଇଥିଲେ। ଖବରପାଇ ପୋଲିସ ମୃତଦେହ ଜବତ କରିଛି।

**ଶୋଇଛନ୍ତି ଭାବି ଉଠାଉ ନ ଥିଲେ ପୁଅ**



ଗୁରୁଗ୍ରାମର ଦମ୍‌ଦମା ହ୍ରଦ କୂଳରେ ଦୁଇଦିନିଆ ଏରୋ ସ୍ପୋର୍ଟ୍ସ କାର୍ନିଭାଲ୍‌ରେ ଶନିବାର ଭାଗ ନେଇଥିବା ବିମାନ। ହରିୟାଣା ପର୍ଯ୍ୟଟନ ବିଭାଗ ଏବଂ ଏରୋ କ୍ଲବ୍ ଅଫ୍ ଇଣ୍ଡିଆ ମିଳିତ ଭାବେ ଏହାର ଆୟୋଜନ କରିଛନ୍ତି।

# ଜଳିଗଲା ୬୦ ଘର, ୭ ମୃତ

**ନୂଆଦିଲ୍ଲୀ,୧୨।୩**

ଦିଲ୍ଲୀର ଗୋକୁଳପୁରୀ ଅଞ୍ଚଳରେ ଥିବା ବସ୍ତିରେ ବଡ଼ ଧରଣର ଅଗ୍ନିକାଣ୍ଡ ଘଟି ୭ ଜୀବନ୍ତ ଦଗ୍ଧ ହୋଇଛନ୍ତି। ନିଆଁରେ ୬୦ରୁ ଊର୍ଦ୍ଧ୍ୱ ଘର ଜଳିଯାଇଛି। ଶୁକ୍ରବାର ବିଳମ୍ବିତ ରାତିରେ ଲୋକେ ଶୋଇଥିବାବେଳେ ବସ୍ତିରେ ନିଆଁ ଲାଗିଯାଇଥିଲା। ଖବର ପାଇ ୧୩ଟି ଅଗ୍ନିଶମ ଗାଡ଼ି ଘଟଣାସ୍ଥଳରେ ପହଞ୍ଚି ଦୀର୍ଘ ସମୟର ପରିଶ୍ରମ ପରେ ନିଆଁକୁ ଆୟତ୍ତ କରିଥିଲେ। ୭ ପୋଡ଼ିଯାଇଥିବା ମୃତଦେହ ମିଳିଛି। ସେମାନଙ୍କୁ ଚିହ୍ନଟ କରାଯାଇପାରି ନାହିଁ। ଅଗ୍ନିକାଣ୍ଡର କାରଣ ଜଣାପଡ଼ି ନ ଥିବା ଦିଲ୍ଲୀ ଅଗ୍ନିଶମ ନିର୍ଦ୍ଦେଶକ ଅତୁଲ ଗର୍ଗ କହିଛନ୍ତି। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଏହି ଦୁଃଖଦ ଘଟଣାରେ ଶୋକବ୍ୟକ୍ତ କରିଛନ୍ତି। ଦିଲ୍ଲୀ ସରକାର ବୟସ୍କ ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ଯୋଗାଇଦେବାକୁ କେଜ୍‌ରିୱାଲ ଘୋଷଣା କରିଛନ୍ତି। ସେହିପରି ମୃତ ଶିଶୁଙ୍କ ପରିବାରକୁ ୫ ଲକ୍ଷ ଏବଂ ଆହତଙ୍କୁ ୨୫,୦୦୦ ଟଙ୍କା ଲେଖାଏ ସହାୟତା ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଉତ୍ତରପୂର୍ବ ଦିଲ୍ଲୀ ଏମ୍‌ପି ମନୋଜ ତିୱାରୀ ୭ ଜଣଙ୍କ ମୃତ୍ୟୁ ଘଟଣାରେ ଶୋକବ୍ୟକ୍ତ କରିବା ସହ ଘଟଣାର ବିଚାର ବିଭାଗୀୟ ତଦନ୍ତ ଲାଗି ଦାବି କରିଛନ୍ତି। ଅଗ୍ନିକାଣ୍ଡ ସ୍ଥଳ ପରିଦର୍ଶନ କରିବା ସହ ତିୱାରୀ ମୃତାହତଙ୍କ ପରିବାର ସଦସ୍ୟଙ୍କୁ ଭେଟିଥିଲେ। ମୃତକଙ୍କ ପରିବାରକୁ ୧ କୋଟି ଟଙ୍କା ଲେଖାଏଁ ସହାୟତା ତୁରନ୍ତ ଯୋଗାଇଦେବାକୁ ସେ ଦାବି କରିଛନ୍ତି।



ଜଣେ ବସ୍ତିବାସିନ୍ଦା ଜଳି ଯାଇଥିବା ଘରୁ ଆସବାବପତ୍ର ସଂଗ୍ରହ କରୁଛନ୍ତି।

**ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ସହାୟତା ଘୋଷଣା**

## ଭାରତ ଜନ୍ମିତ ଶେଫାଳୀ ହେବେ ନେଦରଲାଣ୍ଡସ୍‌ରେ ଆମେରିକା ରାଷ୍ଟ୍ରଦୂତ

**ୱାଶିଂଟନ,୧୨।୩**

ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଭାରତ ଜନ୍ମିତ ରାଜନୈତିକ କର୍ମୀ ଶେଫାଳୀ ରାଜଦାନ ଡୁଗ୍ଗଲଙ୍କୁ ନେଦରଲାଣ୍ଡସ୍ ପାଇଁ ରାଷ୍ଟ୍ରଦୂତ ଭାବେ ମନୋନୀତ କରିଛନ୍ତି। ୫୦ ବର୍ଷୀୟା ଶେଫାଳୀଙ୍କ ଜନ୍ମ ଜମ୍ମୁ-କଶ୍ମୀରରେ। ସେ ଆମେରିକା ଯାଇ ସିନ୍‌ସିନାଟି, ଶିକାଗୋ, ନ୍ୟୁୟର୍କ ଏବଂ ବୋଷ୍ଟନରେ ପାଠ ପଢ଼ିବା ସହ ସେଠାର ରାଜନୀତିରେ ସାମିଲ ହୋଇଥିଲେ। ଶୁକ୍ରବାର ହ୍ୱାଇଟ ହାଉସ୍ ପକ୍ଷରୁ ତାଙ୍କୁ ନେଦରଲାଣ୍ଡସ୍ ପାଇଁ ଆମେରିକା ରାଷ୍ଟ୍ରଦୂତ ଘୋଷଣା କରାଯିବା ସହ ଅନ୍ୟ କେତେକ ପ୍ରଶାସନିକ ଓ କୂଟନୈତିକ ପଦବୀ ସମ୍ପର୍କରେ ଘୋଷଣା କରାଯାଇଛି। ଦୁଇ ପିଲାର ମାଆ ଶେଫାଳୀ ଜଣେ ଅଭିଜ୍ଞ ରାଜନୈତିକ କର୍ମୀ, ମହିଳା ଅଧିକାର ଆଇନଜୀବୀ ଏବଂ ମାନବାଧିକାର ପ୍ରଚାରକ। ପୂର୍ବ ରାଷ୍ଟ୍ରପତିଙ୍କ ସମୟରେ ସେ ୟୁନାଇଟେଡ୍ ଷ୍ଟେଟ୍ସ ହୋଲୋକଷ୍ଟ ମେମୋରିଆଲ ମ୍ୟୁଜିୟମ୍ କାଉନସିଲ୍‌ରେ ନିଯୁକ୍ତ ହେବା ସହ ପଶ୍ଚିମାଞ୍ଚଳ ଉପଦେଷ୍ଟା ଭାବେ କାର୍ଯ୍ୟ କରିଥିଲେ। ବାରାକ ଓବାମା ଏବଂ ହିଲାରି କ୍ଲିଣ୍ଟନଙ୍କ ପାଇଁ ରାଷ୍ଟ୍ରପତି ନିର୍ବାଚନ ପ୍ରଚାରରେ ଶେଫାଳୀ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ।



## ଡବ୍ଲୁଆଇର ଚତୁର୍ଥ ସଂସ୍କରଣ ଘୋଷଣା

ନୂଆଦିଲ୍ଲୀ : ଅନ୍ତଃରାଷ୍ଟ୍ରୀୟ ସ୍ତରର ଏଡ୍‌ଟେକ କମ୍ପାନୀ ଏବଂ ଟ୍ୟାଲେଣ୍ଟ ସ୍ପିରିଟ ତାହାର ଓମେନ ଇଞ୍ଜିନିୟର୍ସ (ଡବ୍ଲୁଇ) କାର୍ଯ୍ୟକ୍ରମର ଚତୁର୍ଥ ସଂସ୍କରଣ ସମ୍ପର୍କରେ ଘୋଷଣା କରିଛି। ଗୁଗଲ ତା'ର ନିର୍ଦ୍ଦିଷ୍ଟ ଦୃଷ୍ଟିବଦ୍ଧ ପ୍ରୟାସଗୁଡିକ ଜରିଆରେ ବହୁବିଧ ପ୍ରଯୁକ୍ତି କ୍ଷେତ୍ରରେ ମହିଳାଙ୍କୁ ଉତ୍ସାହିତ, ସମର୍ଥ ଏବଂ ସଶକ୍ତ କରିବା ଦିଗରେ ନିଜର ପ୍ରତିବଦ୍ଧତା ଆଧାରରେ ଏହି କାର୍ଯ୍ୟକ୍ରମ ଆରମ୍ଭ ଦିନଠାରୁ ଏହାକୁ ସମର୍ଥନ ଦେଇଆସୁଛି। ଡବ୍ଲୁଇର ମୁଖ୍ୟ ଲକ୍ଷ୍ୟ ହେଉଛି ଔଦ୍ୟୋଗିକତାକୁ ସମର୍ଥ କରାଇବା ଏବଂ ବିବିଧ ସାମାଜିକ, ଅର୍ଥନୈତିକ ପୃଷ୍ଠଭୂମିରୁ ଆସିଥିବା ଆକାଂକ୍ଷୀ ଛାତ୍ରୀମାନଙ୍କୁ ଉଚ୍ଚ ଅଭିବୃଦ୍ଧି ଭିତ୍ତିକ ବୈଷୟିକ କ୍ୟାରିୟର ପାଇଁ ପ୍ରସ୍ତୁତ କରିବା।

**ସଂକ୍ଷେପରେ**

## ଏଚ୍‌ସିଏଲ୍ ଗ୍ରାଣ୍ଟର ୭ମ ସଂସ୍କରଣ ଉଦ୍‌ଯାପିତ

**ନୂଆଦିଲ୍ଲୀ,୧୨।୩ :** ଏଚ୍‌ସିଏଲ୍ ଟେକ୍‌ନୋଲୋଜିର ସିଏସ୍‌ଆର୍ ୟୁନିଟ ଏଚ୍‌ସିଏଲ୍ ଫାଉଣ୍ଡେଶନ ପକ୍ଷରୁ ଏଚ୍‌ସିଏଲ୍ ଗ୍ରାଣ୍ଟର ୭ମ ସଂସ୍କରଣର ବିଜେତା ଏନ୍‌ଜିଓଗୁଡ଼ିକର ନାମ ଘୋଷଣା କରାଯାଇଛି। ଏହା ଏକ ଫ୍ଲାଗ୍‌ଶିପ୍ ପ୍ରୋଗ୍ରାମ ଯେଉଁଥିରେ ଗ୍ରାମୀଣ ଭାରତରେ ପରିବେଶ, ସ୍ୱାସ୍ଥ୍ୟ ଓ ଶିକ୍ଷା କ୍ଷେତ୍ରରେ ବିକାଶ ପାଇଁ ଏନ୍‌ଜିଓଗୁଡ଼ିକ ଦ୍ୱାରା ଅନେକ ଅଭିନବ ପଦକ୍ଷେପ ଗ୍ରହଣ କରାଯାଉଛି। ଏହି ପରିପ୍ରେକ୍ଷୀରେ ୩ ଜଣ ବିଜେତା ଏନ୍‌ଜିଓଙ୍କୁ ମଧ ସମ୍ମାନିତ କରାଯାଇଛି। ଏ ସମ୍ପର୍କରେ ଏଚସିଏଲ୍ ଫାଉଣ୍ଡେଶନର ନିର୍ଦ୍ଦେଶକ ନିଧି ପୁନ୍ଧିର କହିଛନ୍ତି, ଏଚ୍‌ସିଏଲ୍ କେବଳ ଆଇଡିଆକୁ ସ୍ୱୀକୃତି ପ୍ରଦାନ କରେ ନାହିଁ ବରଂ ଏହି ଚିନ୍ତାଧାରାକୁ କାର୍ଯ୍ୟରେ ରୂପାନ୍ତର କରିବାର ମଧ କ୍ଷମତା ରଖେ। ଏହା ଅତି ଆନନ୍ଦର ବିଷୟ ଯେ ଏଚ୍‌ସିଏଲ୍ ଗ୍ରାଣ୍ଟ ସହ ଆମେ ଦେଶରେ ବିକାଶ ରୂପାନ୍ତରର ନୂତନ କାହାଣୀ ସୃଷ୍ଟି କରୁଛୁ।

## ରିଅଲ୍‌ମି ୯ ୫ଜି ସିରିଜ୍‌ର ଶୁଭାରମ୍ଭ

**ନୂଆଦିଲ୍ଲୀ,୧୨।୩ :** ରିଅଲ୍‌ମି ପକ୍ଷରୁ ଏହାର ନମ୍ବର ସିରିଜ୍ ଅଧୀନରେ ନୂତନ ଉତ୍ପାଦ ଶୃଙ୍ଖଳା ରିଅଲ୍‌ମି ୯ ୫ଜି ସିରିଜ୍ ସହିତ ରିଅଲ୍‌ମି ଟେକ୍‌ଲାଇଫ୍ ବଡ୍‌ସ ଏନ୍୧୦୦ ଓ ରିଅଲ୍‌ମି ଟେକ୍‌ଲାଇଫ୍ ୱାଚ୍ ଏସ୍୧୦୦ର ଶୁଭାରମ୍ଭ କରାଯାଇଛି। ରିଅଲ୍‌ମି ୯ ୫ଜି ଓ ରିଅଲ୍‌ମି ୯ ୫ଜି ସ୍ପିଡ୍ ଏଡିସନ ଭଳି ଦୁଇଟି ସ୍ମାର୍ଟଫୋନ ସାମିଲ ଥିବା ରିଅଲ୍‌ମି ୯ ୫ଜି ସିରିଜ୍ ସେଗ୍‌ମେଣ୍ଟର ଅଗ୍ରଣୀ ୫ଜି ପ୍ରୋସେସର ସହିତ ଆସିଛି। ଏ ସମ୍ପର୍କରେ ରିଅଲ୍‌ମି ଗ୍ରୁପ୍‌ର ଅଧ୍ୟକ୍ଷ ମାଧବ ସେଠ୍ କହିଛନ୍ତି, ରିଅଲ୍‌ମି ୯ ୫ଜି ଓ ରିଅଲ୍‌ମି ୯ ୫ଜି ସ୍ପିଡ୍ ଏଡିସନର ଯୋଗ ସହ ଆମେ ଆମର ଉପଭୋକ୍ତାଙ୍କୁ ଉନ୍ନତ ପ୍ରୋସେସର ଓ ଅତ୍ୟାଧୁନିକ ଟେକ୍ନୋଲୋଜି ପ୍ରଦାନ କରୁଛୁ। ସେହିଭଳି ସେମାନଙ୍କୁ ଟେକ୍ନୋଲୋଜି ଦ୍ୱାରା ଉନ୍ନତ ଅତୁଳନୀୟ ସ୍ମାର୍ଟ ଲିଭିଙ୍ଗ୍ ଉପଭୋଗ କରିବାରେ ସାହାଯ୍ୟ କରିବା ପାଇଁ ରିଅଲ୍‌ମି ଟେକ୍‌ଲାଇଫ୍ ବଡ୍‌ସ ଏନ୍୧୦୦ ଓ ରିଅଲ୍‌ମି ଟେକ୍‌ଲାଇଫ୍ ୱାଚ୍ ଏସ୍୧୦୦ ସହିତ ଆମର ଏଆଇଓଟି ପ୍ରଡକ୍ଟ ଅଫରିଂକୁ ସମ୍ପ୍ରସାରିତ କରୁଛୁ।

# ଏଫ୍‌ଏନ୍‌ପିରେ ୨୦୦ କୋଟି ନିବେଶକଲା ଲାଇଟ୍ ହାଉସ୍

**ନୂଆଦିଲ୍ଲୀ,୧୨।୩**

ଦେଶର ପ୍ରମୁଖ ଘରୋଇ ନିବେଶକ ସଂସ୍ଥା ଲାଇଟ୍ ହାଉସ୍ ଇଣ୍ଡିଆ ଫଣ୍ଡ୍ ଥାର୍ଡ ଲିମିଟେଡ୍ ପକ୍ଷରୁ ଶନିବାର ଫର୍ନ ଆଣ୍ଡ ପେଟାଲ୍ ପ୍ରାଇଭେଟ୍ ଲିମିଟେଡ୍ (ଏଫ୍‌ଏନ୍‌ପି)ରେ ୨୦୦ କୋଟି ଟଙ୍କା(୨୭ ମିଲିୟନ ଡଲାର)ର ନିବେଶ କରାଯାଇଛି। ଦିଲ୍ଲୀରେ ଏକ ଫୁଲଦୋକାନରୁ ଆରମ୍ଭ ହୋଇଥିବା ଏଫ୍‌ଏନ୍‌ପି ବର୍ତ୍ତମାନ ଦେଶର ଏକ ଅଗ୍ରଣୀ ଗିଫ୍ଟିଂ ପ୍ଲାଟ୍‌ଫର୍ମରେ ପରିଣତ ହୋଇଛି। ଏହା ବାର୍ଷିକ ୨ମିଲିୟନରୁ ଅଧିକ ଗ୍ରାହକଙ୍କୁ ସଫଳ ଭାବରେ ସେବା ଯୋଗାଇଥାଏ। ବିଶେଷକରି ବିଭିନ୍ନ ଭେରାଇଟିର କେକ୍, ଫୁଲ, ଗଛ, ଚକୋଲେଟ୍ କମ୍ପାନୀ, ଭିନ୍ନ ଭିନ୍ନ ପର୍ସନାଲାଇଜ୍‌ଡ ଗିଫ୍ଟ ସମେତ ଏହି କମ୍ପାନୀ ୪୦ ହଜାରରୁ ଅଧିକ ଉତ୍ପାଦକୁ ନେଇ ବ୍ୟବସାୟ କରେ।

ବର୍ତ୍ତମାନ ଦେଶରେ ୪୦୦ରୁ ଊର୍ଦ୍ଧ୍ୱ ଏଫ୍‌ଏନ୍‌ପି ଷ୍ଟୋର୍ ରହିଥିବା ବେଳେ ଏହା ଭାରତର ୯୯% ପିନ୍‌କୋଡ୍‌ରେ ନିଜ ସେବା ପ୍ରଦାନ କରିଥାଏ। ଏହାର ଏକ ବିଶେଷ ସୁବିଧା ହେଉଛି, ଏଫ୍‌ଏନ୍‌ପିର ଅଧିକାଂଶ ଅର୍ଡର ୨୪ଘଣ୍ଟା ମଧ୍ୟରେ ଡେଲିଭରି ହୋଇଥାଏ। ଅନୁଷ୍ଠାନ ଭାରତ ସମେତ ସଂଯୁକ୍ତ ଆରବ ଏମିରେଟ୍, ସିଙ୍ଗାପୁର ଏବଂ କାତାରରେ ଏଫ୍‌ଏନ୍‌ପି ସଞ୍ଚାଳିତ ହେଉଛି। ସେହିପରି ସାଉଦି ଆରବ, ମାଲେସିଆ, ଇଣ୍ଡୋନେସିଆ, ଫିଲିପାଇନ୍ସ ଏବଂ ଆମେରିକାରେ ଏହା ବ୍ୟବସାୟ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛି। କୋଭିଡ୍ କଟକଣା ମଧ୍ୟରେ କମ୍ପାନୀର ବିକାଶ ହାର ୪୦% ରହିଥିବା ସହ ବର୍ଷ ଶେଷ ସୁଦ୍ଧା ଏହା ୬୦୦କୋଟି ଟଙ୍କାର ବ୍ୟବସାୟ ଲକ୍ଷ୍ୟ ରଖିଛି।

ଏ ସମ୍ପର୍କରେ ଏଫ୍‌ଏନ୍‌ସି ସଂସ୍ଥାପକ ତଥା ମ୍ୟାନେଜିଂ ଡାଇରେକ୍ଟର ବିକାଶ ଗୁଟଗୁଟିଆ କହିଛନ୍ତି, ଜଣେ ଅନ୍ୟ ଜଣଙ୍କୁ ଖୁସିରେ ଉପହାର ଦେଇଥାଏ। ତେଣୁ ଆମେ ଗ୍ରାହକ ଏବଂ ତାଙ୍କ ପ୍ରିୟଜନଙ୍କୁ ସେମାନଙ୍କ ଚାହିଦା ମୁତାବକ ଉପହାର ପ୍ରଦାନ କରି ସନ୍ତୁଷ୍ଟ କରିବା ଦିଗରେ ସର୍ବଦା ଚେଷ୍ଟିତ ବୋଲି ସେ ମତବ୍ୟକ୍ତ କରିଛନ୍ତି। ସେହିଭଳି ଲାଇଟ୍ ହାଉସ୍‌ର ଆଡ୍‌ଭାଇଜର୍ସ ଫାଉଣ୍ଡିଂ ପାର୍ଟନର ସଚିନ ଭାରତୀୟ କହିଛନ୍ତି, ଦେଶରେ ଗିଫ୍ଟିଂର ଏକ ବଡ଼ ବଜାର ଏଫ୍‌ଏନ୍‌ପିର ରହିଛି। କିନ୍ତୁ ଏହା ଉତ୍ତମ ଭାବରେ ପରିଚାଳିତ ହୋଇପାରୁନାହିଁ। ଅପରପକ୍ଷରେ ଅନ୍‌ଲାଇନ ଉପହାର ବ୍ୟବସ୍ଥା ଦେଶର ଗିଫ୍ଟିଂ ବଜାରରେ ସୁଧାର ଆଣିବା ଦିଗରେ କାର୍ଯ୍ୟକରୁଛି ଏବଂ ଡିଜିଟାଲ ମାଧ୍ୟମ ଏହି ଉନ୍ନତିକୁ ତ୍ୱରାନ୍ୱିତ କରାଯିବ। ଏଫ୍‌ଏନ୍‌ପି ନିକଟରେ ବ୍ୟାପକ ସପ୍ଲାଇ ଚେନ୍ ନେଟ୍‌ୱର୍କ, ଉତ୍ତମ ପ୍ରଯୁକ୍ତିବିଦ୍ୟା, ଲିଡିଂ ବ୍ରାଣ୍ଡ ରିକଲ୍ ଏବଂ ଏକ ଅଭିଜ୍ଞ ମ୍ୟାନେଜମେଣ୍ଟ ଟିମ୍ ସମେତ ଦେଶର ଗିଫ୍ଟିଂ ମାର୍କେଟ୍‌ରେ ଅଗ୍ରଣୀ ହେବାକୁ ସମସ୍ତ ପ୍ରକାର ସୁବିଧା ରହିଥିବା ଭାରତୀୟ ମତବ୍ୟକ୍ତ କରିଛନ୍ତି।

## ଓଜିବି ପକ୍ଷରୁ ୪୫୨ ଏସ୍‌ଏଚ୍‌ଜିଙ୍କୁ ଋଣ ପ୍ରଦାନ



**ଭୁବନେଶ୍ୱର,୧୨।୩**

ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ(ଓଜିବି) ପକ୍ଷରୁ ନିକଟରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବ୍ୟାଙ୍କର ଅଧ୍ୟକ୍ଷ ମୋହନ ଏମ୍. ଯୋଗଦେଇ ସାମ୍ପ୍ରତିକ ସମାଜ ଗଠନ ଏବଂ ପ୍ରଗତିରେ ମହିଳାମାନଙ୍କର ଭାଗୀଦାରି ଓ ଭୂମିକା ବିଷୟରେ ମତବ୍ୟକ୍ତ କରିଥିଲେ। ସେହିଭଳି ବ୍ୟାଙ୍କର କର୍ମକର୍ତ୍ତାମାନଙ୍କୁ ମହିଳା ମାନଙ୍କ ସହଭାଗିତାରେ କାର୍ଯ୍ୟ କରିବାକୁ ମଧ ସେ ପ୍ରବର୍ତ୍ତାଇଥିଲେ। ଏହି ପରିପ୍ରେକ୍ଷୀରେ ମହିଳାମାନଙ୍କୁ ସ୍ୱାବଲମ୍ବୀ ତଥା ଆତ୍ମନିର୍ଭରଶୀଳ କରାଇବା ପାଇଁ ପ୍ରତ୍ୟେକ ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଋଣମେଳାର ଆୟୋଜନ କରାଯାଇ ୪୫୨ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)ଙ୍କୁ ମୋଟ ୧୩ କୋଟି ଟଙ୍କାର ଋଣ ପ୍ରଦାନ କରାଯାଇଥିଲା। ଓଜିବିର ମୁଖ୍ୟ କାର୍ଯ୍ୟାଳୟ ସହ ଏହାର ସମସ୍ତ ୫୪୯ ଶାଖା କାର୍ଯ୍ୟାଳୟରେ ମଧ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କରାଯାଇଥିଲା।

# ନିବେଶକଙ୍କୁ ଟଙ୍କା ଫେରାଇବାକୁ ଦାବି କରିଛି ସାହାରା

**ନୂଆଦିଲ୍ଲୀ,୧୨।୩**

**ସେବି ନିକଟରେ ୨୪,୦୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଜମା ରହିଛି**

ସାହାରା ଇଣ୍ଡିଆ ପରିବାର ପକ୍ଷରୁ ପାଟନା ହାଇକୋର୍ଟଙ୍କୁ ଅବଗତ କରାଯାଇଛି ଯେ ସାହାରା ଗ୍ରୁପ୍ କମ୍ପାନିଜ୍‌ର ନିବେଶକମାନଙ୍କୁ ଟଙ୍କା ଫେରସ୍ତ କରିବା ଲାଗି ସେବିପାଖରେ ଜମା ରାଶି ୨୪,୦୦୦ କୋଟି ଟଙ୍କାରୁ ଅଧିକ ପଡ଼ିରହିଛି। ମାତ୍ର ନିବେଶକମାନଙ୍କୁ ସେବି ଟଙ୍କା ଫେରାଉନାହିଁ ଏବଂ ତାହା ବ୍ୟବହୃତ ନ ହୋଇ ପଡ଼ିରହିଛି। ଗତ ୯ବର୍ଷ ଭିତରେ ସେବି ପକ୍ଷରୁ ନିବେଶକମାନଙ୍କୁ ମାତ୍ର ୧୨୮କୋଟି ଟଙ୍କା ଫେରସ୍ତ କରାଯାଇଛି। ସୁପ୍ରିମକୋର୍ଟ ଜାରି କରିଥିବା ରାୟରେ ସାହାରା ଗ୍ରୁପ୍ କମ୍ପାନିଜ୍‌ର ନିବେଶକଙ୍କୁ ଟଙ୍କା ଫେରସ୍ତ କରିବା ଲାଗି କୌଣସି କଟକଣା ଲଗାଇ ନ ଥିଲେ। ସେହିପରି ପାଟନା ହାଇକୋର୍ଟ ସମନ ଜାରି କରିବା ପରେ ସାହାରା ପକ୍ଷରୁ ବରିଷ୍ଠ ଆଇନଜୀବୀ ଉମେଶ ପ୍ରସାଦ ସିଂହ କୋର୍ଟରେ ହାଜର ହୋଇ ଲିଖିତ ଭାବେ ଏହା ଜଣାଇଛନ୍ତି। କୋର୍ଟରେ ବିତର୍କ ବେଳେ ଏହା ମଧ୍ୟ ଅବଗତ କରାଯାଇଛି ଯେ ସାହାରାର ଯେଉଁ ଦୁଇ କମ୍ପାନୀରେ ନିବେଶ ଯୋଗୁ ତାହାର ଖାତାକୁ ସୁପ୍ରିମକୋର୍ଟ ନିଷ୍କ୍ରିୟ କରିଥିଲେ ସେହି ଦୁଇ ସଂସ୍ଥା ବ୍ୟତୀତ ସାହାରା ଗ୍ରୁପ୍ କମ୍ପାନିଜ୍‌ର ଅନ୍ୟ କୌଣସି ସଂସ୍ଥା କିମ୍ବା ସୋସାଇଟିର ନିବେଶକମାନଙ୍କୁ ଟଙ୍କା ଫେରସ୍ତ କରାଯିବ ନାହିଁ ବୋଲି ସୁପ୍ରିମକୋର୍ଟ କିମ୍ବା କୌଣସି ଅନ୍ୟ କୋର୍ଟ ସେବିକୁ କହିନାହାନ୍ତି। ସେ ଏହା ମଧ୍ୟ କୋର୍ଟଙ୍କୁ ଜଣାଇଛନ୍ତି ଯେ ଲକ୍ଷ୍ନୌ ହାଇକୋର୍ଟରେ ଦାଖଲ ହୋଇଥିବା ଏକ ରିଟ୍ ପିଟିଶନରେ ସେବି ନିଜେ ପ୍ରକାଶ କରିଥିଲା ଯେ ସାହାରା କ୍ୟୁ ସପ୍ ସମେତ ସମସ୍ତ ନିବେଶକଙ୍କ ଟଙ୍କା ଫେରସ୍ତ କରିବାରେ ସାହାରାଠାରୁ ସଂଗ୍ରହ କରାଯାଇଥିବା ଟଙ୍କାକୁ ବ୍ୟବହାର କରାଯିବ। ଯଦି କୌଣସି ପ୍ରକାରେ ଟଙ୍କା ଫେରସ୍ତ ହୋଇ ନ ପାରିବ ତେବେ ସେହି ଟଙ୍କା ସାହାରାକୁ ଫେରାଇ ଦିଆଯିବ। ସେବିର ଏଭଳି ସତ୍ୟପାଠ ଏବଂ ୨୦୧୨ ଡିସେମ୍ବର ୫ରେ ସୁପ୍ରିମକୋର୍ଟ ଦେଇଥିବା ରାୟରେ ବଳକା ଟଙ୍କାକୁ ସେବି ପକ୍ଷରୁ ସାହାରାକୁ ଫେରସ୍ତ କରାଯିବ ବୋଲି ସ୍ପଷ୍ଟ କରାଯାଇଥିଲେ ମଧ୍ୟ ସେବି ନିବେଶକଙ୍କୁ ଟଙ୍କା ଫେରସ୍ତ କରୁନାହିଁ ଓ ସାହାରାକୁ ମଧ୍ୟ ଟଙ୍କା ଫେରାଉ ନାହିଁ। ଏବେ ସେବି ପାଖରେ ଗୋଟିଏ ବିକଳ୍ପ ରହିଛି ତାହା ହେଉଛି ନିବେଶକଙ୍କୁ ଟଙ୍କା ଫେରସ୍ତ କରୁ ଅନ୍ୟଥା ସବୁ ଟଙ୍କା ସାହାରାକୁ ଫେରାଉ। ସାହାରାର ଆଇନଜୀବୀ ବାଢ଼ିଥିବା ଯୁକ୍ତିକୁ ନେଇ ସେବିର ଆଇନଜୀବୀ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। ୨୦୨୨ ମାର୍ଚ୍ଚ ୨୫ ସୁଦ୍ଧା ନିଜର ପ୍ରତିକ୍ରିୟା ରଖିବା ଲାଗି ସେବିକୁ ସୁପ୍ରିମକୋର୍ଟ କହିଛନ୍ତି। ମାନ୍ୟବର ହାଇକୋର୍ଟ ଯେଉଁସବୁ ପ୍ରଶ୍ନ କରିଛନ୍ତି ତାହାର ଉତ୍ତର ଦେବା ଲାଗି ମୁମ୍ବାଇ ସେବିର ମୁଖ୍ୟ କାର୍ଯ୍ୟାଳୟରେ ଅବସ୍ଥାପିତ ଥିବା ଜଣେ ଦାୟିତ୍ୱବାନ ଅଧିକାରୀଙ୍କୁ ୨୮ ମାର୍ଚ୍ଚରେ କୋର୍ଟରେ ଉପସ୍ଥିତ ରହିବା ଲାଗି ନିର୍ଦ୍ଦେଶ ଜାରି କରାଯାଇଛି।

## ଏଚ୍‌ଡିଏଫ୍‌ସି ଉପରୁ ହଟିଲା କଟକଣା

**ନୂଆଦିଲ୍ଲୀ,୧୨।୩**

ଦେଶର ସର୍ବବୃହତ୍ ପ୍ରାଇଭେଟ୍ ବ୍ୟାଙ୍କ୍ ଏଚ୍‌ଡିଏଫ୍‌ସିକୁ ରିଜର୍ଭ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ(ଆର୍‌ବିଆଇ) ପକ୍ଷରୁ ଆଶ୍ୱାସନା ମିଳିଛି। ଶନିବାର ଆର୍‌ବିଆଇ ପକ୍ଷରୁ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଉପରେ ଲାଗିଥିବା ବିଭିନ୍ନ କଟକଣାକୁ ହଟାଇଦେବାକୁ ନିଷ୍ପତ୍ତି ନେଇଛି। ଶୁକ୍ରବାର ଆର୍‌ବିଆଇ ପକ୍ଷରୁ ଏଚ୍‌ଡିଏଫ୍‌ସିର ଡିଜିଟାଲ ୨.୦ କାର୍ଯ୍ୟକ୍ରମ ଉପରେ ଲଗାଯାଇଥିବା ପ୍ରତିବନ୍ଧକ ହଟାଇ ଦିଆଯାଇଥିବା ବେଳେ ଶନିବାର ଷ୍ଟକ୍ ଏକ୍ସଚେଞ୍ଜ୍‌କୁ ଅଧିସୂଚିତ କରାଯାଇଛି। ଏହା ପୂର୍ବରୁ ଏଚ୍‌ଡିଏଫ୍‌ସିର ନୂଆ କ୍ରେଡିଟ୍ କାର୍ଡ ଇସ୍ୟୁ ଉପରେ ପ୍ରତିବନ୍ଧକ ଲଗାଯାଇଥିଲା। ପରବର୍ତ୍ତୀ ସମୟରେ ୨୦୨୧ ଅଗଷ୍ଟରେ କଟକଣାକୁ କୋହଳ କରାଯିବା ପରେ ପୁଣି ବ୍ୟାଙ୍କ୍ କ୍ରେଡିଟ୍ କାର୍ଡ ସେବା ଆରମ୍ଭ କରିଥିଲା।

## ଏଏସ୍‌ବିଏମ୍‌ରେ ୫୦ତମ ୱେବିନାର

**ଭୁବନେଶ୍ୱର,୧୨।୩**

କୋଭିଡ୍ ମହାମାରୀ ମାନବ ସମାଜର ଗତିପଥ ଏବଂ ଜୀବନଯାତ୍ରାକୁ ସ୍ଥାଣୁ କରିଦେଇଥିଲା। ସମସ୍ତ କ୍ଷେତ୍ରରେ ଏହାର ପ୍ରଭାବ ଦେଖିବାକୁ ମିଳିଥିଲେ ମଧ ଶିକ୍ଷା କ୍ଷେତ୍ରରେ କୋଭିଡ୍‌ର କୁପରିଣାମ ଅଧିକ ମାତ୍ରାରେ ଦେଖିବାକୁ ମିଳିଥିଲା। ଶିକ୍ଷାଦାନରେ ବ୍ୟାପକ ବାଧା ସୃଷ୍ଟି ହେବାରୁ 'ଡିଜିଟାଲ ଶିକ୍ଷାଦାନ'କୁ ସମସ୍ତେ ବିକଳ୍ପ ଭାବରେ ଗ୍ରହଣ କରିନେଇଥିଲେ। ଏହି ପରିପେକ୍ଷୀରେ ୨୦୨୦ ଜୁନ୍‌ରୁ ୨୦୨୨ ଫେବୃୟାରୀ ମଧ୍ୟରେ ଏଏସ୍‌ବିଏମ୍ ବିଶ୍ୱବିଦ୍ୟାଳୟ ୫୦ତମ ୱେବିନାର ଶେଷକରି ଏକ କୀର୍ତ୍ତିମାନ ସ୍ଥାପନ କରିଛି।

ସମ୍ଭାବ୍ୟ ବିଷୟବସ୍ତୁକୁ ଛାତ୍ରୀଛାତ୍ର ତଥା ଅନୁସନ୍ଧିତ୍ସୁମାନଙ୍କ ନିକଟରେ ପହଞ୍ଚାଇବା ୱେବିନାରର ମୂଳ ଲକ୍ଷ୍ୟ ଥିଲା। ଏହାଦ୍ୱାରା ବିଶ୍ୱବିଦ୍ୟାଳୟ ବିଭିନ୍ନ କ୍ଷେତ୍ରରେ ଦକ୍ଷ ବ୍ୟକ୍ତିବିଶେଷଙ୍କ ସହ ଛାତ୍ରୀଛାତ୍ରଙ୍କୁ ଯୋଡ଼ିପାରିଥିଲା। ମହାମାରୀ ସମୟରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ଜୀବନକୁ ସୁସଂଗଠିତ ଏବଂ ସୁନିୟନ୍ତ୍ରିତ କରିବା ଉଦ୍ଦେଶ୍ୟରେ 'ସକାରାତ୍ମକ ଚିନ୍ତନ', 'ପ୍ରଫୁଲତାର ନୂଆମନ୍ତ୍ର', 'ଜୀବନର ଲକ୍ଷ୍ୟ ଓ ଲକ୍ଷ୍ୟ ପ୍ରାପ୍ତି', 'କର୍ମକୁଶଳତା' ଇତ୍ୟାଦି ବିଷୟକୁ ୱେବିନାର ମାଧ୍ୟମରେ ଅଣାଯାଇଥିଲା। ଅର୍ଥନୀତିର ସନ୍ତୁଳନ ଏବଂ ମହାମାରୀ ପରବର୍ତ୍ତୀ ସ୍ଥିତିର ବିକାଶ ଲାଗି ମଧ ବିଭିନ୍ନ ୱେବିନାର ଆୟୋଜିତ ହୋଇଥିଲା। ଏହି ଭର୍ଚୁଆଲ ଆଲୋଚନାଚକ୍ରରେ ଅଂଶଗ୍ରହଣ ପାଇଁ କୌଣସି ଶୁଳ୍କ ନିଆଯାଇ ନ ଥିଲା। ବିଶ୍ୱବିଦ୍ୟାଳୟର କୁଳାଧିକ୍ଷ ପ୍ରଫେସର ବିଶ୍ୱଜିତ୍ ପଟ୍ଟନାୟକ ଏହି ଅବସରରେ ୱେବିନାର ସଂଯୋଜକ ଏବଂ ପ୍ରାୟୋଜକମାନଙ୍କୁ ଉତ୍ସାହିତ କରିବା ସହିତ ଏହି କାର୍ଯ୍ୟକ୍ରମକୁ ପୁନଶ୍ଚ ଚାଲୁ ରଖିବାକୁ ପରାମର୍ଶ ଦେଇଛନ୍ତି।

**ଫୁର୍‌ସତ୍**

# ପ୍ରେରଣା ପାଲଟିଛନ୍ତି ଦିବ୍ୟାଙ୍ଗ



**ନୂଆଦିଲ୍ଲୀ:** କିଛି ଲୋକ ଏପରି ଥାଆନ୍ତି, ଯେଉଁମାନେ ନିଜ ଦୁର୍ବଳତାକୁ ହିଁ ସାମର୍ଥ୍ୟ କରି ଛିଡ଼ା ହୁଅନ୍ତି। ଆଉ ସେମାନଙ୍କର ଏଭଳି ଉଦ୍ୟମ ହିଁ ଅନ୍ୟମାନଙ୍କୁ ଆଗକୁ ବଢ଼ିବାର ପ୍ରେରଣା ଦେଇଥାଏ। ଠିକ୍ ଏମିତି ଏକ ଘଟଣା ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଭାରତୀୟ ସେବା ଅଧିକାରୀ ଦୀପାଂଶୁ କୋବ୍ରା ତାଙ୍କ ଟୁଇଟରରେ ଏକ ଭିଡିଓ ଶେୟାର କରିଛନ୍ତି, ଯେଉଁଥିରେ ଜଣେ ଦିବ୍ୟାଙ୍ଗ ବ୍ୟକ୍ତି ଗୋଡ଼ରେ ବି ସୁନ୍ଦର ଭାବେ ଡ୍ରମ୍ ବାଦ୍ୟ ବଜାଉଛନ୍ତି। ଦିବ୍ୟାଙ୍ଗଙ୍କର ଦୁଇ ହାତ ନାହିଁ, କିନ୍ତୁ ଗୋଡ଼ରେ ସେ ଏତେ ସୁନ୍ଦର ଭାବରେ ଡ୍ରମ୍ ବଜାଉଛନ୍ତି ଯେ, ଦେଖିବାମାତ୍ରେ ଯେ କେହି ଆଶ୍ଚର୍ଯ୍ୟ ହୋଇଯିବ। ଶାରୀରିକ ଦୁର୍ବଳତାକୁ ସାଧାରଣତଃ ଲୋକେ ନିଜର ଦୁର୍ଭାଗ୍ୟ ଭାବି ଭାଙ୍ଗିପଡ଼ନ୍ତି। କିନ୍ତୁ ଦୁର୍ବଳତାକୁ ସାମର୍ଥ୍ୟ କରି ବ୍ୟକ୍ତିଜଣକ ନିଜ ପ୍ରତିଭାକୁ ଲୋକଲୋଚନକୁ ଆଣି ପ୍ରଶଂସିତ ହେବା ସହିତ ଯୁବପିଢ଼ିଙ୍କ ପାଇଁ ପ୍ରେରଣା ହୋଇ ପାରିଛନ୍ତି। ହାତ ନ ଥିଲେ ବି ଗୋଡ଼ ଦୁଇଟିରେ ଡ୍ରମ୍ ବଜାଇବା ପାଇଁ ସେ ଅଭ୍ୟାସ କରି ସଫଳ ହୋଇ ପାରିଛନ୍ତି। ହାତ ନାହିଁ ବୋଲି ସେ ଭାଙ୍ଗି ପଡିବା ବଦଳରେ ଜୀବନରେ ଆଗକୁ ଯିବା ପାଇଁ ନିଜେ ନିଜ ଲାଗି ରାସ୍ତା ତିଆରି କରିବାରେ ସଫଳତା ପାଇଛନ୍ତି। ତେଣୁ ଏଭଳି ଜଣେ ବ୍ୟକ୍ତିତ୍ୱଙ୍କୁ ଲୋକଲୋଚନକୁ ଆଣିବା ପାଇଁ ଦୀପାଂଶୁ ସୋସିଆଲ ମିଡିଆରେ ତାଙ୍କ ଭିଜୁଆଲ ଶେୟାର କରିଛନ୍ତି। ତେବେ ସୋସିଆଲ ମିଡିଆରେ ଏବେ ଏହି ଭିଡିଓ ଭାଇରାଲ ହେବାରେ ଲାଗିଛି। ଲୋକେ ଏହି ଭିଡିଓକୁ ଶେୟାର କରିବା ସହିତ ସୁନ୍ଦର କମେଣ୍ଟସ୍ ସବୁ ଦେଉଛନ୍ତି।

## ଦର୍ଶକଙ୍କ ମନ ଜିଣିଲା 'ଦି କଶ୍ମୀର ଫାଇଲ୍ସ'



**ମୁଭି ରିଭ୍ୟୁ**

**ମୁମ୍ବାଇ:** ବିବେକ ରଞ୍ଜନ ଅଗ୍ନିହୋତ୍ରୀଙ୍କ ନିର୍ଦ୍ଦେଶିତ ଫିଲ୍ମ 'ଦି କଶ୍ମୀର ଫାଇଲ୍ସ' ସିନେପ୍ରେମୀଙ୍କୁ ଖୁବ୍ ପସନ୍ଦ ଆସିଛି। ୧୧ ତାରିଖରେ ଫିଲ୍ମଟି ରିଲିଜ୍ ହୋଇଥିବାବେଳେ ପ୍ରଥମ ଦିନରେ ବକ୍ସ ଅଫିସ୍‌ରେ ୩.୫୫ କୋଟି ବ୍ୟବସାୟ କରିଛି। ୧୯୯୦ ମସିହା କଶ୍ମୀରରେ ହୋଇଥିବା ନରସଂହାର ଉପରେ ଫିଲ୍ମର କାହାଣୀ ପର୍ଯ୍ୟବସିତ। କଶ୍ମୀରର ଜଣେ ସ୍କୁଲ ଶିକ୍ଷକ ପୁଷ୍କର ନାଥ ପଣ୍ଡିତଙ୍କ ଭୂମିକାରେ ଅଭିନୟ କରିଛନ୍ତି ଅନୁପମ ଖେର। ପୁଷ୍କରଙ୍କ ଶେଷ ଇଚ୍ଛା ପୂରା କରିବା ପାଇଁ ତାଙ୍କ ନାତି କୃଷ୍ଣା ଦିଲ୍ଲୀରୁ କଶ୍ମୀର ଆସୁଛନ୍ତି। ସେଠାରେ ସେ ପୁଷ୍କରଙ୍କ ବନ୍ଧୁ ବ୍ରହ୍ମ ଦତ୍ତଙ୍କ ଘରେ ରୁହନ୍ତି। କଶ୍ମୀରରେ ରହିବା ଭିତରେ ପୁଷ୍କରଙ୍କ ଅନ୍ୟ ସବୁ ବନ୍ଧୁ କୃଷ୍ଣାଙ୍କୁ ଭେଟନ୍ତି ଏବଂ ୧୯୯୦ର ନରସଂହାର ଏବଂ ପୁଷ୍କରଙ୍କ ପରିବାର ପ୍ରତି ହୋଇଥିବା ଅତ୍ୟାଚାର ବିଷୟରେ କୃଷ୍ଣାଙ୍କୁ କୁହନ୍ତି। ଫିଲ୍ମରେ ଅନୁପମ ଖେର, ମିଥୁନ ଚକ୍ରବର୍ତ୍ତୀ, ପଲ୍ଲବୀ ଜୋଷୀ, ଦର୍ଶନ କୁମାର, ଭାଷା ସୁମ୍ବଲି, ଚିନ୍ମୟ ମାଣ୍ଡେଲକର ଆଦି ପ୍ରମୁଖ ଭୂମିକାରେ ଅଭିନୟ କରିଛନ୍ତି। ମୋଟାମୋଟି ଭାବେ ଫିଲ୍ମରେ ସମସ୍ତ କଳାକାର ସୁନ୍ଦର ଅଭିନୟ କରିଥିବାବେଳେ ୧୯୯୦ର କଶ୍ମୀରକୁ ଚଳଚ୍ଚିତ୍ରରେ ଅତି ସୁନ୍ଦର ଭାବେ ଚିତ୍ରଣ କରାଯାଇଛି।

## ଡ୍ରାଇଭର ସାଜିଛନ୍ତି ଉବର ଇଣ୍ଡିଆ ସିଇଓ



**ନୂଆଦିଲ୍ଲୀ:** ଦିଲ୍ଲୀ-ଏନ୍‌ସିଆର୍‌ରେ କ୍ୟାବ୍ ଚଲାଉଛନ୍ତି ଉବର ଇଣ୍ଡିଆ ସିଇଓ ପ୍ରଭଜିତ୍ ସିଂ। ବର୍ତ୍ତମାନ ସମୟରେ ଉବର ସର୍ଭିସ୍‌କୁ ନେଇ ଯାତ୍ରୀଙ୍କ ବହୁ ଅଭିଯୋଗ ସାମ୍ନାକୁ ଆସିବାରେ ଲାଗିଛି। କ୍ୟାବ୍ ଡ୍ରାଇଭର ଶେଷ ମୁହୂର୍ତ୍ତରେ କ୍ୟାବ୍ କ୍ୟାନ୍‌ସେଲ କରିବା ସାଙ୍ଗକୁ ବିଳମ୍ବରେ ପହଞ୍ଚିବା ଆଦି ଅଭିଯୋଗ ଏକାଧିକ କଷ୍ଟମର କରିଥିବାବେଳେ ବର୍ତ୍ତମାନ ଉବର ଚାହିଦା ବଜାରରେ କମୁଥିବା ଦେଖିବାକୁ ମିଳିଛି। ତେବେ ଏହାର ସମାଧାନ ପାଇଁ ଅଣ୍ଟା ଭିଡ଼ିଛନ୍ତି ଉବର ଇଣ୍ଡିଆ ସିଇଓ ପ୍ରଭଜିତ୍। ସେଥିପାଇଁ ସେ ଏବେ କ୍ୟାବ୍ ଚଲାଇବାରେ ଲାଗିଛନ୍ତି। ଦିଲ୍ଲୀର ଅନନ୍ୟା ଦ୍ୱିବେଦୀ ନାମକ ଜଣେ ଯାତ୍ରୀ ସୋସିଆଲ ମିଡିଆରେ ଏକ ଫଟୋ ଶେୟାର କରିଛନ୍ତି। ଯେଉଁଥିରେ କ୍ୟାବ୍‌ର ଡ୍ରାଇଭର ସିଟ୍‌ରେ ବସିଛନ୍ତି ପ୍ରଭଜିତ୍ ସିଂ। ଏ ଘଟଣା ଗତ ସପ୍ତାହର ହୋଇଥିବାବେଳେ ଯୁବତୀ ଜଣକ ଫଟୋ ଶେୟାର କରିବା ପରେ ଖବର ଏବେ ସାମ୍ନାକୁ ଆସିଛି। ଭାଗ୍ୟ ଉପରେ ନିର୍ଭର ନ କରି କାମ କରିଚାଲ। ଉଚିତ ସମୟ ଆସିଲେ ସଫଳତା ମିଳିବା ଭଳି ଉପଦେଶ ପ୍ରଭଜିତ୍ ଅନନ୍ୟାଙ୍କୁ ଦେଇଥିବା ଫଟୋ ଶେୟାର କରି ସେ କହିଛନ୍ତି।



## ବାହାହେବା ପାଇଁ ୨୦ କୋଟି

ମୁମ୍ବାଇ: ବଲିଉଡ୍ ସେଲିବ୍ରିଟିଙ୍କ ଫ୍ୟାନ୍ ଫଲୋର୍ସ ବେଶ୍ ଅଧିକ। ଆଜିକାଲିର ସୋସିଆଲ ମିଡିଆ ଯୁଗରେ ଫ୍ୟାନ୍ସମାନେ ନିଜ ମନପସନ୍ଦ ତାରକାଙ୍କର ଅଧିକ ନିକଟର୍ତ୍ତୀ ହୋଇପାରିଛନ୍ତି। ତେବେ ହିନ୍ଦୀ ଫିଲ୍ମ ଇଣ୍ଡଷ୍ଟ୍ରିର ଏଲିଜିବଲ୍ ବ୍ୟାଚ୍‌ଲର ତଥା କ୍ୟୁଟ ହିରୋ କୁହାଯାଉଥିବା କାର୍ତ୍ତିକ ଆର୍ଯ୍ୟନଙ୍କ ସହ ଘଟିଛି ଏକ ଅଜବ ଘଟଣା। କାର୍ତ୍ତିକଙ୍କ ଜଣେ ପ୍ରଶଂସକ ତାଙ୍କୁ ବାହାହେବା ଲାଗି ଯାଚିଛନ୍ତି ୨୦ କୋଟି ଟଙ୍କା। ନିକଟରେ କାର୍ତ୍ତିକ ତାଙ୍କ ଫିଲ୍ମ 'ଧମାକା'ର ଏକ ଡାଏଲଗ୍ କହି ନିଜ ଇନ୍‌ଷ୍ଟାଗ୍ରାମରେ ଗୋଟିଏ ସେଲ୍ଫ ଭିଡିଓ ଶେୟାର କରିଥିଲେ। ଭିଡିଓ ଶେୟାର ହେବା ପରେ ବହୁ ସୋସିଆଲ ମିଡିଆ ୟୁଜର ଓ ତାଙ୍କ ପ୍ରଶଂସକ କମେଣ୍ଟ କରିଥିବାବେଳେ ଜଣେ ଯୁବତୀ କମେଣ୍ଟ ଜରିଆରେ କାର୍ତ୍ତିକଙ୍କୁ ବିବାହ ନିବେଦନ କରିଥିଲେ। 'ଆଚ୍ଛା ମୁଝେ ଶାଦି କରଲୋ ମେ ତୁହ୍ମେ ୨୦ କ୍ରୋର୍ ଦୁଙ୍ଗି।' ତେବେ ଏହି କମେଣ୍ଟର ଜବାବ୍ କାର୍ତ୍ତିକ ଏକ ମଜାଳିଆ ଅନ୍ଦାଜରେ ଦେଇଥିଲେ। ସେ ଏକ ହସିବା ଇମୋଜି ଦେଇ କହିଥିଲେ 'କବ୍?'। ଶେଷଥର ପାଇଁ କାର୍ତ୍ତିକ ଆର୍ଯ୍ୟନ ନେଟ୍‌ଫ୍ଲିକ୍ସରେ ରିଲିଜ୍ ହୋଇଥିବା ଫିଲ୍ମ ଧମାକାରେ ନଜରକୁ ଆସିଥିଲେ। ଯେଉଁଥିରେ ରକୁଲପ୍ରୀତ ସିଂ ତାଙ୍କ ସହ ସ୍କ୍ରିନ୍ ଶେୟାର କରିଥିଲେ। ଆଗାମୀ ଫିଲ୍ମ 'ଶାହେବଜାଦା'ର ଶୁଟିଂରେ ବ୍ୟସ୍ତ ଏବେ କାର୍ତ୍ତିକ। ଏ ନେଇ ସେ ସୋସିଆଲ ମିଡିଆରେ ଫଟୋ ଶେୟାର କରିଥିବାବେଳେ ଫିଲ୍ମରେ ତାଙ୍କ ବିପକ୍ଷରେ ଅଭିନୟ କରିବେ କ୍ରିତି ସାନନ୍।

## ଆଲ୍‌ଡ୍ରିନ୍‌ଙ୍କ ମୁନ୍ ୱାକ୍ ଫଟୋ ନିଲାମ ହେଲା

**ୱାଶିଂଟନ:** ଆପୋଲୋ ମିଶନ ଜରିଆରେ ନାସାର ଅରିଜନାଲ ଫଟୋ ସବୁ ୧.୧୬ ମିଲିୟନ୍ ଡଲିସ୍ କୋନ୍ସରେ ନିଲାମ ହୋଇଛି। ଆପୋଲୋ ୮-୧୭ ମିଶନରେ ଉତ୍ତୋଳନ କରାଯାଇଥିବା ଆମେରିକା ମହାକାଶଚାରୀ ବଜ୍ ଆଲ୍‌ଡ୍ରିନ୍‌ଙ୍କ ମୁନ୍ ୱାକ୍ ଫଟୋ ୭,୭୦୦ ଡଲାର ଅର୍ଥାତ୍ ୫, ୯୧,୦୪୫.୮୪ ଟଙ୍କାରେ ନିଲାମ ହୋଇଛି। ଫଟୋରେ ଆଲ୍‌ଡ୍ରିନ୍ ଅଷ୍ଟ୍ରୋନଟ୍ ସୁଟ୍‌ରେ ଥିବାବେଳେ ନିଲ୍ ଆର୍ମଷ୍ଟ୍ରଙ୍ଗ୍ ଆଲ୍‌ଡ୍ରିନ୍‌ଙ୍କ ଏହି ଫଟୋ ଉଠାଇଥିଲେ। ୧୯୬୯ରେ ଏହି ଫଟୋ ନ୍ୟାଶନାଲ ଜିଓଗ୍ରାଫି ଆଣ୍ଡ ଲାଇଫ୍ ମାଗାଜିନ୍‌ର କଭର୍ ପେଜ୍‌ରେ ସ୍ଥାନ ପାଇଥିଲା। ୧୯୬୮ରେ ଆପୋଲୋ-୮ ମିଶନ ଜରିଆରେ ପ୍ରଥମ ରଙ୍ଗିନ୍ ଫଟୋ ସବୁଠାରୁ ଅଧିକ ଦାମ୍‌ରେ ନିଲାମ ହୋଇଛି।



# ଜଗଦ୍ଦେବଙ୍କ ବିରୋଧରେ ହତ୍ୟା ଉଦ୍ୟମ ଅଭିଯୋଗ: ଆଇଜି

**ଖୋର୍ଦ୍ଧା ଅଫିସ୍, ୧୨।୩**

ବାଣପୁର ବ୍ଲକ କାଯ୍ୟାଳୟ ବାହାରେ ଲୋକଙ୍କୁ ଗାଡ଼ି ମଡ଼ାଇବା ଘଟଣାରେ ଲୋକଙ୍କ ପ୍ରତିଆକ୍ରମଣର ଶିକାର ହୋଇଛନ୍ତି ଚିଲିକା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ। ସେ ଏବେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲ୍‌ରେ ପୋଲିସ କବ୍‌ଜା ମଧ୍ୟରେ ଚିକିତ୍ସିତ ହେଉଛନ୍ତି। ସୁସ୍ଥ ହେବାପରେ ତାଙ୍କୁ ଗିରଫ କରାଯିବ ବୋଲି ବାଣପୁର ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ କେନ୍ଦ୍ରାଞ୍ଚଳ ଆଇଜି ନରସିଂହ ଭୋଳ ସୂଚନା ଦେଇଛନ୍ତି। ପୋଲିସ ବାରଣ ସତ୍ତ୍ୱେ ଶୁଣି ନ ଥିଲେ ଜଗଦ୍ଦେବ। ଭିଡ ଭିତରେ ଧସେଇ ପଶିବାକୁ ଉଦ୍ୟମ କରିଥିଲେ। ପ୍ରଶାନ୍ତଙ୍କ ବିରୋଧରେ ହତ୍ୟା ଉଦ୍ୟମ ଦଫା ଲାଗିଛି। ସେ ଯେତେ ଶୀଘ୍ର ସୁସ୍ଥ ହେବେ,ତାଙ୍କୁ ଗିରଫ କରାଯିବ। ଲୋକଙ୍କ ଉପରକୁ ଗାଡି ଚଢାଇବାକୁ ଉଦ୍ୟମ



କରିଥିଲେ। ଏହି ଅମାନବୀୟ କାଣ୍ଡରେ ୧୦ଜଣ ପୋଲିସ, ୨ଜଣ ଖବରଦାତା ଆହତ ହୋଇଛନ୍ତି। ୩ଜଣଙ୍କ ଅବସ୍ଥା ଗୁରୁତର ରହିଛି। ସେମାନଙ୍କୁ ଉପଯୁକ୍ତ ଚିକିତ୍ସା ସୁବିଧା ଯୋଗାଇ ଦିଆଯିବ। ପ୍ରାଥମିକ ତଦନ୍ତ ଏବଂ ପୋଲିସ ଏସ୍‌ଆଇ ଦେବାସ୍ମିତା ବେହେରାଙ୍କ ଅଭିଯୋଗ କ୍ରମେ ବାଣପୁର ଥାନାରେ ୧୩୧/୨୨ରେ ମାମଲା ରୁଜୁ ହୋଇଛି। ହତ୍ୟା ଉଦ୍ୟମ, ପୋଲିସକୁ ଡ୍ୟୁଟିରେ ବାଧା ସୃଷ୍ଟି, ଜନତାଙ୍କୁ ଗୁରୁତର ଆଘାତ, କାରକୁ ଅସ୍ତ୍ର ଭାବେ ବ୍ୟବହାର ଭଳି ଗୁରୁତ୍ୱପୂର୍ଣ୍ଣ ଦଫା ଲାଗିଛି। ବାଲୁଗାଁ ଏସ୍‌ଡିପିଓ ମାନସ ରଞ୍ଜନ ବାରିକ ଏହାର ତଦନ୍ତ ଦାୟିତ୍ୱରେ ରହିଛନ୍ତି। ତାଙ୍କ ବିରୋଧରେ ପୂର୍ବରୁ ଅନେକ ମାମଲା ରହିଛି। ୭ଟି ମାମଲାରେ ଚାର୍ଜଶିଟ ଦିଆଯାଇଛି। ୪ଟି କେସ୍‌ରେ କୋର୍ଟ ଟ୍ରାଏଲରେ ରହିଛି। ଏହି ଘଟଣାରେ ବିଧାୟକ ଏକ ବିପଦପୂର୍ଣ୍ଣ କାଣ୍ଡ ଘଟାଇବା ପାଇଁ ଉଦ୍ୟମ କରୁଥିଲେ। ପୋଲିସ ପାଖରେ ବଳିଷ୍ଠ ପ୍ରମାଣ ରହିଛି। ଅନେକ ବ୍ୟକ୍ତି ଏହି ଘଟଣାର ଭିଡିଓ ରେକର୍ଡିଂ କରିଛନ୍ତି। ଏହି ଘଟଣାର ସମ୍ପୂର୍ଣ୍ଣ ଇଲେକ୍ଟ୍ରୋନିକ୍ସ ଏଭିଡେନ୍ସ ରହିଛି। ଏହାକୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରାଯିବ। ବାଣପୁରରେ ପରିସ୍ଥିତି ଶାନ୍ତ ରହିଛି। କୌଣସି ଅପ୍ରତିକର ପରିସ୍ଥିତିକୁ ଏଡାଇବା ପାଇଁ ସହରରେ ୧୪୪ ଧାରା ଜାରି କରାଯାଇଥିବା ସେ ସୂଚନା ଦେଇଛନ୍ତି।

ପ୍ରଥମ ଜନ୍ମବାର୍ଷିକ ଶୁଭେଚ୍ଛା



ଶ୍ରୀମାନ୍ ଆୟୁଷ୍ମାନ୍ ସାମଲ
ବିରିପଟା, ଦଶରଥପୁର, ଯାଜପୁର
ତୋର ଚଲାପଥ ଦୀର୍ଘାୟୁ ହେଉ ଏତିକି ଜଗତରନାଥ ଶ୍ରୀଜଗନ୍ନାଥଙ୍କଠାରେ ପ୍ରାର୍ଥନା ।
ଶୁଭେଚ୍ଛା ସହ: ବାପା: ପ୍ରକାଶ ସାମଲ, ପରିବାର, ବନ୍ଧୁବର୍ଗ
ଧ-୨୩୩୮୯

BIRTHDAY WISH



Happy birthday to my special friend, I hope you have a wonderful day and year to come. Many many happy returns of the day Sangita....
Best wishes..... Bubu
Family Relatives.
ଧ-୨୩୩୮୫

ଜନ୍ମଦିନ ଶୁଭେଚ୍ଛା



Kritimeddha Mohanty
ବାଳକାଟୀ, ସିରିଆଦେଇ ସାହି, ଜିଲ୍ଲା: ଖୋର୍ଦ୍ଧା
ତୋର ଚଲାପଥ ଦୀର୍ଘାୟୁ ହେଉ ଏତିକି ଜଗତରନାଥ ଶ୍ରୀଜଗନ୍ନାଥଙ୍କଠାରେ ପ୍ରାର୍ଥନା ।
Grand daughter of Nirupama Devi and Bibekananda Mohanty.
Daughter of Siddheswar Mohanty and Kaushika Pattnaik.
ଧ-୭୧୮୭୭

୫୦ତମ ବିବାହ ବାର୍ଷିକୀ ଉପଲକ୍ଷେ



ପୁରୀ ନିବାସୀ
ଶ୍ରୀ ରଘୁନାଥ ମହାପାତ୍ର
ଓ ତାଙ୍କ ଧର୍ମପତ୍ନୀ
ଶ୍ରୀମତୀ ବିନୋଦିନୀ ମହାପାତ୍ରଙ୍କ
୫୦ତମ ବିବାହ ବାର୍ଷିକୀ ଉପଲକ୍ଷେ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ।
ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅପାର କରୁଣା ତଥା ଆଶୀର୍ବାଦରୁ ଆପଣଙ୍କ ଚଲାପଥ କୁସୁମିତ ହେଉ ।
ଶୁଭେଚ୍ଛା ଓ ଶୁଭକାମନା ସହ: ପୁତ୍ର-ପୁତ୍ରବଧୂ, ଭାଇ-ଭଉଣୀ, ଝିଅ-ଜ୍ୱାଇଁ, ନାତି ଓ ନାତୁଣୀମାନେ...
D-23394



ଉତ୍ତ୍ୟକ୍ତ ଲୋକେ ବିଧାୟକଙ୍କ ଗାଡ଼ିକୁ ଭଙ୍ଗାରୁଜା କରୁଛନ୍ତି।



## କାର୍‌ରୁ ଭିଡ଼ିଆଣି ନିର୍ଘୂମ ପିଟିଲେ

ବାଣପୁର ବ୍ଲକ କାର୍ଯ୍ୟାଳୟ ଆଗରେ ଛିଡ଼ା ହୋଇଥିବା ଲୋକଙ୍କ ଉପରେ ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ଗାଡି ଚଢ଼ାଇ ଦେବାରୁ ଅନେକ ଗୁରୁତର ଆହତ ହୋଇଥିଲେ। ଏନେଇ ଘଯଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏହା ପରେ ଉତ୍ତ୍ୟକ୍ତ ଲୋକେ ବିଧାୟକଙ୍କ ଗାଡ ଭଙ୍ଗାରୁଜା କରିବା ସହ ବିଧାୟକଙ୍କ କଲର ଧରି ଗାଡ଼ିରୁ ଭିଡି ଆଣିଥିଲେ। ପରେ ଉତ୍ତ୍ୟକ୍ତ ଲୋକେ ନିର୍ଘୁମ ମାଡ଼ ମାରୁଥିବା ଭିଡିଓରେ ଦେଖିବାକୁ ମିଳିଛି। ପୋଲିସ ଲୋକଙ୍କୁ ବୁଝାଶୁଝା କରିବା ସତ୍ତ୍ୱେ ଜଗଦ୍ଦେବଙ୍କୁ ମାରି ଲହୁଲୁହାଣ କରିଦେଇଥିଲେ।

## ବାହାରେ ରଣକ୍ଷେତ୍ର, ଭିତରେ ନିର୍ବାଚନ

ବାଣପୁର ବ୍ଲକରେ ଚେୟାରମ୍ୟାନ ପଦ ପାଇଁ ନାମାଙ୍କନ ଚାଲିଥିଲା। ବ୍ଲକ ଆଗରେ ଭାଜପା କର୍ମୀଙ୍କୁ ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ଗାଡି ମଡ଼ାଇବାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତ୍ୟକ୍ତ ଲୋକେ ବିଧାୟକଙ୍କୁ ମାଡ଼ ମାରିବା ସହ କାରକୁ ଭାଙ୍ଗି ଦେଇଥିଲେ। ଦୀର୍ଘ ସମୟ ଧରି ବାହାରେ ଉତ୍ତେଜନା ଲାଗି ରହିଥିବା ବେଳେ ବ୍ଲକ ଭିତରେ ନିର୍ବାଚନ ପ୍ରକ୍ରିୟା ଜାରି ରହିଥିଲା। ୧୭ପଞ୍ଚାୟତ ବିଶିଷ୍ଟ ବାଣପୁର ବ୍ଲକରେ ୧୨ ଭାଜପା ସମର୍ଥିତ ଏବଂ ୫ଟି ବିଜେଡି ସମର୍ଥିତ ପ୍ରାର୍ଥୀ ରହିଥିଲେ। ପୂର୍ବାହ୍ନ ୧୦ଟା ୩୦ ସୁଦ୍ଧା ଭାଜପା ସମର୍ଥିତ ପ୍ରାର୍ଥୀ ବ୍ଲକ ଭିତରେ ପ୍ରବେଶ କରିଥିଲେ। ବିଜେଡି ସମର୍ଥିତ ୨ଜଣ ସମିତିସଭ୍ୟ ପହଞ୍ଚିବାରେ ବିଳମ୍ବ ହୋଇଥିଲା। ଗଣ୍ଡଗୋଳ ସତ୍ତ୍ୱେ ନିର୍ବାଚନ ହୋଇଥିଲା। ଶେଷରେ ଭାଜପା ସମର୍ଥିତ ପ୍ରାର୍ଥୀ ବିଜୟୀ ହୋଇଥିଲେ।

## ବାଣପୁର ଏନ୍‌ଏସିରେ ୧୪୪ ଧାରା

**ଖୋର୍ଦ୍ଧା ଅଫିସ,୧୨।୩:** ବାଣପୁର ଏନ୍‌ଏସିରେ ମଧ୍ୟ ୧୪୪ଧାରା ଲାଗୁ କରାଯାଇଛି। ଖୋର୍ଦ୍ଧା ଉପଜିଲାପାଳ ଆଇ.ଗୌରବ ଶିବାଜୀ ଏହି କଟକଣା ଲାଗୁ କରିଛନ୍ତି। ପରିସ୍ଥିତି ନିୟନ୍ତ୍ରଣକୁ ନ ଆସିବା ପର୍ଯ୍ୟନ୍ତ ଏହି ଧାରା ବଳବତ୍ତର ରହିବ। ଆଇନଶୃଙ୍ଖଳା ଦୃଷ୍ଟିରୁ ଏହି ନିଷ୍ପତ୍ତି ନିଆଯାଇଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।



ଆହତ ଆଇଆଇସି ରଶ୍ମିରଞ୍ଜନ ସାହୁ।



ଆହତ ମହିଳା।



ବିଧାୟକଙ୍କ ଗାଡ଼ି ମାଡ଼ିଯିବାରୁ ଆହତ ହୋଇଥିବା ଜଣେ ବୃଦ୍ଧ।



ଘଟଣାସ୍ଥଳରେ ଉତ୍ତ୍ୟକ୍ତ ଲୋକେ ।

## ଓଡ଼ିଶାରେ ଲଖିମପୁର ଖେରି ସ୍ଥିତି

ଚିଲିକା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ସବୁବେଳେ ଚର୍ଚ୍ଚାରେ ରହିଆସୁଥିବା ବେଳେ ଶନିବାର ସବୁ ସୀମା ଟପିଯାଇଛନ୍ତି। ଉତ୍ତରପ୍ରଦେଶର ଲଖିମପୁର ଖେରି ଘଟଣାର ପୁନରାବୃତ୍ତି ଖୋର୍ଦ୍ଧା ବ୍ଲକ କାର୍ଯ୍ୟାଳୟ ଆଗରେ ଦେଖିବାକୁ ମିଳିଛି। କାର୍ଯ୍ୟାଳୟ ଆଗରେ ଛିଡ଼ା ହୋଇଥିବା ଲୋକଙ୍କ ଉପରେ ଗାଡ଼ି ଚଢ଼ାଇ ଦେଇଥିଲେ ବିଧାୟକ ଜଗଦ୍ଦେବ। ଏଥିରେ ପ୍ରାୟ ୨୨ଜଣ ଆହତ ହୋଇଛନ୍ତି। ତାଙ୍କର ଏଭଳି କାର୍ଯ୍ୟକୁ ନେଇ ବିଭିନ୍ନ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି।

CLASSIFIED DISPLAY
MORE SPACE • SAME PRICE
TARIFF · GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact: 0674-2580385
8637280816, 7894447167, 9338226625

ମୁଦ୍ରା ଫାଇନାନ୍ସ
PM ମୁଦ୍ରା ଯୋଜନା
ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ ।
2% ସୁଧ, 40% ରିହାତି ।
ମହିଳାଙ୍କ ପାଇଁ ବିଶେଷ ରିହାତି ।
ଅନ୍‌ଲାଇନ୍ ସୁବିଧା ।
Mudra Finance
Mob. 8987604637
9471160476
Whatsapp: 8902923601

ALL EDITION - B/W (Everyday)
for Booking Contact:
0674-2580385
8637280816,
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଜଗଦ୍ଦେବଙ୍କ କାର୍ଯ୍ୟକୁ ଦୃଢ଼ ନିନ୍ଦାକଲା ବିଜେଡି

ଭୁବନେଶ୍ୱର,୧୨।୩(ବ୍ୟୁରୋ):ବାଣପୁରରେ ଚିଲିକା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ଘଟାଇଥିବା କାଣ୍ଡକୁ ବିଜେଡି ଦୃଢ଼ ନିନ୍ଦା କରିଛି । ଏଭଳି ବୀଭତ୍ସ ଘଟଣା ଘଟାଇ ଜଗଦ୍ଦେବ କରିଥିବା କାର୍ଯ୍ୟ ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ବିଜୁ ଜନତା ଦଳ ଏଭଳି କାର୍ଯ୍ୟକୁ ନିନ୍ଦା କରୁଛି ବୋଲି ବିଜେଡି ମୁଖପାତ୍ର ତଥା ରାଜ୍ୟସଭା ସଦସ୍ୟ ସସ୍ମିତ ପାତ୍ର କହିଛନ୍ତି। ଶନିବାର ଦଳୀୟ କାର୍ଯ୍ୟାଳୟରେ ଏକ ଖବରଦାତା ସମ୍ମିଳନୀରେ ଏହି ଘଟଣା ଲୋମହର୍ଷଣକାରୀ ଓ ଅତ୍ୟନ୍ତ ବୀଭତ୍ସ ବୋଲି କହିଛନ୍ତି। ଏହାକୁ ଯେତେ ନିନ୍ଦା କଲେ କମ୍ ହେବ । ପୋଲିସ ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେଉ ବୋଲି ସେ କହିଛନ୍ତି। ପୋଲିସ ଓ ପ୍ରଶାସନ ଦୃଢ଼ତାର ସହିତ ଅଭିଯୁକ୍ତଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ । ବିଗତ ଦିନରେ ଏଭଳି କାର୍ଯ୍ୟ ପାଇଁ ଜଗଦ୍ଦେବ ପୂର୍ବରୁ ବିଜେଡିରୁ ନିଲମ୍ବିତ ହୋଇଛନ୍ତି । ଆହତ ହୋଇଥିବା ଲୋକଙ୍କ ସେ ଆଶୁ ଆରୋଗ୍ୟ କାମନା କରିଛନ୍ତି । ଠିକ୍ ସମୟରେ ଉଚିତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି ।

## ପୂର୍ବରୁ ଜେଲ ଯାଇଥିଲେ ଜଗଦ୍ଦେବ

ଗତ ସେପ୍ଟେମ୍ବର ୮ରେ ବାଲୁଗାଁ ଭାଜପା ମଣ୍ଡଳ ସଭାପତି ନିରଞ୍ଜନ ସେଠୀଙ୍କୁ ଜାତିଆଣ ଆକ୍ଷେପ, ଆକ୍ରମଣ ଘଟଣାରେ ଦଳରୁ ନିଲମ୍ବିତ ହୋଇଥିଲେ। ଏହି ଘଟଣାରେ ଅକ୍ଟୋବର ୮ରେ ଜେଲ ଯାଇଥିଲେ। ଏପରିକି ରାଜ୍ୟ ସରକାର ତାଙ୍କୁ ଜିଲା ଯୋଜନା ବୋର୍ଡ କମିଟିରୁ ମଧ୍ୟ ହଟାଇଦେଇଥିଲେ। ପଞ୍ଚାୟତ ନିର୍ବାଚନ ସମୟରେ ଏକ କର୍ମୀ ସମାବେଶରେ ଜଣେ ମହିଳା କର୍ମୀଙ୍କୁ ଅଶାଳୀନ ବ୍ୟବହାର କରିଥିବା ନେଇ ଭିଡିଓ ଭାଇରାଲ ହୋଇଥିଲା। ପରେ ଜଣେ ସମିତି ସଭ୍ୟ ପ୍ରାର୍ଥୀଙ୍କ ସ୍ୱାମୀଙ୍କୁ ଧମକ ନେଇ ବାଣପୁର ଥାନାରେ ଅଭିଯୋଗ ହୋଇଥିଲା। ସେହିପରି ଏକ ସାଂସ୍କୃତିକ କାର୍ଯ୍ୟାଳୟକୁ ଅକ୍ତିଆର କରିବାକୁ ଯାଇ ଉଭୟ ଭାଜପା ଏବଂ ବିଜେଡି ମୁହାଁମୁହିଁ ହୋଇଥିଲେ। ନିର୍ବାଚନରେ ସମୟରେ ଅନେକ ସମୟରେ ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି।

## ଅତ୍ୟନ୍ତ ଦୁଃଖଦ, ହୃଦୟ ବିଦାରକ ଘଟଣା: ଧର୍ମେନ୍ଦ୍ର

**ଭୁବନେଶ୍ୱର,୧୨।୩(ବ୍ୟୁରୋ):** ଖୋର୍ଦ୍ଧା ଜିଲା ବାଣପୁରଠାରେ ବ୍ଲକ ଅଧ୍ୟକ୍ଷ ନିର୍ବାଚନ ପ୍ରକ୍ରିୟା ଚାଲିଥିବା ବେଳେ ନିର୍ବାଚିତ ପ୍ରତିନିଧି ପ୍ରଶାନ୍ତ ଜଗଦ୍ଦେବ ନିରୀହ ଜନତା ଓ କାର୍ଯ୍ୟରତ ପୋଲିସ କର୍ମଚାରୀଙ୍କ ଉପରେ ଆକ୍ରୋଶମୂଳକ ଭାବେ ଗାଡ଼ି ଚଢ଼ାଇଦେବା ଘଟଣା ଦୃଶ୍ୟ ଅତ୍ୟନ୍ତ ଦୁଃଖଦ ଓ ହୃଦୟ ବିଦାରକ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଟୁଇଟ୍ କରି କହିଛନ୍ତି ।

ଏହି ଘଟଣାରେ ଆହତ ଓ ସଙ୍କଟାପନ୍ନ ଥିବା ବ୍ୟକ୍ତିଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ଜଣେ ବିଧାୟକ ଅମାନୁଷିକ ଭାବରେ ସର୍ବସାଧାରଣରେ ଜନତା ଓ ପୋଲିସ କର୍ମଚାରୀଙ୍କ ଉପରେ ନିଜେ ଗାଡ଼ି ଚଲାଇ ଗାଡ଼ି ଚଢ଼ାଇବା ସମ୍ଭବତଃ ଓଡ଼ିଶାରେ ପ୍ରଥମ। ଏହି ଘଟଣାକୁ ଯେତେ କଡ଼ା ଶବ୍ଦରେ କହିଲେ ବି କମ୍ ହେବ। ରାଜ୍ୟ ପ୍ରଶାସନ ଏହି ଘଟଣାକୁ ଗୁରୁତ୍ୱର ସହ ନେଇ ତୁରନ୍ତ ଦୃଢ଼ରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ଧର୍ମେନ୍ଦ୍ର ଦାବି କରିଛନ୍ତି। ପଞ୍ଚାୟତ ନିର୍ବାଚନ ସମୟରେ ଶାସକ ଦଳର ହିଂସାତ୍ମକ କାର୍ଯ୍ୟ ଉପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲା ଭଳି ଅନୁଭବ ହେଉନାହିଁ। ପୌର ନିର୍ବାଚନ ପ୍ରକ୍ରିୟା ଚାଲିଥିବା ବେଳେ ରାଜଧାନୀ ଭୁବନେଶ୍ୱର ସମେତ ଅନେକ ସ୍ଥାନରେ ପ୍ରାକ୍ ନିର୍ବାଚନୀ ହିଂସା ଘଟିବା ଚିନ୍ତା ଓ ପରିତାପର ବିଷୟ। ଗଣତନ୍ତ୍ରରେ ହିଂସାର ସ୍ଥାନ ନାହିଁ। ଏହା ସ୍ଲୋଗାନ ବଦଳରେ ପ୍ରତିବଦ୍ଧତା ହେବା ଜରୁରୀ ବୋଲି କେନ୍ଦ୍ରମନ୍ତ୍ରୀ ଟୁଇଟ୍ କରି କହିଛନ୍ତି।

ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ଗୋପୀନାଥ ପାଟ୍ଟଶାଣୀ
ନୟାପଲ୍ଲୀ, ନୟାସାହି, ଭୁବନେଶ୍ୱର
ଆବିର୍ଭାବ: ୧୩।୦୩।୧୯୩୦
ତିରୋଧାନ: ୨୪।୦୩।୨୦୨୧
ବାବାଙ୍କ ସ୍ମୃତିରେ
ବିଶ୍ୱ ଦରବାରେ ନିଃସ୍ୱ ଆଜି ବାବା ତୁମକୁ ହରାଇ ଆମେ,
ହୃଦୟ କୋହକୁ ଅଶ୍ରୁ ରୂପ ଦେଇ ହସ୍ତେ ଧରି ଅଞ୍ଜଳି,
ତୁମ କଥା ଆଦର୍ଶକୁ ବଞ୍ଚାଇ ପାରିଲେ ସେହି ହେବ ଶ୍ରଦ୍ଧାଞ୍ଜଳି ।
ଶୋକସନ୍ତପ୍ତ: ହତଭାଗ୍ୟ ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ ।
ଧ-୨୩୩୮୨

ଏକାଦଶାହ ଉପଲକ୍ଷେ



୰ଭୋଳାନାଥ କୁଣ୍ଡୁ
ରାଜସ, ବାଲିପାଟଣା, ଖୋର୍ଦ୍ଧା
ଆବିର୍ଭାବ: ୩୦।୧୨।୧୯୩୯
ତିରୋଧାନ: ୦୩।୦୩।୨୦୨୨
ଚାହୁଁ ଚାହୁଁ ଏଗାର ଦିନ ବିତିଗଲାଣି। ଆପଣଙ୍କର ଆଦର୍ଶ, କର୍ତ୍ତବ୍ୟନିଷ୍ଠା, ପରୋପକାରିତା, ସ୍ନେହ ଓ ଶ୍ରଦ୍ଧା ଆମ୍ଭମାନଙ୍କୁ ସଦାସର୍ବଦା ମାର୍ଗ ଦର୍ଶନ କରି ଏକାଦଶାହ ଉପଲକ୍ଷେ ଆପଣଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛୁ ଓ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ।
ଇତି ଆପଣଙ୍କ ସ୍ମୃତିରେ: ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ ଓ ପରିବାରବର୍ଗ ।
ଧ-୨୩୩୯୧

ପ୍ରଥମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତା ଜ୍ୟୋତିର୍ମୟୀ ଭୁତିଆ
ସ୍ୱାମୀ: ଶତ୍ରୁଘ୍ନ ଭୁତିଆ
(ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ)
କୁଞ୍ଜକାନ୍ତ, ଢେଙ୍କାନାଳ ଟାଉନ)
ଆବିର୍ଭାବ: ୦୧।୦୧।୧୯୪୯
ତିରୋଧାନ: ୨୪।୦୩।୨୦୨୧
ଚାହୁଁ ଚାହୁଁ ଏକ ବର୍ଷ ହୋଇଗଲା। ତୁମର ସ୍ନେହ, ମମତା, କର୍ତ୍ତବ୍ୟନିଷ୍ଠା ସବୁଦିନ ପାଇଁ ଚିର ସ୍ମରଣୀୟ ହୋଇ ରହିବ। ତୁମର ଅମରାତ୍ମା ଶାନ୍ତି ଓ ସଦ୍‌ଗତି ଲାଭ କରୁ, ଏତିକି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା ।
ଶୋକସନ୍ତପ୍ତ: ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ ।
ଧ-୭୦୩୮୫

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ଗୋରାଚାନ୍ଦ ପଟ୍ଟନାୟକ
ଆବିର୍ଭାବ: ୧୬।୦୭।୨୯
ତିରୋଧାନ: ୧୩।୦୩।୦୪
ଆପଣଙ୍କ ଦୁଃଖଦ ବିୟୋଗରେ ଆମ୍ଭେ ସମସ୍ତେ ମର୍ମାହତ। ସ୍ୱଶରୀରେ ଆମ ନିକଟରେ ଉପସ୍ଥିତ ନ ଥିଲେ ମଧ୍ୟ ଆପଣଙ୍କ ଆଶୀର୍ବାଦ ଓ ପ୍ରେରଣା ଚିରଦିନ ଆମ ଉପରେ ଥାଉ, ଏତିକି କାମନା। ହେ ମହାନ୍ ଆତ୍ମା, ଈଶ୍ୱରଙ୍କ ନିକଟରେ ଆପଣ ଶାନ୍ତିରେ ଥାଆନ୍ତୁ।
"ତୁମ ସ୍ମୃତିରେ": ବନ୍ଧୁ, ପରିବାରବର୍ଗ ଓ ସହକର୍ମୀବୃନ୍ଦ ।
ଧ-୬୭୧୨୪

## ଜଙ୍ଗଲ ସୁରକ୍ଷା ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ

ଖପ୍ରାଖୋଲ,(ଡି.ଏନ.ଏ.): ବଲାଙ୍ଗୀର ଜିଲା ଖପ୍ରାଖୋଲ ପ୍ରହରୀ ମଣ୍ଡପ ସମ୍ମୁଖରେ ହରିଶଙ୍କର ରେଞ୍ଜ ତରଫରୁ ଆମ ଜଙ୍ଗଲ ଯୋଜନାରେ ନିଆଁ ଦାଉରୁ ଜଙ୍ଗଲ ସୁରକ୍ଷା ଉପରେ ପଥପ୍ରାନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଥିଲା। ଖରାଦିନେ ନିଆଁଲାଗି ଜଙ୍ଗଲ ନଷ୍ଟ ହେଉଥିବାରୁ ସମସ୍ତେ ସଚେତନ ହୋଇ ସୁରକ୍ଷା ପାଇଁ ନାଚଗୀତ ମାଧ୍ୟମରେ ସଚେତନତା ବାର୍ତ୍ତା ଦେଇଥିଲେ। ଏହି ଅବସରରେ ହରିଶଙ୍କର ରେଞ୍ଜ ଅଧିକାରୀ ଗିରାଧର ନାଗ, ଫରେଷ୍ଟର ସତ୍ୟବ୍ରତ ମହାକୁଡ଼, ଅରବିନ୍ଦ ଧରୁଆ, ଘାସିରାମ ଦୀକ୍ଷିତ, ପଦ୍ମା ମୁଣ୍ଡା, ହିତେଶ ମାଝୀ, ସଞ୍ଜୀବ ପଧାନ, ଡୋଲା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଅଧ୍ୟକ୍ଷ ନିର୍ବାଚନ ବେଳେ ଉତ୍ତେଜନା

**ଲକ୍ଷ୍ମଣ ମେହେରଙ୍କ ବିରୋଧରେ ସମିତି ସଭ୍ୟା ଅପହରଣ ମାମଲା**

- ଅଭିଯୋଗ କଲେ ନବନିର୍ବାଚିତ ଦେଓଗାଁ ପଞ୍ଚାୟତ ସମିତି ଅଧ୍ୟକ୍ଷ
- ଥାନାରେ ମାମଲା, ଲକ୍ଷ୍ମଣଙ୍କ ଗାଡି ଭଙ୍ଗାରୁଜା

ବଲାଙ୍ଗୀର ଅଫିସ,୧୨।୩

ଶନିବାର ପଞ୍ଚାୟତ ସମିତି ଅଧ୍ୟକ୍ଷ ନିର୍ବାଚନକୁ ନେଇ ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ୍‌ରେ ଉତ୍ତେଜନା ଓ ନାଟକୀୟ ଘଟଣାକ୍ରମ ଦେଖିବାକୁ ମିଳିଥିଲା। ପୂର୍ବତନ ସମିତି ଅଧ୍ୟକ୍ଷ ତଥା ଚଳିତ ଅଧ୍ୟକ୍ଷ ନିର୍ବାଚନରେ ପ୍ରାର୍ଥୀ ହୋଇଥିବା ଲକ୍ଷ୍ମଣ କୁମାର ମେହେରଙ୍କ ବିରୋଧରେ ସମିତି ସଭ୍ୟା ଅପହରଣ ଅଭିଯୋଗ ହୋଇଛି। ଦେଓଗାଁ ବ୍ଲକ୍‌ର ନବନିର୍ବାଚିତ ଅଧ୍ୟକ୍ଷ ଦୟାନିଧି ଖମାରୀ ଏନେଇ ଦେଓଗାଁ ଥାନାରେ ଅଭିଯୋଗ କରିଛନ୍ତି। ଖମାରୀଙ୍କ ସ୍ତ୍ରୀ ତଥା ସାରସମାଲ ସମିତି ସଭ୍ୟା ପଙ୍କଜିନୀ ଖମାରୀଙ୍କୁ ମେହେର ଅପହରଣ କରିନେଇଥିବା ଏବଂ ଆଜିର ଅଧ୍ୟକ୍ଷ ନିର୍ବାଚନରେ ଭାଗ ନେବାକୁ ଦେଇନଥିବା ଅଭିଯୋଗ କରିଥିଲେ। ଏନେଇ ଦେଓଗାଁ ଥାନାରେ ମେହେରଙ୍କ ବିରୋଧରେ ଦଫା ୩୬୩ ଧାରାରେ ଏକ ମାମଲା (୪୨/୨୨) ରୁଜୁ ହୋଇଛି।

ଶନିବାର ସକାଳୁ ଦେଓଗାଁ ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଅଧ୍ୟକ୍ଷ ନିର୍ବାଚନକୁ ନେଇ ଉତ୍ତେଜନାମୂଳକ ପରିସ୍ଥିତି ଦେଖାଦେଇଥିଲା। ୨୬ ପଞ୍ଚାୟତ ବିଶିଷ୍ଟ ଏହି ବ୍ଲକ୍‌ର ୨୫ ଜଣ ସମିତି ସଭ୍ୟ ବ୍ଲକ୍ ପରିସରରେ ପହଞ୍ଚିଥିଲେ ମଧ୍ୟ ସାରସମାଲ ସମିତି ସଭ୍ୟା ଖମାରୀ ଆସି ନଥିଲେ। ଏହାକୁ ନେଇ ଉତ୍ତେଜନା ବୃଦ୍ଧି ପାଇଥିଲା। କେତେକ ଲକ୍ଷ୍ମଣ ମେହେରଙ୍କ ବୋଲେରୋକୁ ଭଙ୍ଗାରୁଜା କରିଥିଲେ। ୨୨ ତାରିଖ ପଞ୍ଚାୟତ ଭୋଟ ଜିତିବା ଦିନଠାରୁ ଏହି ବ୍ଲକ୍‌ରେ ଅଧ୍ୟକ୍ଷ ପଦକୁ ନେଇ ବିଜେଡି ଓ କଂଗ୍ରେସ ମଧ୍ୟରେ ଟଣାଓଟରା ସ୍ଥିତି ଦେଖାଯାଇଥିଲା। ବିଜେଡିର ଲକ୍ଷ୍ମଣ ମେହେର ତାଙ୍କ ସମର୍ଥକ ସମିତି ସଭ୍ୟଙ୍କୁ ଧରି ଅଜ୍ଞାତବାସରେ ଯାଇଥିଲେ। ସେହିପରି କଂଗ୍ରେସର ବିଶ୍ୱଜିତ୍ ପାତ୍ର ମଧ୍ୟ ତାଙ୍କ ସମର୍ଥକ ସମିତି ସଭ୍ୟଙ୍କୁ ଧରି ଅନ୍ୟତ୍ର ଥିଲେ। ଲକ୍ଷ୍ମଣଙ୍କ ବିଜେଡି କ୍ୟାମ୍ପରେ ବ୍ରାହ୍ମଣୀଯୋର ସମିତି ସଭ୍ୟ ଦୟାନିଧି ଖମାରୀ, ତାଙ୍କ ସ୍ତ୍ରୀ ସାରସମାଲ ସମିତି ସଭ୍ୟା ପଙ୍କଜିନୀ ରହିଥିଲେ। ଆଜି ସକାଳୁ ବ୍ଲକ୍ ଅଫିସରେ ପହଞ୍ଚିବା ପରେ ଲକ୍ଷ୍ମଣ ଓ ଦୟାନିଧି ଅଧ୍ୟକ୍ଷ ପଦ ପାଇଁ ନାମାଙ୍କନ ପତ୍ର ଦାଖଲ କରିଥିଲେ। ତାଙ୍କ କ୍ୟାମ୍ପରେ ଥିବା ସତ୍ତ୍ୱେ ଦୟାନିଧି ତାଙ୍କ ବିରୋଧରେ ପ୍ରତିଦ୍ୱନ୍ଦ୍ୱିତା କରିବା ପରେ କଂଗ୍ରେସ ସମିତି ସଭ୍ୟମାନେ ଦୟାନିଧିଙ୍କୁ ସମର୍ଥନ କରି ଭୋଟ ଦେଇଥିଲେ। ଅଭିଯୋଗ ନେଇ ପ୍ରାକ୍ତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ମେହେରଙ୍କୁ ତାଙ୍କ ମୋବାଇଲ ନଂ ୭୯୭୮୮୭୩୧୩ରେ ଯୋଗଯୋଗ କରାଯାଇଥିଲେ ହେଁ ପ୍ରତିକ୍ରିୟା ମିଳି ପାରିନାହିଁ।



ବରଗଡ଼ ବିଧାୟକ ଦଳୀୟ ପ୍ରାର୍ଥୀଙ୍କ ପ୍ରଚାର କରୁଛନ୍ତି।

## ପ୍ରଚାରକୁ ଜୋର୍‌ଦାର କଲା ବିଜେଡି

ବରଗଡ଼ ଅଫିସ୍,୧୨।୩

ପୌର ନିର୍ବାଚନ ଯେତିକି ପାଖେଇ ଆସୁଛି ପ୍ରାର୍ଥୀଙ୍କ ପ୍ରଚାର ସେଭଳି ଜମିବାରେ ଲାଗିଛି। ବରଗଡ଼ ପୌର ପରିଷଦରେ ସବୁଦଳ ପ୍ରଚାର ମଇଦାନକୁ ଓହ୍ଲାଇଛନ୍ତି। ଶନିବାର ସ୍ଥାନୀୟ ୱାର୍ଡ଼ ନଂ-୮ରେ ବିଜେଡ଼ିର ପୌରାଧ୍ୟକ୍ଷା ପ୍ରାର୍ଥିନୀ କଳ୍ପନା ମାଝି ଦଳୀୟ ସମର୍ଥକଙ୍କ ଗହଣରେ ନିର୍ବାଚନୀ ପ୍ରଚାର କରିଥିଲେ। କାଉନସିଲର ପ୍ରାର୍ଥିନୀ ରୀନା ମହାପାତ୍ର ମଧ୍ୟ ଉପସ୍ଥିତ ରହି ଭୋଟ୍ ନିବେଦନ କରିଥିଲେ। ସେହିପରି ୱାର୍ଡ଼ ନଂ-୧୭ ଅମ୍ୱାପାଲିକୁ ଗସ୍ତ କରି ସ୍ଥାନୀୟ ବିଧାୟକ ଦେବେଶ ଆଚାର୍ଯ୍ୟ ଦଳୀୟ ପୌରାଧ୍ୟକ୍ଷା ପ୍ରାର୍ଥିନୀ ମାଝି ଏବଂ କାଉନସିଲର ପ୍ରାର୍ଥି ଅଙ୍କିତା ମହାପାତ୍ରଙ୍କ ପାଇଁ ପ୍ରଚାର କରିଥିଲେ। ଏହା ସହିତ ୱାର୍ଡ଼ ନଂ-୬ରେ ଦଳୀୟ ପ୍ରାର୍ଥି ଜନକ କୁମାର ଅଗ୍ରୱାଲଙ୍କ ପାଇଁ ବିଧାୟକ ପ୍ରଚାର କରିଥିଲେ। ସେହିପରି ୱାର୍ଡ଼ ନଂ-୧୩ର ବିଜେଡ଼ି ପ୍ରାର୍ଥିନୀ କବିତା ବେହେରା ନିଜ ସମର୍ଥକଙ୍କ ଗହଣରେ ଘରକୁ ଘର ବୁଲି ଭୋଟ୍ ନିବେଦନ କରିଥିଲେ।

## ନିର୍ଦ୍ୱନ୍ଦ୍ୱରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ହେଲେ ଜ୍ୟୋତି

କୁଆଁରମୁଣ୍ଡା,୧୨।୩(ଡି.ଏନ.ଏ)

ଶନିବାର ପଞ୍ଚାୟତ ସମିତି ଅଧ୍ୟକ୍ଷା ପଦ ନିମନ୍ତେ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏହି କ୍ରମରେ କୁଆଁରମୁଣ୍ଡା ପଞ୍ଚାୟତ ସମିତି ନିର୍ବାଚନରେ ନିର୍ଦ୍ୱନ୍ଦ୍ୱରେ ଜ୍ୟୋତି କେର୍କେଟା ନିର୍ବାଚିତ ହୋଇଛନ୍ତି। ବିଜେଡ଼ି ସମର୍ଥିତ ପ୍ରାର୍ଥୀ ଜ୍ୟୋତି କେର୍କେଟାଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ପୂର୍ବରୁ ପ୍ରସ୍ତୁତ ହୋଇଥିବା ଏକ ଗୋଷ୍ଠୀ ପ୍ରତିଦ୍ୱନ୍ଦ୍ୱିତାରୁ ଦୂରେଇ ରହିବା ସହ ମତଦାନ ମଧ୍ୟ କରି ନ ଥିଲେ। ଫଳରେ ଜ୍ୟୋତିଙ୍କୁ ନିର୍ଦ୍ୱନ୍ଦ୍ୱରେ ପଞ୍ଚାୟତ ସମିତି ଅଧ୍ୟକ୍ଷାଭାବେ ବ୍ଲକ ନିର୍ବାଚନ ଅଧିକାରୀ ଘୋଷଣା କରିଥିଲେ। ଏହାପରେ ବାଣ ଫୁଟାଇ ନବ ନିର୍ବାଚିତ ପଞ୍ଚାୟତ ସମିତି ଅଧ୍ୟକ୍ଷା ଜ୍ୟୋତି ଶୋଭାଯାତ୍ରାରେ କୁଆଁରମୁଣ୍ଡା ବ୍ଲକ ନିକଟରୁ ବାହାରି ନିକଟସ୍ଥ ବିଜେଡ଼ି କାର୍ଯ୍ୟାଳୟକୁ ଯାଇଥିଲେ।

## ‘ବଡ଼ଗାଁକୁ ଆଦର୍ଶ ବ୍ଲକ କରିବା ମୋର ଲକ୍ଷ୍ୟ’

ବଡ଼ଗାଁ, ୧୨।୩(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅଧ୍ୟକ୍ଷା ପାଇଁ ଶନିବାର ଭୋଟ ହୋଇଛି। ଅଧ୍ୟକ୍ଷା ଆସନ ପାଇଁ ୨ଜଣ ପ୍ରାର୍ଥିନୀ ଦୁଲାରି ସୋରେଙ୍ଗ ଓ ସାରିକା କେରକେଟା ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ଦୁଲାରି ୧୧ଖଣ୍ଡ ଭୋଟ ପାଇଥିଲାବେଳେ ସାରିକା ୪ ଖଣ୍ଡ ଭୋଟ ପାଇଥିଲେ। ୭ଖଣ୍ଡ ଭୋଟରେ ପ୍ରତିଦ୍ୱନ୍ଦ୍ୱୀ ସାରିକାଙ୍କୁ ହରାଇ ବ୍ଲକ ଅଧ୍ୟକ୍ଷା ଆସନ ଅଳଙ୍କୃତ କରିଛନ୍ତି। ଅଧ୍ୟକ୍ଷା ଆସନ ନିର୍ବାଚନ ପରିଚାଳନା ପାଇଁ ନୋଡାଲ ଅଧିକାରୀ ଭାବେ ସହକାରୀ ଜିଲାପାଳ ମିତ୍ରଭାନୁ ନାଏକ ଓ ନିର୍ବାଚନ ଅଧିକାରୀ ଭାବେ ବଡ଼ଗାଁ ବିଡିଓ କ୍ଷମାନିଧି ଭୋଇ ଦାୟିତ୍ୱ ତୁଲାଇଥିଲେ। ସକାଳ ସାଢ଼େ ୧୦ଟାରୁ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ମଧ୍ୟାହ୍ନ ଦେଢ଼ଟାରେ ଭୋଟ ଆରମ୍ଭ ହୋଇଥିଲା। ସକାଳ ସାଢ଼େ ୧୦ଟା ରେ ଦୁଲାରି ସୋରେଙ୍ଗଙ୍କ ସହିତ ୧୦ ଜଣ ଓ ସାରିକାଙ୍କ ସହିତ ୩ଜଣ ଅଜ୍ଞାତବାସରୁ ଆସି ବ୍ଲକ ପରିସରରେ ପଶିଥିଲେ। ପୋଲିସ ବ୍ୟବସ୍ଥା ମଧ୍ୟରେ ଶାନ୍ତିଶୃଙ୍ଖଳାରେ ନିର୍ବାଚନ ସମାପନ ହୋଇଥଲା। ନିର୍ବାଚନ ଫଳାଫଳ ଘୋଷଣା ପରେ ବିଜୟୀ ପ୍ରାର୍ଥୀ ଦୁଲାରି ସୋରେଙ୍ଗଙ୍କୁ ତାଙ୍କ ସମର୍ଥକମାନେ ଫୁଲମାଳ ଦେଇ ଶୁଭେଚ୍ଛା ଜଣାଇଥିଲାବେଳେ ପରାଜିତ ପ୍ରାର୍ଥୀ ସାରିକା କେରକେଟାଙ୍କୁ ତାଙ୍କ ସମର୍ଥକମାନେ ଶୁଭେଚ୍ଛା ଜଣାଇଥିଲେ। ବିଜୟୀ ପ୍ରାର୍ଥୀ ଦୁଲାରି ସୋରେଙ୍ଗଙ୍କୁ ପଚାରିବାରୁ ସେ କହିଛନ୍ତି, ନିର୍ଦ୍ଦଳୀୟ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିଛି। ବଡ଼ଗାଁ ବ୍ଲକକୁ ଆଦର୍ଶ ବ୍ଲକ କରିବା ମୋର ଲକ୍ଷ୍ୟ।

# ୨ଟିରେ ବିଜେଡି, ଗୋଟିଏରେ ଭାଜପା ସମର୍ଥିତ ପ୍ରାର୍ଥୀ ବିଜୟୀ

**ଦେବଗଡ଼ ଜିଲାରେ ବ୍ଲକ ଅଧ୍ୟକ୍ଷା ଅଧ୍ୟକ୍ଷ ନିର୍ବାଚନ**

ଦେବଗଡ଼,୧୨।୩(ଡି.ଏନ.ଏ)

ଦେବଗଡ ଜିଲାର ବାରକୋଟ, ରିଆମାଳ ଓ ତିଲେଇବଣି ୩ଟି ଯାକ ବ୍ଲକର ଅଧ୍ୟକ୍ଷା/ଅଧ୍ୟକ୍ଷ ନିର୍ବାଚନ ଅନୁଷ୍ଠିତ ହୋଇଥିବା ବେଳେ ୨ଟିରେ ବିଜେଡି ଓ ଗୋଟିଏରେ ଭାଜପା ସମର୍ଥୀତ ପ୍ରାର୍ଥୀ/ପ୍ରାର୍ଥିନୀ ବିଜୟୀ ହୋଇଛନ୍ତି। ସୂଚନା ଅନୁଯାୟୀ ମୋଟ ୨୬ଟି ପଞ୍ଚାୟତକୁ ନେଇ ଗଠିତ ରିଆମାଳ ବ୍ଲକର ଅଧ୍ୟକ୍ଷ ଭାବେ ବିଜେଡି ସମର୍ଥିତ ପ୍ରାର୍ଥୀ ତୁଙ୍ଗାମାଳ ପଞ୍ଚାୟତର ସମିତି ସଦସ୍ୟ ମଧୁସୂଦନ ପ୍ରଧାନ ଏକମାତ୍ର ପ୍ରାର୍ଥୀ ଭାବେ ନିର୍ଦ୍ୱନ୍ଦରେ ବିଜୟୀ ହୋଇଛନ୍ତି। ମୋଟ ୨୪ଟି ପଞ୍ଚାୟତକୁ ନେଇ ଗଠିତ ବାରକୋଟ ବ୍ଲକର ଅଧ୍ୟକ୍ଷା ଭାବେ ବିଜେଡି ସମର୍ଥିତ ପ୍ରାର୍ଥିନୀ କାଳିଆପାଳ ପଞ୍ଚାୟତର ସମିତି ସଦସ୍ୟା ପୁଷ୍ପାଞ୍ଜଳି ପାତ୍ର ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପା ସମର୍ଥିତ ପ୍ରାର୍ଥିନୀ ଗୋଲାବନ୍ଧ ପଞ୍ଚାୟତର ସମିତି ସଦସ୍ୟା ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷା ସୁବାସିନୀ ସାହୁଙ୍କୁ ୭ଟି ଭୋଟରେ ପରାସ୍ତ କରି ବିଜୟୀ ହୋଇଛନ୍ତି। ପୁଷ୍ପାଞ୍ଜଳି ମୋଟ ୧୫ଟି ଭୋଟ ପାଇଥିବା ବେଳେ ପ୍ରତିଦ୍ୱନ୍ଦ୍ୱୀ ସୁବାସିନୀ ମାତ୍ର ୮ଟି ଭୋଟ ପାଇଛନ୍ତି। ଅନ୍ୟ ଜଣେ ପ୍ରାର୍ଥିନୀ ଅନୁପସ୍ଥିତ ରହିଥିବା ଜଣାପଡିଛି। ଅନୁରୂପ ଭାବେ ମୋଟ ୨୦ ପଞ୍ଚାୟତକୁ ନେଇ ଗଠିତ ତିଲେଇବଣି ବ୍ଲକର ଅଧ୍ୟକ୍ଷା ଭାବେ ଭାଜପା ସମର୍ଥିତ ପ୍ରାର୍ଥିନୀ ଛେପିଲିପାଲି ଗ୍ରାମ ପଞ୍ଚାୟତର ସମିତି ସଦସ୍ୟା ବୃନ୍ଦାବତୀ ଭୋଇ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡି ସମର୍ଥିତ ପ୍ରାର୍ଥିନୀ ତଥା ଝାରମୁଣ୍ଡା ପଞ୍ଚାୟତର ସମିତି ସଦସ୍ୟା ଗୁରୁବାରୀ ମୁଣ୍ଡାଙ୍କୁ ୧୦ଟି ଭୋଟରେ ପରାସ୍ତ କରି ବିଜୟୀ ହୋଇଛନ୍ତି। ବୃନ୍ଦାବତୀ ମୋଟ ୧୫ଟି ଭୋଟ ପାଇଥିବା ବେଳେ ଗୁରୁବାରୀ ମାତ୍ର ୫ଟି ଭୋଟ ପାଇଥିବା ଜଣାପଡିଛି। ସୂଚନା ଯୋଗ୍ୟ ଯେ, ୨୦୧୭ ପଞ୍ଚାୟତ ନିର୍ବାଚନରେ ତିଲେଇବଣି ଓ ବାରକୋଟ ବ୍ଲକର ଅଧ୍ୟକ୍ଷା ଆସନ ଭାଜପା ହାତରେ ରହିଥିବା ବେଳେ ରିଆମାଳ ବ୍ଲକ ଅଧ୍ୟକ୍ଷା ଆସନ ଜଣେ ସ୍ୱାଧୀନ ପ୍ରାର୍ଥିନୀଙ୍କ ହାତରେ ରହିଥିଲା। ବିଜେଡି ଗୋଟିଏ ହେଲେ ଆସନ ହାତେଇବାରେ ସଫଳ ହୋଇ ନ ଥିଲା।

## ଥଇଥାନ କେନ୍ଦ୍ର ମିଶନ ଆଶ୍ରା ଶୁଭାରମ୍ଭ




ଆମ୍ବୁଲାନ୍ସ କୁ ଜିଲାପାଳ ସରୋଜ କୁମାର ସାମଲ ପତାକା ଦେଖାଇ ଉଦଘାଟନ କରୁଛନ୍ତି।

ଝାରସୁଗୁଡ଼ା ଅଫିସ,୧୨।୩

ଝାରସୁଗୁଡ଼ା ଏଚ୍ କଣ୍ଟାପାଲିଠାରେ ୫୦ ଶଯ୍ୟା ବିଶିଷ୍ଟ ମାନସିକ ଅସୁସ୍ଥ ମହିଳା ମାନଙ୍କ ପାଇଁ ଦ୍ୱିତୀୟ ଥଇଥାନ କେନ୍ଦ୍ର ମିଶନ ଆଶ୍ରାର ଶନିବାର ଶୁଭାରମ୍ଭ ହୋଇଛି। ଜିଲାପାଳ ସରୋଜ କୁମାର ସାମଲ ଓ ପିପୁଲ୍‌ସ ଫୋରମ ପ୍ରତିଷ୍ଠାତା ଗୋବିନ୍ଦ ଚନ୍ଦ୍ର ପଟ୍ଟନାୟକ ଅତିଥିଭାବେ ଯୋଗଦେଇ ଏହର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ବିଭାଗ ଦ୍ୱାରା ଅନୁମୋଦିତ ବୟସ୍କ ଲୋକଙ୍କ ପାଇଁ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା ଲାଗି ଜିଲାପାଳ ଏକ ଆମ୍ବୁଲାନ୍ସର ମଧ୍ୟ ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ଲଙ୍କେଶ୍ୱର ଅମାତ, ଜିଲା ସମାଜ ସୁରକ୍ଷା ଅଧିକାରିଣୀ ଗୋପାଲକ୍ଷ୍ମୀ ହୋତା, ଉପଖଣ୍ଡୀୟ ସାମାଜିକ ସୁରକ୍ଷା ଅଧିକାରିଣୀ ପ୍ରତିଭା ବେହେରା, ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା, ଶିଶୁ ସୁରକ୍ଷା ଅଧ୍ୟକ୍ଷା ଆନନ୍ଦିନୀ ପାଢ଼ୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମ ପିପୁଲ୍‌ସ ଫୋରମ ପଶ୍ଚିମ ଓଡ଼ିଶା ମୁଖ୍ୟ ସଞ୍ଜୟ ଜେଠୀଙ୍କ ତତ୍ତ୍ୱାବଧାନରେ ହୋଇଥିଲା।

## ସଂକ୍ଷେପରେ

### ସରିଲା ପଞ୍ଚାୟତ ସମିତି ଅଧ୍ୟକ୍ଷ ନିର୍ବାଚନ

ଝାରସୁଗୁଡ଼ା ଅଫିସ,୧୨।୩: ଝାରସୁଗୁଡା ଜିଲାର ୫ ପଞ୍ଚାୟତ ସମିତି ଅଧ୍ୟକ୍ଷ ପଦ ପାଇଁ ଶନିବାର ନିର୍ବାଚନ ହୋଇଥିଲା। ସମସ୍ତ ଅଧ୍ୟକ୍ଷ ନିଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଝାରସୁଗୁଡ଼ା ବ୍ଲକ ଅଧ୍ୟକ୍ଷା ଭାବେ ଶ୍ରୀପୁରା ପଞ୍ଚାୟତ ସମିତିସଭ୍ୟା ଚିତ୍ରାଣୀ ପଟେଲ, ଲଖନପୁର ବ୍ଲକ ଅଧ୍ୟକ୍ଷା ଭାବେ କତରବଗା ପଞ୍ଚାୟତ ସମିତିସଭ୍ୟା ହୁତେଶ୍ୱରୀ ତିହିରିଆ, ଲଇକେରା ବ୍ଲକ ଅଧ୍ୟକ୍ଷ ଭାବେ ତିଲେଇମାଲ ପଞ୍ଚାୟତ ସମିତିସଭ୍ୟ ରଞ୍ଜୀତ ନାଏକ, କୋଲାବିରା ବ୍ଲକ ଅଧ୍ୟକ୍ଷ ଭାବେ କେରେଣ୍ଡାମାଲ ପଞ୍ଚାୟତ ସମିତିସଭ୍ୟ ଭୋଜରାଜ ପଟେଲ, କିର୍ମିରା ବ୍ଲକ ଅଧ୍ୟକ୍ଷ ଭାବେ ନକ୍ସାପାଲି ପଞ୍ଚାୟତ ସମିତିସଭ୍ୟା କୃଷ୍ଣପ୍ରିୟା ସାହୁ ନିର୍ବାଚିତ ହୋଇଛନ୍ତି। ଫଳାଫଳ ଘୋଷଣା ହେବା ପରେ ସମସ୍ତ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ନବନିର୍ବାଚିତ ଅଧ୍ୟକ୍ଷମାନଙ୍କୁ ନେଇ ଦଳୀୟ ନେତୃବୃନ୍ଦ ବିଜୟ ଉତ୍ସବ ପାଳନ କରିଥିଲେ। ପୂର୍ବରୁ ଜିଲାରେ ବିଜେଡି ୯ଜିଲା ପରିଷଦ ଆସନ ହାତେଇଥିଲା। ଏବେ ୫ ପଞ୍ଚାୟତ ସମିତି ଅଧ୍ୟକ୍ଷ ପଦ ବିଜେଡି ସମର୍ଥିତ ପ୍ରାର୍ଥୀ ହାତେଇଛନ୍ତି। ଏ ନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ କହିଛନ୍ତି, ବିଜେଡି ସହିତ ଜିଲାରେ ଜନାଦେଶ ରହିଛି। ଫଳରେ ଦଳର ବିଜୟଧାରା ଜାରି ରହିଛି।

### କୋଇଡା ବ୍ଲକ ଅଧ୍ୟକ୍ଷ ହେଲେ ସୁରେଶ ନାଏକ

ଟେନସା,୧୨।୩(ଡି.ଏନ.ଏ): ସୁନ୍ଦରଗଡ଼ ଜିଲା କୋଇଡା ବ୍ଲକରେ ଅଧ୍ୟକ୍ଷ ଭାବେ ନିଦ୍ୱନ୍ଦ୍ୱରେ ନିର୍ବାଚିତ ହେଲେ କାଲଟା ସମିତି ସଭ୍ୟ ସୁରେଶ ନାଏକ। ଶନିବାର ବ୍ଲକ ପରିସରରେ ନିର୍ବାଚନ ଅଧିକାରୀ ତଥା ଲହୁଣୀପଡା ତହସିଲଦାରଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଥିଲା। କୋଇଡା ବ୍ଲକର ୧୫ଟି ଗ୍ରାମ ପଞ୍ଚାୟତ ରୁ ୧୫ ଜଣ ସମସ୍ତ ସମିତି ସଭ୍ୟ ଉପସ୍ଥିତ ରହିଥିଲେ। ସିପିଆଇଏମ୍ ସମର୍ଥନ ପ୍ରାର୍ଥୀ ସୁରେଶ ନାଏକ ଜଣେ ମାତ୍ର ନିଜର ନାମାଙ୍କନ ପତ୍ର ଦାଖଲ କରିଥିଲେ। ଏଣୁ ନିର୍ବାଚନ ଅଧିକାରୀ ତାଙ୍କୁ ଅଧ୍ୟକ୍ଷ ଭାବେ ଘୋଷଣା କରିଥିଲେ। ପ୍ରକାଶ ଥାଉ କି ସୁରେଶ ନାଏକ ୨୦୧୩ ରୁ ୨୦୧୭ ପର୍ଯ୍ୟନ୍ତ ୫ବର୍ଷ ସିପିଆଇଏମ ସମର୍ଥନ ଭାବେ କୋଇଡା ବ୍ଲକର ଅଧ୍ୟକ୍ଷ କାର୍ଯ୍ୟ କରିଥିଲେ। ସୁରେଶ ନାଏକ ଅଧ୍ୟକ୍ଷ ଭାବେ ନିର୍ବାଚିତ ଘୋଷଣା ହେବା ପରେ ସିପିଆଇଏମର ବରିଷ୍ଠ ନେତା ପ୍ରଭାତ ପଣ୍ଡାଙ୍କ ନେତୃତ୍ୱରେ କୋଇଡା ଜିଲା ପରିଷଦ କ ସଭ୍ୟା ଶୁଶିଳା ମୁଣ୍ଡା, କୋଇଡା ଖ ଜିଲା ପରିଷଦ ପ୍ରାର୍ଥୀ ଥିବା ସମାଜସେବୀ ବାଦଲ ବାରିକ, ହରିଶ ରାଏ, କେ.ସି ବାରିକ, ସହଦେବ ନାଏକ, ଗୋପୀନାଥ ମାହାନ୍ତ, ଆନନ୍ଦ ହରୋ, ନେଲସନ ମୁଣ୍ଡା ପ୍ରମୁଖ ୫୦୦ରୁ ଉର୍ଦ୍ଧ୍ୱ ସିପିଆଇଏମର କର୍ମୀ ବିଜୟର ସ୍ଲୋଗାନ ଦେଇ କୋଇଡା ବ୍ଲକ ଅଫିସ ଦେଇ କୋଇଡା ବସଷ୍ଟାଣ୍ଡ ହୋଇ ସିପିଆଇଏମ ଅଫିସରେ ପହଞ୍ଚିଥିଲେ। କୋଇଡା ଥାନା ଅଧିକାରୀ ଲୋକେଶ୍ୱର ସାହୁ ଉପସ୍ଥିତ ରହି ତଦାରଖ କରିଥିଲେ।

### ସିପିଆଇଏମ୍ ସମର୍ଥିତ ପ୍ରାର୍ଥୀ ହେଲେ ବ୍ଲକ ଅଧ୍ୟକ୍ଷା

ଲହୁଣୀପଡ଼ା,୧୨।୩(ଡି.ଏନ.ଏ.): ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ ଅଧ୍ୟକ୍ଷ ପଦ ପାଇଁ ଶନିବାର ବିଧିବଦ୍ଧ ଭାବେ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସିପିଆଇଏମ ସମର୍ଥିତ ପ୍ରାର୍ଥୀ ଭାବେ ହଳଦୀ କୁଦର ପଞ୍ଚାୟତ ସମିତି ସଭ୍ୟା ଶୁକମତି ମୁଣ୍ଡା ନାମାଙ୍କନ ପତ୍ର ଦାଖଲ କରିଥିବା ବେଳେ ବିଜେଡ଼ି ସମର୍ଥିତ ପ୍ରାର୍ଥୀ ଭାବେ ଲହୁଣୀପଡ଼ା ପଞ୍ଚାୟତ ସମିତି ସଭ୍ୟା ଲକ୍ଷ୍ମୀ କିଷାନ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ଏହି ନିର୍ବାଚନକୁ କୋଇଡ଼ା ତହସିଲଦାର ଡିଏସ ଶୁଭଦର୍ଶୀ ଯୋଶୀ ପରିଚାଳନା କରିଥିଲେ। ୧୭ଟି ପଞ୍ଚାୟତରୁ ୧୬ଜଣ ସମିତି ସଭ୍ୟା ସଭ୍ୟ ମତଦାନ କରିଥିଲେ। ଲହୁଣୀପଡ଼ା ବ୍ଲକ ଦର୍ଜାଂ ପଞ୍ଚାୟତ ସମିତି ସଭ୍ୟା ଭୋଟ ଦାନରୁ ବିରତ ରହିଥିଲେ ବୋଲି ଜଣାପଡ଼ିଛି। ବିଜେଡି ସମର୍ଥିତ ପ୍ରାର୍ଥୀ ଲକ୍ଷ୍ମୀ କିଷାନ ମାତ୍ର ୫ ଖଣ୍ଡ ଭୋଟ ପାଇଥିବା ବେଳେ ସିପିଆଇଏମ ସମର୍ଥିତ ଶୁକମତୀ ମୁଣ୍ଡା ୧୧ ଖଣ୍ଡ ଭୋଟ ପାଇ ବିଜୟୀ ଘୋଷିତ ହୋଇଥିବା ଜଣାପଡିଛି।

### ରାଷ୍ଟ୍ରୀୟ ଲୋକ ଅଦାଲତ: ୨୧୯ ମାମଲା ଫଇସଲା

ବରଗଡ଼ ଅଫିସ୍,୧୨।୩: ବରଗଡ଼ ସିଭିଲ କୋର୍ଟ ପରିସରରେ ଶନିବାର ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଛି। ଜିଲା ଆଇନସେବା ପ୍ରାଧିକରଣ ସଚିବ ବିଭୁ କଲ୍ୟାଣ ପାଢ଼ୀଙ୍କ ସଂଯୋଜନାରେ ଆୟୋଜିତ ଶିବିରକୁ ଜିଲା ଓ ଦୌରାଜଜ୍ ଅସୀମ କୁମାର ଦଳବେହେରା ଉଦ୍ଘାଟନ କରିଥିଲେ।

## ସ୍ୱରୁପାରାଣୀ ଅଧ୍ୟକ୍ଷା ନିର୍ବାଚିତ

ନାକଟିଦେଉଳ,୧୨।୩(ଡ଼ି.ଏନ.ଏ.): ନାକଟିଦେଉଳ ବ୍ଲକ ଅଧ୍ୟକ୍ଷ ଭାବେ ବିଜେଡ଼ି ସମର୍ଥିତ ପ୍ରାର୍ଥୀ ନାକଟିଦେଉଳ ପଞ୍ଚାୟତର ସମିତିସଭ୍ୟା ସ୍ୱରୁପାରାଣୀ ସାହୁ ନିର୍ବାଚିତ ହୋଇଛନ୍ତି। ୧୪ ପଞ୍ଚାୟତ ବିଶିଷ୍ଟ ବ୍ଲକ ଅଧ୍ୟକ୍ଷ ପଦ ଚଳିତବର୍ଷ ମହିଳାଙ୍କ ପାଇଁ ସଂରକ୍ଷିତ ରହିଥିଲା। ଶନିବାର ଅନୁଷ୍ଠିତ ନିର୍ବାଚନରେ ବିଜେଡି ସମର୍ଥିତ ପ୍ରାର୍ଥୀ ସ୍ୱରୁପାରାଣୀ ଓ ଭାଜପା ସମର୍ଥିତ ଗିରିଶ୍ଚନ୍ଦ୍ରପୁର ପଞ୍ଚାୟତର ସମିତିସଭ୍ୟା ବିଳାସିନୀ ପ୍ରଧାନ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ତେବେ ସ୍ୱରୁପାରାଣୀ ୧୦ଖଣ୍ଡ ଭୋଟପାଇ ବିଜୟୀ ହୋଇଥିବା ବେଳେ ବିଳାସିନୀ ମାତ୍ର ୩ଖଣ୍ଡ ଭୋଟ ପାଇ ପରାଜିତ ହୋଇଥିଲେ। ସ୍ୱରୁପାରାଣୀ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ବିଜେଡ଼ିର ସମସ୍ତ କର୍ମକର୍ତ୍ତା ଓ କର୍ମୀଙ୍କ ଆଶୀର୍ବାଦରୁ ସେ ବିଜୟୀ ହୋଇଛନ୍ତି। ଏହାର ଶ୍ରେୟ ତାଙ୍କ ଶ୍ୱଶୁର ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁଦର୍ଶନ ସାହୁଙ୍କୁ ଦେଇଛନ୍ତି। ବ୍ଲକର ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟ ଜଳ ଆଦିକୁ ଗୁରୁତ୍ୱ ଦେଇ ସମାଧାନ ଦିଗରେ କାର୍ଯ୍ୟ କରିବେ ବୋଲି ପ୍ରକାଶ କରିଥିଲେ।

## ଗୋଟିଏରେ ବିଜେଡି ,୩ଟିରେ ଭାଜପା ସମର୍ଥିତ ପ୍ରାର୍ଥୀଙ୍କ ବିଜୟ

ସୁନ୍ଦରଗଡ଼,୧୨।୩(ଡି.ଏନ୍.ଏ.): ସୁନ୍ଦରଗଡ଼ ଜିଲାରେ ୧୭ଟି ବ୍ଲକରେ ଶନିବାର ବ୍ଲକ ଅଧ୍ୟକ୍ଷ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଛି। ଏହି ନିର୍ବାଚନରେ ସୁନ୍ଦରଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀରେ ଭାଜପା ସମର୍ଥୀତ ପ୍ରାର୍ଥୀଙ୍କ ବିପୁଳ ବିଜୟ ହୋଇଛି। ଅଧିକାଂଶ ବ୍ଲକରେ ଭାଜପା ସମର୍ଥିତ ପ୍ରାଥୀ ବ୍ଲକ ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ଏହି ବିଧାନସଭା ମଣ୍ଡଳୀର ସୁନ୍ଦରଗଡ଼ ସଦର ବ୍ଲକରେ ଭାଜପା ସମର୍ଥିତ ପ୍ରାଥୀ ସୁବ୍ରତ ମାଝୀ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ସୁରଭି କିସାନଙ୍କୁ ପରାସ୍ତ କରି ବ୍ଲକ ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ଏହା ପରେ ଭାଜପା କର୍ମୀମାନେ, ବିଧାୟିକା କୁସୁମ ଟେଟେଙ୍କ ଉପସ୍ଥିତିରେ ବିଜୟ ଉତ୍ସବ ପାଳନ କରିଥିଲେ।, ସେହିପରି ଟାଙ୍ଗରପାଲି ବ୍ଲକରେ ଭାଜପା ସମର୍ଥିତ ତପସ୍ୱିନୀ ମାଝୀ ବିଜୟୀ ହୋଇ ଅଧ୍ୟକ୍ଷା ଭାବେ ନିର୍ବାଚିତ ହୋଇଥିଲା ବେଳେ ହେମଗିରି ବ୍ଲକରେ ମଧ୍ୟ ଭାଜପା ସମର୍ଥନରେ ସ୍ୱାଧୀନ ପ୍ରାଥୀ ପ୍ରେମାନନ୍ଦ ସା ବିଜୟୀ ହୋଇ ବ୍ଲକ ଅଧ୍ୟକ୍ଷ ମନୋନୀତ ହୋଇଛନ୍ତି। ସେ ହେମଗିରି ବ୍ଲକ ବିଜେଡି ସଭାପତି ତଥା ଜୁଲୁମବାହାଲ ସମିତି ସଭ୍ୟ ଉପେନ୍ଦ୍ର ଭୋଇଙ୍କୁ ପରାସ୍ତ କରିଛନ୍ତି। ସବ୍‌ଡେଗା ବ୍ଲକରେ ସ୍ୱାଧୀନ ପ୍ରାଥୀ କୁନ୍ତୀ ପ୍ରଧାନ ଅଧ୍ୟକ୍ଷା ମନୋନୀତ ହୋଇଛନ୍ତି। ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ବାଲିଶଙ୍କରା ବ୍ଲକ ବୌଦ୍ଧ ଜିଲା ଝିଙ୍ଗାରି ଥାନା ନିକଟରେ ସମିତି ସଭ୍ୟ ଅପହରଣ ଉଦ୍ୟମ ଘଟଣା ପରେ ଚର୍ଚ୍ଚାରେ ଥିଲା। ଏହି ବ୍ଲକରେ ବିଜେଡି ବାଜିମାତ କରିଛି। ଦଳର ବରିଷ୍ଠ ନେତ୍ରୀ କୁଞ୍ଜଲତା ଭିତିରିଆ ଅଧ୍ୟକ୍ଷା ଭାବେ ମନୋନୀତ ହୋଇଛନ୍ତି।

# ଏନ୍‌ଏସି କାର୍ଯ୍ୟାଳୟ ଆଗରେ ଧାରଣା

**ଜମାହୋଇନି ସଫେଇ କର୍ମଚାରୀଙ୍କ ଇପିଏଫ୍ ଟଙ୍କା**




ତୁଷୁରା ଏନ୍‌ଏସି କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରତ ସଫେଇ କର୍ମଚାରୀ।

ଗୁଡ୍‌ଭେଲା,୧୨।୩(ଡି.ଏନ୍.ଏ.)

ବଲାଙ୍ଗୀର ଜିଲା ତୁଷୁରା ଏନ୍‌ଏସିରେ କାର୍ଯ୍ୟରତ ସଫେଇ କର୍ମଚାରୀଙ୍କ ୧୦ ମାସର ଇପିଏଫ୍ ଟଙ୍କା ଜମା ହୋଇନାହିଁ। ଏନ୍‌ଏସି ପ୍ରଶାସନ ଓ ସଫେଇ ଠିକାସଂସ୍ଥା ଚନ୍ଦନ ଏଜେନ୍ସି ଇପିଏଫ୍ କାଟୁଥିଲେ ମଧ୍ୟ ତାହା କର୍ମଚାରୀଙ୍କ ଜମାଖାତାରେ ପଡ଼ିନାହିଁ। ଏଭଳି ଅଭିଯୋଗ ଆଣି ଶନିବାର ମା’ ସମଲେଶ୍ୱରୀ ସଫେଇ କର୍ମଚାରୀ ସଂଘ ପକ୍ଷରୁ ତୁଷୁରା ଏନ୍‌ଏସି କାର୍ଯ୍ୟାଳୟ ଆଗରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା ଦିଆଯାଇଛି। ସଫେଇ କର୍ମଚାରୀମାନେ ଅଭିଯୋଗ କରିଛନ୍ତି ଯେ, ସବୁ କର୍ମଚାରୀଙ୍କ କଟୁଥିବା ଟଙ୍କାରେ ତାରତମ୍ୟ ରହୁଛି। ଅନ୍ୟପଟେ ସମସ୍ତଙ୍କର ସମାନ ଟଙ୍କା କଟାଯାଉଛି ବୋଲି ସଂଘ ସମ୍ପାଦିକା ଅନିତା ସୁନା ଦାବି କରିଛନ୍ତି। ତୁଷୁରା ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଲକ୍ଷ୍ମଣ ମୁର୍ମୁ ଧାରଣାରତଙ୍କ ସହ ଆଲୋଚନା କରି କହିଛନ୍ତି ଯେ, ଏନ୍‌ଏସିରେ ଆପଣଙ୍କର ୧୩ ପ୍ରତିଶତ ଇପିଏଫ୍ ଅଛି। ଏବେ ପୌର ନିର୍ବାଚନ ପାଇଁ କିଛି କରିହେବନାହିଁ। ୨୬ ତାରିଖ ପରେ ସମସ୍ତ ଇପିଏଫ୍ ଟଙ୍କା ଦିଆଯିବ। ଯଦି ଉକ୍ତ ସଂସ୍ଥା ନ ଦିଏ, ତେବେ ଥାନାରେ ଏତଲା ଦିଆଯିବ ବୋଲି କହିଥିଲେ। ହେଲେ ଲିଖିତ ପ୍ରତିଶ୍ରୁତି ନ ମିଳିବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ସଂଘ ପକ୍ଷରୁ ଟୁଟୁ ସାଗର, ସଞ୍ଜୟ କୁମ୍ଭାର, କରୁଣା ବଗର୍ତି, ରମେଶ କୁମ୍ଭାର, ଅମିତ ସାଗର, ରିଙ୍କି ସାଗର, ମୁକେଶ କୁମ୍ଭାର, ଅଇଁଲା ସୁନା, କୈତକି ସାଗର ପ୍ରମୁଖ କହିଛନ୍ତି।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୨ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ରବିବାର, ୧୩ ମାର୍ଚ୍ଚ, ୨୦୨୨ Sambalpur, Sunday, March 13/2022

# ଶୁଟ୍ ଆଉଟ୍‌ରେ ଜିତିଲା ଜର୍ମାନୀ

ଭୁବନେଶ୍ୱର, ୧୨।୩(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଶନିବାର ଅନୁଷ୍ଠିତ ଏଫ୍ଆଇଏଚ୍ ପ୍ରୋ ଲିଗ୍ ମହିଳା ହକି ମ୍ୟାଚରେ ଜର୍ମାନୀ ଶୁଟ୍ ଆଉଟ ୨-୧ ଗୋଲରେ ଭାରତକୁ ପରାସ୍ତ କରିଛି। ନିର୍ଦ୍ଧାରିତ ସମୟରେ ମ୍ୟାଚ ୧-୧ ସ୍ଥିତିରେ ବରାବର ରହିବାରୁ ଫଳାଫଳ ପାଇଁ ଶୁଟ୍‌ଆଉଟ୍‌ର ସହାୟତା ନିଆ ଯାଇଥିଲା। ମାତ୍ର ଏହି ପର୍ଯ୍ୟାୟରେ ଭାରତକୁ ଭାଗ୍ୟ ସାଥ୍ ଦେଇ ନ ଥିଲା। ଏପରିକି ଭାରତ ଏକ ପେନାଲ୍ଟି ଷ୍ଟ୍ରୋକ୍ ପାଇଥିଲେ ହେଁ ସୁଶୀଳା ଚାନୁ ତାହାକୁ ଗୋଲରେ ପରିଣତ କରିପାରି ନ ଥିଲେ। ଶୁଟ୍‌ଆଉଟରେ ଜର୍ମାନୀ ପକ୍ଷରୁ ପାଉଲିନ୍ ହିଞ୍ଜ୍ ଏବଂ ସାରା ଷ୍ଟ୍ରସ ଗୋଲ ଦେଇଥିବାବେଳେ ଭାରତର କେବଳ ନବନୀତ କୌର ଗୋଲ ଦେବାରେ ସକ୍ଷମ ହୋଇଥିଲେ। ମ୍ୟାଚ ଆରମ୍ଭରେ ରଗ୍‌ବୀ ଇଣ୍ଡିଆ ସଭାପତି ତଥା ବଲିଉଡ୍ ଅଭିନେତା ରାହୁଲ ବୋଷ ଅତିଥିଭାବେ ଯୋଗ ଦେଇଥିଲେ। ଜର୍ମାନୀର କାର୍ଲୋଟା ସିପେଲ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ପ୍ରୋ ଲିଗ୍‌ର ନିୟମ ଅନୁସାରେ ନିର୍ଦ୍ଧାରିତ ସମୟରେ ମ୍ୟାଚ ଡ୍ର ରହିଥିବାରୁ ଉଭୟ



ପୁରସ୍କାର ସହ କାର୍ଲୋଟା ସିପେଲ।

ଦଳ ୧ ପଏଣ୍ଟ ଲେଖାଏ ପାଇଥିଲେ। ଶୁଟ୍ ଆଉଟରେ ଜିତିଥିବାରୁ ଜର୍ମାନୀ ଆଉ ୧ ପଏଣ୍ଟ ପାଇଥିଲା। ଅର୍ଥାତ୍ ୨ ପଏଣ୍ଟ ସହ ଜର୍ମାନୀ ପ୍ରୋଲିଗ୍‌ରେ ଖାତା ଖୋଲିଛି। ପୂର୍ବରୁ ବେଲ୍‌ଜିୟମ ବିପକ୍ଷ ୨ଟି ଯାକ ମ୍ୟାଚରେ ଏହି ଦଳ ପରାଜିତ ହୋଇଥିଲା। ଅନ୍ୟପକ୍ଷରେ ଭାରତ ୫ ମ୍ୟାଚରୁ ୧୦ ପଏଣ୍ଟ ସହ ତୃତୀୟ ସ୍ଥାନରେ ଅପରିବର୍ତ୍ତିତ ରହିଛି।

### ଏଫ୍ଆଇଏଚ୍ ପ୍ରୋ ଲିଗ୍

ଭାରତ-ଜର୍ମାନୀ ମ୍ୟାଚ ଆରମ୍ଭରୁ ସଂଘର୍ଷପୂର୍ଣ୍ଣ ହୋଇଥିଲା। ମ୍ୟାଚର ପ୍ରଥମ ମିନିଟରୁ ଜର୍ମାନୀ ଭାରତୀୟ ଗୋଲପୋଷ୍ଟ ଉପରେ ଆକ୍ରମଣ ଆରମ୍ଭ କରିଥିଲେ ହେଁ ୪ର୍ଥ ମିନିଟରେ ନବନୀତ କୌର ଏକ ଫିଲ୍ଡ ଗୋଲ ଦେଇ ଘରୋଇ ଦଳକୁ ଅଗ୍ରଣୀ କରାଇଥିଲେ। ତେବେ ଦଳର ଏହି ଖୁସି ବେଶି ସମୟ ତିଷ୍ଠି ନ ଥିଲା। ଏହାର ମାତ୍ର ୧ ମିନିଟ ପରେ ଜର୍ମାନୀ ପେନାଲ୍ଟି କର୍ନର ସୁଯୋଗ ସୃଷ୍ଟି କରିଥିଲା। ଜର୍ମାନୀ ପକ୍ଷରୁ ଶୁଟ୍ କରାଯାଇଥିବା ବଲ୍‌କୁ ଭାରତୀୟ ରକ୍ଷଣଭାଗ ରୋକିବାରେ ସକ୍ଷମ ହୋଇଥିଲେ ହେଁ ଫେରି ଆସୁଥିବା ବଲ୍‌କୁ ଗୋଲରେ ପରିଣତ କରି ମ୍ୟାଚକୁ ସମାନ ସ୍ତରକୁ ନେଇ ଆସିଥିଲେ ଜର୍ମାନୀର କାର୍ଲୋଟା ସିପେଲ। ପ୍ରଥମ କ୍ୱାର୍ଟର ଶେଷ ଭାଗରେ ଅର୍ଥାତ୍ ୧୪ତମ ମିନିଟରେ ଜର୍ମାନୀକୁ ଆଉ ଏକ ପେନାଲ୍ଟି କର୍ନର ସୁଯୋଗ ମିଳିଥିଲା। ମାତ୍ର ଦଳର ଖେଳାଳିମାନେ ଏହାକୁ ଗୋଲରେ ପରିଣତ କରିପାରି ନ ଥିଲେ। ଦ୍ୱିତୀୟ କ୍ୱାର୍ଟରରେ ଆକ୍ରମଣ ପ୍ରତି ଆକ୍ରମଣ ଜାରି ରହିଥିଲେ ହେଁ ଗୋଲ ହୋଇପାରି ନ ଥିଲା। ଫଳରେ ପ୍ରଥମାର୍ଦ୍ଧ ଶେଷ ବେଳକୁ ଖେଳ ୧-୧ ଗୋଲରେ ବରାବର ରହିଥିଲା।

ତୃତୀୟ କ୍ୱାର୍ଟରରେ ଭାରତୀୟ ଖେଳାଳିମାନେ ଏକାଧିକ ସୁଯୋଗ ପାଇଥିଲେ। ମାତ୍ର ଫିନିଶିଂ ଅଭାବରୁ ଗୋଲ ହୋଇପାରି ନ ଥିଲା। ୩୭ତମ ମିନିଟରେ ଜର୍ମାନୀ ଏକ ପେନାଲ୍ଟି କର୍ନର ପାଇଥିଲେ ହେଁ ସେଥିରୁ ଗୋଲ ଆସି ନ ଥିଲା। ୩୮ତମ ମିନିଟରେ ଡି' ଏରିଆ ନିକଟରେ ୧୯ ମିଟର ଭିତରେ ଜର୍ମାନୀ ଖେଳାଳିଙ୍କ ତ୍ରୁଟିପୂର୍ଣ୍ଣ ଖେଳ ଯୋଗୁ ଭାରତକୁ ପେନାଲ୍ଟି କର୍ନର ମିଳିଥିଲା। ମ୍ୟାଚରେ ଭାରତର ଏହା ପ୍ରଥମ ପେନାଲ୍ଟି କର୍ନର ଥିଲା। ମାତ୍ର ଖେଳାଳିମାନେ ଏହାର ସଦୁପଯୋଗ କରିପାରି ନ ଥିଲେ। ଗୁରଜିତ କୌର ମାରିଥିବା ଶଟ୍ ଗୋଲପୋଷ୍ଟ ବାହାରେ ଚାଲି ଯାଇଥିଲା। ୪ର୍ଥ କ୍ୱାର୍ଟର ଆରମ୍ଭରେ ଅର୍ଥାତ୍ ୩୭ତମ ମିନିଟରେ ଭାରତକୁ ଆଉ ଏକ ପେନାଲ୍ଟି କର୍ନର ମିଳିଥିଲା। ମାତ୍ର ମୋନିକାଙ୍କ ଶଟ୍ ଜର୍ମାନୀ ଗୋଲପୋଷ୍ଟ ପର୍ଯ୍ୟନ୍ତ ପହଞ୍ଚିପାରି ନ ଥିଲା। ୫୯ତମ ମିନିଟରେ ଜର୍ମାନୀ ଗୋଲ ଦେବାର ଶେଷ ସୁଯୋଗ ସୃଷ୍ଟି କରିଥିଲେ ହେଁ ସମ୍ଭବ ହୋଇ ନ ଥିଲା।




ବାରବାଟୀ ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ଓଏମ୍‌ସି-ସିଡିଟିଏ ଟେନିସ ଟୁର୍ନାମେଣ୍ଟରେ ଶନିବାର ପ୍ରତିଯୋଗୀ ଓ ଅନ୍ୟ କର୍ମକର୍ତ୍ତାଙ୍କ ଗହଣରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର।

## ୨୦୦ତମ ମ୍ୟାଚ ଖେଳିଲେ ଚାନୁ



ଭୁବନେଶ୍ୱର, ୧୨।୩ (କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଶନିବାର ଜର୍ମାନୀ ବିପକ୍ଷ ଏଫ୍ଆଇଏଚ୍ ପ୍ରୋ ଲିଗ୍ ହକି ମ୍ୟାଚରେ କ୍ୟାରିୟରର ୨୦୦ତମ ଅନ୍ତର୍ଜାତୀୟ ମ୍ୟାଚ ଖେଳିଛନ୍ତି ଭାରତର ପୁଖରାମବାମ୍ ସୁଶୀଳା ଚାନୁ। ମ୍ୟାଚରେ ଚାନୁ ଭଲ ଖେଳିଥିଲେ ହେଁ ଶେଷରେ ଶୁଟ୍‌ଆଉଟରେ ଭାରତ ମ୍ୟାଚ ହାରିଯିବାରୁ ଚାନୁଙ୍କ ଏହି ମାଇଲ୍‌ଖୁଣ୍ଟ ମ୍ୟାଚ ସ୍ମରଣୀୟ ହୋଇପାରି ନ ଥିଲା। ୧୯୯୨ ଫେବୃୟାରୀ ୨୫ରେ ମଣିପୁରର ଇମ୍ଫାଲରେ ଜନ୍ମିତ ଏହି ପୂର୍ବତନ ଭାରତୀୟ ଅଧିନାୟିକା ୨୦୧୪ ଏସିଆନ ଗେମ୍ସରେ ବ୍ରୋଞ୍ଜ, ୨୦୧୭ ଏସିଆ କପ୍‌ରେ ସ୍ୱର୍ଣ୍ଣ ଏବଂ ୨୦୧୩ ଓ ୨୦୨୨ରେ ବ୍ରୋଞ୍ଜ, ୨୦୧୩ ଏସିଆନ ଚାମ୍ପିୟନ୍ସ ଟ୍ରଫିରେ ରୌପ୍ୟ, ୨୦୧୬ ସାଉଥ୍ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ଏବଂ ୨୦୧୩ ଜୁନିୟର ମହିଳା ହକି ବିଶ୍ୱକପରେ ବ୍ରୋଞ୍ଜ ପଦକ ବିଜୟୀ ଭାରତୀୟ ଦଳର ସଦସ୍ୟା ଥିଲେ। ତେବେ ଏହି ମ୍ୟାଚରେ ୨ ଜଣ ଯାକ ଓଡ଼ିଆ ଖେଳାଳି ଦୀପ୍‌ଗ୍ରେସ୍ ଏକ୍କା କିମ୍ବା ମାରିଆନା କୁଜୁର ଖେଳି ନ ଥିଲେ।



କଳିଙ୍ଗ ଷ୍ଟାଡିୟମରେ ଶନିବାର ଅନୁଷ୍ଠିତ ଭାରତ-ଜର୍ମାନୀ ମହିଳା ହକି ପ୍ରୋ ଲିଗ୍ ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

# ଭାରତର ବୃହତ୍ ବିଜୟ

### ମହିଳା କ୍ରିକେଟ ବିଶ୍ୱକପରେ ସ୍ମୃତି ଓ ହରମନପ୍ରୀତଙ୍କ ଶତକ

ହାମିଲଟନ, ୧୨।୩ (ପି.ଟି.)

ଚଳିତ ଆଇସିସି ମହିଳା ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ଟୁର୍ନାମେଣ୍ଟରେ ସ୍ମୃତି ମନ୍ଧାନା ଓ ହରମନପ୍ରୀତ କୌରଙ୍କ ଶତକ ସହାୟତାରେ ଭାରତ ୧୫୫ ରନରେ ୱେଷ୍ଟଇଣ୍ଡିଜକୁ ପରାସ୍ତ କରିଛି। ଏହା ସହିତ ୮ଟି ଦଳକୁ ନେଇ ଚାଲିଥିବା ଏହି ଇଭେଣ୍ଟରେ ୩ଟି ମ୍ୟାଚରୁ ୪ ପଏଣ୍ଟ ଲାଭ କରି ନେଟ ରନ୍‌ରେଟ ଭିତ୍ତିରେ ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ ଓ ଦକ୍ଷିଣ ଆଫ୍ରିକାକୁ ପଛରେ ପକାଇ ଭାରତ ପଏଣ୍ଟ ଟେବୁଲର ଶୀର୍ଷ ସ୍ଥାନକୁ ଉଠିପାରିଛି। ଶନିବାର ଖେଳାଯାଇଥିବା ମ୍ୟାଚରେ ଭାରତ ଟସ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ଯାଇ ନିର୍ଦ୍ଧାରିତ ୫୦ ଓଭରରେ ୮ ଉଇକେଟ ବିନିମୟରେ ୩୧୭ ରନ କରିଥିଲା। ବିଶ୍ୱକପ୍ ଇତିହାସରେ ଭାରତର ଏହା ହେଉଛି ସର୍ବୋଚ୍ଚ ସ୍କୋର। ପ୍ଲେୟର ଅଫ୍ ଦି ମ୍ୟାଚ ମନ୍ଧାନା ୧୧୯ ବଲ୍‌ରେ ୧୩ ଚୌକା ଓ ୨ ଛକା ସହ ୧୨୩ ରନ କରିଥିଲେ। ଏହା ହେଉଛି ତାଙ୍କ ୫ମ ଅନ୍ତର୍ଜାତୀୟ ଦିନିକିଆ ଶତକ। କୌର ୧୦ ଚୌକା ଓ ୨ ଛକା ସହ ୧୦୭ ବଲ୍‌ରେ ୧୦୯ ରନ ସଂଗ୍ରହ କରିଥିଲେ। ଏହା ତାଙ୍କର ୪ର୍ଥ ଅନ୍ତର୍ଜାତୀୟ ଦିନିକିଆ ଶତକ। ୨୦୧୭ ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆ ବିପକ୍ଷରେ ଅପରାଜିତ ୧୭୧ ରନ ପରେ ଏହା ହେଉଛି ତାଙ୍କର ପ୍ରଥମ ଶତକ। ଦୁଇ ବ୍ୟାଟର ଚତୁର୍ଥ ଉଇକେଟରେ ୧୮୪ରନ ଯୋଗ କରିଥିଲେ। ମହିଳା ବିଶ୍ୱକପ୍‌ରେ ଭାରତ ପାଇଁ ଯେକୌଣସି ଉଇକେଟରେ ଏହା ହେଉଛି ସର୍ବାଧିକ ପାର୍ଟନରଶିପ୍। ଜବାବରେ ୨୦୧୭ ସଂସ୍କରଣ ଫାଇନାଲିଷ୍ଟ ୱେଷ୍ଟଇଣ୍ଡିଜ ୪୦.୩ ଓଭରରେ ୧୬୨ ରନ କରି ଅଲଆଉଟ ହୋଇଯାଇଥିଲା। ଦଳର ଓପନର ଡିଣ୍ଡ୍ରା ଡଟିନ୍ (୬୨) ଓ ହେଲି ମାଥ୍ୟୁସ (୪୩) ୧୨.୧ ଓଭରରେ ୧୦୦ରନ ଯୋଗ କରିଥିଲେ। ସ୍ପିନ-




ଶତକ ହାସଲ ପରେ ସ୍ମୃତି ମନ୍ଧାନା।

ପେସ୍ ଯୋଡ଼ି ସ୍ନେହ ରାଣା (୩/୨୨) ଓ ମେଘନା ସିଂ (୨/୨୭) ଟପ୍ ଅର୍ଡରରେ ବ୍ରେକ୍ ଲଗାଇଥିଲେ। ୱେଷ୍ଟଇଣ୍ଡିଜ ଦଳ ୧୯ ଓଭର ବେଳକୁ ୪ ଉଇକେଟ ବିନିମୟରେ ୧୧୪ରନ କରିଥିଲା। ପରେ ପୂଜା ବସ୍ତ୍ରକାର (୧/୨୧) ଓ ରାଜେଶ୍ୱରୀ ଗାଏକ୍ୱାଡ (୧/୨୪) ସିମେନି କ୍ୟାମ୍ପବେଲି (୧୧) ଓ ଚିନେଲି ହେନ୍‌ରୀ (୭)ଙ୍କ ଉଇକେଟ ପତନ ଘଟାଇବାରୁ ୱେଷ୍ଟଇଣ୍ଡିଜ ୧୩୪ରନ ସ୍କୋର ବେଳକୁ ୬ ଉଇକେଟ ହରାଇ ସାରିଥିଲା। ଆଲିୟା ଆଲିନି(୪)ଙ୍କୁ ଗାଏକ୍ୱାଡ ଓ ରାଣା ରନ ଆଉଟ କରିଥିବା ବେଳେ ଅନିଶା ମହମ୍ମଦ (୨)ଙ୍କୁ ଝୁଲଣ ଗୋସ୍ୱାମୀ (୧/୪୩) ଆଉଟ କରିବା ଦ୍ୱାରା ମହିଳା ବିଶ୍ୱକପ୍‌ରେ ତାଙ୍କ ମୋଟ ଉଇକେଟ ସଂଖ୍ୟା ୪୦କୁ ବୃଦ୍ଧି କରିପାରିଥିଲେ। ଏଥିସହିତ ସେ ମହିଳା ବିଶ୍ୱକପ୍‌ରେ ସର୍ବାଧିକ ଉଇକେଟ ହାସଲକାରୀ ବୋଲର ବିବେଚିତ ହୋଇଛନ୍ତି।

**ସଂକ୍ଷିପ୍ତ ସ୍କୋର**

**ଭାରତ ଇନିଂସ:** ୫୦ ଓଭରରେ ୩୧୭/୮ (ସ୍ମୃତି ମନ୍ଧାନା-୧୨୩, ହରମନପ୍ରୀତ କୌର-୧୦୯, ୟାସ୍ତିକା ଭାଟିଆ-୩୧ ; ଅନିଶା ମହମ୍ମଦ-୨/୫୯)।

**ୱେଷ୍ଟଇଣ୍ଡିଜ ଇନିଂସ:** ୪୦.୩ ଓଭରରେ ୧୬୨/ଅଲଆଉଟ( ଡିଣ୍ଡ୍ରା ଡଟିନ-୬୨, ହେଲି ମାଥ୍ୟୁସ-୪୩; ସ୍ନେହ ରାଣା-୩/୨୨, ମେଘନା ସିଂ-୨/୨୭)।

## ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପାଇଁ କିଟ୍‌ର ୪ ଜଣଙ୍କୁ ଯୋଗ୍ୟତା

ଭୁବନେଶ୍ୱର, ୧୨।୩ (କ୍ରୀଡ଼ା ପ୍ରତିନିଧି)

ଚଣ୍ଡିଗଡ଼ରେ ଅନୁଷ୍ଠିତ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଭାରୋତ୍ତୋଳନ ଚାମ୍ପିୟନଶିପ୍ (ପୁରୁଷ)ରେ ପ୍ରଭାବୀ ପ୍ରଦର୍ଶନ କରି କିଟ୍‌ର ୪ଜଣ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଏହି ଭାରୋତ୍ତୋଳକମାନେ ହେଲେ କୁମ୍ଭେଶ୍ୱର ମଲିକ, ରାଜେନ୍ଦ୍ର ମୁଦୁଲି, ସଚିନ ରାଉତ ଓ ପୁନିତ ଚନ୍ଦ୍ର ସାହୁ। ୨୦୨୨ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ଆସନ୍ତା ଏପ୍ରିଲ ୨୪ରୁ ମେ ୩ ପର୍ଯ୍ୟନ୍ତ ବେଙ୍ଗାଲୁରୁଠାରେ ଅନୁଷ୍ଠିତ ହେବ। ୫୫ କେଜି କାଟେଗୋରିରେ କୁମ୍ଭେଶ୍ୱର ୨୩୮ କେଜି ଭାର ଉଠାଇ ୪ର୍ଥ ସ୍ଥାନରେ ରହିଥିଲେ। ୬୭ କେଜିରେ ସଚିନ ୨୬୦ ଓ ୯୬ କେଜିରେ ପୁନିତ ୨୯୦ କେଜି ଭାରୋତ୍ତୋଳନ କରି ୭ମ ସ୍ଥାନରେ ରହିଥିବାବେଳେ ୬୧ କେଜିରେ ରାଜେନ୍ଦ୍ର ୨୧୧ କେଜି ଭାର ଉଠାଇ ୮ମ ସ୍ଥାନ ଅଧିକାର କରିଥିଲେ। ଖେଲୋ ଇଣ୍ଡିଆ କ୍ରୀଡ଼ା ପାଇଁ ଯୋଗ୍ୟତା ପାଇଥିବାରୁ ଭାରୋତ୍ତୋଳକ ମାନଙ୍କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି।

## ଡୁ'ପ୍ଲେସି ଆର୍‌ସିବିର ନୂଆ ଅଧିନାୟକ

ବେଙ୍ଗାଲୁରୁ, ୧୨।୩ (ପି.ଟି.)

ଆସନ୍ତା ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ସଂସ୍କରଣ ପାଇଁ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆର୍‌ସିବି) ଶନିବାର ଦକ୍ଷିଣ ଆଫ୍ରିକା ଜାତୀୟ ଦଳର ପୂର୍ବତନ ଅଧିନାୟକ ଫାଫ୍ ଡୁ'ପ୍ଲେସିଙ୍କୁ ସେମାନଙ୍କ ନୂଆ ଅଧିନାୟକ ଭାବେ ନିଯୁକ୍ତି ଦେଇଛି। ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ)ରେ ଡୁ'ପ୍ଲେସି ଜଣେ ସ୍ଥିର ପ୍ରଦର୍ଶନକାରୀ ଖେଳାଳି ଥିଲେ। ଦଶନ୍ଧି ଧରି ଫ୍ରାଞ୍ଚାଇଜର ନେତୃତ୍ୱ ନେଇ ଆସୁଥିବା ବିରାଟ କୋହଲି ଏବେ ତାଙ୍କ ପଦରୁ ହଟିଯାଇଛନ୍ତି। ତାଙ୍କ ସ୍ଥାନରେ ଡୁ'ପ୍ଲେସି ପ୍ରଥମ ପସନ୍ଦ ଥିଲେ। ଶନିବାର ଏଠାରେ ଏକ ଭର୍ଚୁଆଲ ଇଭେଣ୍ଟରେ ଟିମ୍ ଚେୟାରମ୍ୟାନ ପ୍ରଥମେଶ ମିଶ୍ରା ଓ କ୍ରିକେଟ ଅପରେଶନ୍ସ ନିର୍ଦ୍ଦେଶକ ମାଇକ୍ ହେସନ ଡୁ'ପ୍ଲେସିଙ୍କୁ କ୍ୟାପ୍ ପ୍ରଦାନ କରିଛନ୍ତି। ୨୦୨୦ରେ ଡୁ'ପ୍ଲେସି ଦକ୍ଷିଣ ଆଫ୍ରିକା କ୍ରିକେଟ ଦଳର ସବୁ ଫର୍ମାଟ୍‌ରେ ଅଧିନାୟକତ୍ୱ କରିଛନ୍ତି। ଜଣେ ବିଦେଶୀ ଖେଳାଳିଙ୍କ ଉପରେ ଭରସା କରିବା ସହଜ କଥା ନୁହେଁ ବୋଲି କହିଛନ୍ତି। ୩୭ ବର୍ଷୀୟ ଡୁ'ପ୍ଲେସି ଇତିମଧ୍ୟରେ ୧୦୦ ଆଇପିଏଲ ଗେମ୍ ଖେଳିସାରିଛନ୍ତି। ୧୩୧ରୁ ଅଧିକ ଷ୍ଟ୍ରାଇକ୍ ରେଟ୍‌ରେ ସେ ୨୯୩୫ ରନ ସ୍କୋର କରିପାରିଛନ୍ତି। ଗତବର୍ଷ ସିଏସ୍‌କେର ଆଇପିଏଲ୍ ବିଜୟ ଅଭିଯାନରେ ସେ ୬୩୩ ରନ ସଂଗ୍ରହ କରିଛନ୍ତି।

### ମୃତ୍ୟୁଞ୍ଜୟ ସ୍ମାରକୀ ଚେସ୍

## କର୍ତ୍ତବ୍ୟ ଚାମ୍ପିୟନ

ଭୁବନେଶ୍ୱର, ୧୨।୩ (କ୍ରୀଡ଼ା ପ୍ରତିନିଧି)

ଭୁବନେଶ୍ୱର ଚେସ୍ ଆସୋସିଏଶନ ଅନୁକୂଲ୍ୟରେ ଆୟୋଜିତ ୩ୟ ମୃତ୍ୟୁଞ୍ଜୟ ପାତ୍ର ସ୍ମାରକୀ ଅନ୍‌ଲାଇନ୍ ଓପନ ଚେସ୍‌ରେ ଗୁଜରାଟର କର୍ତ୍ତବ୍ୟ ଅନାଡ୍‌କଟ୍ ଚାମ୍ପିୟନ ହୋଇଛନ୍ତି। ୯ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ସେ ୮.୫ ପଏଣ୍ଟ ସହିତ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ହର୍ଷିତ ରଞ୍ଜନ ସାହୁ (୮.୫), ସ୍ମାରକୀ ମହାନ୍ତି



କର୍ତ୍ତବ୍ୟ ଅନାଡ୍‌କଟ୍

(୭), ସୌମ୍ୟ ରଞ୍ଜନ ମିଶ୍ର (୬.୫) ଓ ତପନ ମଡ଼ୁଣ୍ଡି (୬.୫) ପରବର୍ତ୍ତୀ ୪ ସ୍ଥାନରେ ରହିଥିଲେ। ପ୍ରଦର୍ଶନ ଭିତ୍ତିରେ ୧୫ ଖେଳାଳିଙ୍କ ସହ ବିଭିନ୍ନ ବୟସ ବର୍ଗରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ୧୨ ଖେଳାଳିଙ୍କୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା। ସ୍ନେହାଞ୍ଜଳି ପ୍ରଧାନ ଶ୍ରେଷ୍ଠ ମହିଳା ଓ ରବୀନ୍ଦ୍ର ସାହୁ ଶ୍ରେଷ୍ଠ ଭେଟେରାନ ଖେଳାଳି ବିବେଚିତ ହୋଇଥିଲେ। ଗୁଗ୍‌ଲ ମିଟ୍‌ରେ ପ୍ରତିଯୋଗିତାକୁ ଭାରତୀୟ ଗ୍ରିଡ୍ କର୍ପୋରେଶନର ସିନିୟର ଜେନେରାଲ ମ୍ୟାନେଜର ରବିଶଙ୍କର ପାତ୍ର ମୁଖ୍ୟ ଅତିଥି ଏବଂ ପଞ୍ଜାବ୍ ଆଣ୍ଡ ସିନ୍ଧ୍ ବ୍ୟାଙ୍କର ଅବସରପ୍ରାପ୍ତ ଚିଫ୍ ମ୍ୟାନେଜର ମନମୋହନ ଖିଲାର ସମ୍ମାନିତ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଆୟୋଜକ ଆସୋସିଏଶନର କର୍ମକର୍ତ୍ତା, ମୁଖ୍ୟ ଆର୍ବିଟର ଦେବାଶିଷ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରଥମ ଦିବସରେ ୧୬ ଉଇକେଟର ପତନ

### ଭାରତ-ଶ୍ରୀଲଙ୍କା ଦ୍ୱିତୀୟ ଟେଷ୍ଟ

ବେଙ୍ଗାଲୁରୁ, ୧୨।୩

ସ୍ଥାନୀୟ ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଶନିବାର ଭାରତ-ଶ୍ରୀଲଙ୍କା ଦ୍ୱିତୀୟ (ଦିବାରାତ୍ର) କ୍ରିକେଟ ଟେଷ୍ଟ ଆରମ୍ଭ ହୋଇଛି। ବୋଲରଙ୍କୁ ସୁହାଇଥିବା ପିଚ୍‌ରେ ପ୍ରଥମ ଦିବସରେ ୧୬ ଉଇକେଟର ପତନ ଘଟିଛି। ଫଳରେ ମ୍ୟାଚରୁ ଫଳାଫଳ ବାହାରିବା ଏକପ୍ରକାର ନିଶ୍ଚିତ ହୋଇଛି। ଭାରତ ପ୍ରଥମ ଇନିଂସରେ ୨୫୨ ରନ କରିଥିବାବେଳେ ଷ୍ଟମ୍ପ ପ୍ରତ୍ୟାହୃତ ହେବା ବେଳକୁ ଶ୍ରୀଲଙ୍କା ୬ ଉଇକେଟ ହରାଇ ୮୬ ରନ ସଂଗ୍ରହ କରିଛି। ହାତରେ ୪ ଉଇକେଟ ଥାଇ ଶ୍ରୀଲଙ୍କା ୧୬୬ ରନ ପଛରେ ରହିଛି।

### ଆୟାରଙ୍କ ଦୃଢ଼ ବ୍ୟାଟିଂ

ଟସ୍ ଜିତି ଭାରତ ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଶ୍ରୀଲଙ୍କା ବୋଲରମାନେ ମାତ୍ର ୨୯ ରନରେ ଭାରତର ଦୁଇ ଓପନରଙ୍କୁ ପ୍ୟାଭିଲିୟନ ପଠାଇବାରେ ସକ୍ଷମ ହୋଇଥିଲେ। ମୟଙ୍କ ଅଗ୍ରୱାଲ ୪ ଓ ଅଧିନାୟକ ରୋହିତ ଶର୍ମା ୧୫ ରନ କରି ପାରିଥିଲେ। ହନୁମା ବିହାରୀ, ବିରାଟ କୋହଲି ଓ ରିଷଭ ପନ୍ତ ଭଲ ଆରମ୍ଭ କରିଥିଲେ ହେଁ ତାହାକୁ ବଡ଼ ସ୍କୋରରେ ପରିଣତ କରିପାରି ନ ଥିଲେ। ହନୁମା ୩୧, କୋହଲି ୨୩ ଓ ପନ୍ତ ୩୯ ରନ କରିବାକୁ ସକ୍ଷମ ହୋଇଥିଲେ। ପ୍ରଥମ ଟେଷ୍ଟରେ ଶତକ ହାସଲ କରିଥିବା ରବୀନ୍ଦ୍ର ଜାଡେଜା ଏଠାରେ ମାତ୍ର ୪ ରନ କରିବାକୁ ସକ୍ଷମ ହେବାରୁ ୧୪୮ ରନ ମଧ୍ୟରେ ଭାରତ ୬ଷ୍ଠ ଉଇକେଟ ହରାଇ ବ୍ୟାକ୍‌ଫୁଟ୍‌କୁ ଚାଲି ଯାଇଥିଲା। ତେବେ ଚାପ ପରିସ୍ଥିତିରେ ଶ୍ରେୟାସ ଆୟାର ୯୮ ବଲ୍‌ରୁ ୧୦ ଚୌକା ଓ ୪ ଛକା




ଶ୍ରେୟାସ ଆୟାର।

ସହାୟତାରେ ୯୨ ରନ କରିବାରୁ ଭାରତ ଏକ ସମ୍ମାନଜନକ ସ୍କୋର କରିବାକୁ ସକ୍ଷମ ହୋଇଥିଲା। ଷ୍ଟ୍ରୋକପୂର୍ଣ୍ଣ ଇନିଂସ ଖେଳିଥିବା ଆୟାର ଶତକଠାରୁ ମାତ୍ର ୮ ରନ ଦୂରରେ ଥିବାବେଳେ ବାମହାତୀ ସ୍ପିନର ପ୍ରବୀଣ ଜୟବିକ୍ରମାଙ୍କ ବଲ୍‌ରେ ଷ୍ଟମ୍ପିଂ ହୋଇ ଯାଇଥିଲେ। ଆୟାର ଆଉଟ ହେବା ସହ ଭାରତୀୟ ଇନିଂସର ପରିସମାପ୍ତି ଘଟିଥିଲା। ଶ୍ରୀଲଙ୍କା ପକ୍ଷରୁ ଜୟବିକ୍ରମା ଓ ଲସିଥ ଏମ୍ବୁଲଦେନିୟା ୩ଟି ଲେଖାଏ ଏବଂ ଧନଞ୍ଜୟ ଡି'ସିଲ୍‌ଭା ୨ଟି ଉଇକେଟ ନେଇଥିଲେ।

ଯଶପ୍ରୀତ୍ ବୁମ୍‌ରା ଓ ମହମ୍ମଦ ସାମିଙ୍କ ଘାତକ ବୋଲିଂକୁ ସାମ୍ନା କରି ନ ପାରି ଶ୍ରୀଲଙ୍କା ମାତ୍ର ୫୦ ରନ ମଧ୍ୟରେ ୫ ଉଇକେଟ ହରାଇ ବ୍ୟାଟିଂ ବିପର୍ଯ୍ୟୟରେ ପଡ଼ିଥିଲା। ଅଭିଜ୍ଞ ଆଞ୍ଜେଲୋ ମାଥ୍ୟୁସ ସତର୍କତାର ସହ ବ୍ୟାଟିଂ କରି ଇନିଂସ ସମ୍ଭାଳିଥିଲେ ହେଁ ତାହା ପର୍ଯ୍ୟାପ୍ତ ହୋଇ ନ ଥିଲା। ପ୍ରଥମ ଦିବସ ଖେଳ ଶେଷ ହେବାର ଅଳ୍ପକିଛି ସମୟ ପୂର୍ବରୁ ସେ ବ୍ୟକ୍ତିଗତ ୪୩ ରନକରି ଆଉଟ ହୋଇଯାଇଥିଲେ। ଭାରତ ପକ୍ଷରୁ ଯଶପ୍ରୀତ୍ ବୁମ୍‌ରା ୩ଟି, ମହମ୍ମଦ ସାମି ୨ଟି ଓ ଅକ୍ଷର ପଟେଲ ଗୋଟିଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ: ୨୫୨/ଅଲ୍‌ଆଉଟ (ଶ୍ରେୟାସ ଆୟାର-୯୨, ରିଷଭ ପନ୍ତ-୩୯, ହନୁମା ବିହାରୀ-୩୧, ବିରାଟ କୋହଲି-୨୩, ଲସିଥ ଏମ୍ବୁଲଦେନିୟା-୩/୯୪, ପ୍ରବୀଣ ଜୟବିକ୍ରମା-୩/୮୧, ଧନଞ୍ଜୟ ଡି'ସିଲ୍‌ଭା-୨/୩୨, ସୁରଙ୍ଗ ଲକମଲ-୧/୧୨)। ଶ୍ରୀଲଙ୍କା ପ୍ରଥମ ଇନିଂସ: ୮୬/୬ (ଆଞ୍ଜେଲୋ ମାଥ୍ୟୁସ-୪୩ , ଯଶପ୍ରୀତ୍ ବୁମ୍‌ରା-୩/୧୫, ମହମ୍ମଦ ସାମି-୨/୧୮, ଅକ୍ଷର ପଟେଲ-୧/୨୧)।

## ମିଥାଲି, ଝୁଲଣଙ୍କ ରେକର୍ଡ



ହାମିଲଟନ, ୧୨।୩(ପି.ଟି.)

ଆଇସିସି ମହିଳା ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ବିଶ୍ୱକପ୍‌ରେ ସର୍ବାଧିକ ମ୍ୟାଚରେ ଅଧିନାୟକତ୍ୱ କରିବାରେ ଭାରତର ମିଥାଲି ରାଜ୍ ଏକ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ଅନ୍ୟପକ୍ଷରେ ଭାରତୀୟ ପେସ୍ ବୋଲର ଝୁଲଣ ଗୋସ୍ୱାମୀ ସର୍ବାଧିକ ଉଇକେଟ ନେଇ ଏକ ନୂଆ କୀର୍ତ୍ତିମାନ ଅର୍ଜନ କରିଛନ୍ତି। ଚଳିତ ଆଇସିସି ମହିଳା ବିଶ୍ୱକପ୍‌ରେ ଭାରତ ଶନିବାର ୱେଷ୍ଟଇଣ୍ଡିଜକୁ ୧୫୫ ରନରେ ପରାସ୍ତ କରିଛି। ଏହାଦ୍ୱାରା ବିଶ୍ୱକପ୍‌ରେ ଭାରତୀୟ ଦଳକୁ ନେତୃତ୍ୱ ଦେବାରେ ମିଥାଲିଙ୍କ ମ୍ୟାଚ ସଂଖ୍ୟା ୨୪ରେ ପହଞ୍ଚିଛି, ଯାହାକି ବିଶ୍ୱକପ୍‌ରେ ଏକ ନୂଆ ରେକର୍ଡ। ପୂର୍ବରୁ ଏହି ରେକର୍ଡର ଅଧିକାରିଣୀ ଥିଲେ ଅଷ୍ଟ୍ରେଲିଆର ପୂର୍ବତନ ଅଧିନାୟିକା ବେଲିଣ୍ଡା କ୍ଲାର୍କ (୨୩ ମ୍ୟାଚ)। କୌତୂହଳର କଥା, ଉଭୟ ମିଥାଲି ଓ କ୍ଲାର୍କ ମାତ୍ର ଦୁଇଜଣ କ୍ରିକେଟର, ଯେଉଁମାନେ କି ଦୁଇରୁ ଅଧିକ ବିଶ୍ୱକପ୍‌ରେ ସେମାନଙ୍କ ଦେଶର ନେତୃତ୍ୱ ନେଇଛନ୍ତି। ଅନ୍ୟପକ୍ଷରେ ଭାରତର ଭେଟେରାନ ପେସ୍ ବୋଲର ଝୁଲଣ ଗୋସ୍ୱାମୀ ଆଇସିସି ମହିଳା ବିଶ୍ୱକପ୍ ଇତିହାସରେ ସର୍ବକାଳୀନ ସର୍ବାଧିକ ଉଇକେଟ ହାସଲ କରି ନୂଆ କୀର୍ତ୍ତିମାନ ଅର୍ଜନ କରିଛନ୍ତି। ସେ ୪୦ ଉଇକେଟ ନେବା ସହ ଅଷ୍ଟ୍ରେଲିଆର ଲିନେଟ୍ ଫୁଲ୍‌ଷ୍ଟନ୍ (୩୯ ଉଇକେଟ)ଙ୍କ ରେକର୍ଡକୁ ଅତିକ୍ରମ କରିଯାଇଛନ୍ତି।

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

## ହରିହର ନୋଡାଲ ହାଇସ୍କୁଲକୁ ପୌଷ୍ୟ ସ୍କୁଲ ଗ୍ରହଣ କଲେ ସଚିବ

ଲୋଇସିଂହା,(ଡି.ଏନ.ଏ): ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ହରିହର ନୋଡାଲ ହାଇସ୍କୁଲକୁ ପୌଷ୍ୟ ସ୍କୁଲଭାବେ ରାଜ୍ୟ ସରକାରଙ୍କ ଲୋକ ଓ ସୂଚନା ବିଭାଗ ସଚିବ ଇନ୍ଦ୍ରମଣୀ ତ୍ରିପାଠୀ ଗ୍ରହଣ କରିଛନ୍ତି। ରାଜ୍ୟ ସରକାରଙ୍କ ମୋ ସ୍କୁଲ ଅଭିଯାନରେ ଉକ୍ତ ସ୍କୁଲକୁ ପୌଷ୍ୟ ସ୍କୁଲ ଭାବେ ଗ୍ରହଣ କରିବା ପାଇଁ ମୋ ସ୍କୁଲ ନିର୍ଦ୍ଦେଶକ ଅନୁପମା ଶାହାଙ୍କୁ ଚିଠି କରି ସେ ଜଣାଇଛନ୍ତି। ଶିକ୍ଷାର ବିକାଶ ଓ ବିଦ୍ୟାଳୟର ସମସ୍ତ ଉନ୍ନତିମୂଳକ କାର୍ଯ୍ୟ ପାଇଁ ସହାୟତା ପ୍ରଦାନ କରିବାକୁ ସଚିବ ତ୍ରିପାଠୀ ଇଚ୍ଛାପ୍ରକାଶ କରିଥିବା ପ୍ରଧାନଶିକ୍ଷକ ଅଶୋକ କୁମାର ତ୍ରିପାଠୀ କହିଛନ୍ତି। ସୂଚନାଯୋଗ୍ୟ ଯେ, ଲୋକ ଓ ସୂଚନା ବିଭାଗ ସଚିବ ଇନ୍ଦ୍ରମଣି ତ୍ରିପାଠୀଙ୍କ ପୈତୃକ ଗ୍ରାମ ହେଉଛି ଯୋଗୀସର୍ଡା।

### ବଲାଙ୍ଗୀର ଜିଲା: ନିର୍ବାଚିତ ପଞ୍ଚାୟତ ସମିତି ଅଧ୍ୟକ୍ଷ



ସରିତା ବାଗ – ବଲାଙ୍ଗୀର ସଦର; ସଂଯୁକ୍ତା ନାୟକ – ଟିଟିଲାଗଡ଼; ନିରୁପମା ପଟେଲ – ଖପ୍ରାଖୋଲ
ମୋନିକା ସିଂଭୋଇ – ସଇଁତଲା; ଟିନା କୁମ୍ଭାର – ବେଲପଡା; ଦୟାନିଧି ଖମାରୀ – ଦେଓଗାଁ
ହରିବନ୍ଧୁ ମେହେର – ମୁରିବାହାଲ; ସରୋଜ ପ୍ରଧାନ – ପୁଇଁତଲା; ରଞ୍ଜୁବାଳା ବେହେରା – ବଙ୍ଗୋମୁଣ୍ଡା
ପୂଜା ବେହେରା – ତୁରେକେଲା; ବେବି ଦୋରା – ଗୁଡଭେଲା; ନୀଳକାନ୍ତ ବାଗ – ପାଟଣାଗଡ
ଜତିନ୍ଦ୍ର ପଟେଲ – ଲୋଇସିଂହା; ଗୀତାଞ୍ଜଳି ଦାସ – ଆଗଲପୁର

### କଳାହାଣ୍ଡି ଜିଲା: ନିର୍ବାଚିତ ପଞ୍ଚାୟତ ସମିତି ଅଧ୍ୟକ୍ଷ



ପ୍ରଫୁଲ ସାହୁ – ଭବାନୀପାଟଣା; ସବିତା ମେହେର – ଜୁନାଗଡ଼; କମଳା ପାତ୍ର – ଲାଞ୍ଜିଗଡ଼
କୁନି ସାହୁ – କର୍ଲାମୁଣ୍ଡା; ଚନ୍ଦନ ସେନାପତି – କେସିଙ୍ଗା
ରୀତା ଅଗ୍ରୱାଲ – କୋକସରା; ବବିତା ପଟ୍ଟଯୋଷୀ – ଧର୍ମଗଡ଼; ମନ୍ଦାକିନୀ ସିଂଦେଓ – ମ.ରାମପୁର
ଦୟାନିଧି ମାଝି – ଥୁ.ରାମପୁର; ବିନ୍ଦୁ ମହାନନ୍ଦ – ଗୋଲାମୁଣ୍ଡା
ମୋତି ବିହାରୀ – କଲମପୁର; ଥବିର ବାଗ – ଜୟପାଟଣା; ମନୋରମା ମହାନ୍ତି – ନର୍ଲା

### ନୂଆପଡ଼ା ଜିଲା: ନିର୍ବାଚିତ ପଞ୍ଚାୟତ ସମିତି ଅଧ୍ୟକ୍ଷ



ତାରେଶ୍ୱରୀ ସାହୁ – ନୂଆପଡ଼ା; ମାଧୁରୀ ମାଝି – ସିନାପାଲି; ପୁଷ୍ପାଞ୍ଜଳି ନନ୍ଦ – ଖଡ଼ିଆଳ
ପ୍ରେମଶୀଳା ନାଗ – ବୋଡ଼େନ; ଅନୁସୁୟା କୁମ୍ଭାର – କୋମନା

# ସରିଲା ୧୪ ବ୍ଲକର ଅଧ୍ୟକ୍ଷ ନିର୍ବାଚନ

- ଦେଓଗାଁରେ ଦୟାନିଧି, ବଲାଙ୍ଗୀରରେ ସରିତା
- ପାଟଣାଗଡ଼, ଖପ୍ରାଖୋଲ, ବେଲପଡ଼ା, ଟିଟିଲାଗଡ଼ ବ୍ଲକ ଅଧ୍ୟକ୍ଷା ଅପ୍ରତିଦ୍ୱନ୍ଦ୍ୱୀ
- ଗୋଟିଏ ଭୋଟ୍‌ରେ ଜିତିଲେ ଗୁଡ୍‌ଭେଲା ବ୍ଲକ ଅଧ୍ୟକ୍ଷା

ବଲାଙ୍ଗୀର ଅଫିସ,୧୨।୩

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପ୍ରକ୍ରିୟାରେ ଶନିବାର ବିଭିନ୍ନ ବ୍ଲକର ଅଧ୍ୟକ୍ଷା ଏବଂ ଅଧ୍ୟକ୍ଷ ଲାଗି ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ବଲାଙ୍ଗୀର ଜିଲାର ୩୧୭ ପଞ୍ଚାୟତର ସମିତି ସଭ୍ୟାସଭ୍ୟ ୧୪ ବ୍ଲକର ଅଧ୍ୟକ୍ଷା ଏବଂ ଅଧ୍ୟକ୍ଷ ମନୋନୀତ କରିଛନ୍ତି। ସବୁଠୁ ସମ୍ବେଦନଶୀଳ ଏବଂ ଚର୍ଚ୍ଚାରେ ରହିଆସିଥିବା ବଲାଙ୍ଗୀର ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଦେଓଗାଁ ବ୍ଲକରେ ଏକ ନାଟକୀୟ ଘଟଣାକ୍ରମରେ କଂଗ୍ରେସ ସମର୍ଥନରେ ବିଜେଡିର ବ୍ରାହ୍ମଣୀଯୋର ପଞ୍ଚାୟତ ସମିତିସଭ୍ୟ ଦୟାନିଧି ଖମାରୀ ବ୍ଲକ ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ସେ ବିଜେଡିର ଅନ୍ୟତମ ଅଧ୍ୟକ୍ଷ ପ୍ରାର୍ଥୀ ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ମେହେରଙ୍କୁ ପରାସ୍ତ କରିଛନ୍ତି। ଦୟାନିଧିଙ୍କ ସପକ୍ଷରେ ୧୪ଟି ଭୋଟ୍ ପଡିଥିବାବେଳେ ଲକ୍ଷ୍ମଣଙ୍କ ସପକ୍ଷରେ ୧୧ଟି ଭୋଟ ଯାଇଥିଲା। ବିଜେଡିର ଦୁଇ ପ୍ରାର୍ଥୀ ହେବା ପରେ ଅଧ୍ୟକ୍ଷ ନିର୍ବାଚନ ରୋଚକ ସ୍ଥିତିକୁ ଆସିଯାଇଥିଲା।

ବଲାଙ୍ଗୀର ସଦର ବ୍ଲକରେ ବିଡିଘାଟ ସମିତିସଭ୍ୟ ସରିତା ବାଗ, ପାଟଣାଗଡ଼ରେ ଗଙ୍ଗାସାଗର ପଞ୍ଚାୟତ ସମିତିସଭ୍ୟ ତଥା ବିଜେଡି ସମର୍ଥିତ ନୀଳକାନ୍ତ ବାଗ, ଖପ୍ରାଖୋଲ ବ୍ଲକରେ ଧଣ୍ଡାମୁଣ୍ଡା ସମିତିସଭ୍ୟା ନିରୁପମା ପଟେଲ, ବେଲପଡା ବ୍ଲକରେ ଗମ୍ଭାରୀ ପଞ୍ଚାୟତ ସମିତିସଭ୍ୟା ଟିନା କୁମ୍ଭାର ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ପାଟଣାଗଡ଼ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ତିନି ବ୍ଲକ ପାଟଣାଗଡ଼, ବେଲପଡ଼ା ଓ ଖପ୍ରାଖୋଲରେ ବିଜେଡି ନିଜ ପ୍ରାର୍ଥୀଙ୍କୁ ଅଧ୍ୟକ୍ଷ ଓ ଅଧ୍ୟକ୍ଷା କରିବାରେ ସଫଳ ହୋଇଛି। କଣ୍ଟାବାଞ୍ଜି ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ତୁରେକେଲା ବ୍ଲକରେ କଂଗ୍ରେସ ସମର୍ଥିତ ବୁରୋମାଳ ପଞ୍ଚାୟତ ସମିତିସଭ୍ୟା ପୂଜା ବେହେରା ନିର୍ବାଚିତ ହୋଇଛନ୍ତି। ତାଙ୍କ ବିରୋଧରେ ବିଜେଡି ସମର୍ଥିତ ଧାମନଡଙ୍ଗା ସମିତିସଭ୍ୟା କୁମାରୀ ମହାନନ୍ଦ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ପୂଜାଙ୍କୁ ୧୧ଟି ଭୋଟ ମିଳିଥିବାବେଳେ କୁମାରୀଙ୍କୁ ୮ ଭୋଟ ମିଳିଥିଲା। କଂଗ୍ରେସ ପ୍ରାର୍ଥୀଙ୍କୁ ଅଧ୍ୟକ୍ଷା କରିବାରେ ଭାଜପା ସମିତିସଭ୍ୟମାନେ ସମର୍ଥନ କରିଥିବା ଜଣାପଡ଼ିଛି। ବଙ୍ଗୋମୁଣ୍ଡା ବ୍ଲକ ଅଧ୍ୟକ୍ଷା ଭାବେ କଂଗ୍ରେସ ସମର୍ଥିତ ଅଲଣ୍ଡା ପଞ୍ଚାୟତ ସମିତିସଭ୍ୟା ରଞ୍ଜୁବାଳା ବେହେରା ନିର୍ବାଚିତ ହୋଇଛନ୍ତି। ତାଙ୍କ ବିରୋଧରେ ବିଜେଡିର ତୁରେକେଲା ପଞ୍ଚାୟତ ସମିତିସଭ୍ୟ ମୁରଲୀଧର କୁମ୍ଭାର ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ରଞ୍ଜୁବାଳାଙ୍କୁ ୧୭ଟି ଭୋଟ ମିଳିଥିବାବେଳେ ମୁରଲୀ ୯ଟି ଭୋଟ ପାଇଥିଲେ। ମୁରିବାହାଲ ବ୍ଲକ ଅଧ୍ୟକ୍ଷ ଭାବେ ଗୋଇମୁଣ୍ଡା ସମିତି ସଭ୍ୟ ତଥା ବିଜେଡି ସମର୍ଥିତ ହରିବନ୍ଧୁ ମେହେର ନିର୍ବାଚିତ ହୋଇଛନ୍ତି। ତାଙ୍କ ବିରୋଧରେ ପ୍ରତିଦ୍ୱନ୍ଦ୍ୱିତା କରି ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ହଂସରାଜ ଜୈନ ପରାସ୍ତ ହୋଇଛନ୍ତି। ହରିବନ୍ଧୁଙ୍କୁ ୧୨ ଏବଂ ହଂସରାଜ ଜୈନଙ୍କୁ ୧୦ଟି ଭୋଟ ମିଳିଥିଲା। ଟିଟିଲାଗଡ଼ ବ୍ଲକ ଅଧ୍ୟକ୍ଷା ଭାବେ ମନିଗାଁ ସମିତିସଭ୍ୟା ସଞ୍ଜୁକ୍ତା ନାୟକ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସଇଁତଲା ବ୍ଲକ୍ ଅଧ୍ୟକ୍ଷା ଭାବେ ମୋନିକା ସିଂଭୋଇ ନିର୍ବାଚିତ ହୋଇଛନ୍ତି। ସେ ବିଜେଡି ପ୍ରାର୍ଥୀ ସୁକାନ୍ତି ସାହୁଙ୍କୁ ପରାସ୍ତ କରିଛନ୍ତି। ମୋନିକା ୧୪ ଖଣ୍ଡ ଭୋଟ ପାଇଥିବାବେଳେ ସୁକାନ୍ତିଙ୍କୁ ୭ ଭୋଟ ମିଳିଥିଲା। ଗୁଡ୍‌ଭେଲା ବ୍ଲକ୍ ଅଧ୍ୟକ୍ଷା ଭାବେ ବୀରାମୁଣ୍ଡା ସମିତି ସଭ୍ୟା ବେବି ଦୋରା ନିର୍ବାଚିତ ହୋଇଛନ୍ତି। ସେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ତଥା ବିଜେଡି ପ୍ରାର୍ଥୀ ପ୍ରମିଳା ରଣାଙ୍କୁ ଗୋଟିଏ ଭୋଟରେ ପରାସ୍ତ କରିଛନ୍ତି। ବେବିଙ୍କୁ ୭ ଭୋଟ ମିଳିଥିବାବେଳେ ପ୍ରମିଳା ୬ଟି ଭୋଟ ପାଇଥିଲେ। ଲୋଇସିଂହା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ପୁଇଁତଲା ବ୍ଲକ ଅଧ୍ୟକ୍ଷ ଭାବେ ଲୋକାପଡା ସମିତିସଭ୍ୟ ସରୋଜ ପ୍ରଧାନ ୧୯ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିଲେ। ଲୋଇସିଂହା ବ୍ଲକ ଅଧ୍ୟକ୍ଷ ଭାବେ ଯତିନ୍ ପଟେଲ ଓ ଗୀତାଞ୍ଜଳି ଦାଶ ଆଗଲପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା ଭାବେ ନିର୍ବାଚିତ ହୋଇଥିବା ଜଣାପଡ଼ିଛି।

## ନୂଆପଡ଼ା ୫ ବ୍ଲକର ଅଧ୍ୟକ୍ଷା ନିର୍ବାଚନ ଶେଷ

ନୂଆପଡ଼ା ଅଫିସ,୧୨।୩

ନୂଆପଡା ଜିଲାର ୫ଟି ବ୍ଲକରେ ଶନିବାର ପଞ୍ଚାୟତ ସମିତି ଅଧ୍ୟକ୍ଷ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ୨ଟି ବ୍ଲକରେ ବିଜେଡି ସସର୍ଥିତ ଓ ୩ ବ୍ଲକରେ କଂଗ୍ରେସ ସମର୍ଥିତ ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ୫ଟି ବ୍ଲକ ମଧ୍ୟରୁ ୩ଟି ବ୍ଲକ ବୋଡେନ, ସିନାପାଲି ଓ ନୂଆପଡା ବ୍ଲକ ଅଧାକ୍ଷା ନିର୍ଦ୍ୱନ୍ଦ୍ୱରେ ବିଜୟୀ ହୋଇଥିବା ବେଳେ ଖଡିଆଳ ଓ କୋମନା ବ୍ଲକ ଅଧକ୍ଷା ପଦବୀ ପାଇଁ ନିର୍ବାଚନ ହୋଇଥିଲା। ବୋଡେନରେ ପ୍ରେମଶିଳା ନାଗ, ସିନାପାଲି ମାଧୁରୀ ମାଝି, ନୂଆପଡା ତାରେଶ୍ୱରୀ ସାହୁ, ଖଡିଆଳ ପୁଷ୍ପାଞ୍ଜଳି ନନ୍ଦ ଓ କୋମନା ବ୍ଲକ ପାଇଁ ଅନୁସୁୟା କୁମ୍ଭାର ନିର୍ବାଚିତ ହୋଇଛନ୍ତି। କୋମନା ବ୍ଲକ ଅଧ୍ୟକ୍ଷା ଅନୁସୁୟା କୁମ୍ଭାର ୨୨ଖଣ୍ଡ ଭୋଟ ପାଇଥିବା ବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱି ସନ୍ତୋସିନୀ ବାଗ ୧୦ ଖଣ୍ଡ ଭୋଟ ପାଇ ପରାଜୟ ହୋଇଥିଲେ। ଖଡିଆଳ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ୧୪ଟି ଭୋଟ ପାଇଥିବା ବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦି କିରଣ ପୟପୁରିଆ ୧୧ ଭୋଟ ପାଇ ପରାଜୟ ହୋଇଥିଲେ। ଚଳିତ ନିର୍ବାଚନରେ ୫ଟି ବ୍ଲକରୁ ମହିଳା ପ୍ରତିନିଧି ପ୍ରତିନିଧିତ୍ୱ କରିବେ।

## ଚନ୍ଦନଭାଟିରେ ନିର୍ବାଚନୀ ହିଂସା, ୭ ଆହତ

### ପୋଲିସ ଗାଡିକୁ ଭାଙ୍ଗିଦେଲେ ଆକ୍ରମଣକାରୀ

ବଲାଙ୍ଗୀର ଅଫିସ, ୧୨।୩

ଶୁକ୍ରବାର ରାତିରେ ବଲାଙ୍ଗୀର ସଦର ବ୍ଲକ୍ ଅନ୍ତର୍ଗତ ଚନ୍ଦନଭାଟି ଗାଁରେ ନିର୍ବାଚନୀ ହିଂସା ଦେଖିବାକୁ ମିଳିଛି। ଉଭୟ ଗୋଷ୍ଠୀ ମଧ୍ୟରେ ମାରପିଟ୍ ଯୋଗୁଁ ଜଣେ ପୋଲିସ କର୍ମଚାରୀଙ୍କ ସମେତ ୭ ଜଣ ଆହତ ହୋଇଛନ୍ତି। ଏଭଳିକି ଉତ୍ତେଜିତ ଲୋକେ ସଦର ଥାନା ପୋଲିସ ଗାଡିକୁ ମଧ୍ୟ ଆକ୍ରମଣ କରି ଭାଙ୍ଗି ଦେଇଥିବା ଦେଖିବାକୁ ମିଳିଛି। ଶୁକ୍ରବାର ନାଏବ ସରପଞ୍ଚ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ବିଜୟୀ ପ୍ରାର୍ଥୀ ଶୋଭାଯାତ୍ରାରେ ଗାଁ ପରିକ୍ରମା କରୁଥିବାବେଳେ ବିଜୟୀ ସରପଞ୍ଚଙ୍କ କେତେକ ସମର୍ଥକ କମେଣ୍ଟ ମାରିଥିଲେ। ଏହାକୁ ନେଇ ସରପଞ୍ଚ–ନାଏବ ସରପଞ୍ଚଙ୍କ ଗୋଷ୍ଠୀ ଭିତରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହି ଘଟଣାକୁ କେନ୍ଦ୍ର କରି ଶୁକ୍ରବାର ସନ୍ଧ୍ୟାରେ ଚନ୍ଦନଭାଟି ଗାଁକୁ ଆସି କେତେକ ଲୋକ ମାରପିଟ୍ କରିଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ତେବେ ପୋଲିସର ପକ୍ଷପାତିତା ଅଭିଯୋଗ କରି ଶେଷରେ ପୋଲିସ ଗାଡିକୁ କେତେକ ଆକ୍ରମଣ କରିଥିଲେ। ଏଥିରେ ପୋଲିସ ଗାଡି ଭାଙ୍ଗିବା ସହ ଜଣେ ପୋଲିସ କର୍ମଚାରୀ ଆହତ ହୋଇଥିଲେ। ଏହି ମାରପିଟ ଘଟଣାରେ ୭ ଜଣ ଆହତ ହୋଇଛନ୍ତି।

### ବରଗଡ଼ ଜିଲା: ନିର୍ବାଚିତ ପଞ୍ଚାୟତ ସମିତି ଅଧ୍ୟକ୍ଷ



ଗୀତାଞ୍ଜଳି ନାଏକ – ଅତାବିରା; ରୀନା ଥଇତ – ବରପାଲି; କୀର୍ତ୍ତିଚନ୍ଦ୍ର ଦୁଆନ – ଅମ୍ବାଭୋନା
ବବି ପଧାନ – ସୋହେଲା; ନିତ୍ୟାନନ୍ଦ ପ୍ରଧାନ – ଭଟଲି; ପ୍ରଣୟ କୁମାର ସାହୁ – ଗାଇସିଲେଟ
ଲିପ୍‌ସା ପ୍ରଧାନ – ଝାରବନ୍ଧ; ମୋତିରାମ ସାହୁ – ବିଜେପୁର; ଭାବନା ସିଂ – ପାଇକମାଲ
ରଞ୍ଜିତ ସିଂ ବରିହା – ରାଜବୋଡ଼ାସମ୍ବର; ନଳିନୀ ପାଣ୍ଡେ – ବରଗଡ଼; ସୁପ୍ରଭା ମହାଲିଙ୍ଗ – ଭେଡ଼େନ

### ସୁବର୍ଣ୍ଣପୁର ଜିଲା: ନିର୍ବାଚିତ ପଞ୍ଚାୟତ ସମିତି ଅଧ୍ୟକ୍ଷ



ପ୍ରହ୍ଲାଦ ନାୟକ – ସୋନପୁର; ଶାନ୍ତି ଲୁହା – ବୀରମହାରାଜପୁର; ଅହଲ୍ୟା ସାହୁ – ଡୁଙ୍ଗୁରିପାଲି
ସରୋଜ କମ୍ପ – ତରଭା; ଦୀପ୍ତିରେଖା ନନ୍ଦ – ବିନିକା; ଶାନ୍ତିଲତା ମିଶ୍ର – ଉଲୁଣ୍ଡା

### ବୌଦ୍ଧ ଜିଲା: ନିର୍ବାଚିତ ପଞ୍ଚାୟତ ସମିତି ଅଧ୍ୟକ୍ଷ



ସସ୍ମିତା ସେନାପତି – କଣ୍ଟାମାଳ; ପ୍ରତ୍ୟୁଷ ପ୍ରିୟଦର୍ଶୀ ରଥ – ବୌଦ୍ଧ; ସ୍ନେହଲତା ପ୍ରଧାନ – ହରଭଙ୍ଗା

## କଂଗ୍ରେସ ପୌରାଧ୍ୟକ୍ଷ ପ୍ରାର୍ଥିନୀଙ୍କ ଜୋର୍‌ଦାର ପ୍ରଚାର

ବଲାଙ୍ଗୀର ଅଫିସ, ୧୨।୩

ପୌର ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି କଂଗ୍ରେସ ବିଧାୟକ ତଥା ବରିଷ୍ଠ ନେତା ନରସିଂହ ମିଶ୍ର। ଶନିବାରଠାରୁ ସେ ବଲାଙ୍ଗୀରର ପୌରାଧ୍ୟକ୍ଷା ପ୍ରାର୍ଥୀ ମିଳନୀ ସାହୁଙ୍କ ପାଇଁ ପ୍ରଚାର ଜୋରଦାର କରିଛନ୍ତି। ବିଧାୟକ ମିଶ୍ର ଶନିବାର ୨୧ ନମ୍ବର ୱାର୍ଡର ଖଇରାପଡା, ଡେମପଡା, ଶାସ୍ତ୍ରୀନଗର ଏବଂ ୯ ନମ୍ବର ୱାର୍ଡର ବେହେରାପାଲି ଏବଂ ସତ୍ୟନାରାୟଣପଡାକୁ ଯାଇ ଲୋକଙ୍କୁ ଭେଟି ପୌରାଧ୍ୟକ୍ଷା ପ୍ରାର୍ଥିନୀ ମିଳନୀ ସାହୁ, କାଉସିଲର ପ୍ରାର୍ଥୀ ମନୋଜ ବେହେରା ଏବଂ ସନ୍ତୋଷିନୀ କୁମ୍ଭାରଙ୍କ ପାଇଁ ଭୋଟ ମାଗିଥିଲେ। ଏହି ଅବସରରେ ବଲାଙ୍ଗୀର ପୌପାଳିକାର ଅପାରଗତା ବିଷୟରେ ଲୋକଙ୍କୁ କହିଥିଲେ। ଏହି ନିର୍ବାଚନୀ ସଭାରେ ନଗର କଂଗ୍ରେସ ସଭାପତି ବୁଲୁ ଦାନି, ଛାତ୍ର କଂଗ୍ରେସ ସଭାପତି ଅଙ୍କିତ ସାହୁ, କିଶାନ ସେଲ ସଭାପତି ସାନନ୍ଦ ମିଶ୍ର, କୁଳମଣି ସାହୁ, ରୋଶନ ମିଶ୍ର, ଲୋପନ ମିଶ୍ର, ଅଭିନାଶ ପ୍ରସାଦ ସାଏ, ନାସିର ଖାନ ପ୍ରମୁଖ ଉପସ୍ଥିତ ଥିଲେ ।



ସମର୍ଥକଙ୍କ ସହ ନିର୍ବାଚନ ପ୍ରଚାରରେ ବିଧାୟକ ନରସିଂହ ମିଶ୍ର ।

## କଳାହାଣ୍ଡି ଜିଲା: ୬ ନିର୍ଦ୍ୱନ୍ଦ୍ୱ, ୭ ନିର୍ବାଚନରେ ବିଜୟୀ

ଭବାନୀପାଟଣା,୧୨।୩(ସ୍ୱ.ପ୍ର.)

କଳାହାଣ୍ଡି ଜିଲାର ୧୩ଟି ବ୍ଲକରେ ଶନିବାର ପଞ୍ଚାୟତ ସମିତି (ବ୍ଲକ) ଅଧ୍ୟକ୍ଷା/ଅଧ୍ୟକ୍ଷ ପଦବୀ ପାଇଁ ନିର୍ବାଚନ ଶାନ୍ତିଶୃଙ୍ଖଳାରେ ଶେଷ ହୋଇଛି। ଏଥିରେ ଜିଲାର ୬ ବ୍ଲକର ଅଧ୍ୟକ୍ଷା/ଅଧ୍ୟକ୍ଷ ନିର୍ଦ୍ୱନ୍ଦ୍ୱରେ ବିଜୟୀ ହୋଇଥିବାବେଳେ ଅବଶିଷ୍ଟ ୭ଜଣ ନିର୍ବାଚନରେ ବିଜୟୀ ହୋଇଛନ୍ତି। ନିର୍ଦ୍ୱନ୍ଦ୍ୱରେ ବିଜୟୀ ହୋଇଥିବା ବ୍ଲକ ଅଧ୍ୟକ୍ଷାଅଧ୍ୟକ୍ଷମାନେ ହେଲେ ଧର୍ମଗଡ ବ୍ଲକରେ ବବିତା ପଟ୍ଟଯୋଷୀ ନିଦଳୀୟ, କୋକସରା ବ୍ଲକରେ ରୀତା ଅଗ୍ରୱାଲ ନିଦଳୀୟ, କଲମପୁର ବ୍ଲକରେ ମୋତି ବିହାରୀ ନିଦଳୀୟ, କର୍ଲାମୁଣ୍ଡା ବ୍ଲକରେ କୁନି ସାହୁ ବିଜେଡି ସମର୍ଥିତ, ଭବାନୀପାଟଣା ବ୍ଲକରେ ପ୍ରଫୁଲ ସାହୁ ଭାଜପା ସମର୍ଥିତ ଓ ଜୟପାଟଣା ବ୍ଲକରେ ଥବିର ବାଗ ଭାଜପା ସମର୍ଥିତ ବୋଲି ଜଣାପଡିଛି। ସେହିପରି ନିର୍ବାଚନରେ ବିଜୟୀ ହୋଇଥିବା ବ୍ଲକ ଅଧ୍ୟକ୍ଷାଅଧ୍ୟକ୍ଷମାନେ ହେଲେ ଜୁନାଗଡ ବ୍ଲକରେ ସବିତା ମେହେର ବିଜେଡି ସମର୍ଥିତ, ନର୍ଲାରେ ମନୋରମା ମହାନ୍ତି ବିଜେଡି ସମର୍ଥିତ, ମ.ରାମପୁର ମନ୍ଦାକିନୀ ସିଂଦେଓ ବିଜେଡି ସମର୍ଥିତ, ଲାଞ୍ଜିଗଡ କମଳା ପାତ୍ର ବିଜେଡି ସମର୍ଥିତ, ଗୋଲାମୁଣ୍ଡା ବିନ୍ଦୁ ମହାନନ୍ଦ ବିଜେଡି ସମର୍ଥିତ, ଥୁଆମୂଳ ରାମପୁର ଦୟାନିଧି ମାଝି ବିଜେଡି ସମର୍ଥିତ ଓ କେସିଙ୍ଗା ଚନ୍ଦନ ସେନାପତି ବିଜେଡି ସମର୍ଥିତ ବୋଲି ଜଣାପଡିଛି।

## ସୁରକ୍ଷା ଲୋଡ଼ିଲେ ଭାଜପା ପ୍ରାର୍ଥୀ

### ଜୁନାଗଡ଼ ଏନ୍‌ଏସି ପୌର ନିର୍ବାଚନ

- ଏସ୍‌ପିଙ୍କଠାରେ ଫେରାଦ

ଭବାନୀପାଟଣା,୧୨।୩(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଜୁନାଗଡ ଏନ୍‌ଏସି ପୌର ନିର୍ବାଚନ ନାମାଙ୍କନପତ୍ର ଦାଖଲ କରିବା ପରେ ଏବେ ଭାଜପା ପ୍ରାର୍ଥୀଙ୍କୁ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିବା ପାଇଁ ବିଜେଡି ପକ୍ଷରୁ ଜୋରଦାର ପ୍ରୟାସ କରାଯିବା ସହ ନାମାଙ୍କନପତ୍ର ଦାଖଲ କରିଥିବା ପ୍ରାର୍ଥୀଙ୍କ ଘରକୁ ଯାଇ ଭୟଭୀତ କରିବା ଭଳି ସଙ୍ଗିନ ଅଭିଯୋଗ ଆସିଛି। ଏପରି ଅଭିଯୋଗ ଆଣିଛନ୍ତି ଜୁନାଗଡ ଏନ୍‌ଏସିରେ ଭାଜପା ପକ୍ଷରୁ ଛିଡା ହୋଇଥିବା ଅଧ୍ୟକ୍ଷ ଓ ସମସ୍ତ କାଉନସିଲର ପ୍ରାର୍ଥୀ। ଏପରିକି ସ୍ଥାନୀୟ ଏକ ଲଜ୍‌ରେ ନିୟମିତ ସଭା କରାଯାଇ ଜଣେ ମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଏହା ପରିଚାଳନା ହେଉଥିବା ସେମାନେ ଅଭିଯୋଗ କରିଛନ୍ତି। ଏହାକୁ ନେଇ ଶନିବାର ପୂର୍ବତନ ମନ୍ତ୍ରୀ ହିମାଂଶୁ ଶେଖର ମେହେରଙ୍କ ନେତୃତ୍ୱରେ ଜୁନାଗଡ ଏନ୍‌ଏସି ଅଧ୍ୟକ୍ଷ ପ୍ରାର୍ଥୀ ମୁକେଶ ଅଗ୍ରୱାଲଙ୍କ ସମେତ ସମସ୍ତ କାଉନସିଲର କଳାହାଣ୍ଡି ଏସ୍‌ପିଙ୍କଠାରେ ଫେରାଦ ହେବା ସହ ତାଙ୍କୁ ଏ ସମ୍ପର୍କରେ ଏକ ଲିଖିତ ଅଭିଯୋଗ ଦେଇଛନ୍ତି। ସେହିପରି ଏନ୍‌ଏସିରେ ଭାଜପା ପକ୍ଷରୁ ଛିଡା ହୋଇଥିବା ପ୍ରାର୍ଥୀଙ୍କୁ ସୁରକ୍ଷା ପ୍ରଦାନ କରିବା ସହ ଏହି ଘଟଣାରେ କଡା ପଦକ୍ଷେପ ନେବାକୁ ସେମାନେ ଦାବି କରିଛନ୍ତି।



କଳାହାଣ୍ଡି ଏସ୍‌ପିଙ୍କୁ ଲିଖିତ ଅଭିଯୋଗ ପ୍ରଦାନ କରାଯାଉଛି ।

ଧରିତ୍ରୀ
DHARITRI
ସମ୍ବଲପୁର, ରବିବାର, ୧୩ ମାର୍ଚ୍ଚ, ୨୦୨୨

## ଜଙ୍ଗଲ ସୁରକ୍ଷା ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ

ଖପ୍ରାଖୋଲ,(ଡି.ଏନ.ଏ.): ବଲାଙ୍ଗୀର ଜିଲା ଖପ୍ରାଖୋଲ ପ୍ରହରୀ ମଣ୍ଡପ ସମ୍ମୁଖରେ ହରିଶଙ୍କର ରେଞ୍ଜ ତରଫରୁ ଆମ ଜଙ୍ଗଲ ଯୋଜନାରେ ନିଆଁ ଦାଉରୁ ଜଙ୍ଗଲ ସୁରକ୍ଷା ଉପରେ ପଥପ୍ରାନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଥିଲା। ଖରାଦିନେ ନିଆଁଲାଗି ଜଙ୍ଗଲ ନଷ୍ଟ ହେଉଥିବାରୁ ସମସ୍ତେ ସଚେତନ ହୋଇ ସୁରକ୍ଷା ପାଇଁ ନାଚଗୀତ ମାଧମରେ ସଚେତନତା ବାର୍ତ୍ତା ଦେଇଥିଲେ। ଏହି ଅବସରରେ ହରିଶଙ୍କର ରେଞ୍ଜ ଅଧିକାରୀ ଗିରାଧର ନାଗ, ଫରେଷ୍ଟର ସତ୍ୟବ୍ରତ ମହାକୁଡ଼, ଅରବିନ୍ଦ ଧରୁଆ, ଘାସିରାମ ଦୀକ୍ଷିତ, ପଦ୍ମା ମୁଣ୍ଡା, ହିତେଶ ମାଝୀ, ସଞ୍ଜୀବ ପଧାନ, ଡୋଲା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



## ସଂକ୍ଷେପରେ

### ଏକଦିବସୀୟ କ୍ରିକେଟ: ବଲାଙ୍ଗୀର ଚାମ୍ପିୟନ

ଦେଓଗାଁ,୧୨।୩(ଡି.ଏନ୍.ଏ.): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଉଡାର ସ୍କୁଲ ଖେଳପଡ଼ିଆରେ ଚାଲିଥିବା ଏକଦିବସୀୟ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ନୂଆପାଲି ଓ ବଲାଙ୍ଗୀର ମଧରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ବଲାଙ୍ଗୀର ତୁଳସୀ ନଗର ଦଳ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା । ଧରଣୀ ପଧାନ, ବିଘ୍ନରାଜ ପଧାନ ଓ ବୁଲୁ ପଧାନ ଖେଳ ପରିଚାଳନା, ସଂକୀର୍ତ୍ତନ ସାହୁ ସ୍କୋରର ଦାୟିତ୍ୱ ତୁଲାଇଥିଲେ । ଧରଣୀଧର ପାଧନ ଧାରା ବିବରଣୀ ପ୍ରଦାନ କରିଥିଲେ। ଟୁର୍ନାମେଣ୍ଟରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ । ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ପ୍ରଦୀପ କୁମାର ଛତ୍ରିଆ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ୍ ଦଳକୁ ପୁରସ୍କୃତ କରିଥିଲେ । ଟୁର୍ନାମେଣ୍ଟ ଆୟୋଜନରେ ଉଡାର କ୍ରିକେଟ କ୍ଲବର ସଦସ୍ୟମାନେ ସହଯୋଗ କରିଥିଲେ ।

### ଯତୀନ ପାଣିଗ୍ରାହୀ ସଭାପତି, ସନ୍ତୋଷ ଚାନ୍ଦ ସମ୍ପାଦକ

**ଓକିଲ ସଂଘର ନୂତନ କର୍ମକର୍ତ୍ତା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ**

ଅମରପାଲି,୧୨।୩(ଡି.ଏନ.ଏ.):୨୦୨୨-୨୩ ବର୍ଷ ପାଇଁ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଓକିଲ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ହୋଇଯାଇଛି। ସମସ୍ତ କର୍ମକର୍ତ୍ତା ନିଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଏଥିରେ ଯତୀନ କୁମାର ପାଣିଗ୍ରାହୀ ସଭାପତି, ମନୋଜ କୁମାର ମେହେର ଉପସଭାପତି, ସନ୍ତୋଷ କୁମାର ଚାନ୍ଦ ସମ୍ପାଦକ, ଉମାଶଙ୍କର ପଣ୍ଡା ଯୁଗ୍ମସମ୍ପାଦକ, ନିର୍ମଳ କୁମାର ଅଗ୍ରୱାଲା ସହସମ୍ପାଦକ, ସବିତା ପଣ୍ଡା କୋଷାଧକ୍ଷ, ପ୍ରଦୀପ କୁମାର ରଥ ଲାଇବ୍ରେରୀ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ସେହିପରି ସ୍ୱୟମ୍ଭୁନାଥ ଖଣ୍ଡଗିରି, ରଞ୍ଜିତ କୁମାର ରଥ, ପ୍ରଦୀପ କୁମାର ମିଶ୍ର ଓ ବିଷ୍ଣୁ ଚରଣ ପଣ୍ଡା କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ନିର୍ବାଚିତ ହୋଇଥିବା ଜଣାଯାଇଛି। ଆଇନଜୀବୀ ଦିଲୀପ କୁମାର ପଧାନ ନିର୍ବାଚନ ପରିଚାଳନା କରିଥିଲେ।

### ଲୁଟ୍ ମାମଲା, ୨ଗିରଫ

ପଦ୍ମପୁର,୧୨।୩(ଡି.ଏନ.ଏ): ବରଗଡ଼ ଜିଲା ପଦ୍ମପୁରର ଜଗଦଲପୁର ରାସ୍ତାରେ ଗତ ୬ତାରିଖ ହୋଇଥିବା ଲୁଟ୍ ଘଟଣାରେ ପୋଲିସ ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ କପଶିଲା ଗ୍ରାମର ରୁଷ୍ଟୁ କୁମ୍ଭାର ଏବଂ ବଡ଼ପଡ଼ାର ନୁରୁ ଓରଫ ଅନ୍ତର୍ଯ୍ୟାମୀ ମହାନନ୍ଦ। ସେମାନଙ୍କଠାରୁ ନଗଦ ୩ହଜାର ଟଙ୍କା ଜବତ ହୋଇଛି। ଶନିବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଏ ନେଇ ପଦ୍ମପୁର ଥାନାରେ ଏକ ମାମଲା(୫୫/୨୨) ରୁଜୁ ହୋଇଛି। ବୌଦ୍ଧ ଜିଲା ବସନ୍ତବାହାଲ ଗ୍ରାମର ଆଲୋକ ପ୍ରଧାନ ଗତ ୬ତାରିଖ ଦିନ ପ୍ରାୟ ସାଢ଼େ ୧୧ଟାରେ ତାଙ୍କ ବନ୍ଧୁ ଶେଷଦେବ ସାହୁଙ୍କ ସହିତ ପଦ୍ମପୁର-ଜଗଦଲପୁର ରାସ୍ତାପାର୍ଶ୍ୱରେ ଥିବା ବିଦେଶୀ ମଦ ଦୋକାନ ପାଖରେ ଛିଡ଼ା ହୋଇଥିଲେ। ସେହି ସମୟରେ ଗିରଫ ଅଭିଯୁକ୍ତମାନେ ସେମାନଙ୍କୁ ମାରପିଟ୍ କରିବା ସହିତ ନଗଦ ୯ହଜାର ଟଙ୍କା ଏବଂ ମୋବାଇଲ ଲୁଟ୍ କରି ଫେରାର ହୋଇ ଯାଇଥିଲେ। ଏ ନେଇ ଆଲୋକ ପଦ୍ମପୁର ଥାନାରେ ଏତଲା ଦେବା ପରେ ପୋଲିସ ଅନୁସନ୍ଧାନ ଚଲାଇଥିଲା। ଗିରଫ ୨ଅଭିଯୁକ୍ତ ପେଶାଦାର ଅପରାଧି ଏବଂ ବିଭିନ୍ନ ଲୁଟ୍, ଡକାୟତି, ଚୋରି ଘଟଣାରେ ସମ୍ପୃକ୍ତ ଅଛନ୍ତି ବୋଲି ପୋଲିସ କହିଛି।

### ରାଷ୍ଟ୍ରୀୟ ଲୋକ ଅଦାଲତ: ୨୧୯ ମାମଲା ଫଇସଲା

ବରଗଡ଼ ଅଫିସ୍,୧୨।୩: ବରଗଡ଼ ସିଭିଲ କୋର୍ଟ ପରିସରରେ ଶନିବାର ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଛି। ଜିଲା ଆଇନସେବା ପ୍ରାଧିକରଣ ସଚିବ ବିଭୁ କଲ୍ୟାଣ ପାଢ଼ୀଙ୍କ ସଂଯୋଜନାରେ ଆୟୋଜିତ ଶିବିରକୁ ଜିଲା ଓ ଦୌରାଜଜ୍ ଅସୀମ କୁମାର ଦଳବେହେରା ଉଦ୍‌ଘାଟନ କରିଥିଲେ। ବିଚାର ଅପେକ୍ଷାରେ ରହିଥିବା ମାମଲାଗୁଡ଼ିକର ସମାଧାନ ଦିଗରେ ତତ୍ପରତା ପ୍ରକାଶ ପାଇଁ ସେ ବିଚାରପତି ଏବଂ ଓକିଲମାନଙ୍କୁ ଆହ୍ୱାନ କରିଥିଲେ। ୧୭୫୬ ପ୍ରି-ଲିଟିଗେଶନ ମାମଲା ମଧ୍ୟରୁ ୪୯ ମାମଲାର ଫଇସଲା କରାଯାଇ ୧୫ଲକ୍ଷ ୬୮ହଜାର ୧୫୧ ଟଙ୍କାର ସେଟେଲମେଣ୍ଟ କରାଯାଇଥିଲା। ସେହିପରି ୯୦୧ ବିଚାରାଧୀନ ମାମଲା ମଧ୍ୟରୁ ୧୭୦ ମାମଲାର ଚୂଡ଼ାନ୍ତ ବିଚାର କରାଯାଇ ୯୭ଲକ୍ଷ ୯୦ହଜାର ୧୬୪ଟଙ୍କାର ସେଟେଲମେଣ୍ଟ କରାଯାଇଥିଲା।

# ଅଧ୍ୟକ୍ଷ ନିର୍ବାଚନ ବେଳେ ଉତ୍ତେଜନା

**ଲକ୍ଷ୍ମଣ ମେହେରଙ୍କ ବିରୋଧରେ ସମିତି ସଭ୍ୟା ଅପହରଣ ମାମଲା**

- ଅଭିଯୋଗ କଲେ ନବନିର୍ବାଚିତ ଦେଓଗାଁ ପଞ୍ଚାୟତ ସମିତି ଅଧକ୍ଷ
- ଥାନାରେ ମାମଲା, ଲକ୍ଷ୍ମଣଙ୍କ ଗାଡି ଭଙ୍ଗାରୁଜା

ବଲାଙ୍ଗୀର ଅଫିସ,୧୨।୩

ଶନିବାର ପଞ୍ଚାୟତ ସମିତି ଅଧକ୍ଷ ନିର୍ବାଚନକୁ ନେଇ ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ୍‌ରେ ଉତ୍ତେଜନା ଓ ନାଟକୀୟ ଘଟଣାକ୍ରମ ଦେଖିବାକୁ ମିଳିଥିଲା। ପୂର୍ବତନ ସମିତି ଅଧକ୍ଷ ତଥା ଚଳିତ ଅଧକ୍ଷ ନିର୍ବାଚନରେ ପ୍ରାର୍ଥୀ ହୋଇଥିବା ଲକ୍ଷ୍ମଣ କୁମାର ମେହେରଙ୍କ ବିରୋଧରେ ସମିତି ସଭ୍ୟା ଅପହରଣ ଅଭିଯୋଗ ହୋଇଛି। ଦେଓଗାଁ ବ୍ଲକ୍‌ର ନବନିର୍ବାଚିତ ଅଧକ୍ଷ ଦୟାନିଧି ଖମାରୀ ଏନେଇ ଦେଓଗାଁ ଥାନାରେ ଅଭିଯୋଗ କରିଛନ୍ତି। ଖମାରୀଙ୍କ ସ୍ତ୍ରୀ ତଥା ସାରସମାଲ ସମିତି ସଭ୍ୟା ପଙ୍କଜିନୀ ଖମାରୀଙ୍କୁ ମେହେର ଅପହରଣ କରିନେଇଥିବା ଏବଂ ଆଜିର ଅଧକ୍ଷ ନିର୍ବାଚନରେ ଭାଗ ନେବାକୁ ଦେଇନଥିବା ଅଭିଯୋଗ କରିଥିଲେ। ଏନେଇ ଦେଓଗାଁ ଥାନାରେ ମେହେରଙ୍କ ବିରୋଧରେ ଦଫା ୩୬୩ ଧାରାରେ ଏକ ମାମଲା (୪୨/୨୨) ରୁଜୁ ହୋଇଛି।

ଶନିବାର ସକାଳୁ ଦେଓଗାଁ ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଅଧକ୍ଷ ନିର୍ବାଚନକୁ ନେଇ ଉତ୍ତେଜନାମୂଳକ ପରିସ୍ଥିତି ଦେଖାଦେଇଥିଲା। ୨୬ ପଞ୍ଚାୟତ ବିଶିଷ୍ଟ ଏହି ବ୍ଲକ୍‌ର ୨୫ ଜଣ ସମିତି ସଭ୍ୟ ବ୍ଲକ୍ ପରିସରରେ ପହଞ୍ଚିଥିଲେ ମଧ ସାରସମାଲ ସମିତି ସଭ୍ୟା ଖମାରୀ ଆସି ନଥିଲେ। ଏହାକୁ ନେଇ ଉତ୍ତେଜନା ବୃଦ୍ଧି ପାଇଥିଲା। କେତେକ ଲକ୍ଷ୍ମଣ ମେହେରଙ୍କ ବୋଲେରୋକୁ ଭଙ୍ଗାରୁଜା କରିଥିଲେ। ୨୨ ତାରିଖ ପଞ୍ଚାୟତ ଭୋଟ ଜିତିବା ଦିନଠାରୁ ଏହି ବ୍ଲକ୍‌ରେ ଅଧକ୍ଷ ପଦକୁ ନେଇ ବିଜେଡି ଓ କଂଗ୍ରେସ ମଧରେ ଟଣାଓଟରା ସ୍ଥିତି ଦେଖାଯାଇଥିଲା। ବିଜେଡିର ଲକ୍ଷ୍ମଣ ମେହେର ତାଙ୍କ ସମର୍ଥକ ସମିତି ସଭ୍ୟଙ୍କୁ ଧରି ଅଜ୍ଞାତବାସରେ ଯାଇଥିଲେ। ସେହିପରି କଂଗ୍ରେସର ବିଶ୍ୱଜିତ୍ ପାତ୍ର ମଧ ତାଙ୍କ ସମର୍ଥକ ସମିତି ସଭ୍ୟଙ୍କୁ ଧରି ଅନ୍ୟତ୍ର ଥିଲେ। ଲକ୍ଷ୍ମଣଙ୍କ ବିଜେଡି କ୍ୟାମ୍ପରେ ବ୍ରାହ୍ମଣୀଯୋର ସମିତି ସଭ୍ୟ ଦୟାନିଧି ଖମାରୀ, ତାଙ୍କ ସ୍ତ୍ରୀ ସାରସମାଲ ସମିତି ସଭ୍ୟା ପଙ୍କଜିନୀ ରହିଥିଲେ। ଆଜି ସକାଳୁ ବ୍ଲକ୍ ଅଫିସରେ ପହଞ୍ଚିବା ପରେ ଲକ୍ଷ୍ମଣ ଓ ଦୟାନିଧି ଅଧକ୍ଷ ପଦ ପାଇଁ ନାମାଙ୍କନ ପତ୍ର ଦାଖଲ କରିଥିଲେ। ତାଙ୍କ କ୍ୟାମ୍ପରେ ଥିବା ସତ୍ତ୍ୱେ ଦୟାନିଧି ତାଙ୍କ ବିରୋଧରେ ପ୍ରତିଦ୍ୱନ୍ଦ୍ୱିତା କରିବା ପରେ କଂଗ୍ରେସ ସମିତି ସଭ୍ୟମାନେ ଦୟାନିଧିଙ୍କୁ ସମର୍ଥନ କରି ଭୋଟ ଦେଇଥିଲେ। ଅଭିଯୋଗ ନେଇ ପ୍ରାକ୍ତନ ପଞ୍ଚାୟତ ସମିତି ଅଧକ୍ଷ ମେହେରଙ୍କୁ ତାଙ୍କ ମୋବାଇଲ ନଂ ୭୯୭୮୭୭୩୧୩ରେ ଯୋଗଯୋଗ କରାଯାଇଥିଲେ ହେଁ ପ୍ରତିକ୍ରିୟା ମିଳି ପାରିନାହିଁ।



ବରଗଡ଼ ବିଧାୟକ ଦଳୀୟ ପ୍ରାର୍ଥୀଙ୍କ ପ୍ରଚାର କରୁଛନ୍ତି।

# ପ୍ରଚାରକୁ ଜୋର୍‌ଦାର କଲା ବିଜେଡି

ବରଗଡ଼ ଅଫିସ୍,୧୨।୩

ପୌର ନିର୍ବାଚନ ଯେତିକି ପାଖେଇ ଆସୁଛି ପ୍ରାର୍ଥିଙ୍କ ପ୍ରଚାର ସେଭଳି ଜମିବାରେ ଲାଗିଛି। ବରଗଡ଼ ପୌର ପରିଷଦରେ ସବୁଦଳ ପ୍ରଚାର ମଇଦାନକୁ ଓହ୍ଲାଇଛନ୍ତି। ଶନିବାର ସ୍ଥାନୀୟ ୱାର୍ଡ଼ ନଂ-୮ରେ ବିଜେଡ଼ିର ପୌରାଧ୍ୟକ୍ଷା ପ୍ରାର୍ଥିନୀ କଳ୍ପନା ମାଝି ଦଳୀୟ ସମର୍ଥକଙ୍କ ଗହଣରେ ନିର୍ବାଚନୀ ପ୍ରଚାର କରିଥିଲେ। କାଉନସିଲର ପ୍ରାର୍ଥିନୀ ରୀନା ମହାପାତ୍ର ମଧ୍ୟ ଉପସ୍ଥିତ ରହି ଭୋଟ୍ ନିବେଦନ କରିଥିଲେ। ସେହିପରି ୱାର୍ଡ଼ ନଂ-୧୭ ଅମ୍ବାପାଲିକୁ ଗସ୍ତ କରି ସ୍ଥାନୀୟ ବିଧାୟକ ଦେବେଶ ଆଚାର୍ଯ୍ୟ ଦଳୀୟ ପୌରାଧ୍ୟକ୍ଷା ପ୍ରାର୍ଥିନୀ ମାଝି ଏବଂ କାଉନସିଲର ପ୍ରାର୍ଥି ଅଙ୍କିତା ମହାପାତ୍ରଙ୍କ ପାଇଁ ପ୍ରଚାର କରିଥିଲେ। ଏହା ସହିତ ୱାର୍ଡ଼ ନଂ-୬ରେ ଦଳୀୟ ପ୍ରାର୍ଥି ଜନକ କୁମାର ଅଗ୍ରୱାଲଙ୍କ ପାଇଁ ବିଧାୟକ ପ୍ରଚାର କରିଥିଲେ। ସେହିପରି ୱାର୍ଡ଼ ନଂ-୧୩ର ବିଜେଡ଼ି ପ୍ରାର୍ଥିନୀ କବିତା ବେହେରା ନିଜ ସମର୍ଥକଙ୍କ ଗହଣରେ ଘରକୁ ଘର ବୁଲି ଭୋଟ୍ ନିବେଦନ କରିଥିଲେ।

# ଅଧକ୍ଷ ନିର୍ବାଚନକୁ ନେଇ ମଲ୍ଲିକମୁଣ୍ଡା ପଞ୍ଚାୟତରେ ଅସନ୍ତୋଷ

ସୋନପୁର,୧୨।୩(ନି.ପ୍ର.)

ସୁବର୍ଣ୍ଣପୁର ଜିଲା ସୋନପୁର ପଞ୍ଚାୟତ ସମିତି ଅଧକ୍ଷ ନିର୍ବାଚନକୁ ନେଇ ମଲ୍ଲିକମୁଣ୍ଡା ପଞ୍ଚାୟତରେ ଅସନ୍ତୋଷ ପ୍ରକାଶ ପାଇଛି । ମଲ୍ଲିକମୁଣ୍ଡା ପଞ୍ଚାୟତର ସମିତି ସଭ୍ୟ କୁଶଲେ ମେହେରଙ୍କୁ ପ୍ରତଶ୍ରୁତି ଦେଇ ଅଧକ୍ଷ କରା ନ ଯିବା ପ୍ରତିବାଦରେ ତାଙ୍କର ସମର୍ଥକ ଓ ପଞ୍ଚାୟତର ବିଜେଡି କର୍ମୀମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଅପରାହ୍ଣରେ ସମର୍ଥକମାନେ ସୋନପୁର ବ୍ଲକ ଛକରେ ପ୍ରତିବାଦ କରିବା ସହ ସୋନପୁର ବିଧାୟକ ତଥା ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ। ସନ୍ଧ୍ୟାରେ ମଲ୍ଲିକମୁଣ୍ଡା ପଞ୍ଚାୟତର ସାଗରପାଲିରେ ଜୋରଦାର ପ୍ରତିବାଦ କରା ଯାଇଥିବା ଦେଖିବାକୁ ମିଳିଛି। ସାଗରପାଲିରେ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଓ ବିଜେଡି ନେତା ତଥା ଜିଲା ପରିଷଦ ସଭ୍ୟା ସସ୍ମିତା ମହାନ୍ତିଙ୍କ ସ୍ୱାମୀ କରମଚାନ୍ଦ ମହାନ୍ତିଙ୍କ କୁଶ ପୁତ୍ତଳିକା ଦାହ କରାଯାଇଛି। ଏ ସମ୍ପର୍କିତ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।

# ଜିଲା ପରିଷଦ ଅଧକ୍ଷ ପଦ ପାଇଁ ଟଣାଓଟରା

ସୋନପୁର,୧୨।୩(ନି.ପ୍ର.)

ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ସୁବର୍ଣ୍ଣପୁର ଜିଲାରେ ବିଜେଡି ବାଜିମାତ୍ କରିଛି। ମୋଟ ୧୩ଟି ଜିଲା ପରିଷଦ ଜୋନରୁ ୧୧ଟିରେ ବିଜେଡି ବିଜୟ ଲାଭ କରିଛି। ତେବେ ଜିଲା ପରିଷଦ ଅଧକ୍ଷ ପଦକୁ ନେଇ ଟଣାଓଟରା ଚାଲିଛି। ରବିବାର ଅଧକ୍ଷ ନିର୍ବାଚନ ଥିବା ବେଳେ ବିଜେଡି ଦଳୀୟ ପ୍ରାର୍ଥୀଙ୍କ ନାମ ଘୋଷଣା କରିପାରିନି । ଶନିବାର ଏକ ହୋଟେଲରେ ଦଳୀୟ ଜିଲା ପରିଷଦ ସଦସ୍ୟଙ୍କୁ ନେଇ ରୁଦ୍ଧଦ୍ୱାର ବୈଠକ ହୋଇଥିଲା । ତେବେ ଏଥିରେ ସହମତି ହୋଇ ପାରିନି। ବୌଦ୍ଧ ବିଧାୟକ ତଥା ବିଜେଡିର ସୁବର୍ଣ୍ଣପୁର ଜିଲା ପର୍ଯ୍ୟବେକ୍ଷକ ପ୍ରଦୀପ ଅମାତ ରବିବାର ସକାଳେ ଅଧକ୍ଷ ପ୍ରାର୍ଥୀଙ୍କ ନାମ ଘୋଷଣା କରିବେ ବୋଲି ଦଳୀୟ ସୂତ୍ରରୁ ଜଣାପଡିଛି। ଚଳିତ ଥର ଅଧକ୍ଷ ପଦ ଅସଂରକ୍ଷିତ ଥିବା ବେଳେ ତାହା ସୋନପୁର ବିଧାନସଭା ନିର୍ବାଚନମଣ୍ଡଳୀ କିମ୍ବା ବୀରମହାରାଜପୁର ବିଧାନସଭା ନିର୍ବାଚନ ମଣ୍ଡଳୀକୁ ଯିବ ସ୍ପଷ୍ଟ ହୋଇନି। ଏଥିପାଇଁ ଉଭୟ ନିର୍ବାଚନମଣ୍ଡଳୀର ବିଧାୟକ ଦଳୀୟ ସ୍ତରରେ ଲବି କରୁଥିବା ଜଣାପଡିଛି। ତେବେ ୫ ନମ୍ବର ଜୋନ ଡୁଙ୍ଗୁରିପାଲିର ଗଣେଶ ଚନ୍ଦ୍ର ଭୋଇ, ୩ ନମ୍ବର ଜୋନ ଡୁଙ୍ଗୁରିପାଲିର ସୁପାର ଠେଲା, ସୋନପୁର ବ୍ଲକ ୧୩ ନମ୍ବର ଜୋନର ମଧୁସୂଦନ ଓତା ଓ ୨ ନମ୍ବର ଜୋନ ଉଲୁଣ୍ଡାର ଝସକେତନ ବଘାର ଏହି ପଦ ପାଇଁ ପ୍ରମୁଖ ଦାବିଦାର ଅଛନ୍ତି।

# ୬ ପଞ୍ଚାୟତ ସମିତି ଅଧକ୍ଷ ନିର୍ଦ୍ୱନ୍ଦ୍ୱ

ସୋନପୁର,୧୨।୩(ନି.ପ୍ର.)

ସୁବର୍ଣ୍ଣପୁର ଜିଲାର ସମସ୍ତ ୬ଟି ପଞ୍ଚାୟତ ସମିତି ଅଧକ୍ଷ ପଦକୁ ବିଜେଡି ହାତେଇଛି। ଜିଲାର ସୋନପୁର, ବୀରମହାରାଜପୁର, ଡୁଙ୍ଗୁରିପାଲି, ବିନିକା, ଉଲୁଣ୍ଡା ଓ ତରଭା ପଞ୍ଚାୟତ ସମିତିର ଅଧକ୍ଷ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସର୍ବାଧିକ ୪ ଜଣ ମହିଳା ସମିତି ଅଧକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ସବୁଠି ଜଣେ ଲେଖାଏ ଅଧକ୍ଷ ପ୍ରାର୍ଥୀ ଥିବାରୁ ଭୋଟ ଗ୍ରହଣର ଆବଶ୍ୟକ ପଡି ନ ଥିଲା। ସୋନପୁର ପଞ୍ଚାୟତ ସମିତିର ଅଧକ୍ଷ ଭାବେ ବରିଷ୍ଠ ବିଜେଡି ନେତା ପ୍ରହଲ୍ଲାଦ ନାୟକ ନିର୍ବାଚିତ ହୋଇଥିବା ବେଳେ ବୀରମହାରାଜପୁର ପଞ୍ଚାୟତ ସମିତି ଅଧକ୍ଷା ଭାବେ ବ୍ଲକ ମହିଳା ବିଜେଡି ସମ୍ପାଦିକା ଶାନ୍ତି ଲୁହା ନିର୍ବାଚିତ ହୋଇଛନ୍ତି । ତରଭା ପଞ୍ଚାୟତ ସମିତିର ଅଧକ୍ଷ ଭାବେ ସୁବର୍ଣ୍ଣପୁର ବିଜେଡି ଜିଲା ସଭାପତି ସରୋଜ କୁମାର କମ୍ପ ନିର୍ବାଚିତ ହୋଇଛନ୍ତି। ଡୁଙ୍ଗୁରିପାଲି ପଞ୍ଚାୟତ ସମିତି ଅଧକ୍ଷା ଭାବେ ପ୍ରାକ୍ତନ ଅଧକ୍ଷ ତଥା ବରିଷ୍ଠ ବିଜେଡି ନେତା ମକରଧ୍ୱଜ ସାହୁଙ୍କ ସ୍ତ୍ରୀ ଅହଲ୍ୟା ସାହୁ ନିର୍ବାଚିତ ହୋଇଛନ୍ତି । ବିନିକା ପଞ୍ଚାୟତ ସମିତି ଅଧକ୍ଷା ଭାବେ ଯୁବ ବିଜେଡି ଜିଲା ସଭାପତି ତଥା ପ୍ରାକ୍ତନ ପଞ୍ଚାୟତ ସମିତି ଅଧକ୍ଷ ଅଶୋକ କୁମାର ନନ୍ଦଙ୍କ ସ୍ତ୍ରୀ ଦୀପ୍ତିରେଖା ନନ୍ଦ ନିର୍ବାଚିତ ହୋଇଛନ୍ତି। ସେହିପରି ଉଲୁଣ୍ଡା ପଞ୍ଚାୟତ ସମିତି ଅଧକ୍ଷା ଭାବେ ବିଜେଡି ନେତା କୃତିବାସ ମିଶ୍ରଙ୍କ ସ୍ତ୍ରୀ ଶାନ୍ତିଲତା ମିଶ୍ର ବିଜୟୀ ହୋଇଛନ୍ତି। ଭାଜପା ଓ କଂଗ୍ରେସ ଜିଲାର ୧୦୯ଟି ପଞ୍ଚାୟତ ସମିତି ସଭ୍ୟ ପଦବୀ ମଧ୍ୟରୁ ଅଧିକାଂଶ ପଞ୍ଚାୟତରେ ଦଳୀୟ ସମର୍ଥିତ ପ୍ରାର୍ଥୀ ଦେଇ ନ ଥିଲେ। ଦୁଇ ପ୍ରମୁଖ ବିରୋଧୀ ଦଳ ୬ଟି ଯାକ ପଞ୍ଚାୟତ ସମିତି ଅଧକ୍ଷ ନିର୍ବାଚନରୁ ଦୂରେଇ ରହିଥିଲେ। ମଇଦାନରେ କେବଳ ବିଜେଡି ଥିଲା। ବିଜେଡି ପକ୍ଷରୁ ଶିବିର କରାଯାଇ ବିଜୟୀ ସମିତି ସଭ୍ୟମାନଙ୍କୁ ଏକାଠି ରଖା ଯାଇଥିଲା। ଅଧକ୍ଷ ନିର୍ବାଚନ ପାଇଁ ନିର୍ବାଚନ ଅଧିକାରୀ ଭାବେ ସୋନପୁରରେ ବିନିକା ବିଡିଓ ବ୍ୟାସଦେବ ବେହେରା, ବିନିକାରେ ବୀରମହାରାଜପୁର ବିଡିଓ ମୋତିଲାଲ ସୁରିଆ, ଉଲୁଣ୍ଡାରେ ଡୁଙ୍ଗୁରିପାଲି ବିଡିଓ ତ୍ରିପୁରା ମହାନନ୍ଦ, ଡୁଙ୍ଗୁରିପାଲିରେ ଉଲୁଣ୍ଡା ବିଡିଓ ହେମସାଗର ଭୋଇ, ତରଭାରେ ସୋନପୁର ବିଡିଓ ସୌମ୍ୟରଞ୍ଜନ ସ୍ୱାଇଁ ଓ ବୀରମହାରାଜପୁରରେ ତରଭା ବିଡିଓ ବିନୟ କୁମାର ପଟେଲଙ୍କୁ ନିଯୁକ୍ତ କରାଯାଇଥିଲା। ବିଜୟୀ ଘୋଷଣା ପରେ ନୂତନ ପଞ୍ଚାୟତ ସମିତି ଅଧକ୍ଷମାନେ ଦଳୀୟ ନେତୃବୃନ୍ଦ ଓ ସମର୍ଥକଙ୍କ ସହିତ ଶୋଭାଯାତ୍ରା କରିଥିଲେ।

# ବରଗଡ଼ ଜିଲା: ସରିଲା ପଞ୍ଚାୟତ ସମିତି ଅଧ୍ୟକ୍ଷ ନିର୍ବାଚନ

ବରଗଡ଼ ଅଫିସ୍,୧୨।୩

ବରଗଡ଼ ଜିଲାରେ ଶନିବାର ପଞ୍ଚାୟତ ସମିତି(ବ୍ଲକ) ଅଧ୍ୟକ୍ଷ ନିର୍ବାଚନ ସମାପନ ହୋଇଛି। ଫଳାଫଳ ଜଣାପଡ଼ିବା ପରେ ବିଜୟୀ ଏବଂ ସମର୍ଥକଙ୍କ ମହଲରେ ଖୁସିର ଲହରି ଖେଳି ଯାଇଛି। ଜିଲାର ୧୨ଟି ବ୍ଲକ କାର୍ଯ୍ୟାଳୟରେ ଏହା ଅନୁଷ୍ଠିତ ହୋଇଥିଲା। ଅତାବିରାରେ ଗୀତାଞ୍ଜଳି ନାଏକ ନିର୍ଦ୍ୱନ୍ଦ୍ୱରେ ଅଧ୍ୟକ୍ଷା ଭାବେ ନିର୍ବାଚିତ ହୋଇଛନ୍ତି। ସେ ଅମଲିପାଲି ପଞ୍ଚାୟତ ସମିତି ସଭ୍ୟ ରୂପେ ନିର୍ବାଚିତ ହୋଇଥିଲେ। ଅମ୍ବାଭୋନା ବ୍ଲକ ଅଧ୍ୟକ୍ଷ ଭାବେ କୀର୍ତ୍ତିଚନ୍ଦ୍ର ଦୁଆନ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଦୁଆନ ଉତ୍ତମ ପଞ୍ଚାୟତ ସମିତି ସଭ୍ୟ ଭାବେ ଜିତିଥିଲେ। ଗାଇସିଲେଟରେ ପ୍ରଣୟ କୁମାର ସାହୁ ବ୍ଲକ ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ସେ ଏଠାରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ, ଉପାଧ୍ୟକ୍ଷ ପଦବୀରେ ରହିଆସିଥିଲେ। ଏଥର କୁଣ୍ଡାଖାଇ ପଞ୍ଚାୟତ ସମିତି ସଭ୍ୟ ଆସନରୁ ବିଜୟ ଲାଭ କରିଥିଲେ। ଝାରବନ୍ଧ ବ୍ଲକ ଅଧ୍ୟକ୍ଷା ଭାବେ କୁର୍ଲୁପାଲି ପଞ୍ଚାୟତ ସମିତି ସଭ୍ୟା ଲିପ୍‌ସା ପ୍ରଧାନ ନିର୍ବାଚିତ ହୋଇଛନ୍ତି । ସେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିଜୟ କେତନ ପ୍ରଧାନଙ୍କ ପତ୍ନୀ। ପାଇକମାଲରେ ଭାବନା ସିଂ, ବରଗଡ଼ରେ ନଳିନୀ ପାଣ୍ଡେ, ବରପାଲିରେ ରୀନା ଥଇତ, ବିଜେପୁର ବ୍ଲକରେ ମୋତିରାମ ସାହୁ ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି।

ସେହିପରି ଭଟଲି ବ୍ଲକରେ ନିତ୍ୟାନନ୍ଦ ପ୍ରଧାନ ନିର୍ଦ୍ୱନ୍ଦ୍ୱରେ ଅଧ୍ୟକ୍ଷ ରୂପେ ନିର୍ବାଚିତ ହୋଇଛନ୍ତି। ଏହାପୂର୍ବରୁ ସେ ଜିଲା ପରିଷଦ ସଭ୍ୟ ଥିଲେ। ଭେଡ଼େନ ବ୍ଲକରୁ ସୁପ୍ରଭା ମହାଲିଙ୍ଗ ନିର୍ଦ୍ୱନ୍ଦ୍ୱରେ ଅଧ୍ୟକ୍ଷା ପଦବୀରେ ନିର୍ବାଚିତ ହୋଇଛନ୍ତି। ସେ ରୁଷୁଡ଼ା ପଞ୍ଚାୟତ ସମିତି ସଭ୍ୟ ଆସନରୁ ଜିତି ଅଧ୍ୟକ୍ଷା ପଦବୀ ପାଇଁ ନାମାଙ୍କନ ଦାଖଲ କରିଥିଲେ। ରାଜବୋଡ଼ାସମ୍ବର ବ୍ଲକରେ ବୁଡ଼େନ ପଞ୍ଚାୟତ ସମିତି ସଭ୍ୟ ରଞ୍ଜିତ ସିଂ ବରିହା ଅଧ୍ୟକ୍ଷ ରୂପେ ନିର୍ବାଚିତ ହୋଇଛନ୍ତି। ସୋହେଲା ବ୍ଲକରୁ ବବି ପଧାନ ନିର୍ଦ୍ୱନ୍ଦ୍ୱରେ ଅଧ୍ୟକ୍ଷା ରୂପେ ନିର୍ବାଚିତ ହୋଇଛନ୍ତି।

# ପଞ୍ଚାୟତର ବିକାଶ ଉପରେ ଗୁରୁତ୍ୱ

ବାଉଁଶୁଣୀ,୧୩।୩(ଡି.ଏନ.ଏ.): ବୌଦ୍ଧ ଜିଲା ବାଉଁଶୁଣୀ ଗ୍ରାମ ପଞ୍ଚାୟତର ସର୍ବାଙ୍ଗୀନ ବିକାଶ ଉପରେ ଗୁରୁତ୍ୱ ଦେଇଛନ୍ତି ନୂତନ ସରପଞ୍ଚ ଅଁଇଠୁ ମହାଲିକ। ଶୁକ୍ରବାର ଆନୁଷ୍ଠାନିକ ଭାବେ କାର୍ଯ୍ୟଭାର ଗ୍ରହଣ କରିବା ପରେ ସେ ଏହା କହିଛନ୍ତି। ଏହି ଅବସରରେ ସମର୍ଥକଙ୍କ ଗହଣରେ ଗଡଭିତର ମାହେଶ୍ୱରୀ ମନ୍ଦିରରୁ ବିରାଟ ପଟୁଆରରେ ବାହାରି ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ତାଙ୍କ ସହ ନବ ନିର୍ବାଚିତ ୱାର୍ଡମେମ୍ବର ମଧ ଉପସ୍ଥିତ ଥିଲେ। ଆଗାମୀ ଦିନରେ ପଞ୍ଚାୟତବାସୀଙ୍କ ସୁଖଦୁଃଖରେ ଠିଆ ହେବି ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଏହାସହିତ ନାଏବ ସରପଞ୍ଚ ନିର୍ବାଚନ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ହୋଇଥିଲା। ବୈଦ୍ୟନାଥପୁରର ୱାର୍ଡମେମ୍ବର ପ୍ରାର୍ଥିନୀ କିଶୋରୀ ବିଶି ମାଝି ନାଏକ ସରପଞ୍ଚ ଭାବେ ନିର୍ବାଚିତ ହୋଇଛନ୍ତି।

# ଶାସକ ଦଳକୁ ଶକ୍ତ ଧକ୍କା

**ବୌଦ୍ଧ ଜିଲାରେ ପଞ୍ଚାୟତ ସମିତି ଅଧକ୍ଷ ନିର୍ବାଚନ**

- ହାତରୁ ଖସିଲା ହରଭଙ୍ଗା ଓ ବୌଦ୍ଧ ବ୍ଲକ ଅଧକ୍ଷ ପଦବୀ

ବୌଦ୍ଧ/କନ୍ଧମାଳ,୧୨।୩ (ସ୍ୱ.ପ୍ର.)

ବୌଦ୍ଧ ଜିଲାରେ ପଞ୍ଚାୟତ ସମିତି ଅଧକ୍ଷ ନିର୍ବାଚନରେ ଶାସକ ବିଜେଡିକୁ ଏକ ଶକ୍ତ ଧକ୍କା ଲାଗିଛି । ଜିଲାରେ ଶାସକ ଦଳ ୯ ଗୋଟି ଜିଲା ପରିଷଦ ଆସନରୁ ୭ ଗୋଟି ଆସନ ଅକ୍ତିଆର କରି ଜିଲା ପରିଷଦ ଅଧକ୍ଷ ଆସନ ହାତେଇବାକୁ ଯାଉଥିବା ବେଳେ ପଞ୍ଚାୟତ ସମିତି ଅଧକ୍ଷ ନିର୍ବାଚନରେ ନିରାଶ ହେବାକୁ ପଡିଛି। ବିଜେଡି ହାତରୁ ହରଭଙ୍ଗା ଓ ବୌଦ୍ଧ ବ୍ଲକର ଅଧକ୍ଷ ପଦବୀ ବିରୋଧୀଙ୍କ ହାତକୁ ଚାଲିଯାଇଛି। ଗତ ପଞ୍ଚାୟତ ନିର୍ବାଚନରେ ଶାସକ ଦଳ ଜିଲାର ୩ ବ୍ଲକର ସମସ୍ତ ଅଧକ୍ଷ ଆସନ ଅକ୍ତିଆର କରିଥିଲା। ଚଳିତ ନିର୍ବାଚନରେ ହରଭଙ୍ଗା ବ୍ଲକର ଅଧକ୍ଷ ପଦବୀ ଯୁବ ଭାଜପା ନେତା ସରୋଜ କୁମାର ପ୍ରଧାନଙ୍କ ସ୍ତ୍ରୀ ସ୍ନେହଲତା ପ୍ରଧାନ ୧୨-୧୦ ଭୋଟରେ ବିଜେଡି ହାତରୁ ଛଡାଇ ନେଇଛନ୍ତି । ଏଠାରେ ବୌଦ୍ଧ ବିଧାୟକଙ୍କ ଦବଦବା ଥିବା ସତ୍ତ୍ୱେ ବିରୋଧୀ ଭାଜପା ହାତକୁ ହରଭଙ୍ଗା ବ୍ଲକ ଅଧକ୍ଷ ଆସନ ଚାଲିଯିବା ଶାସକ ଦଳ ପାଇଁ ଚିନ୍ତାର କାରଣ ହୋଇଛି।

# ଏନ୍‌ଏସି କାର୍ଯ୍ୟାଳୟ ଆଗରେ ଧାରଣା




ତୁଷୁରା ଏନ୍‌ଏସି କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରତ ସଫେଇ କର୍ମଚାରୀ।

**ଜମାହୋଇନି ସଫେଇ କର୍ମଚାରୀଙ୍କ ଇପିଏଫ୍ ଟଙ୍କା**

ଗୁଡ଼ଭେଲା,୧୨।୩(ଡି.ଏନ୍.ଏ.)

ବଲାଙ୍ଗୀର ଜିଲା ତୁଷୁରା ଏନ୍‌ଏସିରେ କାର୍ଯ୍ୟରତ ସଫେଇ କର୍ମଚାରୀଙ୍କ ୧୦ ମାସର ଇପିଏଫ୍ ଟଙ୍କା ଜମା ହୋଇନାହିଁ। ଏନ୍‌ଏସି ପ୍ରଶାସନ ଓ ସଫେଇ ଠିକାସଂସ୍ଥା ଚନ୍ଦନ ଏଜେନ୍ସି ଇପିଏଫ୍ କାଟୁଥିଲେ ମଧ ତାହା କର୍ମଚାରୀଙ୍କ ଜମାଖାତାରେ ପଡ଼ିନାହିଁ। ଏଭଳି ଅଭିଯୋଗ ଆଣି ଶନିବାର ମା' ସମଲେଶ୍ୱରୀ ସଫେଇ କର୍ମଚାରୀ ସଂଘ ପକ୍ଷରୁ ତୁଷୁରା ଏନ୍‌ଏସି କାର୍ଯ୍ୟାଳୟ ଆଗରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା ଦିଆଯାଇଛି। ସଫେଇ କର୍ମଚାରୀମାନେ ଅଭିଯୋଗ କରିଛନ୍ତି ଯେ, ସବୁ କର୍ମଚାରୀଙ୍କ କଟୁଥିବା ଟଙ୍କାରେ ତାରତମ୍ୟ ରହୁଛି। ଅନ୍ୟପଟେ ସମସ୍ତଙ୍କର ସମାନ ଟଙ୍କା କଟାଯାଉଛି ବୋଲି ସଂଘ ସମ୍ପାଦିକା ଅନିତା ସୁନା ଦାବି କରିଛନ୍ତି। ତୁଷୁରା ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଲକ୍ଷ୍ମଣ ମୁର୍ମୁ ଧାରଣାରତଙ୍କ ସହ ଆଲୋଚନା କରି କହିଛନ୍ତି ଯେ, ଏନ୍‌ଏସିରେ ଆପଣଙ୍କର ୧୩ ପ୍ରତିଶତ ଇପିଏଫ୍ ଅଛି। ଏବେ ପୌର ନିର୍ବାଚନ ପାଇଁ କିଛି କରିହେବନାହିଁ। ୨୬ ତାରିଖ ପରେ ସମସ୍ତ ଇପିଏଫ୍ ଟଙ୍କା ଦିଆଯିବ। ଯଦି ଉକ୍ତ ସଂସ୍ଥା ନ ଦିଏ, ତେବେ ଥାନାରେ ଏତଲା ଦିଆଯିବ ବୋଲି କହିଥିଲେ। ହେଲେ ଲିଖିତ ପ୍ରତିଶ୍ରୁତି ନ ମିଳିବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ସଂଘ ପକ୍ଷରୁ ଟୁଟୁ ସାଗର, ସଞ୍ଜୟ କୁମ୍ଭାର, କରୁଣା ବର୍ଗାଡ଼ି, ରମେଶ କୁମ୍ଭାର, ଅମିତ ସାଗର, ରିଙ୍କି ସାଗର, ମୁକେଶ କୁମ୍ଭାର, ଅଇଁଲା ସୁନା, କୈତକି ସାଗର ପ୍ରମୁଖ କହିଛନ୍ତି।

